# ସମାରୋହ

ନଭେମ୍ବର ୨୦୨୩

www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

With Best Complements From



The No.1 Outdoor Media in the State of Odisha

torrent
ADVERTISERS

R.Shed No.37,Rasulgarh Ind. Estate
Bhubaneswar - 751010, Odisha

Mob - 9437021015
Email - torrentadv1 @gmail.com

Branch Office
Cuttack, Sambalpur, Rourkela, Behrampur, Puri

- Deals In -
Hoarding, Bulletin, Kiosks, Backlit, Mobile Van
Hi-tech Bus Shelters



Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚ୍ଛଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 2**
**November - 2023**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*

## ସୂଚୀପତ୍ର

### ପ୍ରବନ୍ଧ

**ଶ୍ରୀମନ୍ଦିରରେ ରାଧାତତ୍ତ୍ୱ** ଡକ୍ଟର ତ୍ରିନାଥ ପଟ୍ଟନାୟକ..........୬

### କଥା ଓ କାହାଣୀ

**ଜହ୍ନରାତି** ନୃସିଂହ ବେହେରା..................୯
**ସଂଯୋଗ** ମିହିର ରାୟ.........................୧୩
**ଜୟଦେବଙ୍କ ଗାଁ ଲୋକ** ରମେଶ ପଟ୍ଟନାୟକ................ ୧୭
**ଦୀପାବଳି** ନଗେନ୍ଦ୍ର ନାଥ ପଟ୍ଟନାୟକ.......... ୨୦
**ଚୁଡ଼ି- ଶଙ୍ଖା - ସିନ୍ଦୂର** ବିଭୂତି ଭୂଷଣ ସେନାପତି...........୨୨
**ଅନ୍ଧ ବଳୟ** ଜ୍ୟୋତ୍ସ୍ନା ସାମନ୍ତରାୟ................ ୨୫
**ଭାଗ ବାଂଟ** ଗୁରୁ ଚରଣ ବେହେରା..............୨୮
**ମହିଷାସୁରର ଦୁଃଖ** ପୀତବାସ ମିଶ୍ର.......................୩୧

### ଧାରାବାହିକ ଉପନ୍ୟାସ

**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା............୩୮

### କବିତା

**ଧର୍ମପତ୍ନୀ** ଡକ୍ଟର ନାରାୟଣ ପଣ୍ଡା............. ୪୪
**ଆମେ ଏ' ଯୁଗର ନାରୀ** ପ୍ରଫୁଲ୍ଲ କୁମାରୀ ରାୟ...............୪୪
**ପ୍ରକୃତି ମିତ୍ର** ରମେଶ ପତି....................... ୪୫
**ସଂଦିଗ୍ଧ ପଥ** ପ୍ରଭା ପଟ୍ଟନାୟକ...................୪୬
**ଆପାର୍ଟମେଂଟ୍ ଝିଅ** ବିମ୍ବାଧର ଷଡ଼ଙ୍ଗୀ...................୪୬
**ବାପାର ଝିଅ** ଚକ୍ରଧର ସାହୁ...................... ୪୭
**ପୁଲକିତ ପ୍ରେମ** ସୁଜିତ୍ କୁମାର ମିଶ୍ର.................୪୮
**ବିଜୟା ଦଶମୀ** ସୌଦାମିନୀ ମିଶ୍ର (ଦାଶ)...........୪୯
**ମୁଠାଏ ମାଟି** ବାସନ୍ତୀ ଦାସ....................... ୪୯
**ମହାତ୍ମାଜୀଙ୍କ ଅବର୍ତ୍ତମାନରେ**
ଅନସୂୟା ପଣ୍ଡା..................... ୫୦

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଶ୍ରୀ ଦେବ ପଟ୍ଟନାୟକ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଡା. ଅମରେନ୍ଦ୍ରନାଥ ଦାସ**

## ରମ୍ୟରଚନା

**ନିର୍ବାଚନ ପରେ** ଡାଃ ସୁରେନ୍ଦ୍ର ନାଥ ପତି.................... ୫୧

## ତନ୍ମାତ୍ର

**ନୂଆ ଓଡ଼ଆ ଚଳଚ୍ଚିତ୍ର**........................................... ୫୩

## ଖେଳ ଓ ଖେଳାଳୀ

**କ୍ରୀକେଟ୍ ବିଶ୍ୱକପ୍‌ରେ ଭାରତ**...................................... ୫୪

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ......... ୫୫

**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**




**ଯୋଗାଯୋଗ ଠିକଣା**
ସହଯୋଗୀ ସଂପାଦକ : ସମାରୋହ
ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩
ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬

| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ ଟ. ୨୫୦.୦୦    ଦ୍ୱିବାର୍ଷିକ.............. ଟ. ୫୦୦.୦୦ |
| | ୩ ବର୍ଷ ପାଇଁ.......... ଟ. ୭୫୦.୦୦    ୫ ବର୍ଷ ପାଇଁ.......... ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସଂପାଦକୀୟ

ପାର୍ବଣ ଋତୁ ଏବଂ ତା'ର ଉଦ୍ଦେଶ୍ୟ ସଂପର୍କରେ ଊଣା ଅଧିକେ ପ୍ରାୟ ସମସ୍ତେ ପୂର୍ଣ୍ଣ ଅବଗତ ଥିବେ। କାରଣ ଓଡ଼ିଶାର ଜନସାଧାରଣ ଏ ସବୁରେ ଓତଃପ୍ରୋତ ଭାବରେ ଜଡ଼ିତ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ- ଯେଉଁଠି ଅତ୍ୟାଚାର, ଅଧିକାର, ଅପରିବର୍ତ୍ତନୀୟ ମନୋଭାବର ଆଉ ବିନାଶ ହେବାର ସମ୍ଭାବନା ନାହିଁ- ଯେଉଁଠି ଖାଲି- ହତ୍ୟା-ହତ୍ୟା-ହତ୍ୟା ପ୍ରତିନିତ୍ୟ ଖବରକାଗଜରେ ନିଃସନ୍ଦେହରେ ନିରଳସ ଭାବେ ପ୍ରକାଶିତ ହୋଇ ସୁସ୍ଥ-ଅସୁସ୍ଥ-ରୋଗୀ-ଭୋଗୀ- ବଇରାଗୀ ସମସ୍ତଙ୍କର ଧୈର୍ଯ୍ୟ ଭାଙ୍ଗିଦେଇ ଆଗେଇ ଚାଲିଛି- ସେଠି ଆଉ ସୁଖ-ଶାନ୍ତି-ଆନନ୍ଦର ଆଲୋକ କେଉଁଠୁ ଆଶା କରାଯାଇପାରେ ? ଦୀପାବଳୀରେ "ସବୁଜ ବାଣ" ଫୁଟାଇଦେଲେ କ'ଣ ବର୍ତ୍ତମାନର ଦିଲ୍ଲୀ ପ୍ରଦୂଷଣ କେବଳ ନୁହେ-ଚତୁର୍ଦ୍ଦିଗରେ ଯେଉଁ ଯେଉଁ ପ୍ରକାର ପ୍ରଦୂଷଣ ଚାଲୁରହିଛି- ଏବେ ନିକଟରେ ପ୍ରକାଶ ପାଇଥିବା "ମହାକାଶରେ ଦୁର୍ଘଟଣା", ସବୁ ବର୍ଗର ବୈଜ୍ଞାନିକମାନଙ୍କୁ ନିଶ୍ଚିନ୍ତ ରଖିବାରେ ସମର୍ଥ ହୋଇପାରିବତ। ଖଜୁରୀ ଗଛ ପରି କାହାକୁ ଧରି ଆଗେଇବା ଯେ ଏଇ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ ହେଉଛି ସେଥିରେ ବିଶ୍ୱର ଚତୁର୍ଦ୍ଦିଗରେ ଶାନ୍ତି-ଆନନ୍ଦର ଢେଉ ଖେଳିବ।

"ପୃଥିବୀର ଆୟୁଷ ଆଉ କେତେଦିନ" ପଢ଼ି ବିଚାର କରିବାର ସମୟ ଆସିଛି। ସେଥିରେ ହମାସ ଭ୍ରଷ୍ଟାସୁରର ସ୍ରଷ୍ଟା ନେତା ନ୍ୟାହ। ହମାସର ରଣହୁଙ୍କାର ଇସ୍ରାଏଲକୁ ନିଶ୍ଚିହ୍ନ କରିବା ପାଇଁ ସବୁ ମୂଲ୍ୟ ଦେବୁ। ଆଉ ଜଣଙ୍କର ଶବ ବାହାରିଲେ, ଆମେ ପରମାଣୁ ବୋମା ପକାଇବୁ। ଧନ୍ୟ ଧନ୍ୟରେ ଲୋଭ, ହିଂସା, ଅସୂୟା, ଘୃଣାକୁ ପାଥେୟ କରି କିପରି ଏତେ ବିରାଟ ବ୍ୟକ୍ତିଗଣ ଜୀବନ ବିତାଉଛନ୍ତି ଓ ନିଜର କୁକର୍ମକୁ ପ୍ରକାଶିତ କରି ପ୍ରଦର୍ଶିତ ହେଉଛନ୍ତି ? ଆଉରି ଗୋଟିଏ ଲେଖା- "ମୃତ୍ୟୁ-ରହିତ ଜୀବନ।" ପାଗଳଙ୍କ ପରି ନିଜକୁ ବଂଚାଇ ରଖିବାକୁ କେତେ ପ୍ରକାରର ଅଭିନବ ଉପାୟ ବୃତ୍ତି କରି ସେ କଣ ଏକ ମୁହୂର୍ତ୍ତ ସୁଖଶାନ୍ତିରେ ସମୟ କଟାଇ ପାରିଥିବେ ? ଛାଡ଼ନ୍ତୁ ନିଜ ମୁଣ୍ଡକୁ ଏ ସବୁରେ ପେଶିଦେଲେ ସବୁକିଛି ହୋଇଯିବ। କାହିଁକି ସେମାନଙ୍କର ଏ ପାଗଳର ପ୍ରଳାପକୁ ଖବରକାଗଜ ସ୍ଥାନ ଦେଇ ସାରା ଜୀବଜଗତକୁ ନଷ୍ଟଭ୍ରଷ୍ଟ କରିଦେବାର ଯୋଗାଡ଼ କରିଛି ଏବଂ ଯେଉଁ ଖବରକାଗଜ ଏହାକୁ ସଦ୍‌ବୁଦ୍ଧିରେ ପ୍ରକାଶ କରିଛନ୍ତି ତାଙ୍କର ନିଜ ଶକ୍ତି ଉପରେ ତିଳେମାତ୍ର ବିଶ୍ୱାସ ଅଛି ବୋଲି ମନେ ହୁଏ ନାହିଁ। ଆଉ ଆଗକୁ ଯିବି ନାହିଁ।

ବର୍ତ୍ତମାନ ଯାହା ଲେଖିବି ବୋଲି ପୂର୍ବରୁ ଭାବିଥିଲି ସେ ସବୁ ଲକ୍ଷ୍ୟ ଭ୍ରଷ୍ଟ ହୋଇଗଲା। ଦେବୀଙ୍କ ମେଢ଼ ଭସାଣୀର ସମାଜରେ ଦୁଇଟି ଦେବୀମୂର୍ତ୍ତୀଙ୍କର ଜଳମଧ୍ୟରୁ ଫୁଟି ଉଠୁଥିବା ଜଗତର ବ୍ୟକ୍ତିଗଣଙ୍କ ପ୍ରତି କରୁଣ ଚାହାଣୀ ମୋ ଚକ୍ଷୁରୁ ଝରଝର ଲୋତକ ଝରାଇଥିଲା। ଆମେ ଭକ୍ତ। ଏଇ ଆମର ଜୀବନ ଶୈଳୀ ? ନିଜ ମାଆକୁ ପୂଜାକରି ନିଜେ ବାହାବା ନେଇ ସାରିଲା ପରେ ଦେଖିବାକୁ ସମୟ ହେଲାନାହିଁ ସେ କେଉଁଠାରେ, କିପରି ଦୟନୀୟ ଭାବରେ ପଡ଼ିରହି ଜଗତକୁ ବିକଳ ନେତ୍ରରେ ଅପଲକ ଦୃଷ୍ଟିରେ ଅନାଇ ରହିଛନ୍ତି। ଦୁଆରେ ଠିଆ ହୋଇଛନ୍ତି ମାଆ କାଳୀ। ତା ପରକୁ ଆସିଯିବ କାର୍ତ୍ତିକେଶ୍ୱର ମେଢ଼ ! ପଇସା ଅପର୍ଯ୍ୟାପ୍ତ। ମୂର୍ତ୍ତି, ଶୋଭାର ସମ୍ଭାରରେ ସବୁକିଛି କରିସାରିଲା ପରେ ଆଉ ସେମାନଙ୍କୁ ଏପରି ଦୟନୀୟ ଭାବେ ଅଧା ପାଣିରେ ଫୋପାଡ଼ି ଦେଇ ଫଟୋ ଉଠାଇ ଜଗତକୁ ଦେଖାଇ ବାହାବା ନିଅ ନାହିଁ। କାରଣ ପୂଜାକରି ଯେତକ ପୁଣ୍ୟ ଅର୍ଜନ କରିଥିଲ ତାଙ୍କ ଅବହେଳାରେ ଏପରି ନ ଫୋପାଡ଼ି ବରଂ କଫିନ୍‌ଟିଏ କରି ଭୂମି ତଳେ ପୋତିଦିଅ। ଖାଇବା ପିଇବା ପାଇଁ କିଛି ସରଞ୍ଜାମ ତା ଭିତରେ ରଖିଦିଅ। ସେମାନେ ନିଃଶ୍ୱାସ ନେଲା ପର୍ଯ୍ୟନ୍ତ ମହାଭାରତର ଶକୁନିଙ୍କ ପରି କିଛିକାଳ ଖାଇ ପାରୁଥିବେ। ମାଟିରେ ମିଶିଲା ପର୍ଯ୍ୟନ୍ତ।

ପୁରୀରେ ହବିଷିଆଳିଙ୍କ ନିମନ୍ତେ ବହୁତ କିଛି ସୁବନ୍ଦୋବସ୍ତ କରି, ସେମାନଙ୍କୁ ଏସ୍‌କର୍ଟ ଦେଇ ଜଗନ୍ନାଥ ଦର୍ଶନ କରିବାର ସହିତ ଆକାଶ ଦୀପ ଜଳାଇବା ପ୍ରଭୃତି ଟିଭି ମାଧ୍ୟମରେ ପ୍ରସାରିତ ହୋଇ ସମସ୍ତିଙ୍କୁ ଉଦ୍‌ବୁଦ୍ଧ କରୁଛି। କରୁଥାଉ। ସବୁକିଛିର ସମାଧାନ ୨୦୨୪ ମସିହା ପରେ ବିଶେଷ ରୂପେ ପ୍ରକାଶ ପାଇବ। ଜଗତରେ କେତେ ପ୍ରକାରର କୂଟକପଟତା ଅଛି, ତାହାର ପ୍ରମାଣ ମଧ୍ୟ ମିଳିଯିବ।

କାର୍ତ୍ତିକମାସ। ପବିତ୍ର ମାସ। ସେଥିରେ ଏସବୁ ବିକଳାଙ୍ଗ ଭାବନା ପ୍ରବେଶ କରିବା ହେତୁ ନିଜକୁ ସ୍ଥିର କରି ରଖିବା ସମ୍ଭବ ହେଉନାହିଁ। ଯଦି ପ୍ରକୃତରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଭକ୍ତିର କାଣିଚାଏ ରହିଥିବ, ତାରି ଆଶ୍ରୟରେ ମାଗୁଛି ପ୍ରଭୁ ରକ୍ଷାକର, ସଦ୍‌ବୁଦ୍ଧି ଦିଅ। ସତ୍ୟ ସାଧନାରେ ବାକୀତକ ଜୀବନ ଚଳାଇନିଅ।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ପ୍ରବନ୍ଧ

# ଶ୍ରୀମନ୍ଦିରରେ ରାଧାତତ୍ତ୍ୱ

## ଡକ୍ଟର ତ୍ରିନାଥ ପଟ୍ଟନାୟକ

ଶ୍ରୀଜଗନ୍ନାଥ ସ୍ୱୟଂ ବିଷ୍ଣୁ, ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଅବତାର। ଭାଗବତରେ ଉଲ୍ଲେଖ ଅଛି- ଏତେଚାଂଶ କଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ। ଯେତେସବୁ ଋଷି, ମୁନି, ଦେବତା, ପ୍ରଜାପତି, ମନୁପୁତ୍ର ଏବଂ ଅନ୍ୟାନ୍ୟ ମହାନ ଶକ୍ତି ସମ୍ପନ୍ନ ପୁରୁଷ ଜାତ ହୋଇଛନ୍ତି, ସେମାନେ ସମସ୍ତେ ହେଉଛନ୍ତି ଭଗବାନଙ୍କର ଅଂଶାବତାର ଅଥବା କଳାବତାର, କିନ୍ତୁ ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ସାକ୍ଷାତ୍ ପରମାତ୍ମା। ଲୋକେ ଅସୁରମାନଙ୍କ ଅତ୍ୟାଚାର ରେ ପୀଡ଼ିତ ହେଲେ ସ୍ୱୟଂ ଭଗବାନ ପ୍ରତ୍ୟେକ ଯୁଗରେ ନାନା ଅବତାର ଧାରଣ କରି ଦୁଷ୍ଟମାନଙ୍କୁ ଦଳନ କରିବା ପୂର୍ବକ ସାଧୁ ସନ୍ଥମାନଙ୍କୁ ରକ୍ଷା କରନ୍ତି। କେବଳ କୃଷ୍ଣ (ଜଗନ୍ନାଥ) ହିଁ ସ୍ୱୟଂ ସମ୍ପୂର୍ଣ୍ଣ ଭଗବାନ। ସେଥିପାଇଁ ଉତ୍କଳୀୟ ବୈଷ୍ଣବମାନେ କୁହନ୍ତି- ସ୍ୱୟଂ ବିଷ୍ଣୁ ଶ୍ରୀଜଗନ୍ନାଥ ଓ ତାଙ୍କ ଠାରୁ ରାମ କୃଷ୍ଣାଦି ଅବତାର ସୃଷ୍ଟି ହୋଇଛନ୍ତି।

**ସେହୁ ଗୋଲକ ନିତ୍ୟସ୍ଥଳ। ସେହିଟି ଗିରି ନୀଳାଚଳ।**
**କୋଟିଏ ଯୁଗ ଯେବେ ପାଇ। ଏଥିର ଲୀଳା ନସରଇ।**
**ଶ୍ରୀଜଗନ୍ନାଥ ଷୋଳକଳା। ଏଥୁ କଳାଏ ନନ୍ଦବଳା।**
**କଳାକେ ଷୋଳ କଳା ହୋଇ। ଘେନି ଜନ୍ମିଲେ ଗୋପେ ଯାଇ।**
**(ଶ୍ରୀଜଗନ୍ନାଥ ଚ଼ରିତାମୃତ)**

ଶ୍ରୀକୃଷ୍ଣହିଁ ଜଗନ୍ନାଥ ରୂପରେ ଶ୍ରୀକ୍ଷେତ୍ରରେ ପୂଜା ପାଉଛନ୍ତି। ସେଥି ନିମନ୍ତେ ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି-

**ରାମଂ କୃଷ୍ଣଂ ସୁଭଦ୍ରାଞ୍ଚ ବାସୁଦେବଂ ସୁଦର୍ଶନମ୍**
**ଯଥୋପବିଷ୍ଟ ଲେପାଦି ସଂସ୍କାରୈଃ ରୁଚିରା କୃତିମ୍।**
**(ସ୍କନ୍ଦ ପୁରାଣ- ୧୯ ଅଧ୍ୟାୟ)**

କେତେକ ପୁରାଣକାର କୁହନ୍ତି ପୁରୀ ଠାରେ ଶ୍ରୀକୃଷ୍ଣଙ୍କ ଅପୋଡ଼ା ଶରୀରର ଅଂଶ ବିଶେଷ ଦ୍ୱାରକା ନଗରୀରୁ ଆସି ଲାଗିଥିଲା। ସମୁଦ୍ରରେ ଭାସମାନ ଅବସ୍ଥାରେଥିବା ସେହି ଅଂଶକୁ ସଂଗ୍ରହ କରାଯାଇ ଶ୍ରୀଜଗନ୍ନାଥ ରୂପେ ଶ୍ରୀମନ୍ଦିରରେ ପୂଜା କରାଯାଉଅଛି। ସେହି ଅଂଶ ବିଶେଷ ହିଁ ବ୍ରହ୍ମ। ପ୍ରଥମେ ଏହି କ୍ଷେତ୍ରରେ ନୀଳ ମାଧବ ପୂଜା ପାଉଥିଲେ। ସେହି ନୀଳମାଧବ ହିଁ ବିଷ୍ଣୁ। ନୀଳମାଧବ ଅନ୍ତର୍ଦ୍ଧାନ ହେବା ପରେ ପୁଣି ସେ କୃଷ୍ଣ ରୂପରେ ଶ୍ରୀକ୍ଷେତ୍ରରେ ନୀଳମାଧବ ପୂଜା ପାଉଥିଲେ। ବଳରାମ, ସୁଭଦ୍ରା ଓ ସୁଦର୍ଶନଙ୍କ ସହିତ ଶ୍ରୀକୃଷ୍ଣ ଆବିର୍ଭୂତ ହୋଇଛନ୍ତି। ବ୍ରହ୍ମପୁରାଣରେ ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ରୂପରେ କଳ୍ପନା କରାଯାଇ ଅଛି- ଦର୍ଶନଂ ବଳଦେବସ୍ୟ କୃଷ୍ଣସ୍ୟ ଚ଼ ବିଶେଷତଃ (୪୬ ଅଧ୍ୟାୟ) ଅନ୍ୟତ୍ର ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ ଚିତ୍ରିତ କରାଯାଇ ଏହି ପୁରାଣରେ କୁହାଯାଇଛି-

**ସୁନାସଂ ସୁକପୋଳଞ୍ଚ ସୁଲଲାଟ ସୁଲକ୍ଷଣମ୍**
**ତ୍ରୈଲୋକ୍ୟାନନ୍ଦ ଜନକଂ କୃଷ୍ଣସ୍ୟ ମୁଖ ପଙ୍କଜମ୍।।**
**(ବ୍ର.ପୁ.- ଅଧ୍ୟାୟ ୪୨)**

ଯାହାଙ୍କର ସୁନାସା, ସୁକପୋଳ ଓ ସୁଲଲାଟ, ସେହି ଶ୍ରୀକୃଷ୍ଣଙ୍କ ସୁକ୍ଷଣାନ୍ୱିତ ତ୍ରୈଲୋକ୍ୟ ଆନନ୍ଦ ଜନକ ମୁଖ ପଙ୍କଜ ଯେଉଁମାନେ ଅବଲୋକନ କରନ୍ତି, ଜଗତରେ ସେହିମାନେ ହିଁ ଧନ୍ୟ ପୁରୁଷ। ସଂସ୍କୃତ କବି ଶ୍ରୀଜୟଦେବ ଗୀତଗୋବିନ୍ଦରେ ସ୍ୱୟଂ ଶ୍ରୀଜଗନ୍ନାଥ ରାଧା କୃଷ୍ଣଙ୍କର ଯୁଗଳ ମୂର୍ତ୍ତି ବୋଲି ପରୋକ୍ଷ ଭାବରେ ବର୍ଣ୍ଣନା କରିଛନ୍ତି। ଜଗନ୍ନାଥ ଯିଏ ରାଧା ବି ସିଏ। ରାଧା ସ୍ୱୟଂ ଜଗନ୍ନାଥ ରାଧିକା ସ୍ଥୂଳ ରୂପିଣୀ ପୁଣି ରାଧା ଜଗନ୍ନାଥଙ୍କ ଶରୀରରେ ସର୍ବଦା ବିରାଜମାନ।

**ଏହି ଜଗନ୍ନାଥ ଅଙ୍ଗରେ। ରାଧା ଅଛନ୍ତି ପ୍ରେମଭରେ।।**
**ବଇଠି ଶ୍ୱେତ ଚିତାଯାଏ। ରାଧା କୃଷ୍ଣଙ୍କ ଅଙ୍ଗ ମୋହେ।।**
**(ଶ୍ରୀଜଗନ୍ନାଥ ଚରିତାମୃତ- ୪ର୍ଥ ଅଧ୍ୟାୟ)**

ଶ୍ରୀଜଗନ୍ନାଥ (ରାଧା କୃଷ୍ଣଙ୍କ ମିଳିତ ତନୁ) ଅନନ୍ତ ଦେବଙ୍କ ଉପରେ ଶୟନ କରିଛନ୍ତି। ସୁଭଦ୍ରା ସୁଖ ଶଯ୍ୟା ରୂପେ ବିଦ୍ୟମାନ।

ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ସାହିତ୍ୟର ଆଦିକବି ସାରଳାଦାସ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ବୋଲି ସ୍ୱଲିଖିତ ମହାଭାରତ ଗ୍ରନ୍ଥରେ ବିଭିନ୍ନ ସ୍ଥାନରେ ବର୍ଣ୍ଣନା କରିଛନ୍ତି।

**ରାମକୃଷ୍ଣ ସୁଭଦ୍ରାଯେ ଏ ତିନି ପ୍ରତିମା**
**ଶ୍ରୀ ପୁରୁଷୋତ୍ତମେ ବିଜେ ହଳୀ ହରି ବ୍ରହ୍ମା।।**

କବି ଶିଖର ଦାସ "ନୀଳ ସୁନ୍ଦର ଗୀତା"ରେ କହିଛନ୍ତି ଦ୍ୱାପର ଯୁଗରେ ଗୋପରେ ଗୋପାଳମାନଙ୍କ ଗୋଧନକୁ ବ୍ରହ୍ମା ଚୋରାଇ ନେଲେ ଏଣୁ ଶ୍ରୀକୃଷ୍ଣ ତାଙ୍କୁ ଅଭିଶାପ ଦେଲେ ଯେ କଳିଯୁଗରେ ପୁରୁଷୋତ୍ତମରେ କୃଷ୍ଣ ଓ ବଳରାମଙ୍କ ସହିତ ତୁମେ ନାରୀ ରୂପ ଧାରଣ କରି ସୁଭଦ୍ରା ରୂପରେ ପୂଜାପାଅ।

**ବୋଇଲେ କଳିରେ ଦାରୁବ୍ରହ୍ମ ହେବି ମୁହିଁ**
**ଏ ମୋର ଶାପ୍ୟତ ମେଣ୍ଟିଯିବ ନାହିଁ।**
**ଗୁପତେ ପୂଜା ପାଇବୁ ଭାଇ ସଙ୍ଗତେ।**
**ନ ଚିହ୍ନିବେ ବୋଲି ବୋଲିବେ ସୁଭଦ୍ରେ।**

ପଞ୍ଚସଖା କବି ବଳରାମ ଦାସ "ବେଦାନ୍ତସାର ଗୁପ୍ତ ଗୀତା"ରେ ଉଲ୍ଲେଖ କରିଛନ୍ତି- ନୀଳଗିରିନାଥ ଜଗନ୍ନାଥ ହେଉଛନ୍ତି ନିତ୍ୟକୃଷ୍ଣ ଓ ନିତ୍ୟ ରାଧିକାଙ୍କ ଏକାଙ୍ଗସ୍ୱରୂପ।

**ଏନୀଳଗିରି ନିତ୍ୟସମ। ତେଣୁ ଶ୍ରୀକୃଷ୍ଣ ନିତ୍ୟଧାମ।।**
**ଏନୀଳଗିରି ନିତ୍ୟଦୁଇ। ଅଭିନ୍ନ ଅଭେଦ ଅଟଇ।।**
**ଗୋପ ମଥୁରା ଦ୍ୱାରାବତୀ। ଶ୍ରୀକୃଷ୍ଣ ଅଯୋଧ୍ୟାର ପତି।।**
**ଏମାନେ ନିତ୍ୟସ୍ଥଳ ଜାତ। ଅଭିନ୍ନ ନକର ହେ ପାର୍ଥ।**
**ଏସର୍ବ ନିତ୍ୟରୁ ନିର୍ମାଣ। ଶ୍ରୀକୃଷ୍ଣ କ୍ରୀଡ଼ା ରସ ସ୍ଥାନ।**
**ତୁ ଏହା ସଂଶୟ ନକର। ନିତ୍ୟରେ ଯେମନ୍ତ ବିହାର।**
**ସେହି ରୂପରେ ନିରାକାର। ଶ୍ରୀନୀଳ ଗିରିରେ ବିହାର।**
**(ବେଦାନ୍ତ ସାର ଗୁପ୍ତଗୀତା: ସପ୍ତମ ଅଧ୍ୟାୟ)**

ରାଧାଙ୍କ ବିନା ଶ୍ରୀକୃଷ୍ଣଙ୍କ ସ୍ଥିତି ଅସମ୍ଭବ। ଶକ୍ତି ବିନା ପୁରୁଷ ବା ବ୍ରହ୍ମ ନିଷ୍କ୍ରିୟ। ଶ୍ରୀରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କର ଶକ୍ତି। ଭେଦାଭେଦୀମାନେ ରାଧାଙ୍କୁ ଶକ୍ତି ବା ସୃଷ୍ଟିର ଆଧାରଭୂତ ରୂପେ ଆରାଧନା କଲେ ଓ କୃଷ୍ଣଙ୍କୁ ବୀଜରୂପୀ ବ୍ରହ୍ମଙ୍କୁ ଲାଭକରିବା ନିମନ୍ତେ ସ୍ତୁତି କଲେ। ପ୍ରେମକଳ୍ପା ଶ୍ରୀରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କ ମହାଭାବ। ସେ ତ୍ରିଭୁବନକୁ ପବିତ୍ର କରିଛନ୍ତି-

**ବନ୍ଦେରାଧା ପଦାମ୍ଭୋଜଂ ବ୍ରହ୍ମାଦି ସୁରବନ୍ଦିତମ୍**
**ଯତ୍କୀର୍ତ୍ତିକୀର୍ତ୍ତନେ ନୈବ ପୁନାତି ଭୁବନ ତ୍ରୟମ୍।**
**(ବ୍ରହ୍ମ ଦେବର୍ତ୍ତ ପୁରାଣ, ୯୨/୬୩)**

ମୁଁ ରାଧାଙ୍କର ଚରଣ କମଳକୁ ବନ୍ଦନା କରୁଛି, ଯାହା ବ୍ରହ୍ମାଦି ଦେବତାମାନଙ୍କ ଦ୍ୱାରା ବନ୍ଦିତ ତଥା ଯାହାଙ୍କର କୀର୍ତ୍ତିର କୀର୍ତ୍ତନରେ ଏହି ତିନି ଭୁବନ ପବିତ୍ର ହୋଇ ଯାଇଛି।

ଭଗବାନ ଶ୍ରୀକୃଷ୍ଣ ନିଜର ଆନନ୍ଦକୁ ପ୍ରେମ ବିଗ୍ରହ ରୂପରେ ପ୍ରଦର୍ଶିତ କରିଥାନ୍ତି ଏବଂ ସେଥିରେ ଆନନ୍ଦ ପ୍ରାପ୍ତ ହୋଇଥାନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କର ସେହି ଆନନ୍ଦର ପ୍ରତିମୂର୍ତ୍ତି ହିଁ ପ୍ରେମ ବିଗ୍ରହ ରୂପା ଶ୍ରୀରାଧା। ଚୈତନ୍ୟ ଚରିତାମୃତରେ କବିରାଜ କୃଷ୍ଣଦାସ ଶ୍ରୀରାଧାଙ୍କୁ ମହାଭାବ ରୂପେ ପରି କଳ୍ପନା କରିଛନ୍ତି। ରାଧା ନାମଶୁଣି ଶ୍ରୀକୃଷ୍ଣଙ୍କ ମନରେ ଦିବ୍ୟଭାବ ସୃଷ୍ଟିହୁଏ। ଦିବ୍ୟ ଆନନ୍ଦ ଅନୁଭବ କରନ୍ତି।

**ହ୍ଲାଦିନୀର ସାର ଅଂଶ ତାର ପ୍ରେମ ନାମ**
**ଆନନ୍ଦ ଚିନ୍ମୟ ରସ ପ୍ରେମର ଆଖ୍ୟାନ।**
**ପ୍ରେମର ପରମସାର ମହାଭାବ ଜାନି**
**ସେହି ମହାଭାବରୂପ ରାଧା ଠାକୁରନୀ (ଚୈ.ଚ. ୮/୨)**

ବାୟୁପୁରାଣରେ ବର୍ଣ୍ଣିତ ଅଛି, ରାଧା = ର+ଆ+ଧ୍+ଆ। ଏହାର ଅର୍ଥ ହେଉଛି, ର- କୋଟି ଜନ୍ମାର୍ଜିତ ପାପ ଓ ଶୁଭାଶୁଭ କର୍ମ ଭୋଗ। ଆ- ଗର୍ଭବାସ, ମୃତ୍ୟୁ ଓ ରୋଗ। ଧ- ଆୟୁଃ କ୍ଷୟ। ଆ- ସଂସାର ବନ୍ଧନ। (ବା.ପୁ.- ୧୦୪ ଅଧ୍ୟାୟ)

ଯାହାଙ୍କୁ ନମସ୍କାର ମାତ୍ରେ ଏସବୁ ପାପରୁ ପ୍ରାଣୀ ମୁକ୍ତି ଲାଭ କରେ ସେ ହେଉଛନ୍ତି ରାଧା। ଦେବୀ ଭାଗବତ ଅନୁସାରେ ରାଧା ହେଉଛନ୍ତି- ମୂଳ ପ୍ରକୃତି ରୂପିଣୀ ଚିନ୍ମୟୀ ଭୁବନେଶ୍ୱରୀ। ରାଧା ହେଉଛନ୍ତି ସାଫଂଲ୍ୟର ଦ୍ୱାର। ଏଣୁ ଗୌଡ଼ୀୟ ବୈଷ୍ଣବମାନେ କିଶୋରୀ ରାଧାଙ୍କ ଦାସୀ ହେବା ପାଇଁ କାମନା କରିଛନ୍ତି-

**ଓଷଧୀଶାନନ ହେ ମାଗୁଛି ପାଦଧରି**
**ଓ କରିବି ଆଲୋ ଦାସୀ ଡାକିଲେ କିଶୋରୀ।**
**(ବିଦଗ୍ଧ ଚିନ୍ତାମଣି- ଅଭିମନ୍ୟୁ)**

ବ୍ରହ୍ମା ହେଉଛନ୍ତି ନାରୀ ରୂପ ଧାରିଣୀ ସୁଭଦ୍ରା ଯିଏ କି ଜଗନ୍ନାଥଙ୍କ ସହିତ ଶ୍ରୀମନ୍ଦିରେ ଉପସ୍ଥିତ ଅଛନ୍ତି। ବ୍ରହ୍ମା ଅଭିଶାପ ପାଇ ଦ୍ୱାପର ଯୁଗରେ ସୁଭଦ୍ରା ରୂପ ଧାରଣ କରିଥିଲେ। କବି ଯଶୋବନ୍ତ ଦାସଙ୍କ ମତରେ ରୁଦ୍ର-ବଳଭଦ୍ର, ବିଷ୍ଣୁ (କୃଷ୍ଣ)-ଶ୍ରୀଜଗନ୍ନାଥ। ବ୍ରହ୍ମା (ସୁଭଦ୍ରା)- ରାଧା।

**ୟେ ରୁଦ୍ର ବଳଭଦ୍ର ରୂପ। ଅଟନ୍ତି ଅନନ୍ତ ସ୍ୱରୂପ**
**ଆମ୍ଭେ ଶ୍ରୀଜଗନ୍ନାଥ ଦେହୀ। ବ୍ରହ୍ମା ସୁଭଦ୍ରା ହୋଇ ତହିଁ।**
**ରାଧା ଗୁପତ ଅଙ୍ଗ ହେଉ। ଆମ୍ଭ ସଙ୍ଗତେ ପୂଜା ପାଉ।**
**ଗୁପତେ ସ୍ତିରି ବେଶ ହେଉ। ବ୍ରହ୍ମା ବୋଲିଣ ନ ବୋଲାଉ।।**
**ମଧ୍ୟେ ସୁଭଦ୍ରା ବ୍ରହ୍ମା ରୂପ ରାଧାଙ୍କ ଅଙ୍ଗେ ତହିଁ ଗୋପ୍ୟ।**
**(ପ୍ରେମ ଭକ୍ତି ବ୍ରହ୍ମ ଗୀତା- ଯଶୋବନ୍ତ ଦାସ- ୫ମ ଅଧ୍ୟାୟ)**

ଆଉମଧ୍ୟ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ (କୃଷ୍ଣ) ରାଧା ପରସ୍ପରକୁ ଆଲିଙ୍ଗନ କରି ମିଳିତ ତନୁ ହୋଇ ବସିଛନ୍ତି ବୋଲି ଶ୍ରୀଜଗନ୍ନାଥ ଚରିତାମୃତ ଗ୍ରନ୍ଥରେ ଉଲ୍ଲେଖ ଅଛି।

**ଶ୍ରୀଜଗନ୍ନାଥ ମୂର୍ତ୍ତିରେ। ରାଧା କୃଷ୍ଣଛନ୍ତି ତହିଁରେ।।**
**ବଇଠି ପ୍ରାୟ ଯେ ଦିଶଇ। ଶ୍ରୀକୃଷ୍ଣ ବେନି ପାଦ ସେହି।।**
**ତହିଁରେ ଶଙ୍ଖ ଚନ୍ଦ୍ର ଶୋହି। ଶ୍ରୀରାଧାଙ୍କ ପାଦ ସେହି।।**
**ନିବିଡ଼ ହୃଦୟ ବନ୍ଧନେ। ଅଛନ୍ତି ଏକଚିତ୍ତ ମନେ।।**
**ସ୍ୱଭାବେ ବେନି ଆଲିଙ୍ଗନ। ଅଛନ୍ତି ନିବିଡ଼ ବନ୍ଧନ।।**
**ପ୍ରେମରେ ହୋଇ ଜରଜର। ନଜାଣନ୍ତି ଆପଣ ପର।।**

ଶ୍ରୀକ୍ଷେତ୍ର ହିଁ ଗୋଲକ। ଏହି ଗୋଲକ ଧାମରେ ନିତ୍ୟରାସ ଚାଲିଛି। ନିତ୍ୟ ରାଧା ଓ ନିତ୍ୟ କୃଷ୍ଣ ଏଠାରେ ରାସଲୀଳା କରୁଛନ୍ତି। ମାନବ କୃଷ୍ଣ ଓ ମାନବୀ ରାଧା ଏମାନଙ୍କ କଳାର ଅଂଶରୁ ଜନ୍ମ।

ରାଧାକୃଷ୍ଣ ଏବଂ ବଳଭଦ୍ର ସୁଭଦ୍ରା ଓ ଜଗନ୍ନାଥ ଏକ ଓ ଅଭିନ୍ନ ଅଟନ୍ତି। ସଚ୍ଚିଦାନନ୍ଦ ବିଗ୍ରହ। ଯେପରି ସତ୍ ଚିତ୍‌ର ବିଗ୍ରହ ଶ୍ରୀକୃଷ୍ଣ; ଆନନ୍ଦର ବିଗ୍ରହ ଶ୍ରୀରାଧା। ସେହିଭଳି ବଳଦେବ ସତ୍, ଜଗନ୍ନାଥ ଚିତ୍ ଓ ସୁଭଦ୍ରା ଆନନ୍ଦର ବିଗ୍ରହ। ସେଥିପାଇଁ ବିଜ୍ଞ ଗବେଷକ ମାନେ କହିଛନ୍ତି ହ୍ଲାଦିନୀ ଶକ୍ତି ବୃଷଭାନୁ କିଶୋରୀ ଶ୍ରୀରାଧା ଓ ସୁଭଦ୍ରା ଏକ ଓ ଅଭିନ୍ନ ଅଟନ୍ତି। ରାଗାନୁଗା ଗୌଡ଼ୀୟ ବୈଷ୍ଣବମାନଙ୍କ ମତରେ ସୁଭଦ୍ରା ହେଉଛନ୍ତି ବୃଷଭାନୁ କିଶୋରୀ ଶ୍ରୀରାଧା। ବଳଭଦ୍ର ରୋହିଣୀସୁତ ବଳରାମ ଅନ୍ୟ କେତେକଙ୍କ ମତରେ ରାସ ମଣ୍ଡଳର ସଖି ବିଶେଷ। ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଦେବକୀ ଗର୍ଭ ସମ୍ଭୂତ ଯଶୋଦା ପାଳିତ ଶ୍ରୀକୃଷ୍ଣ। ଶ୍ରୀମନ୍ଦିର ଶ୍ରୀରାଧାମାଧବଙ୍କ ନିତ୍ୟସ୍ଥଳୀ। ଗୋଲକେଶ୍ୱରୀ ଶ୍ରୀରାଧାଙ୍କର ବିଭିନ୍ନ ନାମ

ମଧ୍ୟରେ ଶୁଭ୍ରା, ସୁଭଦ୍ରା ଓ ସୁଭଗା ନାମ ଦେଖିବାକୁ ମିଳେ। ରାଧାଙ୍କ ଅନ୍ୟନାମ ସୁଭଦ୍ରା ।

(ଦେବୀ ମହାଭାରତ– ୯ମ ସ୍କନ୍ଧ – ପ୍ରଥମ ଅଧ୍ୟାୟ ୨୩୦ଶ୍ଳୋକ)

ଶ୍ରୀଜୀବ ଗୋସ୍ୱାମୀ କହିଛନ୍ତି ନୀଳାଚଳ ହେଉଛି ଗୋଲକ ଧାମ। ସୁଭଦ୍ରା ହେଉଛନ୍ତି ରାଧା, ଜଗନ୍ନାଥ ଶ୍ରୀକୃଷ୍ଣ, ବଳଭଦ୍ର ଚନ୍ଦ୍ରାବଳୀ; ସୁଦର୍ଶନ ଚକ୍ର ହେଉଛନ୍ତି ଗୋପୀ ବିଶେଷ। ଏଠାରେ ନିତ୍ୟ ରାସ ଲୀଳା ଚାଲିଛି। ଶ୍ରୀଚୈତନ୍ୟ, ରୂପଗୋସ୍ୱାମୀ ଇତ୍ୟାଦି ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ରୂପରେ ଗ୍ରହଣ କରିଛନ୍ତି।

**ନୀଳାଚଳେ ତ୍ରିଲୋକେଷୁ ଧାମ ବୈକୁଣ୍ଠ ମେବତତ୍**
**ରାଧାଭଦ୍ରା ସ୍ୱରୂପାଚ ନିତ୍ୟଂ ନ ତ୍ୟଜତିକ୍ଷଣମ୍॥**
**ରାମଶ୍ଚନ୍ଦ୍ରାବଳୀ ଗୋପୀ ଚକ୍ରମେତତ୍ ସୁଦର୍ଶନଂ**
**ନିତ୍ୟଂ ଲୀଳ ମମତ୍ରାସ୍ତି ନ ନାଶୋଽସ୍ୟ କଦାଚନ॥**

**(ସୁଧାତ୍ରୟମ୍ – ଶ୍ରୀଜୀବ ଗୋସ୍ୱାମୀ)**

କବି ଶିବଦାସ ସୁଭଦ୍ରାଙ୍କୁ ରାଧା ବୋଲି ପ୍ରତିପାଦିତ କରିବାକୁ ଯାଇ କହିଛନ୍ତି –

**ଜ୍ୟେଷ୍ଠ ବଳରାମ ଯେ କନିଷ୍ଠ ଜଗନ୍ନାଥ**
**ଯେଉଁ ରାଧା ସୁଭଦ୍ରାଟି ନାମ ତାର ଖ୍ୟାତ।**
**କିଶୋର କିଶୋରୀ ରୂପ ସେହି ଅଙ୍ଗେ ଅଛି**
**କପଟରେ ଚତୁର୍ଦ୍ଧାମୂରତି ସେ ହୋଇଛି।**

**(ରାଧା ରସାମୃତ ସିନ୍ଧୁ)**

କବି ଅଚ୍ୟୁତାନନ୍ଦ ଦାସ ମଧ୍ୟ ସୁଭଦ୍ରାଙ୍କ ଠାରେ ରାଧାଙ୍କ ସ୍ୱରୂପକୁ ଦର୍ଶନ କରି କହିଛନ୍ତି –

**ସୁଭଦ୍ରାଟି ରଂଗଦେବୀ ରାଧା ରଂଗେଶ୍ୱରୀ**
**ମଧ୍ୟରେ ବିଜୟ ମାତ ଶୂନ୍ୟ ରୂପଧରି।**

**(ମନ୍ମଥ ଚନ୍ଦ୍ରିକା)**

ଆଉମଧ୍ୟ "ପଦ୍ମବନ ରାସ"ରେ କବି ଶ୍ରୀମନ୍ଦିରରେ ରାଧା କୃଷ୍ଣଙ୍କୁ ଦର୍ଶନ କରିଥିବା କଥା ଉଲ୍ଲେଖ କରିଛନ୍ତି –

**ସେଠାରେ ଦେଖିଲି ଉଦାସ ବିଜେ ଜଗତନାଥ**
**ରାଧାଙ୍କୁ ସଂଗତେ ଘେନିଣ ବେନି ଏକ ରୂପାନ୍ତ।**
**ଅଷ୍ଟସଖୀ ସେବା କରନ୍ତି ଅଷ୍ଟ କୋଣରେ ରହି**
**ଉପମା ଦେବାଲି ତାହାଙ୍କୁ ଆଉ ଉପମା ନାହିଁ।**
**ଉଇଁ ଆସୁଛିକି ପୂର୍ଣ୍ଣିମା ଶଶୀ ବରୁଣ ପୁରୁ**
**ଯିବା ବିଜେହୁଅ ସଖୀଗୋ ଏହି ମଣି ଦେବୀରୁ॥**

**(ପଦ୍ମବନ ରାସ)**

ସର୍ବଜନ ଆଦୃତ ଶ୍ରୀଶଙ୍କରାଚାର୍ଯ୍ୟ କୃତ ଶ୍ରୀଜଗନ୍ନାଥାଷ୍ଟକରେ, ଶ୍ରୀଜଗନ୍ନାଥଙ୍କ ଠାରେ ଶ୍ରୀକୃଷ୍ଣଙ୍କର ସ୍ୱରୂପକୁ ଚିତ୍ରଣ କରାଯାଇଅଛି। ଯିଏ ବାମହସ୍ତରେ ବେଣୁ ମସ୍ତକରେ ମୟୂର ପିଚ୍ଛ, କଟିତଟରେ ଅତି ସୂକ୍ଷ୍ମବସ୍ତ୍ର ଓ ନୟନ ପ୍ରାନ୍ତରେ ସହଚର ମାନଙ୍କ ପ୍ରତି କଟାକ୍ଷ ଧାରଣ କରିଥିଲେ, ସର୍ବଦା ଶ୍ରୀମଦ୍‌ବୃନ୍ଦାବନ ରାସ ଲୀଳା ଯାହାଙ୍କର ଅତି ପ୍ରିୟ ସେହି ପ୍ରଭୁ ଜଗନ୍ନାଥ ମୋର ନେତ୍ର ପଥରେ ରହିଥାନ୍ତୁ।

ଶ୍ରୀଜଗନ୍ନାଥ (କୃଷ୍ଣ)ଙ୍କ ସହିତ ଶ୍ରୀରାଧାଙ୍କର ମିଳନ ଚିତ୍ରକୁ ସ୍ମରଣ କରି ପୁଣି ଶଙ୍କର ଗାଇଛନ୍ତି–

**ପରୋ ବର୍ହାପୀଡ଼ଃ କୁବଳୟଦଳୋତ୍‌ଫୁଲ୍ଲନୟନୋ**
**ନିବାସୋ ନୀଳାଦ୍ରୌ ନିହିତଚରଣୋଽନନ୍ତଶିରସି॥**
**ରସାନନ୍ଦୋ ରାଧା ସରସ ବପୁରାଲିଙ୍ଗନ ସୁଖୋ**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ॥**

ପରାତ୍ପର ଚୂଡ଼ାରେ ମୟୂର ପୁଚ୍ଛ ଧାରଣକାରୀ, ଆନନ୍ଦୋତ୍‌ଫୁଲ୍ଲ ପଦ୍ମ ପଳାଶ ସଦୃଶ ନେତ୍ର, ନୀଳାଚଳ ନିବାସୀ, ଚରଣ ଯୁଗଳ ଅନନ୍ତଙ୍କ ମସ୍ତକରେ ସ୍ଥାପିତ, ରସ ଆନନ୍ଦର ସ୍ୱରୂପ ରସମୟୀ ରାଧାଙ୍କର ଶରୀରାଲିଙ୍ଗନରେ ସୁଖ ଭୋଗୀ, ସେହି ପ୍ରଭୁ ଜଗନ୍ନାଥ ମୋର ନେତ୍ର ପଥରେ ଦୃଶ୍ୟମାନ ହୁଅନ୍ତୁ।

ଶ୍ରୀଜଗନ୍ନାଥ (କୃଷ୍ଣ)ଙ୍କର ଅତିପ୍ରିୟ ହେଉଛନ୍ତି ଶ୍ରୀରାଧା। ଦେବୀ ପ୍ରାଣୀମାନଙ୍କର ସଂପୂର୍ଣ୍ଣ ମନୋରଥକୁ ପୂର୍ଣ୍ଣ କରୁଥିବା ଯୋଗୁଁ ରାଧା ନାମରେ ବିଖ୍ୟାତ। ଭଗବତୀ ରାଧିକା ଭଗବାନ ଜଗନ୍ନାଥଙ୍କର ପ୍ରାଣର ଅଧିଷ୍ଠାତ୍ରୀ ଦେବୀ ଏଣୁ ପ୍ରଭୁ ଦେବୀଙ୍କ ଅଧୀନ। ଶ୍ରୀକୃଷ୍ଣଙ୍କ ରାସର ସଦା ସ୍ୱାମିନୀ, ଏଣୁ ଶ୍ରୀଜଗନ୍ନାଥ ରାଧା ବିନା ଶ୍ରୀମନ୍ଦିରରେ ଅବସ୍ଥାନ କରିବା ଅସମ୍ଭବ। ପ୍ରଚ୍ଛନ୍ନ ଭାବରେ ଶ୍ରୀରାଧିକା କୃଷ୍ଣ ରୂପୀ ଜଗନ୍ନାଥଙ୍କ ନିକଟରେ ସଦା ସର୍ବଦା ଅଛନ୍ତି ଓ ପୂଜା ପାଉଛନ୍ତି। ସେଥିପାଇଁ ଶ୍ରୀ ମନ୍ଦିରର ବିଭିନ୍ନ ସ୍ଥାନରେ ଶ୍ରୀରାଧାକୃଷ୍ଣଙ୍କ ପ୍ରତିମା ସ୍ଥାପନ କରାଯାଇଛି। ପ୍ରଥମେ ଗୋପୀନାଥ ରୂପେ ପୂଜା ପାଉଥିଲା ବେଳେ ବୋଧେ ଶ୍ରୀଚୈତନ୍ୟଙ୍କ ପୁରୀରେ ଆର୍ବିଭାବ ହେଲାପରେ ଶ୍ରୀରାଧା କୃଷ୍ଣ ଉପାସନା ଶ୍ରୀମନ୍ଦିର ରାଧାଙ୍କର 'ଆରାଧନା ଆରମ୍ଭ ହୋଇଛି ଶ୍ରୀମନ୍ଦିର ସ୍ୱତ୍ତ୍ୱ ଲିପି ଅନୁସାରେ ୩୮ ନମ୍ବର ପ୍ଲଟରେ ରାଧା କୃଷ୍ଣ ମନ୍ଦିରରେ ତଥା କୁଶନ ପଡ଼ିଆରିଙ୍କ ସରଘରେ ଅର୍ଥାତ ୩୯ନମ୍ବର ପ୍ଲଟର ଭୋଗମଣ୍ଡପ ନିକଟରେ ରାଧା କୃଷ୍ଣ ମୂର୍ତ୍ତି ଅଛନ୍ତି। ସେହିଭଳି ୧୮୨ ନମ୍ବର ପ୍ଲଟର ଥିବା ଶୁଆଶାରୀ ଦେଉଳରେ ରାଧାକୃଷ୍ଣ ମୂର୍ତ୍ତି ପୂଜା ପାଉଛନ୍ତି। ୨୨୮ ପ୍ଲଟ ପ୍ରତିହାରି ନିଯୋଗ ଘର ଓ ଅଫିସରେ ଶ୍ୟାମରାଈ ମୂର୍ତ୍ତି ଅଛନ୍ତି ଓ ପୂଜା ପାଉଛନ୍ତି। ୧୬୦ ନମ୍ବର ପ୍ଲଟ ସିଂହଦ୍ୱାର ଗୁମୁଟ ପତିତପାବନ ମୂର୍ତ୍ତି ବାମ ପାର୍ଶ୍ୱରେ ଫତେ ହନୁମାନ ଓ ରାଧାକୃଷ୍ଣ ଅଛନ୍ତି। ୧୭୬ ନମ୍ବର ପ୍ଲଟରେ ରାଧା ବଲ୍ଲଭ ଠାକୁର ଅଛନ୍ତି। ଶ୍ରୀମନ୍ଦିରର ୨୭୯ ପ୍ଲଟରେ ବର୍ଦ୍ଧମାନ ରାଧାକୃଷ୍ଣ ମନ୍ଦିରରେ ରାଧା ପୂଜା ପାଉଛନ୍ତି। ଶ୍ରୀମନ୍ଦିରରେ ଠାକୁର ରାଧା ଦାମୋଦର ବେଶ ହୁଅନ୍ତି। ଏହିବେଶ ଦଶହରା ଏକାଦଶୀ ଠାରୁ ଦେଉଥିବା ରାଧା – ଦାମୋଦର ବେଶ ଶୁକ୍ଳ ଦଶମୀ ଯାଏ ଚାଲି ଥାଏ। ପ୍ରତିଦିନ ରାଧାକୃଷ୍ଣ ପ୍ରୀତିପ୍ରଣୟର ଇତିକଥା ବର୍ଣ୍ଣିତ ଜୟଦେବ କୃତ ଗୀତ ଗୋବିନ୍ଦ ଶ୍ରୀଜଗନ୍ନାଥ ପ୍ରୀତ୍ୟାର୍ଥେ ଗାୟନ କରାଯାଏ। ଯେଉଁଠି ଶ୍ରୀଜଗନ୍ନାଥ ସେଇଠି ରାସେଶ୍ୱରୀ ରାଧା ପ୍ରତୀୟମାନ ହୁଅନ୍ତି।

*ସଂପାଦକ – "ପୁରାଣ ପତ୍ରିକା", ନିଆଳୀ,*
*ଜି- କଟକ, ପିନ୍ ୭୫୪୦୦୪*
*ଦୂରଭାଷ: ୯୯୩୭୮୪୦୩୮୭*

କଥା ଓ କାହାଣୀ

# ଜନ୍ମରାତି

ନୃସିଂହ ବେହେରା

ଭାବିଥିଲି ଭାବନା ରାଜ୍ୟରେ ବୁଲି ବୁଲି ରାଣୀ ମା ଆମର ପରୀରାଇଜକୁ ଚାଲି ଗଲେ ନା କଣ ? ଦେଖିଲା ବେଳକୁ ଏଇଠି ବିରାଜମାନ । ମୁଁ ତେଣେ କେତେ ଖୋଜିଲିଣି । ପଛରୁ ଏତକ ଶୁଣିବା ପରେ ମଧ୍ୟ ଅବିଚଳ ଥାଏ ଶିବାନୀ । ଫୁଲ ଭରା କୃଷ୍ଣଚୂଡ଼ା ଗଛକୁ ସେମିତି ଚାହିଁ ରହିଥାଏ । ଜାଣି ପାରିଲା ବଡ଼ ଭାଉଜ ତା ପାଖକୁ ଆସୁଛନ୍ତି । କେବଳ ସେ ହିଁ ତାକୁ ଥଟ୍ଟା ମଜାରେ ବେଳେବେଳେ ରାଣୀ ମା ବୋଲି ସମ୍ବୋଧନ କରନ୍ତି । ସାନ ଭାଉଜ ଏକ ଭିନ୍ନ ମଣିଷ । ସବୁବେଳେ ଚୁପ୍ ଚାପ୍ । ଦରକାର ଠାରୁ ଟିକିଏ ବି ଅଧିକ କହନ୍ତି ନାହିଁ । ଚାବିଦିଆ କଣ୍ଢେଇଟିଏ ପରି କାମ ସବୁ କରି ଯାଆନ୍ତି । ବଡ଼ ଭାଉଜ ମା' ପରି ପ୍ରତ୍ୟୋକ କଥା ବୁଝନ୍ତି ଓ ବୁଝି ଆସିଛନ୍ତି । ତାଙ୍କର ମମତା ମା' ନ ଥିବାର ଦୁଃଖକୁ ଦୂରେଇ ଦେଇଛି । ପୂର୍ବ ପରି ସ୍ୱଚ୍ଛଳ ଚଳଣୀକୁ ଫେରେଇ ଦେଇଛି । ଏହା ଭିତରେ ମା'ର ସାତଟି ଶ୍ରାଦ୍ଧ ସରିଲାଣି । ଏଇ ବାଡ଼ିରେ ସେ ଶାଗ ତୋଳୁଥିଲା । ଗୋଡ଼ରେ କଣ ଗୋଟିଏ ଫୁଟି ଯିବା ପରି ଅନୁଭବ କଲା। ତାକୁ ସେ ଖାତିର ନ କରି କାମ ସାରି ଘରେ ଯାଇ କହିଲା ।

ଶୁଣି ନ ଶୁଣିବା ପରି ଆଇନା ଆଗରେ ବସି ସେ ସଜ ହେଉଥାଏ। ବିରକ୍ତ ହୋଇ ମା' କହିଲା, କଲେଜ ଯିବା ପାଇଁ ବାଧିଲା ପାଠ ଛାଡ଼ି ଘରେ ରହିଲୁ । ଘର କାମ ବି ଶିଖିଲୁ ନାହିଁ । କେଉଁଠି ଯାଇ ନାଁ ପକେଇବୁ ? ଏତିକି ବେଳେ ବଡ଼ ଭାଉଜ ଆସି ମା'ର ଗୋଡ଼ ଦେଖୁ ଦେଖୁ ସେ ତଳେ ବସି ପଡ଼ିଲା । କହିଲା ମୋର ଦେହ କଣ ହେଇ ଯାଉଛି,ବାପା ଆସି ଦେଖିଲେ । ସାପ କାମୁଡ଼ି ଥିବାର ଭାବି ସେ ଘନ ଦାସ ଗୁଣିଆକୁ ଡାକି ଆଣିଲେ । ଝଡ଼ା ଫୁଙ୍କା ସାରି ସେ କହିଗଲା,କିଛି ଚିନ୍ତା ନାହିଁ । ମୋର ଗଦ ପଦ ପାଖରେ ଏଇ ସାପର ବିଷ ସାମାନ୍ୟ ମାତ୍ର । କିନ୍ତୁ ମା' ଅଧିକ ଅସୁସ୍ଥ ହୋଇ ପଡ଼ିଲା । ଖବର ପାଇ ବଡ଼ ଭାଇ ଆସି ହସ୍ପିଟାଲ୍ ନେଇଗଲେ । ସେଠାରେ ପହଞ୍ଚିଲା ବେଳକୁ ତାର ଦେହ ସମ୍ପୂର୍ଣ୍ଣ ନିସ୍ତେଜ ହୋଇ ଯାଇଥିଲା । ଡାକ୍ତର ମା'କୁ ମୃତ ଘୋଷଣା କରି ଫେରେଇ ଦେଲେ । ମା'ର ଅଭାବରେ ଶିବାନୀର ଅଧୀରତା ଅଧିକ କାଳ ରହିଲା ନାହିଁ । ତା ଆଖିରୁ ବୋହି ଚାଲିଥିବା ଲୁହ ପୋଛି ବଡ଼ ଭାଉଜ ଅନେକ ବୁଝାଇ ଥିଲେ ।

ତାଙ୍କ ହାତର ସ୍ପର୍ଶରେ ଅପସରି ଗଲା ଅତୀତର ଭାବନା । ପଛରୁ କାନ୍ଧକୁ ଟିକେ ହଲେଇ ଦେଇ ସେ କହିଲେ, ତମ ପାଇଁ ଏକ ଶୁଭ ଖବର ଆଣିଛି । ଭାଉଜଙ୍କ କଥାରେ ଶିବାନୀକୁ ହସ ଲାଗିଲେ ବି ସେ ହସି ପାରିଲା ନାହିଁ । ତାର ପୁଣି ଶୁଭ କଣ ? ଇତି ମଧ୍ୟରେ ଭାଉଜ ଫଟୋଟିଏ ଧରେଇ ଦେଇ କହିଲେ,ଦେଖିଲ କେମିତି ଲାଗୁଛି ? ଅନିଚ୍ଛା ଭାବ ନେଇ ସେ ଫଟୋଟିକୁ ନେଲା । ଦେଖୁ ଦେଖୁ ତାର ଆଖି ସେଥିରେ ଲାଖିଗଲା । ଫଟୋରେ ଦେଖିଲା ଜଣେ ସୁସ୍ଥ ଶବଳ ତଥା ସୁଠାମ ଯୁବକ । ସାଧାରଣ ବେଶ ପୋଷାକ । ଆଖିରେ ନିହାତି ନୀରିହ ଭାବ ଏବଂ ଓଠରେ ସ୍ମିତ ହସ ଭାରି ମନଛୁଆଁ ଲାଗିଲା । ସେ ତନ୍ମୟ ହୋଇ ଫଟୋଟିକୁ ଚାହିଁ ରହିଥାଏ । ବାସ୍ତବିକ୍ ଯେମିତି ତାର ମନ ଲାଖି ମଣିଷ ଟିଏ । କଣ ଆଖି ଲାଖିଗଲା ? ପରିହାସ କଲେ ଭାଉଜ । ଟିକେ ଲାଜେଇ ଗଲା ଶିବାନୀ । ତମ ଭାଇ ଆଜି ଯାହାକୁ ଦେଖିବାକୁ ଯାଇଥିଲେ ଏଇଟା ତାଙ୍କର ଫଟୋ । ପିଲାଟି ରୂପରେ ଯେମିତି ଗୁଣରେ ସେମିତି । ସେ କୁଆଡ଼େ ଭାରି ଯୋଗାଡ଼ିଆ । ପୁଣି ଗୋଟିଏ ବୋଲି ପୁଅ । ଘରେ ବାପ ପୁଅ ମାତ୍ର ଦୁଇ ଜଣ । କଣ ତମ ମନକୁ ଯାଉଛି ? ତମେ ହଁ କହିଲେ ଜୁଲାଇ ପ୍ରଥମ ସପ୍ତାହରେ ବାହାଘର ହେବ ।

ଶିବାନୀ ନିରୁତର ରହିଲା । କିନ୍ତୁ ତାର ଭାବଭଙ୍ଗୀ ସମ୍ମତିର ସୂଚନା ଦେଲା । ଭାଉଜଙ୍କର ବୁଝିବା ପାଇଁ କିଛି ଅସୁବିଧା ହେଲା ନାହିଁ । ତଥାପି ତାର ମୁହଁର କଥା ଶୁଣିବା ପାଇଁ ବାରମ୍ବାର ପ୍ରଶ୍ନ କଲେ ଭାଉଜ। ତମେ ମାନେ ଯାହା ଭଲ ଭାବି କରୁଛ, ମୁଁ କାହିଁକି ସେଥିରେ ଅବାଧ ହେବି ? ଏଇ କେଇ ପଦ କଥାରେ ଭାଉଜଙ୍କ ମୁହଁରେ ଖୁସିର ଆଭାସ ଝଲସି ଉଠିଲା । ସେ ତାର ହାତ ଧରି କହିଲେ,ଘରକୁ ଚାଲ ଆହୁରି ।ନେକ କଥା ଅଛି । ତମେ ଚାଲ, ମୁଁ ପବନରେ ବସିଛି। ଟିକେ ପରେ ଯିବି । ଶିବାନୀର କଥାରେ ଆଉ କିଛି ମିଶାଇ ଭାଉଜ ଚାଲିଗଲେ । ଯାଉ ଯାଉ ଯେଉଁ ଅତୀତର ଆଭାସ ଦେଇଗଲେ ସେଇ ପରିସରକୁ ଫେରିଗଲା ଶିବାନୀ ।

ପ୍ରାୟ ତିନି ବର୍ଷ ତଳର କଥା । ଠିକ୍ ଏଇ ସମୟରେ ତାର ବାହାଘର ସୁଶାନ୍ତ ସହ ହୋଇଥିଲା । ସୁଶାନ୍ତ ଥିଲା ବାସ୍ତବିକ୍ ଜଣେ

ଶାନ୍ତ ସରଳ ମଣିଷ । ଉଚ୍ଚ ଶିକ୍ଷିତ,ବ୍ୟବହାର ମଧ୍ୟ ନିଖୁଣ । ମୋଟାମୋଟି ଜଣେ ଭଲ ଲୋକ । କିନ୍ତୁ ଭଲ ଲାଗି ନଥିଲା ଶିବାନୀକୁ । ସୁଶାନ୍ତର ରୂପ ତାର ମନକୁ ପାଇଲା ନାହିଁ । ବିବାହ ବେଦୀରେ ହାତରେ ହାତ ରଖି ଏକାଠି ରହିବାର ଶପଥ ନେଇଥିଲେ ମଧ୍ୟ ତାହା ସେ ରଖି ପାରିଲା ନାହିଁ । ପାଖରେ ରହି ମଧ୍ୟ ଅନେକ ଦୂରତାର ଅବଲମ୍ବନକୁ ଆଦରି ନେଲା । ତା ମୁହଁରୁ ହସ ଉଭେଇ ଗଲା । ସାନ ଭାଉଜଙ୍କ ପରି ସେ ସେଠାରେ ସମୟ କାଟିଲା । ଘରର ଅନ୍ୟ ମାନଙ୍କର ତା ପ୍ରତି ସ୍ନେହ ଶ୍ରଦ୍ଧା କମ୍ ନ ଥିଲା । କିନ୍ତୁ ତା ଭିତରେ ନ ଥିଲା ଆତ୍ମୀୟତାର ବନ୍ଧନ। ସାନ ଭାଇ ଯେତେବେଳେ ତା ଘରକୁ ଗଲେ ତାକୁ ଅନେକ ପ୍ରଶ୍ନ କଲେ। ସେ କିଛି ଉତର ନ ଦେଇ ମୁହଁ ଶୁଖେଇ ରହିଲା, ଘରକୁ ଫେରି ସେ ନିଶ୍ଚୟ ସମସ୍ତଙ୍କୁ ସେଇ ସୂଚନା ଦେଇଥିବ ।

କିଛି ଦିନ ପରେ ବଡ଼ ଭାଇ ମଧ୍ୟ ଆସିଲେ । ଆଦର କରି ଦୁଃଖର କାରଣ ଆଦାୟ କରିବାକୁ ଚାହିଁଲେ । କିନ୍ତୁ ବିଫଳ ହୋଇ ଫେରିଲେ । ପରେ ପରେ ଘରକୁ ଫେରିଲା ଶିବାନୀ । ଆଉ ଶ୍ୱଶୁର ଘରକୁ ଫେରିବାର ନା ଧରିଲା ନାହିଁ । ନ ଫେରିବାର କାରଣ ପଚାରିଲେ ଖାଲି କାନ୍ଦିଲା ଆଉ କାନ୍ଦିଲା । ଆଶଙ୍କା ଭିତରେ ଥାଇ ବଡ଼ ଭାଉଜ ଅନେକ ଉପଦେଶ ଦେଲେ । ଏଥର ମୁହଁ ଖୋଲିଲା ଶିବାନୀ । କହିଲା ମତେ ଯଦି ସେଠାକୁ ଯିବା ପାଇଁ କହିବ, ବୈତରଣୀ ନଦୀକୁ ଡେଇଁ ପଡ଼ିବି । ବରଂ କୁମ୍ଭୀରଙ୍କ ଆହାର ହେବି,କିନ୍ତୁ ସେହି ଶ୍ୱଶୁର ଗରକୁ ଯିବି ନାହିଁ । ତାର ଏହି କଥାରେ ସମସ୍ତେ ସ୍ତବ୍ଧ ହେଇଗଲେ । ନିରୁପାୟ ହୋଇ ଶେଷରେ ସୁଶାନ୍ତଙ୍କ ବାପାଙ୍କୁ ଜଣେଇଲେ । ସେମାନେ ବହୁତ ଭଦ୍ର ଥିଲେ । ଶ୍ୱଶୁର ନିଜେ ଆସି ତାକୁ ବହୁତ ବୁଝାସୁଝା କଲେ । କିନ୍ତୁ ବିଫଳ ହୋଇ ଫେରିଗଲେ ।

ଶେଷରେ ସେମାନେ ଘରୁ ଯାଇଥିବା ସମସ୍ତ ଜିନିଷ ଫେରେଇ ଦେଲେ । ଶିବାନୀକୁ କିଛି ଗାଁ ଲୋକ ଟାହି ଟାପରା କଲେ । ସେଥିରେ ତାର କିଛି ଫରକ ପଡ଼ିଲା ନାହିଁ । କିନ୍ତୁ ବାପାଙ୍କୁ ଘଟଣାଟା ଭିତରେ ଭିତରେ ଖୁବ୍ ଦୁଃଖ ଦେଉଥିଲା ନିଶ୍ଚୟ । ତାଙ୍କର କାର୍ଯ୍ୟକଳାପ ପୂର୍ବ ପରି ନ ଥିଲା । ସେ ଆଉ ପୂଜା ପାଠରେ ମନ ଦେଲେ ନାହିଁ । ଦିନେ ଜଣେ ଯଜମାନଙ୍କ ଘରୁ ଫେରୁ ଫେରୁ ବାଟରେ ତାଙ୍କୁ ଷ୍ଟ୍ରୋକ୍ ହେଲା । ସେଇଠାରେ ତାଙ୍କ ଶେଷ ନିଶ୍ୱାସ ଚାଲିଗଲା । ଯଥା ରୀତିରେ ତାଙ୍କର କ୍ରିୟାକର୍ମ ସରିଲା । ସରିଲା ନାହିଁ ତାଙ୍କ ବୋୟୋଗର ଅଭାବବୋଧରେ ଆଖିର ଲୁହଧାରା । ସେଇ ବଡ଼ ଭାଉଜଙ୍କର ଆଶ୍ୱାସନା କ୍ରମଶଃ ଦୁଃଖର ବୋଝକୁ ହାଲୁକା କରି ଦେଲା । ହେଲେ ସହଜରେ କ୍ଷତିର ଭରଣା ହେଲା ନାହିଁ ।

ବାପା ପୂଜା ପାଠ କରି ଯାହା ଆୟ କରୁଥିଲେ ସେଥିରେ ଭଲରେ ଘର ଚଳୁ ଥିଲା । ସାନ ଭାଇ ସବୁବେଳେ କହେ ତା ବେପାରରୁ ସେମିତି କିଛି ଲାଭ ହେଉ ନାହିଁ । ବଡ଼ ଭାଇ ତ ଗୋଟିଏ ଘରୋଇ ଅନୁଷ୍ଠାନରେ ସୀମିତ ଦରମାରେ କାମ କରନ୍ତି । ତଥାପି ଭାଉଜଙ୍କର ପରାମର୍ଶରେ ତାର ଦ୍ୱିତୀୟ ବାହାଘର ପାଇଁ ପାତ୍ର

ଖୋଜା ଚାଲିଲା । ଖୋଜି ଖୋଜି ନୟାନ୍ତ ହେଲେଣି ଭାଇ । ଆଜି ଜଣେ ମଧ୍ୟସ୍ତି ମାଧ୍ୟମରେ ଚାନ୍ଦବାଲିକୁ ଯାଇଥିଲେ । ଏଇ ଫଟୋ ନେଇ ଫେରିଛନ୍ତି । ଏତିକି ବେଳେ ଚଡ଼ ଚଡ଼ି ଟାଏ ଚମକାଇ ଦେଲା । ସେ ଚାହିଁଲା ଆକାଶର କଳା ହାଣ୍ଡିଆ ମେଘ ମୁହଁ ସଞ୍ଜକୁ ଆହୁରି କଳା କରି ଦେଲାଣି । ତରତରରେ ସେ ଘର ଭିତରକୁ ଚାଲି ଆସିଲା ।

ଘରେ ସେ ଏକ ଭିନ୍ନ ଭାବ ଅନୁଭବ କଲା । ଇପ୍ସିତ ବସ୍ତୁ ପାଇବା ପରି ଖୁସିରେ ସମସ୍ତଙ୍କ ମୁହଁ ଝଲସୁଛି । ଦୁଇ ଭାଇ ମଧ୍ୟସ୍ତି ଓ ଭାଉଜ ମିଶି ଆଲୋଚନା କରୁଥାନ୍ତି । ତାଙ୍କର କଥା ସବୁ ଶିବାନୀର କାନରେ ପଡ଼ିଲା । ଯାହାର ସାରାଂସ ହେଲା, ଦେଖା ଯାଇଥିବା ପାତ୍ରଟି ଖୁବ୍ ଭଲ। ବାପା ତାର ପୂଜା ପାଠ କରନ୍ତି । ପୁଅ ଅନ୍ୟ କଣ ଗୋଟେ ବ୍ୟବସାୟ କରେ । ନାଁ ତାର ରାଜେଶ୍ ମିଶ୍ର । ବେଶ୍ ଉଚ୍ଚମନା ଓ ସଂସ୍କାରି । ବାହା ହୋଇଥିବା ଓ ସ୍ୱାମୀ ଛାଡ଼ି ।ସି ବାପ ଘରେ ରହି ଥିବା ପାତ୍ରୀକୁ ଗ୍ରହଣ କରିବାରେ କୌଣସି ଦ୍ୱିଧା ନାହିଁ । ଏ ସବୁ ଶୁଣି ନିଜର ସ୍ୱପ୍ନ ସାକାର ହୋଇଛି ବୋଲି ଭାବିଲା ଶିବାନୀ । ଖୁସିରେ ପକ୍ଷୀରାଜ ଚଢି କଳ୍ପନା ରାଜ୍ୟରେ ବୁଲିବାକୁ ଲାଗିଲା । ଭାବନାର କାହାଣୀ ସରେଇଲା ନିର୍ଦ୍ଦିଷ୍ଟ ଦିନ ଯେଉଁ ଦିନ ବିଶ୍ୱେଶ୍ୱର ମନ୍ଦିରରେ ତାର ବାହାଘର ହେଲା ।

ଦୁଃଖର ଆବରଣ ଦେଖେଇ ଘର ଲୋକଙ୍କଠୁ ବିଦାୟ ନେଲା ଶିବାନୀ । ନୂଆ ଜାଗାରେ ତାର କିଛି ଅସୁବିଧା ହେଲା ନାହିଁ । କାରଣ ଆଗରୁ ସେ ବଡ଼ ପରିବାର ଭିତରେ ବର୍ଷଟିଏ ବିତେଇଛି । ବୋହୁ ଭାବରେ ପରିବାରର ପାରମ୍ପରିକ ପରମ୍ପରା ଜାଣିଛି । ସେହି ଅଭିଜ୍ଞତା ପାଇଁ ଦିନ ସବୁ ତାର ଭଲରେ ସରିଲା । ଭଲ ନ ହେବ କେମିତି ? କଥାରେ ଅଛି ମନ ମାନିଥିଲେ ଗାଡ଼ିଆ ବି ଗଙ୍ଗା । ଏବେ ସେ ଯାହାର ହାତ ଧରିଛି ଠିକ୍ ସେ ତାର ମନଲାଖି । ଆଉ ସେ ଶୁସାନ୍ତ ଥିଲା ଆଲକାତରା ଭଳି କଳା କିଟି ମିଟି । ମୁହଁର ଗଢଣକୁ ଚାହିଁ ହେଉ ନଥିଲା । ସେଥିପାଇଁ ତାକୁ ସେ କେବେ ଛୁଇଁ ନାହିଁ । ଧନ ଆଉ ଜ୍ଞାନ ଥିଲେ କଣ ହେବ ? ଆଖିକୁ ନ ରୁଚିଲେ କେହି କଣ ମନକୁ ଛୁଇଁ ପାରେ ?

ତାର ଏମିତି ଭାବନାକୁ ହଠାତ୍ ଅଟକେଇ ଦେଲା କାହାର ପାଦ ଶବ୍ଦ । ମନ ମାରି ବସିବାର କାରଣ କଣ ? ହଁ ଏକୁଟିଆ ରହିଲେ କେତେ କଥା ଅବଶ୍ୟ ମନକୁ ଆସେ । ମୁଁ କଣ କରିବି ? କାମଧନ୍ଦା ତ କରିବାକୁ ହେବ । ଏତକ କହି ପାଖେଇ ଆସି ରାଜେଶ ଦୁଇ ପାପୁଲିରେ ଶିବାନୀର ମୁହଁକୁ ଧରି ନିଜ ଆଡ଼କୁ ଆଉଜେଇ ନେଲେ । ଅନୁରାଗର ରଙ୍ଗରେ ଉଭୟ ଭିଜିଗଲେ । ହଜିଗଲା ଅତୀତର ଉଦାସ୍ ଶିବାନୀ । ଫେରି ଆସିଲା ଅନେକ ଦିନରୁ ହଜି ଯାଇଥିବା ଯେତେ ସବୁ ସଜବାଜ। ପାଖେ ପାଖେ ନସର ପସର ହେଲା ନାହିଁ ନ ଥିବା ସୁଖ ।

ଦିନେ ହସି ହସି ରାଜେଶଙ୍କୁ କହିଲା ଶିବାନୀ,ତମେ ନଥିଲା ବେଳେ ମତେ ଆଉ ଏକୁଟିଆ ବସି ବସି ଭାବିବାକୁ ହେବନି । ଆମ ଭିତରକୁ ନୂଆ ହୋଇ ଆଉ ଜଣେ ଆସି ଯିବ । ଶିବାନୀ କଥାରେ କିଛି ନ ବୁଝିବା ଢଙ୍ଗରେ ଚାହିଁଲେ ରାଜେଶ । କଣ ଏତିକି ବୁଝି ପାରୁନ ? ତମେ ବାପା ହେବାକୁ ଯାଉଛ । ତଥାପି ଅବିଚଳ ରହିଥାଏ ରାଜେଶ ।

କଣ ତମେ ଖୁସି ନୁହଁ ? ନା ସେ କଥା ନୁହଁ । ଭାବୁଛି ମୋର ତ ମା ନାହିଁ । ପାଖ ପଡ଼ିଶାରେ ସାହାଯ୍ୟ କରିବାକୁ ସେମିତି କେହି ସ୍ତ୍ରୀ ଲୋକ ନାହାନ୍ତି । ରାଜେଶ ମୁହଁରୁ କଥା ନ ସରୁଣୁ ଶିବନୀ କହିଲା, ମୁଁ ତାର ବ୍ୟବସ୍ଥା କରିଛି । ଭାଉଜଙ୍କୁ କହିଛି । ସେ କହିଛନ୍ତି ବାପାଙ୍କ ସହ ଭାଇ କଥା ହୋଇ ମୋତେ ନେଇ ଯିବେ । ଆମ ଘରେ ଭାଇ ଭାଉଜ ସମସ୍ତେ ଅଛନ୍ତି । କିଛି ଅସୁବିଧା ହେବ ନାହିଁ । କିମ୍ବା ତମର ଟେନସେନ୍ ରହିବ ନାହିଁ । ଏତିକି ବେଳେ ତାର ମୋବାଇଲକୁ କଲ୍ ଆସିଲା । ବଡ଼ ଭାଉଜଙ୍କ ନାଁ ଦେଖି ରାଜେଶଙ୍କୁ ଧରେଇ ଦେଲା ଶିବାନୀ । କିଛି କଥା ହେବା ପରେ ତ ନେଇ ତାଙ୍କ ବାପାଙ୍କୁ ଦେଲେ ।

ଯୋଜନା ଅନୁଯାୟୀ ନିଜ ଘରକୁ ଆସିଲା ଶିବାନୀ । ତାର ଝିଅଟିଏ ହେଲା । ବେଶି ଆଡ଼ମ୍ବର ନ ହେଲେ ବି ବିଧି ବିଧାନ ପାଳନରେ କିଛି ବ୍ୟତିକ୍ରମ ହେଲା ନାହିଁ । ବ୍ୟତିକ୍ରମ ହେଲା ଗୋଟିଏ । ରାଜେଶ କିମ୍ବା ତାର ବାପା କେହି ଆସିଲେ ନାହିଁ । ଅନେକ ଥର ଫୋନ୍ କରିବା ପରେ ରାଜେଶ କହିଲେ ଆମେ ଘର ଓ ଜାଗା ବିକି ଦେଇଛୁ । ମଙ୍ଗଳପୁରରେ ଘର କରୁଛୁ । ଏଠାକାର ପରିବେଶ ବହୁତ ଭଲ । ଘର କାମରେ ସବୁବେଳେ ବ୍ୟସ୍ତ ରହିବାକୁ ପଡୁଛି । ତେଣୁ ଯାଇ ହେଉ ନାହିଁ । ପରନ୍ତୁ ଶିବାନୀକୁ ବେଳେବେଳେ ବିରକ୍ତ ଲାଗେ । ସେ ମୋବାଇଲ୍ ମାଧ୍ୟମରେ ଅଭିଯୋଗ ବଖାଣେ । ରାଜେଶଙ୍କ ଶାନ୍ତ୍ୱନା ପୁଣି ତାକୁ ସ୍ୱଭାବିକ୍ କରି ଦିଏ ।

ଏମିତିରେ ଦେଢ ବର୍ଷ ସରିଗଲା । ଦିନେ ବଡ଼ ଭାଇ ତାଙ୍କର ଗୋଟିଏ ମିଟିଂକୁ ଯାଇଥିଲେ । ଫେରିବା ବାଟରେ ରାଜେଶଙ୍କର ନୂଆ ଘରକୁ ଦେଖିବାକୁ ମନସ୍ଥ କରି ସେଠାରେ ଯାଇ ପହଂଚିଲେ । ଦେଖିଲେ ଘରଟି ଛୋଟ ହେଲେ ବି ମନ୍ଦ ନୁହେଁ। ରାଜେଶର ବାପା ଘର ବାହାରେ କଣ ଗୋଟିଏ କରୁଥିଲେ । ତାଙ୍କ ଠାରୁ ଜାଣିଲେ ରାଜେଶ ଘରେ ନାହିଁ। ଘରେ ଆଉ କିଏ ଥିବାର ଅନୁଭବ କଲେ ସେ । ଭିତରେ ଯାଇ ଦେଖିଲେ ଶିବାନୀ ଠାରୁ ଆହୁରି ସୁନ୍ଦରୀ ତରୁଣୀଟିଏ । ବୟସ ତାର ଶିବାନୀ ଠାରୁ ବର୍ଷେ କି ଦୁଇ ବର୍ଷ କମ ହୋଇ ପାରେ । ସେ ଆଶ୍ଚର୍ଯ୍ୟ ହୋଇ ତାର ପରିଚୟ ପଚାରିଲେ । ରାଜେଶଙ୍କ ବାପା କହିଲେ ସେ ଜଣେ ସମ୍ପର୍କୀୟ । ତାପରେ ଆଉ କେତେକ ପ୍ରଶ୍ନର ଉତର ଭିତରେ କୌଣସି ତାଳମେଳ ରହିଲା ନାହିଁ ।

ଅନେକ ଭାବନାରେ ଏକ ଓଜନିଆ ମନ ନେଇ ସେ ଫେରିଲେ । ଘରେ ପହଂଚି ସବୁ କଥା ଜଣାଇଲେ । ସମସ୍ତଙ୍କୁ ଏକ ସନ୍ଦେହର କୁହୁଡ଼ି ଘେରିଗଲା । ଅନେକ ଥର ଫୋନ୍ କରିବାରୁ ରାଜେଶ ରିସିଭ୍ କଲେ । ସାନ ଭାଇ କହିଲା ଆସନ୍ତା ରବିବାର ମୁଁ ତୁମ ଗରକୁ ଯିବି । ନୂଆ ଘର କେମିତିକା ହୋଇଛି ଦେଖିବି । ପରେ ସମୟ ସୁବିଧା ଦେଖି ଶିବାନୀ ଯିବ । କଥା ଅନୁଯାୟୀ ନିର୍ଦ୍ଧିଷ୍ଟ ଦିନ ସାନ ଭାଇ ତାର ଜଣେ ସାଙ୍ଗ ସହ ମଙ୍ଗଳପୁର ଗଲେ । ସେଠାରେ ପହଂଚି ଦେଖିଲେ ରାଜେଶଙ୍କ ଘରେ ତାଲା ପଡ଼ିଛି । ଆଖ ପାଖରେ କେହି ଦେଖା ଗଲେ ନାହିଁ । ଅଳ୍ପ ଦୂରରେ ଥିବା ଜଣେ ପଡ଼ୋଶୀଙ୍କ ଘରକୁ ଯାଇ

ରାଜେଶଙ୍କର ଖବର ପଚାରି ବୁଝିଲେ । ସେମାନେ କହିଲେ ଆମେ ତାଙ୍କ ବିଷୟରେ ବିଶେଷ କିଛି ଜାଣି ନାହୁଁ । ସେମାନେ ନୂଆ ଆସିଛନ୍ତି। ଏଠି କାହା ସହ ମଧ୍ୟ ମିଶନ୍ତି ନାହିଁ । ନିରାଶ ହୋଇ ସାନ ଭାଇ ଫେରିଲେ ସିନା ସତ୍ୟ ଅନୁସନ୍ଧାନରେ ଲାଗିଗଲେ । ଜାଣିଲେ ରାଜେଶ ଆଉ ଗୋଟିଏ ବିଧବା ଝିଅକୁ ବାହା ହୋଇଛି,ଯାର ନାମ ନିରୁପମା ସେଠୀ । ମଙ୍ଗଳପୁର ଠାରୁ ଦୁଇ ତିନି କିଲୋମିଟର ଦୂରରେ ତାର ଘର । ଶୁଣା କଥାରେ ଭାସି ନ ଯାଇ କିଛି ନ ଜଣେଇ ସାଙ୍ଗ ମାନଙ୍କ ସହ ସେ ପୁଣି ଯାଇ ରାଜେଶଙ୍କ ଘରେ ପହଂଚିଲେ । ସେ ଜାଣିଲେ ଶୁଣି ଥିବା କଥା ଆଦୌ ମିଛ ନୁହେଁ । ରାଜେଶ କିଛି କାମର ବାହାନା କରି ଘରୁ ଚାଲିଗଲେ। ତା ବାପାଙ୍କ ସହିତ କଥାବାର୍ତାରୁ ଯୁକ୍ତି ତର୍କ ବଢିଲା । ସ୍ଥାନୀୟ ସରପଂଚଙ୍କୁ ମଧ୍ୟ ସଂପୃକ୍ତ କଲେ ସାନ ଭାଇ । ଆଲୋଚନାରୁ ସେମିତି କିଛି ସୁଫଳ ମିଳିଲା ନାହିଁ । ରାଗ ତମ ତମ ହୋଇ ସେ ଘରକୁ ଫେରିଲେ ।

ତାଙ୍କ କଥା ଶୁଣି ଶିବାନୀ ସ୍ଥାଣୁ ପାଲଟି ଗଲା । ତା ପାଟିରୁ କଥା ହଜିଗଲା । ତାକୁ ଲାଗିଲା ଯେମିତି ଅନେକ ଉଚ୍ଚରୁ ସେ ଖସି ପଡୁଛି । କେଉଁଠୁ କିଛି ସାହା ପାଉ ନାହିଁ । ଚାରି ପାଖରେ ଖାଲି ଅମାପ ଶୂନ୍ୟତା। ମୁଣ୍ଡ ଭିତରେ ତାର କୋଟିଏ କଙ୍କଡ଼ା ବିଛାର ଦଂଶନ ଜ୍ୱାଳାରେ ସେ ଅତିଷ୍ଠ ହୋଇଗଲା । ନିଜକୁ ଆୟତରେ ନ ରଖି ସେ ତଳେ ପଡ଼ିଗଲା। କିଛି ସମୟ ପରେ ଚେତା ଫେରିବାରୁ ଦେଖିଲା , ସାନ ଭାଇ ତା ପାଖରେ ବସିଛନ୍ତି । ତାର ମୁଣ୍ଡ ଆଉଁସି ସେ କହିଲେ , ତୁ ଏମିତି ବ୍ୟସ୍ତ ହେଉଛୁ କାହିଁକି ? ଆମେ ସେ ଟୋକିକୁ ସେଠାରୁ ନିଶ୍ଚୟ ବିଦା କରିବୁ। କଥାରେ ସିନା କହିଦେଲେ, ହେଲେ କାମରେ ସମ୍ଭବ ହେଲା ନାହିଁ । ରାଜେଶର ବାପାଙ୍କୁ ନେଇ ଅନେକ ବୈଠକ ହେଲା । କିଛି ନିଷ୍ପତି ହେବା ତ ଦୂରର କଥା ଦିନକୁ ଦିନ ପରିସ୍ଥିତି ଅଧିକ ଜଟିଳ ହେଲା । ବଡ଼ ଭାଉଜ କହିଲେ, ତମେ ମାନେ ପାରୁନ ମତେ ଛାଡ଼ି ଦିଅ । ମୁଁ ସେ ବାପ ପୁଅଙ୍କୁ ପାନେ ଚଖେଇ ଦେବି । ଏତେ ମନସ୍ତାପ ଭିତରେ ମଧ୍ୟ ତାଙ୍କ କଥାରେ ସମସ୍ତଙ୍କ ମୁହଁରେ ହସ ଫୁଟି ଉଠିଲା । ବଡ଼ ଭାଇ କହିଲେ, କଥା ଯାଇ ଥାନାରେ ପହଂଚିଲାଣି । ତମକୁ ଥଟ୍ଟା ଲାଗିଛି । କେତେ କେତେ ଭଦ୍ର ଲୋକଙ୍କର ଚେଷ୍ଟା ଫସର ଫାଟିଲାଣି । ସେଇଠି ତମକୁ ପଚାରେ କିଏ ? ଏତକ କହି ଦୁଇ ଭାଇ ଥାନାକୁ ବାହାରି ଗଲେ। ରାଜେଶଙ୍କର ବାପା ଟିକେ ଡେରିରେ ପହଂଚିଲେ । ବିଳମ୍ବ ପାଇଁ ଥାନା ଅଧିକାରୀ ପ୍ରଥମେ ତାଙ୍କ ଉପରେ ବିରକ୍ତ ପ୍ରକାଶ କଲେ । ମାତ୍ର ପରେ ବୁଝାସୁଝା କଲେ । ଆପୋଶ ସମାଧାନ ପାଇଁ ପରାମର୍ଶ ଦେଲେ । ତାଙ୍ଗରା ପାହାଡ଼ ଉପରେ ଯେତେ ବର୍ଷା ହେଲେ ଯେମିତି ଭିତରକୁ ଭେଦେ ନାହିଁ ସେମିତି ତାଙ୍କର କିଛି ବଦଳିଲା ନାହିଁ । ଏଣୁ ତେଣୁ ଯୁକ୍ତି ଓ କଥା କଟାକଟିରେ ଅନେକ ସମୟ ଗଲା । ଶେଷରେ ସେ କହିଲେ ମୁଁ ମୋର ବୋହୂକୁ ନେବାକୁ କଣ ମନା କରୁଛି ? ତମ ଘରୁ ସେ ଜଣକ ନ ଗଲେ ଶିବାନୀ ଯିବ କେମିତି ? ସଙ୍ଗେ ସଙ୍ଗେ ଉତର ଦେଲେ ସାନ ଭାଇ । ପ୍ରତିପକ୍ଷଙ୍କର ଯୁକ୍ତି ବଢିଲା । କେହି କିଛି ଚୁକ୍ତି ମାନିଲେ ନାହିଁ । ବିଫଳତାର ବୋଝ ଧରି ଦୁଇ ଭାଇ ଏମିତି ଚାରି ପାଂଚ ଥର ଥାନାରୁ ଫେରିଲେ ।

ପ୍ରାୟ ବର୍ଷଟିଏ ପରେ ଅଡୁଆ ମେଂଟିଲା । ଶେଷ ନିଷ୍ପତି ସ୍ୱରୂପ ଛାଡ଼ପତ୍ର ସହ ପାଂଚ ଲକ୍ଷ ପାଇଲା ଶିବାନୀ । ସେଦିନ ସେ ଦୁଃଖକୁ ଅଧିକ ଦଖଲ ନ ଦେବାକୁ ଚେଷ୍ଟା କଲା । ହେଲେ ପାରିଲା ନାହିଁ । ଲୁହର ଶ୍ରାବଣ ଧରି ସାରା ଦିନ ଚାହିଁ ଚାହିଁ ଶୋଇ ରହିଲା । ସଞ୍ଜରେ ସେ ବାଡ଼ି ପଟକୁ ବାହାରିଲା । ଯାଉ ଯାଉ ଭାଇ ଭାଉଜ ତାଙ୍କ କୋଠରୀରେ ତା ବିଷୟରେ କଥା ହେଉଥାନ୍ତି । ତାହା ଶୁଣି ସେ ଅଟକି ଗଲା । ବଡ଼ ଭାଉଜ ବଡ଼ ପାଟିରେ କହୁଥାନ୍ତି, ତମେ କେମିତିକା ଲୋକ କେଜାଣି ଏମିତିକା ସମାଧାନକୁ ମାନିନେଲ କେମିତି ? ସେ ଏବେ ଏଇଠି ସାରାକାଳ ରହିବେ । ପୁଣି ଏକା ନୁହେଁ । ମା ଝିଅ ଦୁହେଁ ବେକରେ ବନ୍ଧା ହେବେ । ଆମର ପିଲାଟିଏ ଅଛି । ତାର ପୁଣି ଭବିଷ୍ୟତ ଅଛି ନା ନାହିଁ ? ମୁଁ ଏମିତି ବୋଝ ବୋହି ପାରିବି ନାହିଁ । ପୁଅକୁ ଧରି କାଲି ଆମ ଘରକୁ ଚାଲି ଯାଉଛି । ତମେ ତମର ଗେହ୍ଲୀ ଭଉଣୀକୁ ଧରି ରୁହ । ଭାଇଙ୍କର ଉତର ଶୁଣିବାକୁ ଶିବାନୀର ଆଉ ଧୈର୍ଯ୍ୟ ରହିଲା ନାହିଁ । ବନ୍ୟା ଘେରିରେ ଆଶ୍ରୟ ନେଇଥିବା ଗଛ ଯେଉଁଠି ଟଳମଳ ସେଇଠି ଆଇ ଭରଷା ନଥିବା ପରି ଭାବ ଶିବାନୀକୁ ଭୀଷଣ ବ୍ୟଥିତ କଲା । ଅନ୍ୟମନସ୍କ ଭାବେ ସେ କୂଅର ଚାନ୍ଦିନି ଉପରେ ବସି ପଡ଼ିଲା ।

ପାଖକୁ ଲାଗି ଛିଡ଼ା ହୋଇଥିବା କୃଷ୍ଣଚୁଡ଼ା ଗଛରେ ଆଦୌ ଫୁଲ ନଥିଲା । ପତ୍ର ଫାଙ୍କରେ ତାର ଦୃଷ୍ଟି ପ୍ରସରି ଗଲା ନଥିବା ଅତୀତକୁ । ଭାବନା ଭିତରକୁ ପଶି ଆସିଲେ ସୁଶାନ୍ତ । ସତରେ କେତେ ଶାନ୍ତ ସୁଧାର ମଣିଷଟିଏ । କେବେ ସେ ତାକୁ ସାମାନ୍ୟ ଆଘାତ ଦେଇ ନାହାନ୍ତି । କେବେ ଯୋର କରି ସ୍ୱାମିତ୍ୱର ଅଧୀକାର ଜାହିର କରି ନାହାନ୍ତି । ଇଚ୍ଛା ହେଲା ତାଙ୍କ ପାଖକୁ ଫେରି ଯାଇ କହନ୍ତା, ମୁଁ ଭୁଲ୍ କରିଛି । ଅକ୍ଷମଣୀୟ ଅପରାଧ କରିଛି । ତମକୁ ଠିକରେ ଚିହ୍ନି ପାରିଲି ନାହିଁ । ତମ ନାଁରେ ଅନେକ ମିଛ ଅପବାଦ ଦେଇଛି । ତମର ପୁରୁଷତ୍ୱ ନାହିଁ କହି ଆମ ଲୋକଙ୍କ ମନକୁ ବିଷାକ୍ତ କରି ଦେଇଥିଲି । ତମେ କିନ୍ତୁ ଭଲରେ ଥିବ । ଖବର ମିଳିଥିଲା ମୁଁ ଆସିବା ପରେ ତମର ବାହାଘର ହୋଇଛି । ପୁଅଟିଏ ମଧ୍ୟ ପାଇଛ । ହେଲେ ମୁଇ ପାଇଛି କଣ ? ଏତିକି ବେଳେ ଘର ଭିତରେ ଝିଅର କାନ୍ଦରେ ତାର ଭାବାନ୍ତର ହେଲା । ତଥାପି ସେ ନିଶ୍ଚଳ ହୋଇ ବସିଥାଏ । ଶବ୍ଦ କ୍ରମଶଃ ଉଚ୍ଚରୁ ଉଚ୍ଚତର ହେଲା । ବାଧ୍ୟ ହୋଇ ସେ ଭିତରକୁ ଆସି ଝିଅକୁ କୋଳେଇ ନେଲା । ତାର କାନ୍ଦ ହସରେ ରୂପାନ୍ତର ହୋଇଗଲା । ସେଇ ହସର ଝଲକ ସଂଚରି ଗଲା ଶିବାନୀର ଓଠକୁ,ଠିକ୍ ଜହ୍ନ ରାତିର ଆମୋଦ ପରି ।

*ରାଜକନିକା, କେନ୍ଦ୍ରାପଡ଼ା, ପିନ-୭୫୪୨୨୦*
*ଦୂରଭାଷ: ୯୯୩୮୬୪୬୦୩୪*

## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ'ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାକାଇ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ

# ସଂଯୋଗ

## ମିହିର ରାୟ

ବିକାଶକୁ ମୁମ୍ବାଇରୁ ଭୁବନେଶ୍ୱରକୁ ସକାଳ ୧୦ଟା ଫ୍ଲାଇଟ ଧରିବାର ଥିଲା ଏବଂ ନିୟମ ଅନୁଯାୟୀ ତାକୁ ଦୁଇ ଘଣ୍ଟା ଆଗରୁ ଚେକ ଇନ କରିବାର ଥିଲା। ହୋଟେଲରୁ ରେଡି ହୋଇ ଟ୍ୟାକ୍ସି ଧରି ଏଆରପୋର୍ଟରେ ପହଁଚିଲା ବେଳକୁ ଟିକେ ଡେରି ହୋଇଯାଇଥିଲା। ଟ୍ୟାକ୍ସି ବାଲାକୁ ହଡ଼ବଡ଼ରେ ପେମେଣ୍ଟ କରି ବିକାଶ ଏକ ନିଶ୍ୱାସରେ ଦୌଡ଼ି ଥିଲା ଚେକ ଇନ କାଉଣ୍ଟରକୁ। ଏକଦମ ଶେଷ ମିନିଟରେ, କାଉଣ୍ଟର ବନ୍ଦ ହେବାର ଠିକ ପୂର୍ବରୁ ସେ ବଢ଼ାଇ ଦେଇଥିଲା ତା ଟିକେଟଟି। କାଉଣ୍ଟରରେ ଉପସ୍ଥିତ ଥିବା ସୁନ୍ଦରୀ ମହିଳା ଜଣଙ୍କ ଟିକେଟ ହାତକୁ ନେଲା ପରେ ସ୍ମିତ ହସି କହିଥିଲେ, you are very lucky today Mr. Vikash, the counter was about to close. ଟିକେ ରିଲାକ୍ସ ହୋଇ ବିକାଶ ଉତ୍ତର ଦେଇଥିଲା thank you madam. ବିକାଶ ତାର ଲଗେଜେଟିକୁ ଚେକ ଇନ ବ୍ୟାଗେଜରେ ଦେଇ ତାର ବୋଡିଙ୍ଗ ପାସ ନେଇ ବାହାରି ଆସି ଟିକେ ଶାନ୍ତିରେ ନିଶ୍ୱାସ ମାରିଥିଲା। ଓଃ, ଆଉ ଟିକେରେ ମଣିଷ ଫ୍ଲାଇଟ ମିସ କରିଥାନ୍ତା। ଟିକେ ସ୍ଥିର ହେଇ ନିଜର ସିକୁରୀଟି ଚେକ କରାଇବା ପରେ, ତାର ଫ୍ଲାଇଟ ବୋର୍ଡ କରିବା ପାଇଁ ଅପେକ୍ଷା କରିଥିଲା।

ବିକାଶ ପତି, ଓଡିଶାର ସୁନାମ ଧନ୍ୟ ଓକିଲ ବିଜୟ ପତିଙ୍କର ଏକ ମାତ୍ର ପୁଅ। ଲଣ୍ଡନରୁ ବାର ଏଟ ଲ ପାସ କରି ଫେରିବା ପରେ ବାପାଙ୍କ ଲ ଫାର୍ମରେ କାର୍ଯ୍ୟରତ। ଏକ କର୍ପୋରେଟ କ୍ଲାଏଣ୍ଟର ମୁମ୍ବାଇ ହାଇକୋର୍ଟରେ କେଶ ଫାଇଲ କରିବାକୁ ସେ ଗୋଟିଏ ଦିନ ପାଇଁ ମୁମ୍ବାଇ ଆସିଥିଲା। ଗତ ରାତିରେ ସେହି କ୍ଲାଏଣ୍ଟର ନିମନ୍ତ୍ରଣ ରକ୍ଷା କରି ନାଇଟ କ୍ଲବରେ ପାର୍ଟି ଆଟେଣ୍ଡ କରି ଡେରି ରାତିରେ ହୋଟେଲକୁ ଫେରିଥିଲା। ସେଥିପାଇଁ, ହୋଟେଲ ରିସେପସନର ଆଲାରମ ବେଲ ସତ୍ତ୍ୱେ, ତାର ବାହାରିବାକୁ ଡେରି ହୋଇଯାଇଥିଲା। ଫ୍ଲାଇଟ ବୋଡିଙ୍ଗ ଘୋଷଣା ପରେ ବିକାଶ ଯାଇ ତା ସ୍ଥାନରେ ବସିଲା। ଫ୍ଲାଇଟ ଠିକ ଟାଇମରେ ଛାଡିଥିଲା। ମାତ୍ର ଦୁଇ ଘଣ୍ଟାର ଉଡାଣ। ଗତ ରାତିରେ ଭଲରେ ଶୋଇ ନଥିବାରୁ ଏହି ଦୁଇ ଘଣ୍ଟା ଶୋଇଯିବା ତାପାଇଁ ଭଲ ହେବ, କାରଣ ପହଞ୍ଚିଲା ପରେ, ତାର ସନ୍ଧ୍ୟା ପର୍ଯ୍ୟନ୍ତ ଗୁଡ଼ାଏ କ୍ଲାଏଣ୍ଟଙ୍କ ସହ ମିଟିଂ ରହିଛି। ଏହା ଭାବି, ଆଉ କାଳ ବିଳମ୍ବ ନକରି ସେ ଶୋଇଗଲା। ପ୍ରାୟ ଘଣ୍ଟାଏ ପରେ ହଠାତ ତାର ନିଦ ଭାଙ୍ଗିଗଲା। ସେ ଶୁଣିପାରିଲା, କିଛି ଗୋଟାଏ ଘୋଷଣା କରାଯାଉଛି। ନିଜ କାନ ଭିତରେ ଦେଇଥିବା ତୁଳା ବିଣ୍ଡା ଦୁଇଟିକୁ ବାହାର କରିଦେବା ପରେ ସେ ଶୁଣି ପାରିଲା ଯେ ଫ୍ଲାଇଟରେ କୌଣସି ବୈଷୟିକ ତ୍ରୁଟି ଯୋଗୁ, ହାଇଦ୍ରାବାଦ ଏଆରପୋର୍ଟରେ ଜରୁରୀ କାଳୀନ ଅବତରଣ କରାଯାଉଛି। ଏହା ଶୁଣି ମନଟା ତାର ବ୍ୟସ୍ତ ଲାଗିଲା। ନିଜକୁ ନିଜେ କହିଲା, ଆଜି ହଇରାଣର ଯୋଗ ଅଛି। ପହଁଚିଲା ପରେ ଗୁଡ଼ାଏ କାର୍ଯ୍ୟକ୍ରମ ରହିଛି, ଯାହା ର୍ତମାନ ବାତିଲ କରିବାକୁ ହେବ। ଜୁନିଅର ମାନେ ତାକୁ ହାଣ୍ଡେଲ କରି ପାରିବେ ନାହିଁ। ତାର ମନେ ପଡିଗଲା, ଚେକ ଇନ କାଉଣ୍ଟରରେ ମହିଳା ଜଣକ ତାକୁ କହିଥିଲା, you are very lucky today Mr. Vikash. ଛେନା ଗୁଡ଼ ଲକୀ, ଆଜି ମଣିଷ ଆସି ଏଠି ଜରୁରୀ କାଳୀନ ଅବତରଣରେ ଫସିଲାଣି, ନିଜେ ନିଜକୁ କହିଲା। ଏତିକିବେଳେ ପାଇଲଟ ଘୋଷଣା କଲେ ଯେ ବିମାନ ହାଇଦ୍ରାବାଦ ବିମାନ ବନ୍ଦରରେ ଅବତରଣ କରି ସାରିଛି। ଯାତ୍ରୀ ମାନଙ୍କୁ ଓହ୍ଲାଇ ଯାଇ ବିମାନ ବନ୍ଦରରେ ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦିଆଗଲା। ଫ୍ଲାଇଟରୁ ବାହାରିଲା ବେଳେ ଲଞ୍ଚ କୁପନ ନେଇଯିବା ପାଇଁ ନିର୍ଦ୍ଦେଶ ଦିଆଗଲା। ସେହି ଅନୁସାରେ, ଯାତ୍ରୀମାନେ ବିମାନରୁ ଓହ୍ଲାଇ ପରବର୍ତ୍ତୀ ନିର୍ଦ୍ଦେଶର ଅପେକ୍ଷାରେ ରହିଲେ।

ବିକାଶ ଓହ୍ଲାଇବା ପରେ ପ୍ରଥମେ ତା ଘରେ ଖବର ଦେବା ପାଇଁ ତା ମାଙ୍କ ଫୋନ ଲଗାଇଲା। ତା ମା ଫୋନ ଉଠାଇବା ପରେ ମାଙ୍କୁ ସବିଶେଷ ଖବର ଦେଲା। ସବୁ ଶୁଣି ମା ତାର ବ୍ୟସ୍ତ ହୋଇ କହିଲେ, ଆରେ ତୁ ଖିଆ। ପିଆ। କଣ କରିବୁ ? ବିକାଶ କହିଲା, ମା ତମର ଖାଲି ମୁଁ ଖାଇବି କଣ, ଆରେ ଆମେ ବିମାନ ବନ୍ଦର ଭିତରେ ଅଛୁ, ଏଠି ମାଳ ମାଳ ରେଷ୍ଟୁରାଣ୍ଟ ଅଛି ଆଉ ଆମକୁ ବିମାନ କମ୍ପାନୀ ତରଫରୁ ଫୁଡ଼ କୁପନ ଦିଆଯାଇଛି, ଯାହା ଇଚ୍ଛା ହେବ ଖାଇଦେବି। କିନ୍ତୁ ଆଜି ଗୁରୁବାର ମନେ ଅଛିତ, ଆଇଁସ ଖାଇବୁ ନାହିଁ, ବିକାଶର ମା କହିଲେ। କଥାଟା ଶୁଣି ତା ମନଟା ଖଟା ହେଇଗଲା, ନିଜ ମନେ ମନେ କହିଲା, ଯା ଆଜି ସାଧାରେ ଚଳାଇବାକୁ ପଡିବ, ମା ଯେତେବେଳେ ମନେ

ପକେଇଦେଲେଣି । ମାଙ୍କୁ କହିଲା, ହଉ, ମନେ ପକେଇ ଦେଲ, ଭଲ କଲ, ମୁ ଭେଜ ଖାଇନେବି । ତମେ ବାପାଙ୍କୁ ଖବରଟା ଦେଇଦେବ, ମୁ ରଖୁଚି । ମା କହିଲେ, ଫ୍ଲାଇଟ ଛାଡିବା ପୂର୍ବରୁ ଫୋନ କରିବୁ । ମା ଫୋନ ରଖିଦେଲା ପରେ, ସେ ତା ଅଫିସକୁ ଫୋନ କରି ତାର ଅଫିସରେ ପହଞ୍ଚିବାର ଅନିଶ୍ଚିତତା ବିଷୟରେ ସୂଚନା ଦେଇଦେଲା । ତାପରେ କିଛି କ୍ଲାଏଣ୍ଟଙ୍କ ସାଙ୍ଗେ ଫୋନରେ କଥାହେଇ ଆଜିର ମିଟିଂକୁ ସ୍ଥଗିତ ରଖିବାକୁ କହିଲା । ଏତେ ସବୁ ଫୋନରେ କଥା ହେବା ପରେ ସେ ଅନୁଭବ କଲା ଯେ ତାକୁ ଭୋକ ଲାଗିଲାଣି । ଘଡି ଉପରେ ନଜର ପକାଇଲା, ସମୟ ୧୨.୩୦, ଯଦିଓ ତାର ଲଞ୍ଚ ଟାଇମ ହେଇନି, ସକାଳେ ତର ତରରେ ହୋଟେଲରୁ ଆସିଲା ବେଳେ ଅଳ୍ପ ଦିଟା କଣ ପାଟିରେ ପକାଇଥିଲା । ଏଠି କାମତ କିଛି ନାହିଁ, ଖାଇବା କାମଟା ସାରି ଫ୍ଲାଇଟକୁ ଅପେକ୍ଷା କରିବାକୁ ପଡିବ । ଭେଜ ଖାଇବାର ଅଛି, ତେଣୁ ଭାବିଲା ଅଥେନଟିକ ସାଉଥ ଇଣ୍ଡିଆନକୁ ଯାଇ ଭେଜ ଥାଳି ଖାଇନେବ । ଏହି କଥା ଭାବି ସେ ଭେଜ ରେଷ୍ଟୁରାଣ୍ଟ ଆଡକୁ ପାଦ ବଢାଇଲା ।

ରେଷ୍ଟୁରାଣ୍ଟରେ ପହଁଚି ବିକାଶ ଦେଖିଲା ଖଚ ଖଚ ଭିଡ଼ । ସେଲ୍ଫ ସର୍ଭିସ, ତେଣୁ ପ୍ରଥମେ କୁପନ କାଟି ଟେବୁଲରେ ଅପେକ୍ଷା କରିବାକୁ ପଡିବ । ବିକାଶ ଗୋଟିଏ ସ୍ପେସିଆଲ ଭେଜ ଥାଳିର କୁପନ କାଟି ଟେବୁଲ ଖୋଜିଲା । ଯଦିଓ, ସେଠାରେ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ବସିବାର ସୁବିଧା ଅଛି, ସେ ଦେଖିଲା, ସବୁ ଗୁଡିକରେ ଲୋକ ବସିଛନ୍ତି । କିଛି ସମୟ ଆଗ ପଛ ହେବା ପରେ, ତାର ନଜର ପଡିଲା ଗୋଟିଏ ଟେବୁଲ ଉପରେ, ଯେଉଁଥିରେ କି ଗୋଟିଏ ୪/୫ବର୍ଷର କଣ୍ଢେଇ ପରି ସୁନ୍ଦର ଝିଅଟେ ଏକୁଟିଆ । ବସିଛି । ତା ନିକଟକୁ ଯାଇ ଦେଖିଲା ସେଠାରେ ଗୋଟିଏ ଲେଡିଜ ଭ୍ୟାନିଟି ବ୍ୟାଗ ଥୁଆ ହୋଇଛି । ସେ ଅନୁମାନ କଲା, ହୁଏତ ପିଲାର ମା ତା ବ୍ୟାଗ ରଖି କୁପନ ପାଇଁ ଯାଇଛି । ଅତି ବେଶୀରେ ତା ସଙ୍ଗେ ତା ସ୍ୱାମୀ ଥିଲେ, ଏ ଚଉକିଟିଆ । ଟେବୁଲରେ ସେ ବସିଲେ ଚଳିବ । ଏଇଆ । ବିଚାର କରି ସେ ସେଠି ବସି ପଡିଲା ଓ ନିଜ ଖାଦ୍ୟ ଆସିବାର ଅପେକ୍ଷା କଲା । ତାକୁ ସେଠି ବସିବାର ଦେଖି, ଝିଅ ପିଲାଟି ଟିକେ ଚଞ୍ଚଳ ହୋଇ ଉଠିଥିଲା ଓ କୁପନ କାଉଣ୍ଟର ଆଡ଼କୁ ବାରଂବାର ଦେଖୁଥିଲା । ବିକାଶ ଯଦିଓ ପିଲାଟିର ବ୍ୟଗ୍ରତାର କାରଣ ବୁଝି ପାରୁଥିଲା, ସେଠାରୁ ଉଠିଗଲେ ଆଉ ଗୋଟିଏ ସିଟ ପାଇବା କଷ୍ଟକର ହେବ, ତେଣୁ ସେ ସେଠୁ ଉଠି ନଯାଇ ପିଲାଟିର ମାର ଫେରିବାକୁ ଅପେକ୍ଷା କଲା । ଦୁହିଁଙ୍କର ପ୍ରତିକ୍ଷାର ଅନ୍ତ ଘଟାଇ ଜଣେ ସ୍ତ୍ରୀଲୋକ ଆସି ସେ ପିଲାଟି ପାଖରେ ବସିଲେ । ତାଙ୍କ ଆଗମନ ପରେ ପିଲାଟି ମୁହଁରେ ହସ ଫୁଟି ଉଠିଥିଲା । ବିକାଶ ଯେହେତୁ ସେ ଭଦ୍ର ମହିଳାଙ୍କ ଅନୁପସ୍ଥିତିରେ ସେଠି ବସିଥିଲା, ସୌଜନ୍ୟ ଦୃଷ୍ଟିରୁ ତାଙ୍କୁ ସେ କେଉଁ ପରିସ୍ଥିତିରେ ସେଠି ବସିବାକୁ ବାଧ୍ୟ ହେଲା, ତାହା ଜଣାଇ ଦେବାକୁ ଉଚିତ ମନେ କରି ତାଙ୍କ ମୁହଁକୁ ଚାହିଁଦେଇ ହଠାତ ଚମକି ପଡିଲା । ଭଦ୍ର ମହିଳାଙ୍କ ଆଖି ମଧ୍ୟ ବିକାଶ ଉପରେ ପଡ଼ନ୍ତେ, ସେ ମଧ୍ୟ ଚମକି ପଡିଲେ । ଭଦ୍ର ମହିଳାଙ୍କ ବୟସ, ଅତି ବେଶୀରେ ୨୭/୨୮ ବର୍ଷ ହେବ, ରଙ୍ଗ ଗୋରା ତକ ତକ ଏବଂ ସୁନ୍ଦର ଗଢ଼ନ, ସୌନ୍ଦର୍ଯ୍ୟରେ କୌଣସି ଫିଲ୍ମ ହିରୋଇନଙ୍କ ଠାରୁ କମ ହେବନି । ବିକାଶ ମୁହଁରୁ ବାହାରି ଆସିଲା, ମାନସୀ ତମେ ! ଭଦ୍ର ମହିଳାଙ୍କ ମୁହଁରୁ ବାହାରି ଆସିଲା, ବିକାଶ.... ଆଉ ତା ପରେ, କିଛି କ୍ଷଣ ନୀରବତା । ନିଜ ଭିତରେ ସାହସ ଜୁଟାଇ ବିକାଶ ଆରମ୍ଭ କଲା, ମୁଁ ପୁରା ରେଷ୍ଟୁରାଣ୍ଟଟା ତିନି ଥର ଆଗ ପଛ ହେବା ପରେ କୌଣସି ଟେବୁଲ ଖାଲି ନପାଇ ଏଇ ଜାଗାରେ ଝିଅକୁ ଏକୁଟିଆ । ଦେଖି ବସି ଯାଇଥିଲି । ମୁଁ ଜାଣି ନଥିଲି, ଇଏ ତୁମ... । ହଁ ଇଏ ମୋ ଝିଅ ଏଲି । ବହୁତ କ୍ୟୁଟ, ବିଲକୁଲ ତମ ପରି ହେଇଚି, ବିକାଶ କହିଲା । ଏତିକିବେଳେ କାଉଣ୍ଟରରୁ ଦୁହିଁଙ୍କ ଟୋକନ ନମ୍ବର ଗୋଟେ ପରେ ଗୋଟେ ଡାକରା ପରେ ଦୁହିଁଙ୍କ ଖାଦ୍ୟ ପ୍ଲେଟ ତାଙ୍କ ଟେବୁଲରେ ପହଞ୍ଚି ଥିଲା । ଖାଇବା ଆସିଯିବା ପରେ ଦୁହେଁ ଖାଇବା ଆରମ୍ଭ କରନ୍ତେ, ଦୁହିଁଙ୍କ ମଧ୍ୟରେ ଉତ୍ପନ୍ନ ହୋଇଥିବା ଗାମ୍ଭିର୍ଯ୍ୟ ପରିସ୍ଥିତି, ଟିକେ ହାଲୁକା ହୋଇଥିଲା । ବିକାଶ ଦେଖିଲା, ମାନସୀ ତା ପାଇଁ ଦୋଷା ଅର୍ଡର କରିଛି । ତା ମୁହଁରୁ ବାହାରିଗଲା, ଏବେଭି ତମର ସେଇ ଦୋଷା ପ୍ରଥମ ପସନ୍ଦ ହୋଇ ରହିଛି । ବିକାଶର କଥା ଶୁଣି ମାନସୀ ଟିକିଏ ହସି ଦେଇ କହିଲା, ଆଜି କଣ ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୋଇଥିଲେ ? ବିକାଶ ପଚାରିଲା, କାହିଁକି କଣ ହେଲାକି ? ତମେ ଭେଜ ଖାଉଛ, ମାନସୀ କହିଲା । ଆରେ ନାଇଁ, ଆଜି ଗୁରୁବାର, ମା ଯେତେ ସବୁ ଝାମେଲା ମୋ ମୁଣ୍ଡରେ ଲଦିଦିଏ । ଆଗରୁ ମାନୁ ନଥିଲି, ଏବେ ଘରେ ରହୁଛି, ତା କଥା ମାନିବାକୁ ପଡୁଛି, କିଛି କିଛି ଅଭ୍ୟାସ ହୋଇଗଲାଣି, ବିକାଶ କହିଲା ।

ମାନସୀ ତା ଝିଅ ଏଲିକୁ ଖୁଆଇବାରେ ବ୍ୟସ୍ତ ଥିଲା । ଏତେ ଦିନ ପରେ ମାନସିକୁ ସାମ୍ନାରେ ଦେଖି, ବିକାଶର ପୁରୁଣା ସ୍ମୃତି ଗୁଡାକ ସତେଜ ହୋଇ ଉଠିଥିଲା । ମନେ ପଡି ଯାଇଥିଲା, ତାର କଲେଜ ଦିନର କଥା । ରେଭେନ୍ସା କଲେଜରେ, ସେ ଗ୍ରାଜୁଏସନ କଲା ବେଳେ, ମାନସୀ ଥିଲା ତା ତଳ ବ୍ୟାଚର ଛାତ୍ରୀ । କଲେଜ ଆନୁଆଲ ଡ୍ରାମାରେ, ଦୁହେଁ ମୁଖ୍ୟ ନାୟକ ନାୟିକା ଭୂମିକାରେ ଅଭିନୟ କରୁ କରୁ, ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଦୁହେଁ ସେ ସମୟରେ ଏକାଠି କଲେଜ କ୍ୟାଣ୍ଟିନରେ ଏବଂ ସହରର ବିଭିନ୍ନ ରେଷ୍ଟୁରାଣ୍ଟରେ ସମୟ ବିତାଉଥିଲେ । ତେଣୁ, ଦୁହେଁ ଦୁହିଁଙ୍କ ଖାଇବା ପସନ୍ଦ ଉପରେ ବେଶ ଅବଗତ । ମାନସୀ ଗୋଟିଏ ସାଧାରଣ ଘରର ଝିଅ ଥିଲା, ତା ବାପା ରେଭେନ୍ସା କଲେଜିଏଟ ସ୍କୁଲରେ ଶିକ୍ଷକ ଥିଲେ । ଅନ୍ୟ ଝିଅ ମାନଙ୍କ ଅପେକ୍ଷା, ମାନସୀର ବ୍ୟବହାର, ଚାଲିଚଳନ ଓ ପରିଧାନରେ ଅତ୍ୟନ୍ତ ସାଦା ସିଧା ଥିଲା । ତାର ସରଳତା ହିଁ ବିକାଶକୁ ତା ଆଡ଼କୁ ଆକୃଷ୍ଟ କରିଥିଲା । ଦୁହେଁ ଦୁହିଁଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ଓ ଜୀବନ ସାଥି ହେବାର କଥା ଦେଇଥିଲେ । କିନ୍ତୁ, ବିକାଶ ଥିଲା ପ୍ରତିପତିସାଳି ଓକିଲ ବିଜୟ ପତିଙ୍କ ଏକମାତ୍ର ପୁଅ । ବିକାଶର ବାପାଙ୍କ ସ୍ୱପ୍ନ ଥିଲା, ସେ ଲଣ୍ଡନରେ ବାର ଏଟ ଲ ପଢିବ ଏବଂ ତାଙ୍କର ଲ ଫାର୍ମର ଦାଇତ୍ୱ ନେବ । ଗ୍ରାଜୁଏସନ ଶେଷ ହେବା ପରେ ବାପାଙ୍କ କଥା ରଖି ତାକୁ ଲଣ୍ଡନ ଚାଲି ଯିବାକୁ ପଡିଥିଲା ଅତି କମରେ ତିନି ବର୍ଷ ପାଇଁ । ଏପଟେ ମାନସୀ ପରିବାରର ବଡ଼ ଝିଅ, ତିନି ଭଉଣୀ ଓ ଗୋଟିଏ ଭାଇ । ତା ବାପା ଚାହୁଁଥିଲେ, ତାଙ୍କର ଅବସର ପୂର୍ବରୁ ଅତି କମରେ ତିନି ଝିଅଙ୍କ ବିବାହ କାର୍ଯ୍ୟ ସାରିବାକୁ । ଏଇଭଳି ଜଟିଳ ସ୍ଥିତିରେ ମାନସୀ ତାର ପରିବାରର ସ୍ୱାର୍ଥକୁ ବଳି ଦେଇ, କେତେଦିନ ଆଉ ନିଜର ପ୍ରେମକୁ ବଞ୍ଚାଇ

ରଖିପାରିଥାନ୍ତା ? ତାର ଗ୍ରାଜୁଏସନ ଶେଷ ହେଉ ହେଉ ତାର ବାହାଘର ହୋଇଥିଲା ଜଣେ ଆର୍ମିର ଜଣେ ଅଫିସରଙ୍କ ସଂଗେ। ବିକାଶର ସାଙ୍ଗ ବିନୋଦ ଏହି ଖବରଟା ତାକୁ ଦେଇଥିଲା ଫୋନ ମାଧ୍ୟମରେ। ସେଦିନ, ଏହି ଖବର ପାଇ ସତେ ଯେମିତି ତାର ହୃଦୟଟା ଖିନ ଭିନ ହୋଇ ଯାଇଥିଲା। ଏହି ଘଟଣା ପାଇଁ, ସେ କିନ୍ତୁ ମାନସିକୁ ନୁହେଁ ବରଂ ନିଜେ ନିଜକୁ ଦୋଷୀ ଭାବେ ସ୍ୱୀକାର କରିଥିଲା। ଆଉ ତା ପରଠୁ ସେ ମାନସୀ ବିଷୟରେ କୌଣସି ଖବର ରଖି ପାରିନି। ଯଦିଓ ସେ ଭାରତକୁ ଫେରିଆସି ବାପାଙ୍କ ଲ ଫାର୍ମ ଦାଇ୍ ନେବା, ଏବେ ପ୍ରାୟ ତିନିବର୍ଷ ପୁରିବାକୁ ଯାଉଛି, ସେ ନିଜକୁ ନିଜର ପ୍ରଫେସନ ଭିତରେ ଏପରି ହଜାଇ ଦେଇଛି ଯେ, ତାର ବ୍ୟକ୍ତିଗତ କଥା ଭାବି ପାରିନି।

ଯା ଭିତରେ ସେମାନଙ୍କ ଖାଇବା ଶେଷ ହୋଇଥିଲା। ରେଷ୍ଟୁରାଣ୍ଟର ଭିଡ଼ ଭତରୁ ବାହାରକୁ ଯାଇ ସେମାନେ ଯାତ୍ରୀ ମାନଙ୍କ ପ୍ରତୀକ୍ଷା ପାଇଁ ନିର୍ଦ୍ଧାରିତ ସ୍ଥାନରେ ବସିଲେ। ବିକାଶ କହିଲା, ତମ ସାଙ୍ଗରେ ଆଜି ମୋର ଏମିତି ଭେଟ ହେବା ନିହାତି ଆକସ୍ମିକ, କାରଣ ମୁଁ ମୁମ୍ବାଇରୁ ଭୁବନେଶ୍ୱର ଯିବାବେଳେ ଆମ ଫ୍ଲାଇଟରେ ବୈଷୟିକ ତ୍ରୁଟି କାରଣରୁ, ହାଇଦ୍ରାବାଦରେ ଜରୁରୀକାଳୀନ ଅବତରଣ କରିଛି। ଏବେ ମୋ ଫ୍ଲାଇଟ କେବେ ଯିବ ଜଣାନାହିଁ, ଆମକୁ ଅପେକ୍ଷା କରିବାକୁ କୁହା ଯାଇଛି। ତମ ଫ୍ଲାଇଟ କେତେବେଳେ ଅଛି ଏବଂ ତମେ କୁଆଡେ ଯାଉଛ, ବିକାଶ ପଚରିଲା। ଆମେ ଭୁବନେଶ୍ୱର ଯାଉଛୁ, ଆମ ଫ୍ଲାଇଟ ଏଠୁ ୧.୩୦ ମିନିଟରେ ଏଠୁ ଛାଡିବାର ଥିଲା। ସେହି ଅନୁସାରେ ଆମେ ଏଠି ୧୧ଟା ସମୟରେ ପହଞ୍ଚି ଯାଇଥିଲୁ। ଏଠି ପହଞ୍ଚିଲା ପରେ ଜାଣିଲି ଯେ ଫ୍ଲାଇଟ ଦୁଇ ଘଣ୍ଟା ବିଳମ୍ବରେ ଯିବ, ମାନସୀ କହିଲା। ତମେ କଣ ଏବେ ହାଇଦ୍ରାବାଦରେ ରହୁଚ, ବିକାଶ ପ୍ରଶ୍ନ କଲା। ନା, ମୁ ଏବେ ଭୁବନେଶ୍ୱରରେ ରହୁଛି, ମାନସୀ କହିଲା। ତାହେଲେ ତମେ ହାଇଦ୍ରାବାଦ କଣ ପାଇଁ ଆସିଥିଲ, କଣ କିଛି କାମ ଥିଲା, ବିକାଶ ପଚାରିଲା। ହଁ, ତେଲେଙ୍ଗାନା ସରକାରଙ୍କ ନିମନ୍ତ୍ରଣରେ ଆସିଥିଲୁ। ମୋ ସ୍ୱାମୀଙ୍କୁ ସେମାନେ ମରଣତୋର ରାଜ୍ୟ ସମ୍ମାନରେ ସମ୍ମାନିତ କରିବା ପାଇଁ ଡାକିଥିଲେ। ମାନସିର ଉତ୍ତର ଶୁଣି ବିକାଶ ଯେମିତି ଆକାଶରୁ ଖସି ପଡ଼ିଥିଲା। ସେ କହିଲା, ମରଣତୋର, ତା ମାନେ ତମ ସ୍ୱାମୀ ଏ ଦୁନିଆରେ ଆଉ ........ ବିକାଶ ଆଉ ଆଗକୁ ବଢି ପାରି ନଥିଲା। ମାନସୀ ନିରବ ରହିଥିଲା, କେବଳ ଦୁଇ ଧାର ଅଶ୍ରୁ ତାର ଆଖିରୁ ବୋହି ଚାଲିଥିଲା। କିଛିକ୍ଷଣ ନୀରବତା ପରେ ବିକାଶ କହିଲା, ମୋତେ କ୍ଷମା କରିବ, ମୁ ଏ ବିଷୟରେ କିଛି ଜାଣି ନଥିଲି। କିନ୍ତୁ, ଏ ସବୁ କେମିତି ଓ କେବେ ହେଲା।

ଟିକିଏ ରହି ମାନସୀ ଉତ୍ତର ଦେଇଥିଲା, ପ୍ରାୟ ଦେଢ଼ ବର୍ଷ ତଳର କଥା। ମୋ ସ୍ୱାମୀ ମେଜର ଅମରେଶ ପଣ୍ଡାଙ୍କ ସେତେବେଳେ ପୋଷ୍ଟିଂଗ ଥିଲା, ସିକନ୍ଦରାବାଦ ମିଲିଟାରୀ ବେସରେ। ହଠାତ ଖବର ଆସିଥିଲା ଗୋଟିଏ ୩୦ ଜଣିଆ ପୋଲିସ ଟିମକୁ ନକ୍ସଲ ମାନେ ମୁଲୁଗୁ ଜିଲାର ଏକ ଜଙ୍ଗଲ ରାସ୍ତାରେ ଆମ୍ବୁସ କରି ଦେଇଛନ୍ତି ଓ ତାଙ୍କ ଭିତରେ ଗୁଳି ବିନିମୟ ହେଉଛି। ପୋଲିସ ଟିମକୁ ସହାୟତା କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ, ତୁରନ୍ତ ସେଠାକୁ ଗୋଟିଏ ମିଲିଟାରୀ ଟିମ ପଠାଇବା ପାଇଁ। ସେହି ଅନୁସାରେ, ଅମରେଶଙ୍କ ନେତୃତ୍ୱରେ ମିଲିଟାରୀ ବେସରୁ ଗୋଟିଏ ଟିମ ଯାଇଥିଲା। ଯଦିଓ ସେହି ଅପରେସନରେ ୧୦ ଜଣ ନକ୍ସଲ ମୃତାହତ ହୋଇଥିଲେ ଓ ସମସ୍ତ ପୋଲିସ ଭାଇ ମାନେ ମୁକ୍ତି ପାଇଥିଲେ, ନକ୍ସଲଙ୍କ ଗୁଳିରେ ଅମରେଶ ପ୍ରାଣ ହରାଇଥିଲେ। ସେଥିପାଇଁ, ତେଲେଙ୍ଗାନା ଦିବସ ପାଳନ ଅବସରରେ ତେଲେଙ୍ଗାନା ସରକାର ଅମରେଶଙ୍କୁ ମରଣତୋର ରାଜ୍ୟ ଶ୍ରେଷ୍ଠ ନାଗରିକ ସମ୍ମାନ ପ୍ରଦାନ କଲେ। ଯଦିଓ, ତେଲେଙ୍ଗାନା ସରକାର ମୋତେ ଚାକିରୀ ଦେବାର ପ୍ରତିଶୃତି ଦେଇଥିଲେ, ମୋ ପକ୍ଷରେ ଅମରେଶଙ୍କ ସ୍ମୃତି ନେଇ ହାଇଦ୍ରାବାଦରେ ରହିବା ସହଜ ହେବନି ଭାବି, ମୁ ଏହାକୁ ଗ୍ରହଣ କରି ନଥିଲି। ମାନସୀର କୋହଭରା କଣ୍ଠରେ ତାର ଦୁଃଖ ଭରା କାହାଣୀ ଶୁଣୁ ଶୁଣୁ, ବିକାଶ ଯେମିତି କାଠ ପାଲଟି ଯାଇଥିଲା, ତା ଆଖିରେ ଜମି ଆସିଥିଲା ଆଖିଏ ଲୁହ। ହଠାତ ପ୍ରକୃତିସ୍ଥ ହୋଇ, ମାନସୀର ନଜର ଆଡୁଆଳରେ, ନିଜ ରୁମାଲରେ ସେଗୁଡ଼ାକ ପୋଛିନେଲା। ତମେ ଏବେ କଣ ତମ କଟକ ଘରେ ରହୁଚ, ବିକାଶ ପଚାରିଲା। ମାନସୀ କହିଲା, ନା ବାପା ଓ ମା ଅବସର ପରେ ଆମ ଗାଁରେ ରହୁଛନ୍ତି। ମୁ ମୋର ଭାଇ ଘରେ ଭୁବନେଶ୍ୱରରେ ରହୁଛି। ଏଇ ଛ ମାସ ହେବ, ଗୋଟିଏ ଇଂଲିଶ ମିଡ଼ିଅମ ସ୍କୁଲରେ ଟିଚର ଭାବେ ଜଏନ କରିଛି।

ବିକାଶ ମନେ ମନେ ଭାବିଲା, ଏତେ ସବୁ ଘଟିଗଲା, ସେ ଫୁଣି ଏକଦା ତାର ପ୍ରାଣପ୍ରିୟା ଥିବା ମାନସୀ ସାଙ୍ଗରେ, ଆଉ ସେ ଜାଣି ପାରିଲା ନାହିଁ। ନିଜକୁ ନିଜେ ଧିକାର କଲା। ଧିକ ମୋ ପ୍ରେମିକ ପଣ, ଧିକ ମୋ ମଣିଷ ପଣିଆ, ବିକାଶ ନିଜକୁ କହିଲା। ମନରେ ତାର ଆସିଲା, ଯଦି ସେ ପ୍ରକୃତରେ ମାନସିକୁ ତାର ପ୍ରାଣପ୍ରିୟା ଭାବେ ସ୍ୱୀକାର କରି ତା ହୃଦୟରେ ସ୍ଥାନ ଦେଇଥିଲା, ତାହେଲେ ତାକୁ ଆପଣେଇବା ପାଇଁ ହୁଏତ, ଏଇଟା ହିଁ ପ୍ରକୃଷ୍ଟ ସମୟ। ବାପାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସୁନା ପିଲାଟିଏ ପରି, ମାନସୀ ଓ ତାର ପ୍ରେମକୁ ବଳି ଦେଇ, ସେ ଚାଲି ଯାଇଥିଲା ସୁଦୁର ବିଲାତକୁ। କିନ୍ତୁ, ଆଜି ସେ ତାର ବାପାଙ୍କ ସ୍ୱପ୍ନକୁ ସାକାର କରି ସାରିଛି। ମାନସୀକୁ ସ୍ୱୀକାର କରି ତାର ପ୍ରେମକୁ ପୁନଃ ସ୍ଥାପିତ କରିବାରେ ବର୍ତ୍ତମାନ ତା ପାଇଁ କିଛି ପ୍ରତିବନ୍ଧକ ନାହିଁ। ହୁଏତ, ବାପା ମାଙ୍କୁ ବୁଝାଇ ରାଜି କରାଇବାକୁ ଟିକେ କଷ୍ଟ ହୋଇପାରେ, କିନ୍ତୁ ମାନସୀ ପାଇଁ ତାକୁ ଏ କଷ୍ଟ ଉଠାଇବାକୁ ପଡିବ। ଆଜି ପର୍ଯ୍ୟନ୍ତ, ସେ ବାପା ମାଙ୍କର କୌଣସି କଥାକୁ ତଳେ ପକାଇ ନାହିଁ। ବାପାଙ୍କ କଥାକୁ ସମ୍ମାନ ଦେଇ, ସେ ତାର ପ୍ରାଣପ୍ରିୟା ମାନସିକୁ ଥରେ ହରାଇ ଦେଇଥିଲା। ଭଗବାନ ତାକୁ ଆଣି ଦିତୀୟ ଥର ପାଇଁ ତା ସମୁଖରେ ଠିଆ କରିଛନ୍ତି। ଏଥର, କୌଣସି ପରିସ୍ଥିତିରେ ସେ ଆଉ ମାନସିକୁ ହରାଇବ ନାହିଁ, ମନେ ମନେ ସଂକଳ୍ପ ନେଇଥିଲା ବିକାଶ।

ବିକାଶ ନିଜ ମନ ଭିତରେ ଏମିତି ଦୃଢ଼ତା ସୃଷ୍ଟି କରିଚାଲିଥିବା ବେଳେ, ମାନସୀର ସ୍ୱର ତାକୁ ଶୁଣାଗଲା।

– ଆଉ, ତମେ ତମର କଥା କିଛି କହିଲ ନାହିଁ ଯେ, ମାନସୀ କହିଲା।

- ମୋ ଖବର ଆଉ କଣ, ପ୍ରାୟ ତିନି ବର୍ଷ ତଳେ ମୁଁ ବିଲାତରୁ ଫେରି, ବାପାଙ୍କ ଅଫିସରେ କାମ ଆରମ୍ଭ କରିଥିଲି। ପ୍ରାୟ ବର୍ଷେ ତଳେ ବାପାଙ୍କର ଗୋଟିଏ ଛୋଟ ହାର୍ଟ ଆଟାକ ହେଇଥିଲା। ଭଗବାନଙ୍କ ଦୟାରୁ, ସେ ବର୍ତ୍ତି ଯାଇଥିଲେ, କିନ୍ତୁ ଡାକ୍ତର ତାକୁ କାମର ବୋଝରୁ ନିଜକୁ ମୁକ୍ତି କରିବାକୁ ଉପଦେଶ ଦେଇଥିଲେ। ସେବେଠୁ, ସେ ଆଉ ବିଶେଷ ଅଫିସ କାମ ବୁଝୁ ନାହାନ୍ତି। ତା ପରଠୁ ଅଫିସର ଗୁରୁ ଦାଇତ୍ୱ ମୋ ଉପରେ। ତେଣୁ ମୋର କାର୍ଯ୍ୟବ୍ୟସ୍ତତା ଏତେ ବେଶି ହୋଇ ଯାଇଛିଯେ, ମୁଁ କଟକରେ ରହିବା ସତ୍ତ୍ୱେ, ମୋର କୌଣସି ସାଙ୍ଗ ସାଥୀଙ୍କ ସହ ଭେଟ ହୋଇ ପାରୁନି, ଯାହା ଫଳରେ କାହାର କିଛି ଖବର ମୋ ପାଖରେ ନାହିଁ, ବିକାଶ କହିଲା।

- ଆଉ ତମର ଜୀବନ ସଙ୍ଗିନୀ ବିଷୟରେ କିଛି କହିଲନି ତ, ମାନସୀ କହିଲା।

- ଆରେ ନା, ମୋର କାର୍ଯ୍ୟବ୍ୟସ୍ତତା ଭିତରେ, ସେ କାର୍ଯ୍ୟଟି ଏପର୍ଯ୍ୟନ୍ତ ସମ୍ପର୍ଣ୍ଣ ହୋଇ ପାରିନି। ଯଦିଓ, ବାପାଙ୍କ ଦେହ ଖରାପ ହେବା ପରେ, ମା ଯୁଦ୍ଧକାଳୀନ ଭିତ୍ତିରେ ମୋ ପାଇଁ କନିଆ ଖୋଜା ଜାରି ରଖିଛନ୍ତି, ଏପର୍ଯ୍ୟନ୍ତ ନିର୍ଣ୍ଣାୟକ ସ୍ଥିତିରେ ପହଁଚି ପାରି ନାହିଁ।

ଏମିତି କଥାବାର୍ତା ଆଗକୁ ବଢୁଥିବା ବେଳେ, ଏଆରପୋର୍ଟରେ ବିକାଶର ଫ୍ଲାଇଟ ବୋଡିଙ୍ଗ ପାଇଁ ଘୋଷଣା ହେଉଥିବା ସେ ଶୁଣିପାରିଲା। ସେ ତା ହାତ ଘଣ୍ଟା ଉପରେ ନଜର ପକାଇଲା, ଦେଖିଲା ସମୟ ୨.୪୫ ମିନିଟ। ସେ କହିଲା, ମୋ ଫ୍ଲାଇଟ ର ବୋଡିଙ୍ଗ ପାଇଁ ଡାକିଲେଣି, ମୁ ଆସୁଛି। ତମ ଫ୍ଲାଇଟ ତ ଆଉ କିଛି ସମୟ ପରେ ଛାଡିବ। ଏତିକି କହି, ସେ ଉଠି ଠିଆହେଲା। ସେ ଦେଖି ପାରିଲା, ମାନସିର ଆଖିରେ ଲୁହ ଜକେଇ ଆସୁଛି। ବିକାଶ କହିଲା, ମୋତେ ତୁମ ମୋବାଇଲ ନମ୍ବରଟା ଦିଅ। ମାନସୀ ନମ୍ବରଟା ଦେବ କି ନଦେ ଟିକେ ଦୋଦୋପାଞ୍ଚ ହେଲା ପରେ ନମ୍ବରଟି ଦେଲା। ବିକାଶ ନମ୍ବରଟିକୁ ତା ମୋବାଇଲରେ ଷ୍ଟୋର କରିନେଇ କହିଲା, ମୁଁ ଆସୁଛି ମାନସୀ। ଶୀଘ୍ର ଭୁବନେଶ୍ୱରରେ ଦେଖା ହେବ। ମୁ ଆସିବି ତୁମ ପାଖକୁ, ଏଥର ପ୍ରତିଷ୍ଠିତ ଓକିଲ ବିଜୟ ପତିଙ୍କ ପୁଅ ଭାବରେ ନୁହେଁ, ବରଂ ଗୋଟିଏ ସ୍ୱାଧୀନ ଚେତା ମଣିଷ ଭାବରେ। ଆଶାକରେ, ମୁଁ ଏଥର ତମକୁ ନିରାଶ ହେବାକୁ ଦେବିନି। ଏତିକି କହି ବିକାଶ ଚାଲି ଯାଇଥିଲା, ଫ୍ଲାଇଟ ଭିତରକୁ। ମାନସୀ ଆାକ ହୋଇ ଚାହିଁ ରହିଥିଲା ବିକାଶର ଯିବା ବାଟକୁ। ମନେ ମନେ ଭାବୁଥିଲା ସେ, ଏତେଗୁଡିଏ କଣସବୁ କହିଗଲା ବିକାଶ, ପୁଣି ଏତେ ଦମ୍ଭରେ। ଦୁହିଁଙ୍କ ଭିତରେ ଛିନ୍ନ ହୋଇ ଯାଇଥିବା ସମ୍ପର୍କକୁ ବିକାଶ କଣ ପୁଣିଥରେ ଯୋଡିବାକୁ ଚାହୁଁଚି ? ବିକାଶ ଥିଲା ତାର ପ୍ରଥମ ପ୍ରେମ, ତାର ମନର ମଣିଷ, ଯାହାକୁ ନେଇ ସେ ଦେଖିଥିଲା, ଅନେକ ରଙ୍ଗୀନ ସ୍ୱପ୍ନ। କିନ୍ତୁ, ହଠାତ ଦିନେ ସବୁ ସ୍ୱପ୍ନ ତାର ଭସ୍ମୀଭୂତ ହୋଇ ଯାଇଥିଲା। ଆଉ ଆଜି ଅପ୍ରତ୍ୟାଶିତ ଭାବେ, ବିକାଶ ସଙ୍ଗେ ଭେଟ। ବିକାଶ ଆଖିରେ ତାଙ୍କର ପୁରୁଣା ଦିନର ସ୍ୱପ୍ନକୁ ପୁନର୍ଜନ୍ମ ଦେବାର ପ୍ରୟାସକୁ ସେ ପଢି ପାରିଥିଲା। କିନ୍ତୁ, ଏଇଟା କଣ ସମ୍ଭବ, କଣ ଯୁକ୍ତିଯୁକ୍ତ ? ନିଜକୁ ନିଜେ ପ୍ରଶ୍ନ କରୁଥିଲା ମାନସୀ।

ଅନ୍ୟପଟେ ବିକାଶ ଫ୍ଲାଇଟରେ ନିଜ ସିଟ ବେଲ୍ଟ ଲଗଉ ଥିଲା ବେଳେ ସକାଳୁ ତା ସହିତ ଘଟିଥିବା ଘଟଣା ସବୁ ଗୋଟିଏ ପରେ ଗୋଟିଏ ମନେ ପଡି ଯାଉଥିଲା। ପ୍ରଥମେ ଫ୍ଲାଇଟ ମିସ ହେବାରୁ ଅଳ୍ପକେ ବର୍ତ୍ତିଯିବା, ତାପରେ ଫ୍ଲାଇଟରେ ବୈଷୟିକ ତ୍ରୁଟି ଯୋଗୁ ଜରୁରୀକାଳୀନ ଅବତରଣ, ମାଙ୍କ ସାଧା ଭୋଜନର ନିର୍ଦ୍ଦେଶ, ମାନସୀର ଫ୍ଲାଇଟର ଦୁଇ ଘଣ୍ଟା ବିଳମ୍ବ ଏବଂ ମାନସୀ ସଙ୍ଗେ ତାର ଅକସ୍ମାତ ଭେଟ, ଏତେସବୁ ଘଟଣା ଗୋଟିଏ ପରେ ଗୋଟିଏ ଘଟିଯିବା କଣ କେବଳ ସଂଯୋଗ ନା ଭଗବାନଙ୍କ ଇଚ୍ଛା। ବିକାଶର ଫ୍ଲାଇଟ ଟେକ ଅଫ କରିବା ସଙ୍ଗେ ତା ମନ ମଧ୍ୟ ଟେକ ଅଫ କରି ଯାଇଥିଲା, ଖୁସିର ଏକ ଅଜଣା ରାଇଜକୁ। ତାର ମନେ ପଡିଯାଇଥିଲା, ବୋଡିଙ୍ଗ କାଉଣ୍ଟରର ସେଇ ମହିଳା ଅଧିକାରୀଙ୍କ କଥା, you are very lucky today, Mr. Vikash. ମନେ ମନେ ଭଗବାନଙ୍କୁ ଧନ୍ୟବାଦ ଦେଇଥିଲା, ମାନସୀ ସାଙ୍ଗରେ ଏପରି ଭେଟ କରାଇବା ପାଇଁ। ତା ମୁହଁରୁ ବାହାରି ଆସିଥିଲା, Oh God, you are great.........

# ଜୟଦେବଙ୍କ ଗାଁ ଲୋକ

## ରମେଶ ପଟ୍ଟନାୟକ

ମଦନ ମୋହନ ପାହାଚ ଓହ୍ଲାଇଲେ ଯେମିତି ଡାଇରେକ୍ଟର ଚକ୍ରବର୍ତ୍ତୀ କାରରୁ ଓହ୍ଲାଇ ସଂସ୍କୃତି ମନ୍ତ୍ରଣାଳୟର ବାରଣ୍ଡା ଦେଇ ଅଗ୍ରଧାବନ କଲେ। ଦପ୍ତରୀ ମାଡାମଙ୍କ ଫାଇଲ୍ ଧରି ତାଙ୍କୁ ଅନୁସରଣ କଲେ।

କଳାକାର ଆର୍ଥିକ ଅନୁଦାନ ବିବରଣୀ ଫାଇଲ ତିଆରି ହେଲାକି ? ଏ ସଂକ୍ରାନ୍ତରେ ଜାଣିବା ପାଇଁ ବ୍ୟକ୍ତିଗତ ସହକାରୀଙ୍କୁ ସଂଯୋଗ ସ୍ଥାପନ କଲେ ମାଡାମ୍। ସହକାରୀ ଆସି ମୁଣ୍ଡପୋତି ଠିଆହେଲେ। ଏ ବିଷୟରେ ତଥ୍ୟ କାହା ପାଖରେ ଅଛି ? ମାଡାମ ଚକ୍ରବର୍ତ୍ତୀ ଦୋହରାଇଲେ।

ବ୍ୟକ୍ତଗତ ସହକାରୀ ପ୍ରଶାସନିକ ଅଧିକାରୀଙ୍କ କ୍ୟାବିନ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ ଫାଇଲଟି ପଣ୍ଡାସାରଙ୍କ ଆଲମାରୀରେ ଅଛି। ତତ୍‌କ୍ଷଣାତ ମାଡାମ ପ୍ରଶାସନିକ ଅଧିକାରୀଙ୍କୁ ଡକେଇଲେ। ନିର୍ବାଚନ ପାଖେଇ ଆସିଲାଣି। କେନ୍ଦ୍ରରୁ ଶହ ଶହ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ବିବରଣୀ ଆସିଲାଣି। ତାହାକୁ ନାଟ୍ୟରୂପ, ପାଲା ଓ ଗାୟକ ରୂପ ଦିଆଯିବ। ନାଚଗୀତ ମାଧମରେ ଲୋକଙ୍କ ମଧ୍ୟରେ ପ୍ରସାରିତ ହେବ।

କିନ୍ତୁ ସାର୍ ସେଯାଏଁ ଅଫିସରେ ପହଞ୍ଚି ନଥିଲେ କାହିଁକିନା ତାଙ୍କୁ ସରକାରୀ କ୍ୱାର୍ଟର୍ସ ମିଳି ନଥିଲା। ତେଣୁ ୪୦ କିଲୋମିଟର ଦୂର କେଉଁ ଭଡ଼ାଘରୁ ସେ ରିକ୍ସାରେ କିଛି ଦୂର, ଚାଲିଚାଲି କିଛିବାଟ ଓ ଅବଶିଷ୍ଟ ବାଟ ଟାଉନ ବସରେ ଚଢ଼ି ଅଫିସ ଆସୁଥିଲେ। ତାଙ୍କର କିଛି ଦୋଷ ନ ଥିଲେ ବି ସେ ଦପ୍ତରରେ ପହଞ୍ଚିଲା ବେଳକୁ ଦିନ ବାରଟା ବାଜି ଯାଉଥିଲା।

କାହାନ୍ତି ସେ ? କହିଲା ବେଳକୁ ଝାଳନାଳ ହୋଇ ପ୍ରଶାସନିକ ଅଧିକାରୀ ପଣ୍ଡାବାବୁ ପହଞ୍ଚିଲେ।

ଗୁଡମର୍ଣ୍ଣିଂ ମାଡାମ କହିସାରି ଗୁଡ ଆଫଟରନୁନ୍ କହିଦେଲେ ସେ। ମାଡାମ ହାତଘଡି ଦେଖିଲେ। ଓଡ଼ିଆମାନେ ଦକ୍ଷ କିନ୍ତୁ ସମୟ ଦୃଷ୍ଟିରୁ ....ସ୍ୱଗତୋକ୍ତି କଲେ।

ଓଡ଼ିଶାର ନିର୍ବାଚିତ ଦୁସ୍ଥ ଓ ଲୋକ କଳାକାରଙ୍କ ତାଲିକା ପ୍ରସ୍ତୁତି ପାଇଁ ଆବେଦନ ପତ୍ର ତିଆରି ହେଲା ? ନୂଆ ସର୍କୁଲାର ଆସିଛି,

ପାହାଚ ଉପରକୁ ଉଠିଲେ ମଦନ ମୋହନ। ଏ କଣ ? ଦିନ ଆସି ସାଢ଼େ ଦଶ ହେଲାଣି। ଏ କ୍ଷଣିକା ଏକାଦଶୀ ତିଥି ପ୍ରବେଶ କରିବାକୁ ବସିଲାଣି। ଚାକିରୀ, ବୃତ୍ତି ଓ ବାଣିଜ୍ୟ କାରବାର ପାଇଁ ଏକାଦଶୀ ଶୁଭଙ୍କର ନୁହେଁ। ସରକାରୀ ବାବୁମାନଙ୍କ ପାଇଁ କାଳ, ସମୟ ଓ ବାରବେଳାର ମହତ୍ତ୍ୱ କିଛି ନାହିଁ। କାମ କର ବା ନକର, ମାସର ପହିଲା ପୂର୍ବରୁ ଭତ୍ତା ସମେତ ଦରମା ଗଣ୍ଡାକ ଥୁଆ ହୋଇଯାଏ। ତେଣୁ କାହାର ଆସିଲେ କି ଗଲେ ତାଙ୍କର କିଛି ଯାଏ ଆସେ ?

"ଆରେ ହେ, ରାସ୍ତାରୁ ହଟିଯାଅ। ଡାଇରେକ୍ଟର ମାଡାମଜୀ ଆସିବା ବେଳ ହେଲାଣି। କୋଉଁଠି ଥାଆନ୍ତି ଅଯଥା ଲୋକମାନେ ଅଫିସ ଦୁଆରେ ହାବୁଡି ଯାଆନ୍ତି। ହଟ୍ ସେ ପାଖରୁ। ଇଆଡେ ଆସ। କଣ ଦରକାର ?" ଚପରାସି ଗରଗର ହେଲା।

"ଆଜ୍ଞା, ଆମେ ଆସିଥିଲୁ ଉତ୍କଳ ରାଜଧାନୀ ଭୁବନେଶ୍ୱର ପାଖ କେନ୍ଦୁବିଲ୍ୱ ଶାସନ ଇଲାକାରୁ। ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ .... ତୁମ ସହ ଆଉ କିଏ ସବୁ ଆସିଛନ୍ତି ?

ଆଜ୍ଞା, ଆମର ଆଗରେ କି ପଛରେ କେହି ନାହାନ୍ତି। ଚାରି-ପାଞ୍ଚ ପ୍ରାଣୀ କୁଟୁମ୍ବ। ରାଜା, ଜମିଦାରଙ୍କ ପାଖରେ ରହି ନିଜକୁ ଟିକିଏ ସମ୍ଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଆମ୍ଭେ ବହୁବଚନ ପ୍ରୟୋଗ କରିଥାଉଁ।

ବୀରଭୂମ କେନ୍ଦୁଲୀର ସଂସ୍କୃତ କବି ଜୟଦେବ କୋଉଦିନ ଓଡ଼ିଶାର ହୋଇଗଲେ ବା ? ଆମେ ପିଲାଦିନୁ ଶୁଣିଆସିଛୁ, ସେ ବଙ୍ଗରେ ରହି ସଂସ୍କୃତ ଦଶବତାର ରଚନା କରିଥିଲେ।

ମଦନ ମୋହନ ଚପ୍ରାସୀଙ୍କ ଭ୍ରମ ସଂଶୋଧନ କରିବା ପାଇଁ କହିଲେ, "ଦପ୍ତରୀ ମହାଶୟ। ଆମ୍ଭେ ଗାଁ ଗହଳିରେ ପାଲା ଦାସକାଠିଆ ଗାଇ ଚଳିବା ଲୋକ। ପାଟି ଚାଲିଲେ ପେଟ ଚଳେ ଆଜ୍ଞା। ଆପଣଙ୍କ ଡାଇରେକ୍ଟରଙ୍କୁ ଦେଖା କରିବାକୁ ଆସିଥିଲି। ତାଙ୍କୁ ସାକ୍ଷାତ କରି ଗୁହାରୀ ଜଣାଇଲେ ଆମେ ପ୍ରାଞ୍ଚପ୍ରାଣୀ କୁଟୁମ୍ବ ଚଳିଯାଆନ୍ତୁ।"

ଲୋକଙ୍କୁ ଯେ ସୁଦ୍ଧୁ ମିଥ୍ୟାକଥା କହି ତମେ ପେଟ ପୋଷିବାକୁ ଚାହୁଁଛ କିଓ ? ଶ୍ରୀକୃଷ୍ଣ ମହାପ୍ରଭୁ ଏକଥା ସହିବେ ? ଯାଅ ଅନ୍ୟଦିନ ଆସିବ। ବାଟରୁ ଉଠ ଆଗ.....।

ପ୍ରଧାନମନ୍ତ୍ରୀଙ୍କ ରୋଜଗାର ଯୋଜନା ପାଇଁ କେଉଁମାନେ ସ୍କ୍ରିପ୍ଟ ଲେଖିପାରିବେ ବୁଝନ୍ତୁ। ପାଲା କିମ୍ବା ଗୀତିନାଟ୍ୟ ?

ଆଉ ଟିକିଏ ଆପଣ ଦେଖିଦେଲେ ନୋଟିଫିକେସନ କରିବା... ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଆପଣଙ୍କ ପାଖକୁ ଫାଇଲ୍ ପଠାଉଛି, କହି ପଣ୍ଡାବାବୁ ନିଜ କମରା ଆଡକୁ ମୁହାଁଇଲେ। ବାରଂଦାରେ ଭେଟିଲେ ମଙ୍ଗରାଜଙ୍କୁ। ମଥାରେ ପଗଡ଼ି। ଧୋତି ଓ ବରହମପୁରୀ ପାଟ ପାଇଜାମା। ଅଣ୍ଟାନୂଆଁଇ ପଣ୍ଡାଙ୍କୁ ଓଳଗି ହେଲେ ମଂଗରାଜ।

ହଜୁର, ଶୁଣିଲି ଆପଣ ଓଡ଼ିଆ। ତେଣୁ ଗୁହାରୀ କରିବାକୁ ଆସିଛି। ଆଜ୍ଞା, ପାଞ୍ଚପ୍ରାଣୀ କୁଟୁମ୍ବ...।

ଶ୍ରୀ ପଣ୍ଡା ମଙ୍ଗରାଜଙ୍କୁ ଦୃଷ୍ଟିଦେଇ କହିଲେ; ହଉ, ଆପଣ ମଧ୍ୟାହ୍ନ ଭୋଜନ ସାରି ଆସନ୍ତୁ ? ଏବେ ବ୍ୟସ୍ତ ଅଛି। ପରେ ସେ ବିଷୟରେ କଥାବାର୍ତ୍ତା କରିବା।

ଆପଣଙ୍କ ଇଚ୍ଛା, କହି ନିଜ ବେଞ୍ଚ ନିକଟକୁ ଫେରିଲେ ମଙ୍ଗରାଜ। ପ୍ରଶାସନିକ ଅଧିକାରୀ ସେଇ ବାରଂଦା ଦେଇ ପୁଣି ଫେରିଲେ। ତାଙ୍କୁ ଦେଖି ମଙ୍ଗରାଜେ ବସିବା ସ୍ଥାନରୁ ଉଠି ପଡ଼ିଲେ ସମ୍ଭ୍ରମରେ। ଶ୍ରୀ ପଣ୍ଡା ଆଖି ଆଗରୁ ଅଦୃଶ୍ୟ ହେଲାପରେ ସେ ବେଞ୍ଚରେ ବସିଲେ ଓ ଉଚ୍ଚାରଣ କଲେ; ସର୍ବ ମଙ୍ଗଳ ଜଗନ୍ନାଥ...

ଓଡ଼ିଶାର ତେର ଜିଲ୍ଲାର କଲେକ୍ଟରମାନଙ୍କୁ ଲେଖିବାକୁ ହେବ, ଜଣାଇଲେ ଚକ୍ରବର୍ତ୍ତୀ ମାଡାମ। ଏପଟେ ଚାରିପାଞ୍ଚଟି ନୃତ୍ୟ ଓ ଲୋକକଳା ଦଳକୁ ନିଯୁକ୍ତ କରିବା। ପ୍ରତ୍ୟେକ ଜିଲ୍ଲାରେ ଏହି ଦଳ କଳା, ନୃତ୍ୟାଦି ପରିବେଷଣ କରି ପ୍ରଧାନମନ୍ତ୍ରୀଙ୍କ ରୋଜଗାର ଯୋଜନା ଓ ଜନଧନ ଯୋଜନାର ପ୍ରଚାର ପ୍ରସାର କରିବେ। କଳାକାରଙ୍କ ରହିବା ଓ ମଞ୍ଚ ପ୍ରଦର୍ଶନ ବ୍ୟବସ୍ଥା, ସ୍ଥାନୀୟ ଲୋକ ସମ୍ପର୍କ ବିଭାଗ ସହାୟତାରେ, କଲେକ୍ଟରମାନେ କୋଡିନେଟ୍ କରିବେ।

ପଣ୍ଡାସାର ହଁ ଭରିଲେ। ମାଡାମ ଚିଠି ଶୃତ୍ରଲିଖନ ଡାକିଲେ କ୍ଷୀପ୍ରଲିପିଙ୍କ ଉଦ୍ଦେଶ୍ୟରେ। ଚଠିର ଅବିକଳ ନମୂନା ଟାଇପିଷ୍ଟଙ୍କୁ ଦିଆଯିବ। ତେଣୁ ଷ୍ଟେନୋ ଟିପାଖାତା ନେଇ ବାହାରିଲେ, ଟାଇପ ସେକ୍ସନକୁ। ଚିଠିର ଚାରିପାଞ୍ଚ କିତା କରାଇବେ। ସେତେବେଳକୁ ମାଡାମ କ୍ଲାନ୍ତ ହୋଇ ପଡିଥିଲେ। ସେ କଲିଂବେଲ ଚିପି ଦରୁଆନକୁ କଫି ବରାଦ କଲେ।

ଅଳ୍ପ ସମୟ ଭିତରେ ମାଡାମଙ୍କ ସହ ପଣ୍ଡାବାବୁ କଫି ଖାଇଲେ। ଏ ଯୋଜନାସବୁ ଖୁବ୍ ଜମିବ ମାଡାମ .... ନିର୍ବାଚନ ରହିଲା ଦୁଇମାସ। ମୋ ମତରେ ସରକାରୀ ଯୋଜନା ସବୁ ଉପାନ୍ତ ଜିଲ୍ଲାରେ ଅଧିକ ଫୋକସ ହେବା ଉଚିତ।

ଶୁଣିଛି, ଓଡ଼ିଶାର ସବୁଜିଲ୍ଲା ଉପାନ୍ତ। ପାଲା ଓ ଦାସକାଠିଆ ପରି ଲୋକକଳାର ସ୍କ୍ରିପ୍ଟ ଆଞ୍ଚଳିକ ଭାଷାରେ ଲେଖାହେଲେ ଭଲ, ପରାମର୍ଶ ଦେଲେ ମାଡାମ ଚକ୍ରବର୍ତ୍ତୀ ... ବୁଝିଲେ, ପୂର୍ବ ଚିଠିରେ ତିନିଚାରି କିତା ନକଲ ହୋଇଛି କି ନା।

ଦପ୍ତରୀ ଖବର ଦେଲା ମିନିଷ୍ଟେରିଆଲ ଷ୍ଟାଫ୍ ଲଞ୍ଚବ୍ରେକରେ ଅଛନ୍ତି। ମଧ୍ୟାହ୍ନ ବିରତି। କିଏ ଜଣେ ଉଡିଶ୍ୟାର କଳାକାର ଆପଣଙ୍କୁ ଦେଖା କରିବାକୁ ଚାହାନ୍ତି ମାଡାମ।

ତାଙ୍କୁ କୁହନ୍ତୁ, ସାକ୍ଷାତକାରର ସମୟ ଦିନ ଦୁଇଟା ପରେ। ଏକଥା ଶୁଣି ମଙ୍ଗରାଜ ଉଠିଲେ ଓ ନିରାଶାରେ ଆଉ ଏକ ପାନ ଜାକିଲେ କଳରେ।

ମଧ୍ୟାହ୍ନ ବିରତି ପରେ ଡ୍ରାଫ୍ଟ ଥୁଆହେଲା ଡାଇରେକ୍ଟରଙ୍କ ଦପ୍ତରରେ। ପ୍ରଶାସନିକ ଅଧିକାରୀ ଆଖି ବୁଲେଇ ଆଣିଲେ। ଦୀର୍ଘଶ୍ୱାସଟିଏ ଛାଡ଼ି କହିଲେ; ମାଡାମ, ଏବେ ଓଡ଼ିଶାର ଜିଲ୍ଲା ସଂଖ୍ୟା ତେର ନୁହେଁ। ଏବେ ତାହା ତିରିଶିରେ ପହଞ୍ଚିଲାଣି। ଗଜପତି, ବରଗଡ଼, ରାୟଗଡ, ନୂଆପଡା, ସୁବର୍ଣ୍ଣପୁର ଓ ଝାରସୁଗୁଡା ପରି ନୂତନ ଜିଲ୍ଲାମାନ ତିଆରି ହେଲାଣି। ସହରାଞ୍ଚଳ ଛାଡ଼ି ଅନୁନ୍ନତ ଜିଲ୍ଲାମାନଙ୍କରେ ରୋଜଗାର ଯୋଜନାର ବାର୍ତ୍ତା ବ୍ୟାପ୍ତ ହେଉ।

ଜିଲ୍ଲାବିସ୍ତାର କଥା ମୁଁ ଜାଣିନଥିଲି। ଆପଣ ବରଂ ଜାତୀୟସ୍ତରରେ ପ୍ରତିନିଧିତ୍ୱ ନ ଥିବା ଅଞ୍ଚଳରେ ଏ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା କରନ୍ତୁ। ନୂଆ ଡ୍ରାଫ୍ଟ କରିଦିଅନ୍ତୁ ଶୀଘ୍ର, କହି ଆଣ୍ଟେ ଚାମ୍ବର ଭିତରେ ପଶିଲେ ମାଡାମ।

ପଣ୍ଡାସାର ଷ୍ଟେନୋଙ୍କୁ ଡକାଇଲେ। କସରତ କରି ଡ୍ରାଫ୍ଟକୁ ପୁଣି ସଜାଡ଼ିଲେ। କଟକ, ପୁରୀ, ବାଲେଶ୍ୱର ବାଦ ଦେଇ ଯୋଡ଼ିଲେ ଅନୁନ୍ନତ ଜିଲ୍ଲା। ପାଲା ଦଳ ବଦଳରେ ଦାସକାଠିଆ, ଛଉ ନୃତ୍ୟ ବଦଳରେ ଗଦବା ଓ ଘୁମୁରା ନାଚ। ନୂଆ ଚିଠି ଟାଇପ କରିବା ପାଇଁ କ୍ଷୀପ୍ରଲିପିକଙ୍କୁ ମୁତୟନ କଲେ।

ହଠାତ୍ ମାଡାମଙ୍କଠୁ ଡାକରା ପାଇ ଉଠିଲେ ସେ। ଗଲାବେଳେ ମିନିଷ୍ଟେରିଆଲ ବିଭାଗରୁ ସଦସ୍ୟ ଟାଇପକରା ଚିଠି ସଂଗ୍ରହ କରିନେଲେ ସେ। ନୂଆ ଚିଠି ପଢ଼ି ଉଲ୍ଲସିତ ଦିଶିଲେ ମାଡାମ। ଗୁଡ୍। କିନ୍ତୁ କଳାକାରଙ୍କ ଗସ୍ତଭତ୍ତା କିଏ ଦେବ ଲେଖିଲେ ନାହିଁତ ?

ସେ କଥା କଲେକ୍ଟରମାନେ ବୁଝିବେନି ? ସେମାନେ ନଦେଲେ ଆମେ ପରେ ବୁଝିବା ସେକଥା।

ମାଡାମ ଦିଶିଲେ ଆଶ୍ୱସ୍ତ। ଏତିକିରେ ଦପ୍ତରୀ ଜଣେ ଦର୍ଶନ ଅଭିଳାଷୀଙ୍କ ଠିକଣା ଲିଖିତ ଚିରକୁଟ ସହ ମାଡାମଙ୍କ ପାଖରେ ଉପସ୍ଥିତ ହେଲା। ତତକ୍ଷଣାତ୍ ମାଡାମଙ୍କ ମୁହଁଭଙ୍ଗୀ କୁଞ୍ଚିତ ଦିଶିଲା। କିଏସେ ଲୋକ ବୁଝନ୍ତୁତ, ସକାଳୁ ଲଗେଇଛି ସାକ୍ଷାତ କରିବ। କ'ଣ ଚାହେଁ ସେ ?

ପଣ୍ଡାସାର୍ ଦପ୍ତରୀକୁ କିଛି ଈଶାରା କଲେ। କିନ୍ତୁ କେନ୍ଦ୍ର କର୍ମଚାରୀଙ୍କ ହାତ ଘଡ଼ିରେ ସେତେବେଳକୁ ପାଞ୍ଚଟା ତିରିଶ ବାଜିବା ଆରମ୍ଭ ହୋଇଯାଇଥିଲା। ତେଣୁ ସେ ଘରକୁ ଫେରିଯିବାର ଉପକ୍ରମ କରୁଥିଲା।

ଆସନ୍ତୁ। କୁହନ୍ତୁ ମହାଶୟ, ଆପଣଙ୍କର କି ସେବା କରିପାରେ ? ମାଡାମ ଚକ୍ରବର୍ତ୍ତୀ ଔପଚାରିକତା ଦୃଷ୍ଟିରୁ ପଚାରିଦେଲେ। ମାଡାମ, ମୁଁ ଓଡ଼ିଶାର ଅଧିବାସୀ। ଭୁବନେଶ୍ୱର ପାଖରେ ରହେ। ସଂସ୍କୃତ କବି ଜୟଦେବଙ୍କ ଜନ୍ମସ୍ଥାନ ଜାଣିଥିବେ। ସେଠି ମୋର ଜନ୍ମ।

ଆଚ୍ଛା, ଆପନେ କି ବେଙ୍ଗଲା ?

ନା, ମ୍ୟାଡାମ ମୁଁ ଓଡ଼ିଆ।

କିନ୍ତୁ ଜୟଦେବଙ୍କ ଜନ୍ମସ୍ଥାନତ ବଙ୍ଗରେ। ଆପଣ କେଉଁଠି ଜନ୍ମନେଲେ ? ଉଡିଶ୍ୟାରେ ନା ବଙ୍ଗରେ ?

ମାଡାମ, ବଙ୍ଗ ପ୍ରତି ଆପଣଙ୍କର ମମତ୍ୱବୋଧ ସ୍ୱାଭାବିକ ହୋଇପାରେ। କିନ୍ତୁ ଏବେ ଐତିହାସିକମାନେ ନୂତନ ତଥ୍ୟ ଉନ୍ମୋଚିତ କରିଛନ୍ତି। ତହିଁରୁ ପ୍ରମାଣିତ ହେଲାଣି ଯେ ଜୟଦେବ ଓଡ଼ିଶାର କବି। ମୁଁ ମଧ୍ୟ ଗର୍ବିତ ଯେ ଭୁବନେଶ୍ୱରଠାରୁ ହଂସପାଳ ବାଲିଅନ୍ତା ରାସ୍ତାରେ ୧୬ କିଲୋମିଟର ଦୂର କେନ୍ଦୁଲି ଶାସନରେ ମୋର ଜନ୍ମ। ଏବେ ମୃତପ୍ରାୟ ପ୍ରାଚୀ ନଦୀ କୂଳରେ କେନ୍ଦୁବିଲ୍ୱ ଗ୍ରାମରେ ଶ୍ରୀ ଜୟଦେବ ୧୧୭୦ ଖ୍ରୀଷ୍ଟାବ୍ଦରେ ଜନ୍ମିତ ହୋଇଥିଲେ। ସେଗାଆଁକୁ ଏବେ ପଡ଼ିଛି ବାରମାସିଆ ପିଚୁରାସ୍ତା।

ସେଠି ଶ୍ରୀ ଜୟଦେବଙ୍କ କୌଣସି ସ୍ମୃତି ଅଛି ?

ହଁ, ଗୀତଗୋବିନ୍ଦର ବୃହଦଂଶ ଲେଖାଯାଇଛି କେନ୍ଦୁଲୀରେ।

ଆରେ, ତୁମ ଉଡିଶ୍ୟାରେ କେନ୍ଦୁବିଲ୍ୱ କୁଆଡ଼େ ଆସିଲା ? ସେଇଟା ଆମାଦେର୍ ବିରଭୂମା ଜିଲ୍ଲାଏ ଅଛି।

କ୍ଷମା କରିବେ ମାଡାମ। ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କ ସମେତ ବଡ଼ବଡ଼ ପଣ୍ଡିତ ଏକଥା ନିର୍ଦ୍ଧାରଣ କରିଛନ୍ତି। ଜୟଦେବଙ୍କ ପୂର୍ଣ୍ଣ ଅବୟବ ପ୍ରସ୍ତର ବିଗ୍ରହ ଏବେବି ପ୍ରତାପରୁଦ୍ରପୁର ନିକଟସ୍ଥ ଆଖଣ୍ଡଳେଶ୍ୱର ମନ୍ଦିରଠାରେ ଅବସ୍ଥିତ। ଜୟଦେବଙ୍କ ପିତା ଭୋଜଦେବ ଓ ମାତା ରମାଦେବୀ ସେହି ବ୍ରାହ୍ମଣ ଶାସନର ବାସିନ୍ଦା ଥିଲେ। ଜୟଦେବ ସ୍ୱୟଂ ସନ୍ନ୍ୟାସ ଜୀବନ ଆଚରଣ କରି ଏହି ପୀଠରେ ସଂସ୍କୃତ ପଢ଼ାଉଥିଲେ ... ନର୍ତ୍ତକୀ ପଦ୍ମାବତୀଙ୍କ ସହ କବିଙ୍କ ସାକ୍ଷାତ ହେବା ପରେ କବିଙ୍କ ମନୋବୃତ୍ତି ବଦଳି ଥିଲା। ଶ୍ରୀମନ୍ଦିର ସେବାରେ ନିୟୋଜିତ ପଦ୍ମାବତୀଙ୍କ ପିତା ଦେବବର୍ମା କବି ଜୟଦେବଙ୍କୁ ଜାମାତା ରୂପେ ବରିବାକୁ ଆଜ୍ଞାପ୍ରାପ୍ତ ହୋଇଥିଲେ ...

ବାସ୍ ବାସ୍। ଗୀତଗୋବିନ୍ଦକୁ ଇଂରେଜୀରେ କିଏ ଅନୁବାଦ କରିଥିଲେ ଜାଣନ୍ତି ? ହଁ, ସାର ୱିଲୟମ ଜୋନସ ଶ୍ରୀରାଧା ଶ୍ରୀବିଷ୍ଣୁଙ୍କ ପ୍ରେମ ରସାମୃତ ଗୀତଗୋବିନ୍ଦର ଇଂଲିଶ ଅନୁବାଦ କରିଥିଲେ। ଜୟଦେବଙ୍କ ଅନେକ ଶ୍ଳୋକ ଓଡିଶୀ ରାଗରେ ଛନ୍ଦାୟିତ। ମହାରୀ ବା ଦେବଦାସୀଙ୍କ ଦ୍ୱାରା ଏହି ଭକ୍ତିଧାରା ପରମ୍ପରାର ମାନ୍ୟତା ଦିଆଯାଇଛି...

ଠିକ୍ ଅଛି, ମୁଁ ଏବେ ଆପଣଙ୍କ ପାଇଁ କି ସେବା କରିବି ?

ବୟସ ପଞ୍ଚତିରିଶ। ଅଧିନର ପାଞ୍ଚ ପ୍ରାଣୀ କୁଟୁମ୍ବ। ପେଟ ପାଇଁ ଦାସକାଠିଆ କରେ। ଶୁଣିଛି ଗାୟକ, ପାଲିଆ, କଳାକାର ଏଠି ରେଜିଷ୍ଟ୍ରିଭୁକ୍ତ ହୁଅନ୍ତି। ସୁଭଦ୍ରା ହରଣ, ସୁନ୍ଦରାକାଣ୍ଡ, ଦ୍ରୌପଦୀ ବସ୍ତ୍ରହରଣ ଓ ଦକ୍ଷ ଯଜ୍ଞ ପରି ପୌରାଣିକ କାହାଣୀ ଗାନ କରିଛି। ମୋ ନାମକୁ ଦରଜ କଲେ ମୁଁ ସଦା ସର୍କାରୀ ସେବାରେ ଉପସ୍ଥିତ ହେବି।

ସେଥିପାଇଁ ଏକ ଆବେଦନ ପଦ୍ଧତି ଅଛି। ଅଡିସନ ପରୀକ୍ଷା ଅଛି। ତମେ କାହାଠୁ ସୁପାରିଶ ଆଣିଛ ? କୌଣସି ମନ୍ତ୍ରୀ ବା ସ୍ଥାନୀୟ ବିଧାୟକଙ୍କ ସୁପାରିଶ ସାଥିରେ ଆଣିଛ ?

କିନ୍ତୁ ମାଡାମ, ଆମେ ଜାତିରେ କଳାକାର। ଭାବିଥିଲି ଏ ଦେଶରେ ପଲିଟିକ୍ସ ବିନା କଳା ତିଷ୍ଠି ପାରିବ।

ଏଇଲେ ନିର୍ବାଚନ ପାଇଁ ଆମେ ବ୍ୟସ୍ତ ଅଛୁଁ। ପରେ ଆପଣ ସମୟ ବାହାର କରି ଆସି ପାରିବେ ?

କିଛି ବୁଝି ନପାରି ମଙ୍ଗରାଜ ବାରଣ୍ଡାରେ ଠିଆ ହୋଇ ରହିଲେ।

*୪/୨ବି୧, ବାସନ୍ତି ଭିଲ୍ଲା, ଝାରପଡା*
*ଭୁବନେଶ୍ୱର - ୭୫୧୦୦୬*



# ଦୀପାବଳି

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଏଥରକ ଦୀପାବଳି ବେଶ୍ ଆଛାଖାସା ଲାଗୁଥିଲା ରିଧିମାକୁ । କାହିଁକି ନା ଶ୍ୱଶୁରଘରେ ତାର ଏ ପହିଲି ଦୀପାବଳି। ରିଧିମାତା ପତିଦେବ ଶିଶିର ବ୍ୟତିରେକେ ଶ୍ୱଶୁରଘରର କୌଣସି ସଦସ୍ୟଙ୍କ ସହିତ ଠିକ ସେ ତାଳମେଳ ରଖି ପାରୁନଥିଲା ଏଯାବତ୍ । ସେ ତ କେବଳ ସେହି ସୁଯୋଗକୁ ଉଣ୍ଡି ବସିଥାଏ କୌଣସି ମତେ ତା ସ୍ୱାମୀଶିଶିର ୱାର୍କ ଫ୍ରମ୍ ହୋମ୍ ଝାମେଲା, ଝଂଝଟରୁ ଉବୁରି ଆସନ୍ତା ଆଉ ସେ ଶ୍ୱଶୁରଘରକୁ ଟାଟା, ବାୟ-ବାୟ କହି ସ୍ୱାମୀ ଶିଶିର ସାଙ୍ଗରେ ବାଙ୍ଗାଲୋର ଚାଲିଯାନ୍ତା । ଅଣୁ ପରିବାରରେ ପ୍ରତିପୋଷିତ ହୋଇଥିବା ଏଠିକାର ଏକାନ୍ନବର୍ତୀ ପରିବାରରେ ସାମଂଜସ୍ୟ ସ୍ଥାପନ କରିବା ବେଶ୍ କାଠିକର ଲାଗୁଥିଲା ରିଧିମାକୁ।

ସେ ତା ମାଆବାପାଙ୍କ ଏକମାତ୍ର ଅଲିଅଲୀ କନ୍ୟାରତ୍ନ । ସେହିପାଇଁ ଆପଣାର କୌଣସି ବସ୍ତୁ ଏବଂ କାହା ସଙ୍ଗରେ ବି ସାଲିସ କରିବାର ଆଦତ୍ ନଥିଲା ରିଧିମାର। ହେଲେ ଏଠିତ ଦୁନିଆଟା କିଛି ଗୋଟେ ନିଆରା ଥିଲା ତା ପାଇଁ। ଘରର ସମସ୍ତ ସଦସ୍ୟ ପରସ୍ପରର ଚିଜ୍‌ଗୁଡିକୁ ବେଧଡକ୍ ଭାବେ ବ୍ୟବାହର କରୁଥିଲେ। ସେଥିରେ ପୁଣି ଅନ୍ୟର ବିନା ଅନୁମତିରେ । କିନ୍ତୁ ଏସବୁ ସତ୍ୱେ ବି କାହାର କାହା ଆଗରେ କୌଣସି ଓଜର ଆପତି ଏପରିକି ଗୁରୁତର ଅଭିଯୋଗ ମଧ୍ୟ ଥିଲା । ଏସବୁ ନିରୀକ୍ଷଣ କରି ରିଧିମାକୁ ତଟସ୍ଥହେବା ସହିତ ଚିଡିଚିଡା ଲାଗୁଥିଲା । ଅନେକ ଥର ଦାଦାପୁଅ ଭାଇ ଋଷଭ ଶିଶିରର କୌଣସିବି ଜିନିଷ ଯଥା-ଶାର୍ଟ, ଟି-ଶାର୍ଟ, ବେଲ୍‌ଟ୍‌ଟାଇ , ଚଷମାଜୋତା ଯାହାବି ତାର ପସନ୍ଦ ହେଉଥିଲା ଉଠାଇନେଇ କହୁଥାଏ- ଭାଇ, ଅମୁକଟା ପିନ୍ଧିକରିଫେରାଇଦେବି। ଶିଶିର ବି ମୁହଁରେ ହସ ଫୁଟାଇ ମନରୁ ଚିଲାଚିଜ୍ ସବୁ ନେଇଯିବାକୁ କହୁଥାଏ ତାକୁ। ରିଧିମା ଯେତେବେଳେ ଏ କଥାକୁ ନେଇ ଆପତି ଜଣାଏ ଶିଶିର ସ୍ମିତହସ ଉଛୁଳାଇ କହେ-ଆରେ, ଆମ ଭାଇ-ଭଉଣୀ ଭିତରେ ଏସବୁ ଚଳିଥାଏ ।

ରିଧିମାର ନଣନ୍ଦ ବର୍ଷା ଆଉତା ଦାଦାଝିଅ ଭଉଣୀ ଗରିମା। ପରସ୍ପରର ଚିଜ୍‌ଗୁଡିକୁ ବେଶ୍ ସହଜରେ ବ୍ୟବହାର କରନ୍ତି ସେ ଦୁହେଁ। ଶାଶୂ ମା ଓ ଖୁଡୀଶାଶୂ ମଧ୍ୟରେ ମଧ୍ୟ ଏକ ଭିନ୍ନ ପ୍ରକାର ଗଠବନ୍ଧନ ଦେଖିବାକୁ ମିଳେ। ଦୁହେଁଯାକ କିଛିଟା ଏମିତି ରହନ୍ତି ଯେମିତି ନିଜ ଭଉଣୀ ଭଳି। ଯଦି କେହିଜଣେ ଅଚିହ୍ନା ଅଜଣା ବ୍ୟକ୍ତି ଘରକୁ ଆସେ ଚାରିଭାଇ–ଭଉଣୀ ଭିତରୁ କିଏ କାହା ଔରସରୁ ଜନ୍ମହୋଇଛି ବୁଝିବା କାଠିକର ହୋଇଯାଏ ତା ପାଇଁ। ସବୁଭାଇ-ଭଉଣୀ ରିଧିମାର ଶାଶୂମାକୁ ମା ବୋଲି ସମ୍ବୋଧନ କରନ୍ତି ଆଉସାନ ମାଆବୋଲି ଡାକନ୍ତି ଖୁଡୀଶାଶୂଙ୍କୁ। ଏସବୁ ବେଶ୍ ଅଜବ ଗଜବ ଲାଗୁଥିଲା ରିଧିମାକୁ । ନିଜର ଦାଦି-ଖୁଡୀ ଆଉ ନିଜବଂଶଜ ଭାଇ-ଭଉଣୀର ଏତେଟା ନିକଟତର ନଥିଲା ସେ । ସହରରେ ଏକାନ୍ତରେ ବସବାସକରିବା ସତ୍ୱେ ରିଧିମା ଏମାନଙ୍କ ସହିତ କୌଣସି ପାରିବାରିକ ଉତ୍ସବ ପର୍ବରେ ଏକାଠି ମିଳାମିଶା କରୁନଥିଲା ।

ସମୟର ଚକ ଗଡିଚାଲେ। ଶ୍ୱଶୁରଘରୁ ଅବିଳମ୍ବେ ଗୋଡ କାଢିବାର ଥାଏ ରିଧିମାର । ଦୀପାବଳିର ହପ୍ତାଟେ ଆଗରୁ ଘରର ମାଲିକାଣୀରୁକଣୀ ଦେବୀ ତଥା ରିଧିମାଙ୍କ ଖୁଡୀଶାଶୂ କହିଲେ–ସମସ୍ତେ ଯେଝା ଯେଝାର କୋଠରିକୁ ସଫାସୁତର କରିବେ ଏବଂ ପରିଷ୍କାର ପରିଛନ୍ନ କରିବାରେ ଜଣେ ଅନ୍ୟ ଜଣକୁ ସହଯୋଗର ହାତ ବଢେଇବେ। ଏକଥା ଶୁଣିବା କ୍ଷଣି ବର୍ଷା ଆଉ ଗରିମା ଦୁହେଁ ଖୁସି ଆନନ୍ଦରେ ବିଭୋର ହୋଇ କହିଲେ– ଓକେ ଖୁଡୀ, ଆମେ ଦୁହେଁ ଏକାବେଳ କେତୟାର । ଦୀପାବଳିରେ ସଫାସଫି କରିବାରେ ଆମକୁ ଖୁବ୍ ମଜାଲାଗେ । ବର୍ଷା ଆଉ ଗରିମା ଯେ ଏମିତି କୋଠରି ସଫାସତୁରକୁ ନେଇ ବେଶ୍ ଉତ୍ସାହିତ ହୋଇଉଠିବେ ଏକଥା ରିଧିମାର କଳ୍ପନାର ବାହାରେ ଥିଲା। ଏମିତି ସଫାସୁତରା କରିବାକୁ କାହାକୁଭଲା କଣ ମିଳିଯିବ ଯେ ଏ ଦୁହେଁ ଏତେ ଖୁସୀରେ ଗଦ୍‌ଗଦ୍ ହୋଇଉଠୁଛନ୍ତି। ଏତିକିବେଳେ ରିଧିମାଙ୍କ ଆଡେ ମୁହଁ ଫେରାଇ ଆଣି ବର୍ଷା କହିଲା– ଭାଉଜ, ଏଥିକୁ ତୁମେ ଜମା ଚିନ୍ତାକରନି । ମୁଁ ଆଉ ଗରିମା ଦୁହେଁ ତମର କୋଠରିକୁ ପରିଷ୍କାର ପରିଛନ୍ନ କରିବାରେ ସହାୟତାର ହାତବଢେଇବୁ। ବର୍ଷା ଏମିତି କହିଲାରୁ ରିଧିମା ମନେ ମନେ ଅନିଚ୍ଛା ପ୍ରକାଶ କରି ମୁର୍କି ହସ ହସିଦେଲେ। ପରଦିନ କୋଠରିଗୁଡିକରେ ସଫାସଫି ଆରମ୍ଭ ହୋଇଗଲା। ବର୍ଷା ଓ ଗରିମାଖାଲି କୋଠରି କାହିଁକି, ଆଲମାରି ମଧ୍ୟ ସଫାସଫି କରିବାରେ ଲାଗିପଡିଲେ। ରିଧିମା ଅରାଜିଥିଲେ ବି ଦୁଇଭଉଣୀ ମିଳିମିଶି ସଫାଇ କାମରେ ପରସ୍ପରକୁ ସହଯୋଗ କରିବାକୁ ଲାଗିଲେ। ସେମାନେ ମନେ ଭାବୁଥିଲେ ଘରେ କାମ ପାଇଟି କରିବା

ଲାଗି ଯୋଉ କାମବାଲୀକୁ କିଛି ଟଙ୍କା ଦେଇ କରାଯାଇପାରନ୍ତା ସେ କାମପାଇଁ ଜେଜେମା ଘରର ସଦସ୍ୟମାନଙ୍କୁ କାହିଁକି ଉପେକ୍ଷିତ କରି ରଖିଛନ୍ତି। ତା ବୋଉ ତ ଘରସାରା ସଫାଇ କାମବାଲୀ ଦ୍ୱାରା କରେଇ ନିଅନ୍ତି ।

କୋଠରି ସଫେଇ କରିବାବେଳେ ଯେଉଁ ପୁରୁଣା ଆଳିମାଳି କାମିଳେ ବର୍ଷା ଆଉ ଗରିମା ଦୁହେଁ ସେସବୁ ଚିଜ୍‌ଗୁଡିକ ଯୋଡିହୋଇ ରହିଥିବା କଥା କାହାଣୀ ମନେପକାନ୍ତି, ରିଧିମାଙ୍କୁ ଶୁଣାନ୍ତି ଏବଂ ଖୁସି ଆମୋଦରେ ଉଛୁଳିଉଠନ୍ତି। ଦୁଇଭଉଣୀ ବିଗତଦିନର ସ୍ମୃତିକୁ ଫେରିଯାଆନ୍ତି । ସେମାନଙ୍କ ସମ୍ଭାଷଣ ଆଳାପ ଶୁଣିସାରି ଆଉ ବିଗତ ଦିନର ସ୍ମୃତିକୁ ଉଜ୍ଜୀବିତ କରିବା ଦେଖି ରିଧିମାଙ୍କ ହୃଦବୋଧ ହୁଏ ଯେ ଦୀପାବଳି ପବରେ ପରିଛନ୍ନତା କେବଳ ସଫେଇ କାମ ନୁହଁ ବରଂ ଏହା ସୁଖଶାନ୍ତି ମୁହୂର୍ତ୍ତ ବିତିଯାଇଥିବା ମୁହୂର୍ତ୍ତ ସବୁକୁ ପୁଣିଥରେ ଉଜ୍ଜୀବିତ କରିବାକୁ ଦିଏନାହିଁ ।

ଏବେ ଘରେ ମିଠାଇ ଓ ରନ୍ଧାରନ୍ଧି କରିବାର କଥା ଆସିଲା । ରିଧିମାର ମନ ପୁଣି ଶଙ୍କାରେ ଭରିଗଲା । ସେ ଭାବନାରାଇଜରେ ବୁଡିଗଲା ବଜାରର ତ ହରକେ ରକମ ମିଠାଇ ଯାହାକୁ ଯେତେ। ଘରେ ଏ ସବୁକୁ ବନେଇ ମୂଲ୍ୟବାନ ସମୟ ବରବାଦ କରିବାର କି ମତଲବ ଯେ । ତାମାମାବି ପ୍ରତିଟି ଉତ୍ସବ ମହୋତ୍ସବ ଓ ପର୍ବପର୍ବାଣୀରେ ଅଫିସରୁଫେରିବାବେଳେ ବଜାରରୁ ଅନେକ କିସମର ମହମହ ବାସ୍ନାଯୁକ୍ତ ମିଠେଇ କିଣିଆଣନ୍ତି । ରିଧିମା ତାମନକୁ ବୁଢୀଆଣୀ ଭଳି ଛନ୍ଦି ଦେଇଥିବାଏକାଧିକ ପ୍ରଶ୍ନର ଉତ୍ତର ତଲାସୁଥିବା ବେଳେ ତା ଶାଶୂମାତାକୁ ରୋଷେଇ ଘରେ ଡାକଛାଡିଲା । ସେ ରୋଷଶାଳାରେ ପହଁଚିଲାବେଳକୁ ଦେଖିଲା ପୂରା ପରିବାର ବସିଛନ୍ତି ସେଠି । ଏମିତିକି ତା ଶ୍ୱଶୁର,ଦାଦା ଶଶୁର ଓ ଦିଅର ମଧ୍ୟ ଚକାମାରି ବସି ରନ୍ଧାରନ୍ଧି କାମରେ ସାହାଯ୍ୟ କରୁଛନ୍ତି । ଖୁବ୍ ଆଶ୍ଚର୍ଯ୍ୟଚକିତ ହେଲା ରିଧିମା । ଟିକିଏ ଅନ୍ୟମନସ୍କ ହୋଇ ବସିରହିବା ପରେ ରିଧିମା ଅନୁଭବ କଲେ ସାରା ଘରର ମାହୋଲ କେଡେ ହସଖୁସିଆ ହୋଇଯାଇଛି । ସଭିଏଁ ଥଟ୍ଟା-ମଜ୍ଜା କରିବା ସହିତ ଗମାତ କରୁଛନ୍ତି । ଦୀପାବଳି ପର୍ବ ଆସିବା ଆଗରୁ ଘରସାରା ଆଲୋକ ଛାଇହୋଇ ଯାଇଚି । ଧୀରେ ଧୀରେ ସବୁକିଛି ବୁଝା ପଡିଗଲା ରିଧିମାଙ୍କୁ। ପର୍ବପବାଣୀ ପାଳନର ପ୍ରକୃତ ଆନନ୍ଦ ଆସେ ପରିବାର ସଦସ୍ୟଙ୍କ ମିଳିମିଶି କାମକରିବାରେ –ଏକଥା ମର୍ମେ ମର୍ମେ ଅନୁଭବ କରିବାକୁ ଲାଗିଲେ ରିଧିମା । ଆପଣା ପଣ ସହିତ ନିଜର ଚିଜ୍‌ଗୁଡିକୁ ବାଂଟିବାମାନେ ନିଜର ସ୍ନେହଶ୍ରଦ୍ଧା, ଆତ୍ମିକଭାବନା, ଉଚ୍ଛ୍ୱାସ ଆବେଗକୁ ଭାଗୀଦାରୀ କରିବା ଏବଂ ସମ୍ପର୍କର ବନ୍ଧନକୁ ମଜଭୁତ କରିବା ସହିତ ସମାନ । ରିଧିମାଙ୍କ ମନରେ ଆଉ ଚିଡାପଣକି ଦ୍ୱିଧାବୋଧ ନ ଥିଲା ଏବେ । ସବାଶେଷରେ ସେହି ଦିନ ଆସିଗଲା ଯୋଉଦିନ ଥିଲା ପବିତ୍ର ପର୍ବ ଦୀପାବଳି । ସେଦିନ ରିଧିମା ସିନ୍ଦୁର ଫାଟିବା ଆଗରୁ ସମସ୍ତଙ୍କ ସଙ୍ଗରେ ଦୀପାବଳି ପୂଜନର ପ୍ରସ୍ତୁତିରେ ଲୁଟିଗଲେ । ମୁହଁସଂଜବେଳକୁ ପୂରା ପରିବାର ମାତାଲକ୍ଷ୍ମୀଙ୍କ ପୂଜାର୍ଚ୍ଚନ ନିମନ୍ତେ ଏକଜୁଟହୋଇ ଜେଜେମାଙ୍କୁ କହିଲେ– ଘରର ସମସ୍ତ ଲକ୍ଷ୍ମୀଙ୍କ ସହିତ ଏକାଠିହୋଇ ପ୍ରଦୀପ ଜଳେଇବୁ । ରିଧିମା କିଛି ସମଝିପାରିଲେ ନାହିଁ ଏବଂ ଆଖିର ପଲକ ନ ପକାଇ ବଲବଲକରି ଶାଶୂମାଙ୍କୁ ଅନେଇ ରହିଲେ । ଏତିକିବେଳେ ଶାଶୂମାମୁ କି ହସଉଛୁଳାଇ କହିଲେ– ଜେଜମାଙ୍କ କହିବାରମାନେ ହେଉଛି ଘରେ ସବୁଝିଅ ଆଉ ବୋହୂମା ଲକ୍ଷ୍ମୀ ସ୍ୱରୂପ, ଏଣୁ ପ୍ରଦୀପ ଆମେ ସବୁ ମିଳିମିଶି ପ୍ରଜ୍ୱଳିତ କରିବୁ। ମାତାଲକ୍ଷ୍ମୀଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ରିଧିମାଙ୍କ ମନ ମଧ୍ୟ ଆଲୋକରେ ଉଦ୍ଭାସିତ ହୋଇଉଠିଲା । ରାଣଖାଇଲେ ଏଣିକି ସେ ପୂରା ପରିବାର ସହିତ ମିଳିମିଶି ଦୀପାବଳୀ ପାଳନ କରିବେ ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର*
*ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*

# ଚୁଡ଼ି- ଶଙ୍ଖା - ସିନ୍ଦୁର

## ବିଭୂତି ଭୂଷଣ ସେନାପତି

ଗୋଲାପୀଗୋଧୂଳି ରଙ୍ଗ କଳା ପଡି ଆସୁଥିଲା । ଧୀରେ ଧୀରେ ଆକାଶର ଅତି ତଳେ ପଶ୍ଚିମ ଆକାଶର ନାଲି ସୂର୍ଯ୍ୟ ଙ୍କ ଆଖିର ବ୍ୟଥା ଓ ବିଦାୟର ଦାରୁଣ ଜ୍ୱାଳା ଅସହ୍ୟ ହୋଇ ପଡୁଥିଲା, କାଠଯୋଡ଼ିର ନୀଳ ପାଣି ସଂଧ୍ୟାର ମିଚି ମିଚି ଅନ୍ଧାର ଶୋଷିନନେଉଥିଲା ନିଜର ବକ୍ଷ ମଧ୍ୟକୁ , ଆଟମିକ ବମ୍ ର ତେଜସ୍କ୍ରିୟ ଅଣୁ ପରି ଚାରି ଆଡେ ବ୍ୟାପି ଯାଉଥିଲା ଏକ ଝାପ୍‌ସା କଳା ସାମିଆନାର ଆବରଣ ।

-କେହି ଯେମିତି ଟିକିଏ ଦୂରରେ କହୁଥିଲା, ଅନିମେଶ ! ଆଖି ଖୋଲି ଦେଖ, ତୁମ ଦୀର୍ଘ ପ୍ରତୀକ୍ଷାର ଯବନିକା ଟାଣି ମୁଁ ଆସିଛି ତୁମ ସାନ୍ନିଧ୍ୟ ଲାଭ କରିବାକୁ । ମୁଁ ସେଦିନ ମୋ କବରୀରେ ଖୋସିଥିଲି ସଜ ଫୁଟା ରକ୍ତ ଗୋଲାପଟିଏ ଆଉ କେତେଗୋଟି ରକ୍ତ ଗୋଲାପ ତୋଳି ତୁମ ହାତରେ ଦେଇଥିଲି ନିଜର ହେବାପାଇଁ । କ'ଣ ମନେ ନାହିଁ ତୁମର ?

-ଦାଣ୍ଡ ଅଗଣାରେ ବସି ଅନିମେଶ ଅତୀତର ଅନୁଭୂତିକୁ କେବଳ ରୋମନ୍ଥନ କରୁଥିଲା ।

---ମନଟା ଆଦୌ ଭଲ ଲାଗୁ ନ ଥିଲା ଅନିମେଶର । ବୋଉ ଦେହ ବଡ ଖରାପ, ବୟସ ହୋଇ ଗଲାଣି । ଏ ବୟସରେ ଶ୍ୱାସଟା ତାକୁ କାବୁ କରିଦେଇଛି । ଔଷଧ ପତ୍ର ସହଯରେ କାମ କରୁନାହିଁ । ପାଖରେ ଅଛି ଅନିମେଶର ଗୋଟିଏ ସାନ ଭାଇ, ସେ ଷ୍ଟୁଆର୍ଡ କଲେଜରେ ପଢୁଛି । ଘରକୁ ମାତ୍ର ତିନିଜଣ । ବୋଉ ବହୁତ ଥର କହିଲାଣି-ମୁଁ ଆଉ ପାରୁନିରେ ଅନି !ହାତକୁ ଦିହାତ କରିଦେଲେ ମୁଁ ଟିକିଏ ଶାନ୍ତିରେ ରହିବି।

---ଦିନଯାକ ଅନିମେଶ ସେମିତି କିଛି ଖାଇ ନଥିଲା । ଥାଳିରେ ଶୁଖିଲା ଭାତ ଗଣ୍ଡାଏ, ଟିକିଏ ପେଜୁଆ ଡାଲି, ଆଉ ସାଧା ତରକାରୀ ଟିକିଏ ଖାଇ ଦିନ ତମାମ ଦୋକାନରେ କାମରେ ବ୍ୟସ୍ତ ରହିଛି । ବାଦାମ ବାଡି ଛକ ମୁଣ୍ଡରେ ଗୋଟିଏ କସମୋଟିକ୍ ଦୋକାନ । ସେହି ଦୋକାନରୁ ତା'ବାପା ତାକୁ ମଣିଷ କରିଛି ତାକୁ ବା ସେମିତି କିପରି ଛାଡିବ । ଏମ୍. ଏ. ପାସ୍ କରି ଚୁଡ଼ି, ଟିକିଲି, ଶଙ୍ଖା ଓ ବାହାଘର ସଜ ବିକି ସେ ତା'ର ଗୁଜୁରାଣ ମେଣ୍ଟାଏ । ଝାମେଲା ନାହିଁ କୁ ଅଡୁଆ ନାହିଁ । ପୁଞ୍ଜି ସବୁଠାରୁ କମ୍ । ଘର ବାଡ଼ି ନ ଥିବାରୁ ସେ ବ୍ୟାଙ୍କ୍ ଲୋନ ବି କରି ନାହିଁ ।

-ଖାଲି ଝିଅ ବୋଉଙ୍କର ଭିଡ଼ । ଆଜକୁ ତିନି ବର୍ଷ ହେବ ସେହିଦୋକାନରୁ ସେ ତା'ର ଗୁଜୁରାଣ ମେଣ୍ଟଉଛି । ଆଜି ଗୋଟିଏ ଝିଅ ଆସିଥିଲା, ଚଂପା ରଙ୍ଗର ଦେହ, କୁଂଚୁ କୁଂଚିଆ କେଶ, ଆଖି ପତାରେ ସରୁ କଜ୍ୱଳର ଧାର । ମନେ ହେଉଥିଲା ସେ ଯେପରି ତାର ନରମ ହାତରେ ଚୁଡ଼ି ପନ୍ଧାଉ ଥିବାରୁ ତା'ର ଜୀବନ ଧନ୍ୟ ହୋଇଗଲା।

-ଆଚ୍ଛା ! ଆପଣଙ୍କ ନାମ..ପଚାରିଲା ଅନିମେଶ....ମୋ ନାମଟା ଜାଣିବା କ'ଣ ନିହାତି ଦରକାର । ଏତକ ଜାଣ, ମୋ ନାମ ଚମ୍ପା, ଗୋଟିଏ ମଫସଲି ଝିଅ ।

-ପ୍ରତି ସପ୍ତାହରେ ଦୁଇ ତିନି ଥର ଆସି ଝିଅଟି ନାଲ, ନୀଳ, ସବୁଜ ଆଉ ହଳଦି ରଂଗର ଚୁଡି କିଣି ତା'ସାଙ୍ଗ ମାନଙ୍କୁ ଦିଏ, ନିଜେ ପିନ୍ଧେ । ଥରକେ ପଚାଶ ଷାଠିଏ ଟଙ୍କାରେ ସଉଦା କରେ । ସାଙ୍ଗ ମାନେ ତା' କାନରେ କହନ୍ତି-ଚୁଡ଼ିର ଏତେ ସଉକ, ତୁ ବାହା ହେଇ ପଡୁନୁ, ସବୁଦିନେ ଅନିମେଶ ବାବୁ ଚୁଡି ପିନ୍ଧଉଥିବେ ।

-କଉଣିରେ ଠେଲି ଦେଇ ଝିଅଟି କହେ-"ଚୁପ୍ , ସେ ଶୁଣିଲେ କ'ଣ ଭାବିବେ । ଭଦ୍ର ଓ ଶିକ୍ଷିତ ଲେକଟିଏ ପରି ସେ ଜଣା ପଡୁଛନ୍ତି ।"

ସେତେବେଳକୁ ଚଂପା ହାତର ନାଲି ଚୁଡ଼ି ଚାରିପଟ ଓ ମଥାର ଟିକିଲି ଟୋପାଟା ସକାଳ ସୂର୍ଯ୍ୟ ପରି ନାଲି ଟହ ଟହ ଦିଶୁଥିଲା ।

-କାହାକୁ କିଛି ନକହି ଚୁଡି କଣିବା ପାଇଁ ଅନିମେଶ ଦୋକାନକୁ ଆସିଥିଲା ଚଂପା । ମନେ ହେଉଥିଲା କିଛି କହିବା ପାଇଁ କିନ୍ତୁ କିଛି କହି ପାରୁ ନ ଥାଏ । ଅତି ନମ୍ରତାର ସହ କହିଲା-"ଅନିମେଶ ବାବୁ ! ସେଦିନ ଯେଉଁ ଲାଲ, ନୀଳ ଓ ହଳଦି ରଙ୍ଗର ଚୁଡି ଦେଇଥିଲେ ସେଥିରୁ ଆଉ ଗୋଟିଏ ଡର୍ଜନ ଦିଅନ୍ତୁ ।"

-ଫରମାସି ଅନୁସାରେ ଚୁଡିର ଦାମ ଶହେ ଟଙ୍କା ହେଲା । ଚଂପା ଶହେ ଟଙ୍କା ନୋଟ୍ ଟିଏ ବଢାଇ ଦେଇ କହିଲା "ଆପଣଙ୍କ ପ୍ରାପ୍ୟ ନିଅନ୍ତୁ ।"

-ଆପଣ ମୋର ନିତି ଦିନିଆ କଷ୍ଟମର , ପରେ ଦେଇଥିଲେ ଚଳି ଥାଆନ୍ତା ।

-କିଛି ସମୟ ପାଇଁ ଅନିମେଶ ବାବୁ ପ୍ରକୃତିସ୍ତ ନ ଥିଲା ପରି ଜଣା ପଡୁଥିଲା । ପାରିଜାତ ମନସ୍କ ପୌରୁଷ ନିଶବ୍ଦରେ ବୋଧହୁଏ କିଛି

ଅତୀତ ସ୍ମୃତିକୁ ସାଉଁଟି ଆଣିବା ପରି ଜଣାପଡୁଥିଲା । ମଧ୍ୟାହ୍ନ ଆକାଶରେ ପକ୍ଷୀ ଯୋଡ଼ିଏ କିଚିରି ମିଚିରି କରି ଉଡି ଯାଉଥିଲେ ବହୁ ଦୂରକୁ । ଚଂପା କପାଳରେ ଛୋଟିଆ ଟିକିଲିଟି ଦାଉ ଦାଉ ହୋଇ ଚାହିଁଥିଲା ଅନିମେଶ ଆଡକୁ ।

- ଉଦୁ ଉଦିଆ ଖରାବେଳ । ସବୁ ଦିନେ ସାଙ୍ଗ ସାଥୀ ଧରି ଚଂପା ଦୋକାନ ପାଖକୁ ଆସେ । ସେଦିନ କିନ୍ତୁ ସାଙ୍ଗ ସାଥୀ ଚଂପା ପାଖରେ ନଥିଲେ ।

- ଅଳ୍ପ ହସି କହିଲା ଅନିମେଶ ।" ତୁମ ବାନ୍ଧବୀ ମାନେ ଆଜି ଆସି ନାହାଁନ୍ତି ?"

- ନାଁ । ସେ ଗୁଡାକ ବଡ ଫାଜିଲ । ସାଙ୍ଗରେ ଆସିବେ, ଯେତେ ସବୁ ବାଜେ କଥା କହିବେ । ସେଥିପାଇଁ ଏଥର ମୁଁ ତାଙ୍କୁ ସାଥିରେ ଆଜି ଆଣି ନାହିଁ ।

- ଚଂପାର ଭସାଣିଆ ଆଖି ଦୁଇଟା ଥରକୁ ଥର ଚାହୁଁଥିଲା ଅନିମେଶ ଆଡକୁ । ପ୍ରଥମ ପ୍ରେମର ପାହାଚରେ ଠିଆ ହୋଇ ସବୁ କିଛି ସ୍ମୃତି ହୋଇ ରହି ଯାଇଛି ପରି ମନେ ହେଉଥିଲା । କେତେ କ'ଣ ଅକୁହା କଥା ମନ ଭିତରେ ଚାପି ଦେଇଥିଲା ଚଂପା । ସୌନ୍ଦର୍ଯ୍ୟ ଉପବନରେ ସଦ୍ୟ ପ୍ରସ୍ଫୁଟିତ ରକ୍ତ ଗୋଲାପଟିଏ ପରି ସେ ଥିଲା ଶିଶିର ସ୍ନାତ, ସୂର୍ଯ୍ୟମୁଖୀଟିଏ ପରି ଢଳ ଢଳ । ନୟନ କଟାକ୍ଷରେ ଭାସି ଉଠୁଥିଲା ଅଦିନ ବିଜୁଳିର ଚମକ ଓ କୃଷ୍ଣ କବରୀରେ ବ୍ରଜ ମଲ୍ଲୀର ସ୍ତବକ ।

- କିଛି ସମୟ ପରେ ଚଂପା କହିଲା-" ଆଜି ମୋତେ ନୂଆ ଡିଜାଇନର ପ୍ଲାଷ୍ଟିକ ଚୁଡି ଦେଖାନ୍ତୁ । "

ବାଛି ବାଛି ଅନେକ ଚୁଡି ବାଛିଲା ଚଂପା । ଅବାକ ହୋଇଯାଇଥିଲା ଅନିମେଶ, " ଏତେ ଚୁଡ଼ି ସବୁଦିନେ ନେଇ କ'ଣ କରୁଛ ?"

"ମୋର ଚଡ଼ି କଣିବା ଗୋଟିଏ ନିତିଦିନିଆ ଅଭ୍ୟାସ । ଦିନର ତିନିଥର ମୁଁ ଚୁଡ଼ି ପିନ୍ଧେ । ସାଙ୍ଗ ସାଥୀଙ୍କୁ ପିନ୍ଧାଏ ।କେତେ ଝିଅଙ୍କର ଶାଢୀ ଗହଣାରେ ଲୋଭ ଥାଏ । ମୋର କିନ୍ତୁ ଭିନ୍ନ ରୁଚି । ଝିଅଙ୍କ କଥା ଆପଣ ବୁଝି ପାରିବେ ନାହିଁ । ବାହା ହୋଇ ସାରନ୍ତୁ, ଯଦି ମୋ ଭଳି ଝିଅଟିଏ ବାହା ହେବେ ତ ରକ୍ଷା । ଆଉ ଯଦି ଶାଢୀ ଓ ଗହଣାରେ ଲୋଭ ଥିବା ଝିଅଟିଏ ବାହା ହେବେ ତାହା ହେଲେ ସରିଲ କଥା ।"

ହଠାତ୍ ଝିଅଟି ଲାଜେଇ ଗଲା ପରି ଜଣାପଡିଥିଲା । କହୁ କହୁ ସେ ସୀମା ଅତିକ୍ରମ କରି ଗଲାଣି । ଆପଣ ଶହେ ଟଙ୍କା ରଖନ୍ତୁ । ମୁଁ ଏହି ଚୁଡ଼ି ବାକ୍ସ ନେଇ ଯାଉଛି ।

ହଠାତ୍ ଟଙ୍କା ସହ ଅନିମେଶ ଚଂପାର ଗୋରା ତକ ତକ ହାତକୁ ଧରି ଚୁଡ଼ି ପନ୍ଧେଇବାକୁ ଗଲା । ମନା କରି ପାରି ନଥିଲା ଚଂପା । ବହୁତ ସମୟ ପର୍ଯ୍ୟନ୍ତ ପିନ୍ଧେଇଲା ଅନିମେଶ । ଅଳ୍ପ କେତେ ଜଣ ସ୍ତ୍ରୀ ଲୋକ ସେଠାରେ ଛିଡ଼ା ହୋଇ ସବୁ ଦେଖୁଥିଲେ । ସବୁ କଥାକୁ ମନ ଭିତରେ ଚାପି ଦେଇ କେବଳ ଆଗାମୀ ସମୟକୁ ଚାହିଁ ରହିଥିଲା ସେ ।

ମନ ଭିତରେ ଆସନ୍ନ ଫଗୁଣର ଫଗୁଝରା ସକାଳ ମଧୁର ସଂଗୀତର ମନ ଛୁଆଁ ମୂର୍ଚ୍ଛନା ତୋଳୁଥିଲା ପରି ଜଣାପଡୁଥିଲା । ଚଂପାର ଅଳତା ଆରକ୍ତ ପାଦ ଅଟକି ଯାଇଥିଲା ପାଷାଣ ପ୍ରତିମାଟିଏ ପରି । କିଛି ଆନନ୍ଦ ଆଉ କିଛି ବିସ୍ମୟ ଲାଖି ରହିଥିଲା ତା'ର ନିର୍ବାକ ଓଠରେ, ଓ ଉତ୍ସୁକ ନୟନରେ । ସର୍ବାଙ୍ଗରେ ଅପୂର୍ବ ସିହରଣ, ସତେ ଯେପରି ନିଜ ଉପରୁ ନିୟନ୍ତ୍ରଣ ହରାଇ ବସୁଥିଲା ଚଂପା ।

-ହଠାତ୍ କଲାହାଣ୍ଡିଆ ମେଘ ଆକାଶରେ ଉଠେଇ ଆସି ବର୍ଷା, ବିଜୁଳି ଓ ବଜ୍ରପାତରେ ଥରାଇ ଦେଉଥାଏ ଛାତି । ଚଂପା କିନ୍ତୁ ଅପେକ୍ଷା କରି ନ ଥିଲା ବର୍ଷା ଛାଡିବା ଯାଏ । ଆଗକୁ ଆଗକୁ ଚାଲିବାକୁ ଲାଗିଲା । ନିର୍ବିକାର ଭାବେ ଚାହିଁ ରହିଥିଲା ଅନିମେଶ । ବର୍ଷା ଛାଡ଼ିବା ଯାଏ ରହିବା ପାଇଁ ସେ ତୁଣ୍ଡ ଖୋଲିବାକୁ ସାହସ କରି ନ ଥିଲା । ଶେଷଥର ପାଇଁ ନମସ୍କାର କରି ଆଗକୁ ଆଗକୁ ଚାଲିଲା ଚଂପା ।

ତା' ପରଦିନ ଠାରୁ ଆଉ ପ୍ରାୟ ପନ୍ଦର ଦିନ ହେବ ଚଂପା ଦୋକାନ ପାଖକୁ ଆସିନାହିଁ । ଜୀବନଠାରୁ ପ୍ରେମକୁ ବଡ଼ ମାନୁଥିଲା ଚଂପା । ଆଜି କ'ଣ ସେ ନିଷ୍ପତ୍ତିରେ କିଛି ପରିବର୍ତ୍ତନ କଲା କି ?

ଏତେ ଭଲ ପାଉଥିଲା, ଆପଣାର କରିବାକୁ ଚେଷ୍ଟା କରୁଥିଲା, କ୍ୟାନଭାସରେ ତା' ରୂପକୁ ଦେଖି ଏକସ୍ପିରିମେଣ୍ଟ କରୁଥିଲା କିନ୍ତୁ ସେ ଦିନ ଚାଲିଗଲା ଏକ ମୁହାଁ ହୋଇ ତାକୁ ଅଟକାଇ ପାରିଲୁନି ଅନିମେଶ, କିଏ ଜଣେ ଯେପରି ମୋ କାନ ପାଖରେ ଫୁସ୍ ଫୁସ୍ କରି କହୁଥିଲା । ଦୀର୍ଘଶ୍ୱାସଟିଏ ପକାଇ ବସି ପଡିଲା ଅନିମେଶ ।

ଚଂପାର ସାନ ଭଉଣୀ ତା'ସାଙ୍ଗ ମାନଙ୍କ ସହିତ ଦୋକାନ ପାଖରେ ପହଁଚି ବାହାଘର ନିମନ୍ତ୍ରଣ ପତ୍ର ଦେଲା । ଅନିମେଶ ବାବୁ! ଆସନ୍ତା ସାତ ତାରିଖ ମୋ ନାନି ବାହାଘର । ଆପଣ ନିଶ୍ଚୟ ଯିବେ, ମୋ ନାନି ମୋ ହାତରେ କହି ପଠାଇଛି । ଆସମାନତାରା ଶଙ୍ଖା ଗୋଟିଏ ପକେଟ, ଚୁଡି ପାଂଚ ପକେଟ ଏବଂ ସୁହାଗ ସିନ୍ଦୂର ଗୋଟିଏ ଡର୍ଜନ ସାଥିରେ ନେବେ । ସେଥିପାଇଁ ଆପଣ ଆଡଭାନ୍ସ ରଖନ୍ତୁ ।

ଅସରନ୍ତି ଭାବନାରେ ଆଉଟି ପାଉଟି ହେଉଥିଲେ ଅନିମେଶ । ଚଂପାର ବାହାଘର..........। ମୁଁ ସ୍ୱପ୍ନ ଦେଖୁନାହିଁତ ? ଯନ୍ତ୍ରଣାର ସଂଗୀତ ପୃଥିବୀର ମଧୁରତମ ସଙ୍ଗୀତ । ଏ କଥା ସେଲି କହିଥିଲେ । ପ୍ରେମ ପାଖରେ ଯନ୍ତ୍ରଣା ନ ଥିଲେ ସୌନ୍ଦର୍ଯ୍ୟ ଉପଭୋଗ କରିହୁଏ ନାହିଁ । ସେଥିପାଇଁ ଗୋଲାପ ପାଖରେ କଣ୍ଟା ଥାଏ ।

ନିମନ୍ତ୍ରଣ କାର୍ଡଟି ପାଇଲା ପରେ ଅନିମେଶ ଦେଖିଲା -ଚଂପା ଜଣେ ଫିଫ୍ଥ ବାଟାଲିଆନ କମାଣ୍ଡର ତପନ ପଟ୍ଟନାୟକଙ୍କୁ ବିବାହ କରୁଛି । ପେଶାରେ କମାଣ୍ଡର ହେଲେବି ସେ ଓଡିଶାର ଜଣେ ଖ୍ୟାତ ନାମା କବି । ସଂବାଦ ପୃଷ୍ଠା ଓ ବହୁ ପୁସ୍ତକରେ ତପନବାବୁଙ୍କର କବିତା ପ୍ରକାଶିତ ହୁଏ । ମୋଟା ମୋଟି ଭାବେ ତପନ ବାବୁ ଜଣେ ହୃଦୟବାନ ବ୍ୟକ୍ତିତ୍ୱ ।

ଚଂପାର ବଧୂବେଶ ଦେଖିବା ପାଇଁ ବହୁ ଚେଷ୍ଟା ପରେବି ଯାଇ ପାରି ନ ଥିଲା ଅନିମେଶ । କେବଳ ବରାତ ମୁତାବକ ଶଙ୍ଖା, ଚୁଡ଼ି ଓ ସିନ୍ଦୂର ତା' ସାଙ୍ଗ ହାତରେ ପଠାଇ ଦେଇଥିଲା ।

ଅଫିସ୍ ଫେରନ୍ତା କ୍ଲାନ୍ତ କିରାଣୀଟିଏ ପରି ଶୀତ ଦିନର ସୂର୍ଯ୍ୟ ଫେରି ଯାଉଥିଲେ ପଶ୍ଚିମ ଆକାଶକୁ । ଦୋକାନ ଆଗରେ ଥିବା ଡେଙ୍ଗା ତାଳ ଗଛ ଉପରେ ଚିକ୍ ଚିକ୍ କରୁଥାଏ ନାରଙ୍ଗୀ ରଙ୍ଗର ମଉଳା ଖରା । କୁଆଡୁ କେତେବେଳୁ କେଜାଣି ହଳଦୀ ବସନ୍ତ ଯୋଡିଏ ପାଖ

ଗଛ ଡାଳରେ ବସି ନିଜ ଭାଷାରେ କଥା ବାର୍ତ୍ତା ହେଉ ଥା'ନ୍ତି ।

ଏହା ମଧ୍ୟରେ ଦୀର୍ଘ ଦୁଇ ମାସ ବିତିଯାଇଛି । ଅନିମେଶ ପୂର୍ବ ସ୍ମୃତକୁ ଧୀରେ ଭୁଲିବାକୁ ଚେଷ୍ଟା କଲେବି ଭୁଲି ପାରୁ ନାହିଁ । ପୂର୍ବ ପରି ସେ ଦୋକାନ ଖୋଲୁଛି ସତ ଆଉ କିନ୍ତୁ ତା' ମନରେ ସରାଗ ଆସୁନାହିଁ । ପ୍ରଥମ ସ୍ପର୍ଶର ଅପୂର୍ବ ପୁଲକ ଅହରହ ରୋମାଂଚିତ କରୁଥାଏ ମନକୁ । ଯନ୍ତ୍ରଣା ଜଡିତ ଜୀବନର ଅନନ୍ୟ ଅନୁଭବକୁ ସେ ଅହରହ ସ୍ୱପ୍ନମନସ୍କ ଭାବେ ଆଙ୍କି ଚାଲୁଥା'ନ୍ତି ହୃଦୟର ନିହାଣ ହାତୁଡ଼ିରେ । ଜୀବନର ଆଦ୍ୟ ବସନ୍ତରେ ସେ ଭଲ ପାଇ ବସିଥିଲା ଚଂପାକୁ, ତା' ସ୍ନେହ ଓ ପ୍ରେମରେ ଅନିମେଶ ବାନ୍ଧି ହୋଇ ଯାଇଥିଲା । ଏବେ ସେ ସ୍ୱୀକାର କରୁଛି ସଂଭ୍ରାନ୍ତଙ୍କ ପାଇଁ ରାତ୍ରୀର ରଜନୀଗନ୍ଧା ଖୁବ୍ ସୁନ୍ଦର, କିନ୍ତୁ ଶ୍ରେଷ୍ଠୀଙ୍କ ପାଇଁ ସୂର୍ଯ୍ୟମୁଖୀ, ଆଉ ଗଣଙ୍କ ଦୃଷ୍ଟିରେ ନଷ୍ଟ ଉର୍ବଶୀ ବେଶ୍ ପ୍ରଶଂସନୀୟ । କଳ୍ପନାତୀତ ଅତୁଳ ଐଶ୍ୱର୍ଯ୍ୟ ଭିତରେ ସେ ଚୋରା ବାଲିରେ ଚିର ଦିନ ଅଟକି ଯାଇଥିବା ଛାର ପଥଭ୍ରଷ୍ଟ ପଥିକଟିଏ ।

ସବୁଦିନେ ପରି ଆଜି ଦୋକାନ ଖୋଲିଛି ଅନିମେଶ । କିଏ ଜଣେ ଆସି ଅପ୍ରତ୍ୟାଶିତ ଭାବରେ କହିଲା ଅନିମେଶ ବାବୁ ! ଚିହ୍ନି ପାରୁନାହାଁନ୍ତି । ଭିଡ଼ ଭିତରୁ ବାହାରି ଆସି ସାମନାରେ ସେ ଠିଆହେଲା । ଦୁଇଟି ନିରାଭରଣ ହାତ । ଦେହରେ ଧଳା ଶାଢୀ, ଧଳା ବ୍ଲାଉଜ, କାନ ହାତ ବେକ ସବୁ ଖାଲି, କପାଳରେ ଧଳା ସିନ୍ଥି ।

- ଖୁବ୍ ଅଳ୍ପ ଦିନ ଭିତରେ ସିନ୍ଦୂରକୁ ପୋଛି ଦେଇଥିବା ନାରୀଟିଏ । ଏ ବେଶ ନେଇ କେହି କେବେ ଏହି ଦୋକାନକୁ ଆସେ ନାହିଁ । କଷ୍ଟମରଙ୍କର ତୀକ୍ଷ୍ଣ ଦୃଷ୍ଟି ସେହି ମହିଳା ଉପରେ ଥିଲା । କାହିଁ କେଜାଣି ସେହି ନାରୀ କଂଣ୍ଠରୁ ଅତି ଆବେଗରେ ବାହାରି ଆସିଥିଲା କଥାପଦଟିଏ । ଅନିମେଶ ବାବୁ ! ଗୋଟିଏ ପକେଟ ନୂଆ ଡିଜାଇନ ଚୁଡ଼ି ଦେବେ ।

-ଝିଅଟା ପାଗିଳୀ ନୁହେଁତ ? ହାତ ଦୁଇଟାକୁ ସାମନାରେ ଦେଖାଇ ଚୁଡ଼ି ମାଗୁଛି । ସେତେବେଳେ ଆଖି କୋଣରେ ଅନିମେଶ ବାବୁଙ୍କର ଦୁଇ ଠୋପା ଲୁହ ଚକ୍ ଚକ୍ କରୁଥିଲା ସୂର୍ଯ୍ୟ କିରଣର ଝାପ୍‌ସା ଆଲୋକରେ । ଏହିପରି ବେଶରେ ତୁମେ ଚୁଡି ନେଇ କ'ଣ କରିବ ? ଅତି ଗମ୍ଭୀର ଭାବରେ ପଚାରିଲା ଅନିମେଶ ।

ଅନିମେଶର ଉଦାସ ଆଖି ଦୁଇଟି ଚାହିଁ ରହିଥିଲା ଝିଅଟିର ହାତ ପାପୁଲିରୁ ଲିଭି ଯାଇଥିବା ପ୍ରଜାପତିଟିକୁ । ପ୍ରଜାପତିର ଦୁଇ ନୀଳାଭ ଡେଣା ମ୍ଳାନ ଦିଶୁଥିଲା । କପାଳରେ ଜମି ଯାଇଥିବା ବୁନ୍ଦା ବୁନ୍ଦା ଝାଳ ପୋଛି ଦେଇ ଅନିମେଶ କହିଥିଲା -ତୁମର ଆଉ ଚୁଡି କ'ଣ ହେବ ? ମନେ ମନେ ଭାବୁଥିଲା ଶଙ୍ଖା ସିନ୍ଦୂର ନାରୀର ଭୂଷଣ । ତାହାକୁ ଆଦରି ନେଇ ନାରୀଟିଏ ବାଛିନିଏ ତା'ର ମନର ପୁରୁଷକୁ । ସେଇଠି ମନ ପ୍ରାଣ ଅଜାଡ଼ି ଦେଇ ସେ ସୁଖର ସଂସାର କରେ । ମୁହୂର୍ତ୍ତକ ପାଇଁ ଏକ ଅଦ୍ଭୁତ ଚାଂଚଲ୍ୟ ଅଧିକାର କରିନେଇଥିଲା ତା'ର ସମଗ୍ର ସୂକ୍ଷ୍ମ ସତ୍ତାକୁ । ଅତୀତର ସବୁ ପରିଚୟକୁ ସେ ଅନ୍ୟମନସ୍କତାରେ ମନରୁ ପାଶୋରି ଦେଇଥିଲା । ଆଜି କିନ୍ତୁ..............।

-କାନ୍ଦ କାନ୍ଦ ହୋଇ କହିଲା ଚଂପା । ବାହାଘରର ମାତ୍ର ଆଠଦିନ ପରେ ପଂଜାବର ବାଟାଲିୟନ କମାଣ୍ଡରଙ୍କ ଠାରୁ ଟେଲିଫୋନ୍ ପାଇ ଦେଶ ମାତୃକାର ସେବା ପାଇଁ ତପନ ବାବୁ ଘରୁ ପାଦ କାଢ଼ି ଚାଲିଗଲେ । ଗଲା ବେଳେ ଏତକ କହିଗଲେ-ଆଗେ ମୋ ଭାରତ ମାତା , ତା'ପରେ ମୋର ପରିବାର । ଠିକ୍ ସେହି ସମୟରେ ଭକତ ସିଂ ଫଟୋ ମୋ ବେଡ୍ ରୁମ୍‌ର ବିଛଣା ଉପରେ ଖସି ପଡ଼ିଲା । ମୋ ମଥାରେ ସିନ୍ଦୂର ଟୋପାଟିଏ ମାରି ଦେଇ ଏତକ କହିଲେ-"ହସି ହସି ମୋତେ ବିଦାୟ ଦିଅ । ମୁଁ ଖୁବ୍ ଶୀଘ୍ର ଫେରିବି ।"

- ଆଉ କିନ୍ତୁ ସେ ଫେରିଲେ ନାହିଁ । ସନ୍ତ୍ରାସବାଦୀଙ୍କ ଗୁଳିରେ ଶହୀଦ ହେଲେ । ମୋ ପରିବାର ଲୋକେ ମୋତେ ଅଲକ୍ଷଣୀ ବୋଲି କହିଲେ । ଘରର ଗୋଟିଏ କୋଣରେ ବସି କାନ୍ଦୁଥାଏ । କେତେଜଣ ସ୍ତ୍ରୀଲୋକ ଆସି ମୋର ମଥାରୁ ସିନ୍ଦୂର ଆଉ ହାତରୁସୁନା ଚୁଡି ଖୋଲିନେଲେ । ଆଉ କାଚ ଚୁଡିକୁ ପଥରରେ ପିଟି ଭାଙ୍ଗିଦେଲେ ।

ପ୍ରତିବାଦ କରିବାକୁ ମୋ ପାଖରେ ସାହସ ନ ଥାଏ । ମୋତେ ସଂପୂର୍ଣ୍ଣ ଭାବେ ନିରାଭରଣ କରି ଧଳା ଶାଢୀ ଓ ଧଳା ବ୍ଲାଉଜ ପିନ୍ଧାଇ ଦେଲେ । ସେତେବେଳେ ମୁଁ ଭାବି ପାରୁ ନ ଥାଏ "ମୁଁ ବିଧବା"। ଆହୁରି ଦୁଃଖ ଲାଗିଲା ଯେଉଁଦିନ ମୋ ଚୁଡ଼ି ସୁଟକେଶ୍ ଆଉ ଶଙ୍ଖା ବାକ୍ସ ଏବଂ ସିନ୍ଦୂର ଫରୁଆକୁ ଜବରଦସ୍ତି ମୋ ଠାରୁ ଛଡାଇ ନେଇ ମହାନଦୀର ନୀଳ ଜଳରେ ଫିଙ୍ଗି ଦେଇ ଆସିଲେ । ନଣନ୍ଦ ମାନେ କହିଲେ ଏହି ଚୁଡ଼ି, ଶଙ୍ଖା ଓ ସିନ୍ଦୂର ଅପବିତ୍ର ଓ କଳଙ୍କିତ । ଘରେ ଆଉ ଏଗୁଡିକ ରହିପାରିବ ନାହିଁ ।

ଚଂପା ଗୋଟିଏ ପକେଟ ଚୁଡ଼ି କିଣି ଶହେ ଟଙ୍କା ନୋଟଟିଏ ଅନିମେଶ ବାବୁଙ୍କୁ ଦେଇ ଆଉ ପଛକୁ ନ ଅନେଇ ଆଗକୁ ଆଗକୁ ଚାଲିଥିଲା ।

କିଂ କର୍ତ୍ତବ୍ୟବିମୂଢ଼ ଅନିମେଶ ଖୁଣ୍ଟଟିଏ ପରି ଠିଆ ହୋଇ ରହିଥାଏ । ଅନେକ ସମୟ ପରେ ତା'ପାଟିରୁ ବାହାରି ଆସିଲା -"ବାସ୍ତବିକ ଚଂପା, ମୋ ଦୋକାନର ସବୁ ଚୁଡ଼ି,ଶଙ୍ଖା ଓ ସିନ୍ଦୂର କଳଙ୍କିତ ଓ ଅପବିତ୍ର । ତୁମ ହାତରେ ଯଦି ମୋ ଚୁଡ଼ି ଓ ଶଙ୍ଖା ନ ରହିଲା ମଥାରେ ସିନ୍ଦୂର ଶୋଭା ନ ପାଇଲା ତା'ହେଲେ ଆଉ କାହା ପାଇଁ ମୁଁ ଆଉ ଦୋକାନ ଖୋଲିବି ?

ତା ପରଦିନଠାରୁ ଆଉ ଦୋକାନ ଖୋଲି ନ ଥିଲା । ଦୋକାନରେ ଗୋଟିଏ ତାଲା ଝୁଲୁଥିବାର ଲୋକେ କହିଲେ । ସତରେ ଅନିମେଶ ସେହି ଚୁଡ଼ି,ଶଙ୍ଖା ଓ ସିନ୍ଦୂରକୁ କ'ଣ ଚୁନ ଚୁନ କରି ଭାଙ୍ଗିଦେଲା , ନା ମହାନଦୀର ନୀଳ ଜଳରେ ଭସାଇ ଦେଲା..................... ?

-ସେତେବେଳକୁ ରାତିର ଅନ୍ଧାର କ୍ରମଶଃ ଗାଢ଼ ହୋଇ ଆସୁଥିଲା । ଅନିମେଶ କେବଳ ଏତକ ଭାବୁଥିଲା ଏମିତି ଅନେକ ଅସମ୍ଭବ ଅନ୍ୱେଷାକୁ ନେଇ ଗତାନୁଗତିକ ଶଗଡ଼ ଗୋଳାରେ ଗଡ଼ି ଚାଲେ ଜୀବନ । ପ୍ରେମର ସ୍ୱର୍ଗୀୟ ସ୍ପର୍ଶ ଓ ଅମୃତମୟ ଅନୁଭବକୁ କେହି କେବେ ଭୁଲି ପାରେନା । ପ୍ରାଚୁର୍ଯ୍ୟରେ ପ୍ରେମ ନ ଥାଏ, କେବଳ ଥାଏ ଦେହର ଭୋକ, ଆଉ ବିଳାସର ସୁଖ । ମୋ ଅନ୍ତରର ଅନ୍ତହୀନ ପ୍ରତୀକ୍ଷା କ'ଣ କେବଳ ନିଜ ପାଇଁ ନିର୍ଲିପ୍ତ ଆଶ୍ୱାସନା ?"

*ସଂଭାପତି, ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ,*
*କୋଲ୍ଡ, ତିହିଡ଼ି, ଭଦ୍ରକ ପିନ-୭୫୬୧୩୦*
*ଦୂରଭାଷ: ୯୪୩୭୫୭୪୪୬୨*

# ଅନ୍ଧ ବଳୟ

ଜ୍ୟୋସ୍ନା ସାମନ୍ତରାୟ

ସମ୍ପର୍କଟିଏ ଆରମ୍ଭ ହୋଇ ଶେଷ ହୋଇଥିଲା ଅଚାନକ। ଆଶାର କ୍ଷୀଣ ଆଲୋକଟିଏ ଉଦ୍ଭାସିତ ହୋଇ ଅପହଞ୍ଚ ସ୍ୱପ୍ନ ପରି ମିଳେଇ ଯାଇଥିଲା ଅନ୍ଧାରରେ। ତାରା ଖଚିତ ଆକାଶରେ ଉଲ୍‌କାର ଆର୍ତ୍ତନାଦ ଶୁଣିଛି ଅନେକ ଥର ମାନସୀ। ଅସହାୟ ଅତୀତର ସ୍ମୃତିକୁ ମାନସ ପଟରୁ ପୋଛିବାକୁ ଯାଇ ଆନ୍ଦୋଳିତ ହୋଇଛି ସେ। ଆଖି ତଳେ କଳା ଦାଗ ସୂଚେଇ ଦେଉଥିଲା ଗୋପନ କଥା ଯେତେ ଭୁଲିବାକୁ ଚାହିଁଲେ ବି ଅଭୁଲା ରହିଯାଏ। କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମନେରଖିବାକୁ ଚାହିଁଲେ ବି ସ୍ମୃତି ପଟରୁ କେତେବେଳେ ଖସିଯାଏ ଜାଣି ହୁଏନି। ସମ୍ପର୍କଟିଏ ଅଚାନକ ଆରମ୍ଭ ହୋଇ ଏମିତି ଅନ୍ଧ ବଳୟ ଭିତରେ ଉଭେଇ ଯିବ, କେବେ ଭାବି ନଥିଲା ମାନସୀ।

ଅତୀତର ସୁନେଲି ସ୍ୱପ୍ନ ହଜି ଯାଇଥିଲା ଆଜିକୁ ବାଇଶି ବର୍ଷ ତଳେ। ଦୀର୍ଘ ବାଇଶି ବର୍ଷ ତଳେ ତାକୁ କେତେ ବା ବୟସ ! ଏଇ ସତର କି ଅଠର ହେବ। ଯୌବନର ପ୍ରଥମ ପାହାଚରେ ଏଇ ଆଘାତ ଦୁର୍ବିସହ କରିଥିଲା ଜୀବନ। ଅପହଞ୍ଚ ସ୍ୱପ୍ନର ନୈରାଶ୍ୟରେ ଓ ଅବସାଦରେ ଘାରି ହୋଇଥିଲା ଅନେକ ଦିନ, ହେଲେ ଉପରକୁ କଠିନ ହୋଇ ତିରସ୍କାର କରିଥିଲା ତନ୍ମୟକୁ। ତନ୍ମୟ ନାମକ ତରୁଣ ମନେପଡ଼ିଲେ ଆଜି ଘୃଣାରେ ଶିହରିତ ହୋଇଯାଏ ତନୁମନ। ଅତୀତକୁ ଫେରି ଚାହିଁବାକୁ ଅନିଚ୍ଛା ସତ୍ତ୍ୱେ ବାଇଶି ବର୍ଷ ପରେ ଅତୀତଟି ଆଖି ଆଗରେ ଠିଆ ହୋଇ ନିଜର ଅସ୍ତିତ୍ୱ ଜାହିର୍ କରିବ ଓ ତା' ପରେ ସ୍ୱପ୍ନ ପରି ଅନ୍ଧାରରେ ମିଳେଇ ଯିବା, ଆଶ୍ଚର୍ଯ୍ୟାନ୍ୱିତ କରିଥିଲା ମାନସୀକୁ।

ଅନେକ ବର୍ଷ ପରେ ସେ ଆସିଥିଲା ଭୁବନେଶ୍ୱର। ମୁମ୍ବାଇରେ ବ୍ୟାଙ୍କ ଚାକିରିର ବ୍ୟସ୍ତତା ଭିତରେ ସମୟ ସୁବିଧା ଦେଖି ଘରକୁ ଆସୁଥିଲା ମାନସୀ। ସେତେବେଳେ ବାପା ବୋଉ ଥିଲେ ଘରକୁ ଆସିବା ଲାଗି ପରମ ଆକର୍ଷଣ। ସେମାନେ ଗଲା ପରେ ନିହାତି ଦରକାର ନ ପଡ଼ିଲେ ଇଚ୍ଛା ହୁଏନି ଆସିବାକୁ। ଭାଇର ବିଶେଷ ଅନୁରୋଧ ରକ୍ଷା କରି ଆସିଥିଲା ଏକମାତ୍ର ପୁତୁରା ମୁନୁର ବ୍ରତୋପୟନକୁ। ଚାରିଦିନ ରହି ଫେରିବାର ଥିଲା କୋଣାର୍କ ଏକ୍ସପ୍ରେସ୍‌ରେ। ପ୍ଲାଟଫର୍ମ କୋଳାହଳ ଭିତରେ ସେ ହଜି ଯାଇଥିଲା ଅତୀତର ଉଦାସ ସ୍ମୃତିରେ। ମାନସୀର ମାୟାଛନ୍ନତାକୁ କାଟି ଘୋର ଘର୍ଘର ଶବ୍ଦ କରି ଟ୍ରେନ୍ ନିଜର ଉପସ୍ଥିତି ଜାହିର କଲା ପ୍ଲାଟ୍‌ଫର୍ମରେ। ସେଇ କଳରୋଳ ଫେରେଇ ଆଣିଲା ମାନସୀକୁ ଅତୀତରୁ ବର୍ତ୍ତମାନକୁ। ନିଜର ଟ୍ରଲି ବ୍ୟାଗକୁ ଧରି କମ୍ପାର୍ଟମେଣ୍ଟ ଭିତରେ ପଶି ନିଜ ସ୍ଥାନରେ ବସି ରହି ସନ୍ଧ୍ୟାକୁ ଉପଭୋଗ କଲା।

ତୀବ୍ର ବେଗରେ ଛୁଟି ଚାଲିଲା ଟ୍ରେନ୍। ଆଖି ପିଛୁଳାକେ ସବୁଜ କ୍ଷେତ୍ରକୁ ଦୁଇ ଭାଗ କରି ଆଗକୁ ପହଁରି ପହଁରି ପଛରେ ଛାଡ଼ି ଆସୁଥିଲା ଗଛ, ପାହାଡ଼, ବଣ, ଜଙ୍ଗଲ ଏମିତି ଅନେକ କିଛି। ଛଳଛଳ କରୁଣ ମୁହଁରୁ ଶେଷ ବିଦାୟ ଚିହ୍ନକୁ ପୋଛି ବିଶ୍ରାମ ନେଲା ଉପର ବର୍ଥରେ ମାନସୀ। କ୍ଳାନ୍ତ ଆଖି ଦୁଇଟି ବୁଜିଦେଇ ସ୍ୱପ୍ନ ରାଜ୍ୟରେ ବିଚରଣ କରୁଥିଲା ବେଳେ କାହାର କର୍କଶ ସ୍ୱରରେ ନିଦ ଭାଙ୍ଗି ଯାଇଥିଲା। ସେତେବେଳେ ପ୍ରାୟ ରାତି ତିନିଟା। ଟିକେ ଅସ୍ୱସ୍ତି ଅନୁଭବ କରି କଡ଼ ଲେଉଟେଇଲା ମାନସୀ।

ରାତିରେ ଥରେ ନିଦ ଭାଙ୍ଗିଗଲେ, ଚିନ୍ତାର ଅଦୁଆ ସୂତାରେ ଛନ୍ଦି ହୋଇଯାଏ ମାନସୀ। ଅତୀତଟି ଆଗରେ ଠିଆ ହୋଇ ଅଟ୍ଟହାସ୍ୟ କରେ, ଆନ୍ଦୋଳିତ କରେ ମନକୁ। ଲଗାମଛଡ଼ା ସମୟ, ଘଟଣା ସବୁ ଘଟି ଯାଆନ୍ତି ଆପଣା ଛାଏଁ। ପ୍ରକୃତିର ନିୟମ ଅତି ସୂକ୍ଷ୍ମ, ମଣିଷ ଅବୟବରେ ବନ୍ଧା ହୋଇଥାଏ ଅଦୃଶ୍ୟ ସୂତା। ପଙ୍କ କାଦୁଅରେ ଗୋଡ଼ ଲାଖିଗଲା ପରି ଛାତି ତଳେ ରହିଥିବା ଅକୁହା କଥାରୁ ସାରା ଜୀବନ ବାହାରି ପାରେନି ମଣିଷ।

ପାଟିରୁ ଖସି ଯାଇଥିବା କଥା, ଧନୁରେ ଗୁଣ ଦିଆ ସରିଥିବା ଶର, ବହି ଯାଇଥିବା ନଈ କେବେ କ'ଣ ପଛକୁ ଫେରିଛି ? ଯାହା ଅବଧାରିତ ଯଦି ତାହା ଘଟିବ, ତା'ହେଲେ ଛୋଟ ଘଟଣାକୁ ନେଇ କାହିଁକି ସେ ଘାଣ୍ଟି ହେଉଛି ଜୀବନ ସାରା। ରୂପ, ଗୁଣ, ଚାକିରି ଥାଇ ବି ଏକାକୀ ଚାଲିବାର କଠିନ ନିଷ୍ପତ୍ତିରୁ ବାହାରି ପାରୁନାହିଁ ଆଜି ପର୍ଯ୍ୟନ୍ତ କାହିଁକି ମାନସୀ !

ଏମିତି ଅନେକ କଥା ନଈର ଗୋଳିଆ ସୁଅ ପରି ବହିଯାଇଛି। ହେଲେ ତା' ପାଇଁ ସବୁ କିଛି ଅପାସୋରା ଓ ଅଧୁରା। ମନ ଦିଆନିଆ ଭିତରେ ମାନ ଅଭିମାନ ରହିବ, ହେଲେ ହୃଦୟ ଥରେ ଭାଙ୍ଗିଗଲେ ଯୋଡ଼ିବା ଅସମ୍ଭବ।

ମଣିଷକୁ ଚିହ୍ନିବାକୁ ସାରା ଜୀବନ ନିଅଣ୍ଟ ପଡ଼ିଥାଏ, ଭାବୁଥିଲା ମାନସୀ। ଅଜଣା ଅଶୁଣା ମଣିଷ ଆଗରେ ନିଜକୁ ଉନ୍ମୁକ୍ତ କରୁଥିବା ମଣିଷଟି ସବୁବେଳେ ଧୋକା ଖାଏ। ଜୀବନକୁ ଠିକ୍ ଭାବରେ ବୁଝି ନ ପାରିଲେ ସମ୍ପର୍କ ବୋଝ ପରି ଲାଗେ। ପରିସ୍ଥିତି ପାଖରେ ମୁଣ୍ଡ ନୁଆଁଇ ଦେଲେ ସବୁକିଛି ସହଜ ହୋଇ ଯାଇଥାନ୍ତା। ଭୋଗିବାକୁ ପଡ଼ିନଥାନ୍ତା ଏମିତି ଅନିଶ୍ଚିତ ଅବାଞ୍ଛିତ ଜୀବନ।

ଅସ୍ୱସ୍ତିରେ ପୁଣି କଡ଼ ଲେଉଟେଇଲା ମାନସୀ। କେଉଁ ପରିଚିତ ସ୍ୱରରେ ସ୍ୱପ୍ନ ରାଇଜରୁ ତଳକୁ ଖସିଲା। ସମ୍ମୁଖ ତଳ ବର୍ଥରେ ଅନ୍ଧାର ଭିତରେ ଫୋନ୍‌ରେ ଗପି ଚାଲିଥିବା ମଣିଷର ମୁହଁ ଅସ୍ପଷ୍ଟ ଥିଲା, ହେଲେ ସ୍ୱରରେ ସେଇ ବାଇଶି ବର୍ଷ ତଳର ଆବେଗ। ବିଚଳିତ ହୋଇ ପୁଣି ଶୋଇବାକୁ ପ୍ରୟାସ କଲା ମାନସୀ।

ରାତିର ନିଃଶବ୍ଦ ପ୍ରହରରେ ବାହାରେ କିଛି କୋଳାହଳରେ ଆଖି ଖୋଲିଲା ମାନସୀ। ତଳ ବର୍ଥରେ ବସିଥିବା ବ୍ୟକ୍ତିଙ୍କୁ କିଛି କଥା ହେଉଥିବାର ଶୁଣି ତାଙ୍କ ଉପରେ ଆଖିପଡ଼ିଲା। ମଧ୍ୟମ ବୟସ, ପକ୍ୱ କେଶ, ଚଉଡ଼ା ମୁହଁ ଭିତରେ ସେଇ ଖଣ୍ଡା ନାକ ଓ ଉଜ୍ଜ୍ୱଳ ଆଖି ଦେଖି ଟିକେ ଇତସ୍ତତଃ ହୋଇ ପୁଣି ଚାହିଁଲି ସେ। ସେ ବ୍ୟକ୍ତି ନିଃସଙ୍କୋଚନରେ ଗପି ଚାଲିଥିଲେ ବୋଧହୁଏ ପତ୍ନୀ ସାଥିରେ, ଆବେଗ ଭରା କଣ୍ଠରେ। ଉପର ବର୍ଥରେ ଶୋଇ ମାନସୀ ସ୍ପଷ୍ଟ ସେ ସ୍ୱରକୁ ଚିହ୍ନି ପାରୁଥିଲେ ବି ପରିଚୟ ପର୍ବ ପାଇଁ ସଙ୍କୁଚିତ ହେଲା ମନ। ଦୀର୍ଘ ବାଇଶି ବର୍ଷ ପରେ ଏମିତି ଦେଖାହେବ କେବେ ଆଶା କରି ନଥିଲା। ଅଳିଆ ଆବର୍ଜନା ଭିତରେ ଫିଙ୍ଗିଥିବା ଅତୀତର ଅସ୍ତିତ୍ୱ ଯେମିତି ଜାହିର କରୁଥିଲା ମୁଁ ଥିଲି, ଅଛି, ରହିବି!!

ଏକଦା ଏଇ ପ୍ରିୟ ମଣିଷଟି ଥିଲା ତା'ର ଏକାନ୍ତ ନିଜର। କଳ୍ପନାର ଆଶ୍ଲେଷ ଭିତରେ ସଂଜ୍ଞାହୀନ ତନ୍ମୟଙ୍କ ସତ୍ତା ତାଙ୍କ ବାସ୍ତବତାକୁ ବିବଶ କରେ। ଶୁଖି ଯାଇଥିବା କ୍ଷତ ପୁଣି ରକ୍ତାକ୍ତ ହୋଇ ଅତୀତକୁ ଉଖୁରେଇଲା।

ଟ୍ରେନ୍‌ର ଗତି ସହିତ ତାଳ ଦେଇ କୈଶୋରର ସ୍ମୃତି ସଜଳ ହୋଇ ଭାସି ଆସିଲା ମାନସୀ ମାନସ ପଟରେ। କଲେଜରେ ପ୍ରଥମ ବର୍ଷ ଛାତ୍ରୀ ମାନସୀ। ସାଙ୍ଗ ରଞ୍ଜିତାର ଜନ୍ମଦିନ ପାଇଁ କଲେଜ କ୍ୟାଣ୍ଟିନ୍‌ରେ ଏକାଠି ହୋଇଥାନ୍ତି ଜୁଲି, ମିନୁ, ମିଲୁ ଆଉ କିଛି ସାଥୀ। ସେଦିନ ରଞ୍ଜିତାର ପିଉସୀ ପୁଅ ଭାଇ ତନ୍ମୟଙ୍କ ଉପସ୍ଥିତି, ସମସ୍ତଙ୍କର ଖାଇବା, ପିଇବା ଅତି ଯତ୍ନରେ ବୁଝିବାରେ ଶାଳୀନ ବ୍ୟବହାର ଆକର୍ଷିତ କରିଥିଲା ପ୍ରତ୍ୟେକଙ୍କୁ। ତ' ପରଦିନ ପ୍ରାୟ ସବୁ ସାଙ୍ଗ ତନ୍ମୟଙ୍କ କଥା ରଞ୍ଜିତା ଠାରୁ ଶୁଣିବା ପାଇଁ ତା'ର ପ୍ରିୟ ହୋଇଥିଲେ। ମାନସୀ କିନ୍ତୁ ମନର ଭାବାବେଗକୁ ନିୟନ୍ତ୍ରଣ ରଖିଥିଲା।

ଦିନେ କଲେଜରୁ ଫେରିବା ବେଳେ ବର୍ଷା ଯୋଗୁ ଅଟକି ଯାଇଥିଲା କରିଡ଼ର୍ ସାମ୍ନାରେ। ସେଠାରେ ତନ୍ମୟ ତାଙ୍କୁ ଦେଖି ସ୍ମିତ ହସି ଅଭିବାଦନ ଜଣେଇ ଥିଲେ। ବର୍ଷା ଛାଡ଼ିବା ପରେ ସାଙ୍ଗରେ ଚାଲି ହଷ୍ଟେଲରେ ଛାଡ଼ି ଦେଇଥିଲେ। ତା' ପରଠାରୁ ଅନେକ ଈର୍ଷାତୁର ଆଖିକୁ ଅଣଦେଖା କରି ସେମାନେ ପରସ୍ପରକୁ ଭେଟୁଥିଲେ ଓ କ୍ୟାଣ୍ଟିନରେ ଖାଉଥିଲେ। କେବେ ଦେବଦାରୁ ଗଛମୂଳେ, କୃଷ୍ଣଚୂଡ଼ା ଗଛ ତଳେ, ସୁନାହରୀ ପାର୍ଶ୍ୱରେ ଗପିବାରେ ଘଣ୍ଟା ଘଣ୍ଟା ସମୟ ବିତିଛି, ହେଲେ କ୍ଲାନ୍ତି ଆସିନି। ଭାବର ଆଦାନ ପ୍ରଦାନରେ ସମ୍ପର୍କ ନିବିଡ଼ତର ହୋଇଥିଲା ମାତ୍ର ପ୍ରେମର ରୂପ ନେଇ ନଥିଲା। ଧାଡ଼ି ଧାଡ଼ି ବର୍ଣ୍ଣାଢ଼ ପୁଷ୍ପିତ କୃଷ୍ଣଚୂଡ଼ା, ସୁନାହରୀ ସୁନାରଙ୍ଗର କାନଫୁରା ଫୁଲ ଆଣି ମାନସୀ ଗଭାରେ ସଜେଇ ଦେଇଥିଲେ ସେ। ନୀଳ ଗୋଲମୋହର ଗଛରୁ ଖସିଥିବା ଫୁଲର ବାଇଗଣୀ ରଙ୍ଗର ଗାଲିଚା ଉପରେ ବସି ସୂର୍ଯ୍ୟାସ୍ତ ଦେଖୁଥିଲେ ଅନେକ ସମୟ। ହେଲେ ବାରମ୍ବାର ଦେଖାସାକ୍ଷାତ ଭିତରେ କେବେ ପ୍ରେମ ନିବଦେନଟିଏ କରି ନଥିଲେ ତନ୍ମୟ। ମାନସୀ ସେ ଦୃଷ୍ଟିରୁ ଥିଲା ବହୁତ ଗମ୍ଭୀର। ପ୍ରେମ ଜାହିର କରିବା ମାନସୀ ପକ୍ଷରେ ଥିଲା ଅସମ୍ଭବ। ଏମିତି ବିତିଗଲା ବର୍ଷଟିଏ। ଧୀରେ ଧୀରେ ତନ୍ମୟଙ୍କ ସହିତ ଦେଖା ସାକ୍ଷାତ କମିଗଲା। ପାଠ ପଢ଼ାପଢ଼ି ପାଇଁ ବ୍ୟସ୍ତ ରହୁଥିବେ ତନ୍ମୟ, ଏହା ହିଁ ଭାବୁଥିଲା ମାନସୀ।

ହଠାତ୍ ଦିନେ ଲାଇବ୍ରେରୀ ପାର୍ଶ୍ୱରେ ଦେବଦାରୁ ଗଛମୂଳେ ତନ୍ମୟଙ୍କୁ ରିତୁ ସହିତ ଦେଖି ଆଶ୍ଚର୍ଯ୍ୟ ହେଲା ମାନସୀ। ତନ୍ମୟଙ୍କ ଅଣଦେଖାର କାରଣ ଅଛପା ରହିଲାନି। ପ୍ରେମର ପ୍ରତିଦ୍ୱନ୍ଦ୍ୱୀକୁ ଦେଖି ଈର୍ଷାତୁର ହେଲା, ଅବସାଦରେ ଆନ୍ଦୋଳିତ ହେଲା, ଯନ୍ତ୍ରଣାରେ ଜର୍ଜରିତ ହେଲା ମାନସୀ। ତା'ର ସମଗ୍ର ସତ୍ତାକୁ ଶୂନ୍ୟତା ଆବୋରି ବସିଲା।

ଧୀରେ ଧୀରେ ଦେହ ଓ ମନରେ ଲାଗିଥିବା ନିଆଁକୁ ଆୟତ୍ତ କଲା। ନିଜକୁ ଦୃଢ଼ କଲା, ଅବହେଳା କରିଥିବା ପାଠରେ ମନୋନିବେଶ କଲା ମାନସୀ। ସ୍ୱାର୍ଥପର ମଣିଷଟିଏ କାହାର ନୁହେଁ, ରିତୁ ସହ ତାଙ୍କ ସମ୍ପର୍କ ଯେ କ୍ଷୀଣସ୍ଥାୟୀ ତାହା ପ୍ରମାଣିତ କଲା।

ଅସ୍ୱସ୍ତିକର ପରିସ୍ଥିତିରୁ ମୁକୁଳି ପାଠ ପଢ଼ାରେ ମନୋନିବେଶ କଲା ମାନସୀ। ତନ୍ମୟ କୌଣସି ସମ୍ପର୍କ ସହିତ ଦୃଢ଼ ରହି ପାରିବନି ଏହା ସ୍ଥିର ନିଶ୍ଚିନ୍ତ ଥିଲା। କିଛିଦିନ ପରେ ରିତୁର ଅବିନାଶ ସହିତ ସମ୍ପର୍କ ଛିନ୍ନ ଓ ତନ୍ମୟର ଅନୁତାପ ବିଷୟରେ ରଞ୍ଜିତା ଠାରୁ ଶୁଣିଥିଲା ସେ। ହେଲେ ସେଥିପାଇଁ ତା' ମନରେ ଆଗ୍ରହ ନଥିଲା। ଥରେ ହୃଦୟ ଭାଙ୍ଗିଗଲେ ଆଉ ଯୋଡ଼ି ହୁଏନି।

ପରୀକ୍ଷା ସରିବା ପରଦିନ ସମସ୍ତେ ବ୍ୟସ୍ତ ଓ ବିବ୍ରତ, ଦୁଇ ବର୍ଷର ସମ୍ପର୍କ କୋଉଠି ନିବିଡ଼ ତ କୋଉଠି ଚୁରମାର। ସେଇ ସୁଖ ସମ୍ମୋହନକୁ ଛାଡ଼ିବା କେତେ କଷ୍ଟକର, ଜଣେ ଶେଷ ଦିନ ନ ଦେଖିଲେ ହୃଦୟଙ୍ଗମ କରି ପାରିବନି। ସମସ୍ତଙ୍କ ଠାରୁ ବିଦାୟ ନେବାର ଶେଷ ରାତି ଥିଲା ଅତି ଦୁଃଖଦ। କିଛି ସାଙ୍ଗ ବୁଲାବୁଲି କରି ବିଳମ୍ବିତ ରାତିରେ ହଷ୍ଟେଲକୁ ଫେରିଥିଲେ, କିଛି ସାଙ୍ଗ ରାତି ସାରା କାନ୍ଦିଥିଲେ। ହେଲେ ମାନସୀ ପ୍ରତାରଣାର ପଙ୍କିଳ ପରିସ୍ଥିତିରୁ ମୁକ୍ତି ପାଇଁ ବ୍ୟଗ୍ର ହେଉଥିଲା। ସବୁ ଦୁଃଖ ସୁଖକୁ କଲେଜ ବେଢ଼ା ଭିତରେ ଛାଡ଼ି, ଗୃହାଭିମୁଖୀ ମନ ଅତୀତକୁ ଜଳାଞ୍ଜଳି ଦେବାକୁ ଯାଇ ଅଶ୍ରୁ ସଜଳ ହେଲେ ବି ନିଜକୁ ଦୃଢ଼ ଭାବରେ ନିୟନ୍ତ୍ରଣ କରିଥିଲା ମାନସୀ।

ରାତିରେ କିଏ କେତେବେଳେ ଶୋଇଥିଲେ କହି ହେବନି, ହେଲେ ସକାଳୁ ଉଠି ସମସ୍ତେ ନିତ୍ୟକର୍ମ ସାରି ଅତୀତକୁ ଅଳିଆ ଗଦାରେ ଫିଙ୍ଗି ଘରକୁ ଯିବାକୁ ତତ୍ପର ହେଲେ। ହଠାତ୍ ଉଦାସ ସକାଳକୁ ଅଶ୍ରୁଳ କରି

ଆସିଲେ ତନ୍ମୟ। ନିଜର ଭୁଲ୍ ପାଇଁ ଅନୁତାପ କରିଥିଲେ। ମାନସୀ ଭିତରେ କିଛି ଉତ୍ତେଜନା ଥିଲେ ବି ଉପରକୁ କୌଣସି ଭାବାନ୍ତର ପ୍ରକାଶ କରି ନଥିଲା ସେ। ଭିତରେ ବହୁଥିବା ସୁନାମୀକୁ ସେ ଅତି କଷ୍ଟରେ ନିୟନ୍ତ୍ରଣ କରି ହସି ହସି ବିଦାୟ ଜଣେଇ ଥିଲା ତନ୍ମୟଙ୍କୁ। ସେଇ ଶେଷ ଦେଖା ପରେ ଶ୍ମଶାନର ନିରବତା ନେଇ ଘରକୁ ଫେରିଥିଲା। ନିସ୍ୱ ହୃଦୟରେ କାହାକୁ ରଖିପାରିବ ନାହିଁ ବୋଲି ବିବାହ ନ କରିବା ପାଇଁ ନିଷ୍ପତ୍ତିଟିଏ ସମସ୍ତଙ୍କୁ ଜଣେଇ ଦେଇଥିଲା। ଏକଥା ଶୁଣି ଘର ଲୋକ ହତଚକିତ ହୋଇ ଯାଇଥିଲେ କିଛି ବର୍ଷ। ମାନସୀ ନିଜ ଗୋଡ଼ରେ ଠିଆ ହେବା ପାଇଁ ବିଭିନ୍ନ ଚାକିରି ପାଇଁ ପରୀକ୍ଷା ପରେ ବ୍ୟାଙ୍କ ଚାକିରିରେ କର୍ମମୟ ଜୀବନକୁ ଆଦରି ନେଇଥିଲା।

ଅପ୍ରାପ୍ତିର ଅଭ୍ୟସ୍ତ ସ୍ୱପ୍ନ କଳ୍ପନା ଭିତରେ ବାସ୍ତବତାକୁ ଉପଲବ୍ଧି କରିବା ଆବେଗରେ ଅଚିହ୍ନା ନିଦରେ ଶୋଇ ଯାଇଥିଲା ମାନସୀ। ନିଦ ଭାଙ୍ଗିଲା ବେଳକୁ ଅନ୍ଧାର ଅପସାରିତ ହୋଇ ଆଲୋକ ବିଛେଇ ହୋଇ ଯାଇଥିଲା ଚାରିପଟେ। ସମାନ୍ତରାଳ ଭାବରେ ଗତି କରୁଥିବା ଜୀବନ ଦୀର୍ଘ ବାଇଶି ବର୍ଷ ପରେ ଆସି ଏଇ ଟ୍ରେନ୍ ଯାତ୍ରାରେ ସମ୍ମିଳିତ ହେବ, ଆଶ୍ଚର୍ଯ୍ୟ ଅଭିଭୂତ କରିଥିଲା ମାନସୀକୁ। ସବୁ ରାଗ ଅଭିମାନକୁ ଫିଙ୍ଗି ଦେଇ ଆନନ୍ଦରେ ଆତ୍ମହରା ହୋଇ ତଳ ବର୍ଥରେ ବସିଥିବା ତନ୍ମୟଙ୍କ ଆଡ଼େ ମୁହଁ ବୁଲେଇଲା। ଓଃ ଏ କ'ଣ?

କେତେବେଳେ ନିଜର ଗନ୍ତବ୍ୟ ପଥରେ ଓହ୍ଲେଇ ଯାଇଥିଲେ ତନ୍ମୟ। ବୋଧହୁଏ ରାତିର ଶେଷ ପ୍ରହରର ଅନ୍ଧାର ଭିତରେ ବିଲୀନ ହୋଇସାରିଥିଲେ ସେ। ପୁନଶ୍ଚ ଶୂନ୍ୟତା ଆବୋରି ବସିଥିଲା ମାନସୀର ସମଗ୍ର ସତ୍ତାକୁ। ଅବରୁଦ୍ଧ ଯନ୍ତ୍ରଣାରେ ଛଟପଟ ହୋଇ ଭାବୁଥିଲା ସେ, ଥରଟିଏ ମନ ଖୋଲି ତନ୍ମୟଙ୍କ ସାଥିରେ କଥା ହୋଇଥିଲେ ମେଣ୍ଟି ଯାଇଥାନ୍ତା ହୃଦୟର ତୃଷ୍ଣା। ସାମୟିକ ସଙ୍କୋଚ, ସଂସ୍କାର ଓ ଆତ୍ମସମ୍ମାନ ପାଇଁ ଅଣଦେଖା କରିଥିଲା ଭବିଷ୍ୟତକୁ। ନିଷ୍ଠୁର ନିୟତିର ନିର୍ଦ୍ଦେଶ ଅଲଙ୍ଘନୀୟ, ଏହା ହିଁ ସତ୍ୟ, ଅନ୍ତତଃ ଏତିକି ଉପଲବ୍ଧି କରିଥିଲା ଅନ୍ତରରେ।

*ଜ୍ୟୋତି ବିହାର, ବିଡ଼ାନାସି, କଟକ-୭୫୩୦୧୪*
*ଦୂରଭାଷ: ୮୨୪୯୦୬୧୮୬୭*



**Looking forward to our association in Rotary**

*Rtn. Jayashree Rtn. Tanmay Mohanty*

**Rotary Club of Bhubaneswar**

**Web:** www.luminousinfoways.com **Email:** jaya@lipl.in, tanmay@lipl.in **Contact No.:** +91 9238426536

Luminous Infoways
Delivering values through qualitative thinking

**Proud to be associated with**

ସୂଚନା ଅଧିକାର
RTI Central Monitoring Mechanism

e-Blood Bank
An Integrated Blood Bank Automation System

e-nirman
Online Project Monitoring System

**Dedicated to Personalized e-Governance**

# ଭାଗ ବାଂଟ

ଗୁରୁ ଚରଣ ବେହେରା

ଆଁ ଏ କି କଥା ! ଭଲ ଭାବରେ ଶୁଣିଛ ତ ?

ଗୋପାଳ ସ୍ତ୍ରୀଇଁ, ଗଗନ ସ୍ତ୍ରୀଇଁ ଭିନ୍ନେ ହେଉଛନ୍ତି ! ବିଶ୍ୱାସ ହେଉନାହିଁ। ଯିଏ ଶୁଣିଲା ସିଏ କହିଲା ଏକଥା। ଗୋପାଳ, ଗଗନ ରାମ ଲକ୍ଷ୍ମଣ ପରି ଦି ଭାଇ। ଗୋପାଳ ଗଗନକୁ ପୁଅ ଭଳିଆ କରିଥାଏ।ଗଗନ ବି ଗୋପାଳକୁ ବଡ଼ଭାଇ ରୂପେ ନୁହେଂ ବରଂ ବାପ ଭଳିଆ ମାନିଥାଏ। ଗୋପାଳକୁ ମା ବାରମ୍ବାର କହିଯାଇଥିଲା, ଗୋପାଳରେ ଗଗନକୁ ଜମା ପର କରିବୁ ନାହିଁ। ଦି ଭାଇ ମିଳିମିଶି ଚଳିବ ତମେ ଦି ଜଣ ବଂଚିଥିବା ଯାଏ। ତମ ପିଢ଼ିପରେ କଣ ହବ ସେଇଟା ତ ତମ ହାତରେ ନାହିଁ।

ଗୋପାଳ ଗାଁରେ ରହେ। ଚାଷବାସ କରେ।ଗଗନ କଲିକତାରେ ଚାକିରି କରେ। ଜମି ଦଶ ମାଣ, ଦୋଫସଲି।ବଳଦ ହଳେ।ଗାଈ ଦୁଇଟି। ଧାନ ମୁଗ ବିରି ସାଙ୍ଗକୁ ବାଇଗଣ, କଖାରୁ, ଭେଂଡ଼ି, କଲରା ଚାଷ। ଚାକରଟିଏ ବି ଥାଏ। ଧାନ ଅମଳ ବେଳକୁ ଗଗନ ଘରକୁ ଆସିଯାଏ। ମୁଲିଆ ମଜୁରିଆ ଲଗାଇ ଦି ଭାଇ ଅମଳ କାମ ବଢ଼ାଇଦିଅନ୍ତି ।ଧାନ କାଟିବା। ବିଲରୁ କଟଡ଼ା ଖଳାକୁ ବୋହି ଆଣିବା, ଖଳାରେ କଟଡ଼ା ବାଡ଼େଇବା, ବେଙ୍ଗଳା ପକାଇବା, ଧାନ ଉଡ଼ାଇବା ।ଧାନ ଖଣି ପକାଇ ରଖିବା, ଓଳିଆରେ ବାନ୍ଧି ସଙ୍ଗାରେ ରଖିବା। ଘର ଛପର କାମ ବଢ଼ାଇ ଦେଇ ସେ ଫେରିଯାଏ କଲିକତା।

ଗୋପାଳର ଭାରିଜା ମଇଁ ଦାଂଡ଼ ବାଡ଼ି, ଗାଈଗୋରୁ କଥା ବୁଝେ। ଦାଂଡ଼ ବାଡ଼ି ସଫା କରିବା ଗୁହାଳ ପୋଛିବା, ବାଡ଼ିରେ ଶାଗ ମରିଚ ଲଗାଇବା ତାର କାମ।ଅତିଥି ଅଭ୍ୟାଗତଙ୍କ କଥା ସେ ବୁଝେ। ଗଗନ ଭାରିଜା ସୁମିର କାମ ରୋଷେଇବାସ। ହସଖୁସି ମିଳିମିଶି ଚଳନ୍ତି ଦି ଯାଆ।ସୁମିର ମୁଂଡ଼ରେ ତେଲ ଲଗାଇ ମୁଂଡ଼ କୁଂଡ଼ାଇଦିଏ ମଇଁ। ଯାଆ ନୁହନ୍ତି ଦି ଭଉଣି।ସୁମି ବି ବଳେଇ କରି ମଇଂର ମୁଂଡ଼ କୁଂଡ଼ାଇ ଦିଏ।

ଗୋପାଳର ଗୋଟିଏ ପୁଅ, ଗୋଟିଏ ଝିଅ ଶୁକୁଟା ଆଉ ମାଳ। ହେଲେ ସୁମିର କୋଳ ଖାଲି। ବା ଘର ପନ୍ଦର ବର୍ଷ ଗଡ଼ିଗଲାଣି। ହେଲେ କୁଆଁ ରାବ ସେ ଶୁଣିଲା ନାହିଁ। କଅଁଳିଆ ମାଂସ କଂଢେଇଟିଏ ତା କୋଳ ମଂଡ଼ନ କଲା ନାହିଁ। କେତେ ବ୍ରତ ଉପବାସ ମାନସିକ ଠାକୁର ଦର୍ଶନ କଲା। ପିଲାଟିଏ ପାଇବାକୁ ବଡ଼ ଡ଼ହଳ ବିକଳ ହେଲା। ମଇଁ ତାର ବ୍ୟାକୁଳ ଦେଖିଲା, ତାର ଲୁହ ଧାରର ଛିଟିକା ତା ଉପରେ ପଡ଼ିଲା। ତାର ତୁହାକୁତୁହା ଦୀର୍ଘ ଶ୍ୱାସ ତା ଦିହରେ ବାଜିଲା। ସୁମି ପାଇଁ ସେ କଷ୍ଟ ପାଇଲା, ସୁମିର କଷ୍ଟକୁ ନିଜର କରାଇ ନେଲା । ତାକୁ କେତେ ବୁଝାଇଲା। ତାକୁ ସାଙ୍ଗରେ ଦୂର ଅଦୂର କେତେ ଠାକୁର ଠାକୁରାଣୀ ପାଖକୁ ନେଇକରି ଗଲା, ପୂଜା ଅର୍ଚ୍ଚନା କରାଇଲା। ସୁମିର ସନ୍ତାନ ମନସ୍କାମନା କରି ପ୍ରଭୁ ଜଗନ୍ନାଥ, ଲିଙ୍ଗରାଜ, କାକଟପୁରର ମଙ୍ଗଳା ଦର୍ଶନ ପାଇଂ ସାରା ପରିବାର ଯାତ୍ରା କଲେ ।

ଦିଅରକୁ ଲଗାଇ ସୁମିକୁ ଡ଼ାକ୍ତର ଦେଖାଇବାର ବ୍ୟବସ୍ଥା କରାଇଲା। ଜୋର୍ କରି ସୁମିକୁ ଗଗନ ସାଙ୍ଗରେ କଲିକତା ପଠାଇଦେଲେ ଗୋପାଳ ଅଉ ତା ସ୍ତ୍ରୀ। ବର୍ଷେ କାଳ କଲିକତାରେ ସୁମି ରହିଲା। ସେଠି ଡ଼ାକ୍ତର ପାଖରେ ଚିକିତ୍ସା ହେଲା । ମା କାଳି ଦର୍ଶନ କଲା, ସନ୍ତାନଟିଏ ପାଇଁ ବର ମାଗିଲା। ଫେରି ଆସିଲା। ଦିନ ଗଡ଼ ଚାଲିଲା । ସୁମି ନିଷ୍ଫଳା ହେଇ ରହିଗଲା। ବୁଲାଇ, ବଙ୍କେଇ, ଲୁଚେଇ, ପଛରେ ଆଗରେ, ଅବା ଫୁସ୍ ଫୁସ୍ ହେଇ ଲୋକେ ଯାହା କହିଲେ ତା ହେଲା ସେ ଗୋଟିଏ ବାଂଝ। ଦୁଃଖ, ନିରାଶାରେ ଭାଙ୍ଗି ପଡିଲା ସେ। ନିଜ ଭାଗ୍ୟକୁ ଆଦରି ରହିଲା।

ମଇଂ ଦାଂଡ଼ ବାହାର କାମରେ ବ୍ୟସ୍ତ ରହୁଥିବାରୁ ଶୁକୁଟା, ମାଳର ଯତ୍ନ ଅନେକ ସମୟ ତାକୁ ହିଁ ନେବାକୁ ପଡୁଥିଲା। ଏବେ ସେ ସେମାନଙ୍କ ଆଡେ ବେଶୀ ଧ୍ୟାନ ଦେଲା। ସେମାନଙ୍କୁ ବେଶୀ ବେଶୀ କୋଳକୁ ନେଲା, ଖେଳାଇଲା, ସେମାନଙ୍କ ସାଙ୍ଗରେ ଖେଳିଲା, ଗେଲ ବସର କଲା। ସେମାନଙ୍କୁ ନିଜର କରିବାକୁ ଚେଷ୍ଟା କଲା। କ୍ରମଶଃ ପିଲା ମାନେ ତାକୁ ଭରସିଯାଇ ତା ପାଖରେ ବେଶୀ ବେଶୀ ସମୟ କଟାଇଲେ। ଅଳି ଅର୍ଦ୍ଦଳି ସବୁ ସାନବୋଉ ପାଖରେ। ସୁମି ସେମାନଙ୍କୁ ଗାଧେଇ ଦିଏ, ପ୍ୟାଂଟ୍ ସାର୍ଟ ପିନ୍ଧେଇ ଦିଏ। ସେମାନଙ୍କୁ ଖୋଇ ପେଇ, ସେମାନଙ୍କ ସ୍କୁଲ ବ୍ୟାଗ୍ ସଜାଇ ସ୍କୁଲ୍‌କୁ ପଠାଇବା ତାର କାମ। ପୁଣି ସେମାନେ ସ୍କୁଲ୍‌ରୁ ଫେରିଲେ ଲାଗିଯାଏ ତାଙ୍କ କାମରେ ସେମାନେ ଖାଇ ପେଇ ଶୋଇବା ଯାଏ। ପର ଆପଣାର ବାଡ଼ ଲଙ୍ଘି ସୁମିର ବାଧାହୀନ ନିରୋଳା ବାତ୍ସଲ୍ୟ ମମତା ଦେଖି ମଇଁ ଅଭିଭୂତ ହୁଏ।

ମଇଁର ଦ୍ୱିତୀୟ ପୁଅ ଜନ୍ମ ହେଲା । ଫୁଲ ନୋଳ ସହ କଅଁଳିଆ ପିଲାଟିକୁ ସୁମି କୋଳକୁ ଟେକିଦେଲା ମଇଁ। ନିଅ ଲୋ ସୁମି, ନିଏ ସମ୍ଭାଳ ଯାକୁ।ତୋ ପୁଅକୁ ନିଏ। ପିଲା ରଙ୍କୁଣୀ ସୁମି ତାର ବୋଉ ବନିଗଲା।ପୁଅର ନାଁ ଦେଲେ ଶ୍ୟାମ। ନିଜର ସବୁ ସ୍ନେହ ତା ଉପରେ ଅଜାଡ଼ି ଦେଲା ସେ। ତାକୁ ଜଗି ରହିଥିଲା, ଯେମିତି ସେ ଦୁଧ ଖିଆ ଛାଡ଼ିଛି ମଇଁଠାରୁ ପିଲାଟାକୁ ଅଲଗା କରାଇନେଲା। ତା ଛୁଆଟାକୁ ଅପା ମାଡ଼ି ବସୁଛି, ତାକୁ ଦଉନାହିଁ ବୋଲି ଅଭିଯୋଗ

କଲା, ମୁହଁ ଫୁଲାଇଲା, ଶେଷକୁ ଝଗଡ଼ା କଲା। ଦିଭାଇ ଦିଜଣକୁ ବୁଝାଇ ସମାଧାନ କରାନ୍ତି, ଓ ଖୁସି ହୁଅନ୍ତି। ପଡ଼ା ପଡେଶୀଏ ଆମୋଦିତ ହୁଅନ୍ତି। ସୁମିର ଉଚ୍ଛୁଳା ମାତୃତ୍ୱରେ ଅଭିଭୂତ ହୁଅନ୍ତି । କେତେଜଣ ବି ସୁମିର ଏ ବିମଳ ଆନନ୍ଦକୁ ଅଫୁଲାପଣ ବୋଲି ଟିପ୍ପଣୀମାନ ଛାଟି ଦିଅନ୍ତି। ତାହା ସୁମିର ଦେହରେ ଯେ କେବେ ନ ବାଜିଛି, ତା କହି ହେବନାହିଁ। ବିଚାରା ଆଉ କଣ କରିବ ! ବିଧାତା ତ ବାମ ହେଲା।ମାଗି ଆଣିଲା ତିଅଣ କେଇଦିନକୁ।

ମଇଁର ଆଉ ଗୋଟିଏ ଝିଅ ଜନ୍ମ ହେଲା।ମଇଁର ବାରମ୍ବାର ମା ହେବା ସୁମିକୁ ତାର ନିଷ୍ଫଳ ଜରାୟୁ ବିଷୟରେ ଅଧିକ ସଚେତନ କରାଇଲା, ସେ ଭିତରେ ଭିତରେ ଜଳିବା ଆରମ୍ଭ କଲା। ପୁଣି ବି ଭାବିଲା ଏଥିପାଇଁ ସେ କଣ ଏକଲା ଦାୟୀ ? ତା ଗିରସ୍ତ ଦାୟୀ ନୁହେଁ କି ?ସବୁ ଗୋଳମାଳିଆ। ଶୁକୁଟା ଚତୁର୍ଥ ପାଶ୍ କରିବା ପରେ ଚାଷ କାମରେ ଲାଗିଗଲା।ମାଳର ବାହାଘର ଆଗେ ହେଇଗଲା। ତାପରେ ଶୁକୁଟାର। ତା ଶଶୁର ଯେଉଁ କମ୍ପାନୀରେ କାମ କରେ ସେଇ କମ୍ପାନୀରେ ଶଶୁରର ସୁପାରିସ୍‌ରେ ଶୁକଦେବ ଚାକିରି ପାଇଗଲା। ଭଲ ଦରମା। ମାଳର ଝିଅଟିଏ ହେବାର ଖବର ଆସିଲା।ସୁମିକୁ ଲାଜରେ ସରିଗଲା ଏକଥା ଶୁଣି। ଏ କାଲିକାର ଝିଅମାନେ କଅଁଳ ବଅସରେ ମା ବନିଯାଉଛନ୍ତି , ଅଥଚ ସିଏ...

ସମସ୍ତଙ୍କୁ ଚକିତ କରି ସୁମି ଶେଷକୁ ହେଲା ଗର୍ଭବତୀ। ବାଉନ ବର୍ଷ ବଅସରେ ଗଗନ ହେଲା ବାପା। ମଇଁର ଉର୍ବର ମାତୃତ୍ୱ ହୁଏତ ସୁମିର ଅବଚେତନ ମନରେ ଈର୍ଷା ସୃଷ୍ଟି କଲା। ତାହା ପ୍ରବଳ ରୂପ ନେଇ ସୁମିର ମାତୃତ୍ୱକୁ ଉସୁକେଇଲା, ଜାଗ୍ରତ କରାଇଲା।ହେଇପାରେ ଶ୍ୟାମ ପ୍ରତି ତାର ଅତି ଆବେଗଭରା ବାତ୍ସଲ୍ୟ ମମତା ତାର ମାତୃତ୍ୱର ଉତ୍ସକୁ ଚହଲାଇଦେଲା, ତାର ମା ହେବାର ଇଚ୍ଛାକୁ ବଳବତ୍ତର କଲା, ଯାହାର ପ୍ରତିଫଳନ ତାର ସଫଳ ମାତୃତ୍ୱ।ମାତୃତ୍ୱ ଲାଭ ଯେତିକି ଜୈବିକ ସେତିକି ମାନସିକ କି ? ପୁଅଟିଏ ଜନ୍ମ ହେଲା ସୁମିର। ହର୍ଷ ଉଲ୍ଲାସର ଲହରି ଖେଳିଗଲା ଗୋପାଳ ପରିବାରରେ।ପୂଜା ଭୋଜି ଉତ୍ସବର ଆୟୋଜନରେ ଲାଗିପଡ଼ିଲେ ଗୋପାଳ ଆଉ ମଇଂ। ପୁଅର ନାଁ ଦେଲେ କାମ। ଶ୍ୟାମ କାମ ବଡ ହେବାରେ ଲାଗିଲେ। ଶୁକୁଟାର ଦୁଇ ପୁଅ ଗୋଟିଏ ଝିଅ ହେଲା। ଘର ପୁରି ଉଠିଲା।

ଗଗନ ଅବସର ନେଇ ଘରକୁ ଆସିଲା । କେତେକ କମ୍ପାନିରେ ବ୍ୟବସ୍ଥା ଅଛି ଜଣେ ଅବସର ନେଲେ ତା ଚାକିରିରେ ତାର ନିକଟ ସମ୍ପର୍କୀୟ ପୁଅ କିମ୍ବା ଭାଇ ତା ସୁପାରିଶ୍ କ୍ରମେ ସେଇ ଚାକିରିରେ ନିଯୁକ୍ତି ପାଇପାରିବ। ସେହି ହିସାବରେ ଗଗନର ଚାକିରିରେ ଶ୍ୟାମ ଭର୍ତି ହେଇଗଲା। ଶ୍ୟାମର ବିଭାଘର ପାଖ ଗାଁରେ ହେଲା। ଗୋପାଳ ଗଗନ ଚାକର ବାକର ରଖି ଚାଷ କାମରେ ଲାଗିଗଲେ। ଆଉ ପାଂଚ ମାଣ ଜମି କିଣି କରି ଚାଷ କାମକୁ ବଢ଼ାଇ ଚାଲିଲେ। ଶୁକୁଟାର ତିନି ପୁଅ, ଦୁଇ ଝିଅ। ଶ୍ୟାମର ଗୋଟିଏ ପୁଅ।କାମ ବଢ଼ିଗଲା। କୋଡ଼ିଏ ବାଇଶି ବର୍ଷ ହେଲା ଯେମିତି କାମ ବି ଚାଲିଗଲା କଲିକତା। ପାଣିପାଇପ୍ କାମ କଲା। ତାର ବି ବାହାଘର ହେଇଗଲା।

ସବୁ ଠିକ୍ ଠାକ୍ ଚାଲିଥିଲା।

କଉଏକ ମନ୍ଥରା ପଶିଗଲା ଦାସ ପରିବାର ଭିତରକୁ।ସୁମି କାନରେ ଫୋଡ଼ିଲା –ଦେଖ୍ ଗୋପାଳ ଦାସର ବଢିଲା ବଢ଼ିଲା ନାତି ତିନିଟା, ନାତୁଣି ଦିଟା। ତାଙ୍କର ଖାଇବାକୁ ହେଲେଣି ଦଶଟା ମୁହଂ । ଦଶଟା ହୁଁ! ଆଉ ତମେ ହେଇ ହେଇ ଚାରି ପାଂଚ ଜଣ। ତାପରେ ତାଙ୍କର କାମ କାର୍ଯ୍ୟ ଲାଗିରହିଛି । ଗୋଟିଏ ଗୋଟିଏ ଝିଅ ପାଇଁ କେତେ ଖର୍ଚ୍ଚ ହବ ଜାଣିଛ ନାଁ ? ଚାକିରି ସରିବା ପରେ ତୋ ଗିରସ୍ତ ଯା କିଛି କମ୍ପାନି ବାହାଦୁରଙ୍କଠାରୁ ପାଇଛି ସେଇଥିରୁ ତୋ ଯା ଦେଢ଼ଶୁର ଟାଣି ନେଇଯିବେ। ଆଉ ତୋ ପିଲା ଛୁଆଙ୍କ ପାଇଁ କଣ ରହିବ ? ଆଉ ଏ ଶ୍ୟାମ, କେତେବେଳେ ସେପଟକୁ ଡ଼ିଆଁ ମାରିବ ଯେ କହିହବ ?

– ନାଁ ସେ ସେମିତି କରିବ ନାହିଂ ମତେ ସେ ମା ବୋଲି ମାନିଛି।

– ରକତ ବନ୍ଧନ କାଟି ସେ କଣ ତୋ ପାଖରେ ରହିଯିବ ?

ସୁମି ତା ଉପରେ ଖପ୍‌ପା ହେଲା ତା ଉପରେ ପାଟିକଲା, ତାକୁ ଗାଳିଦେଲା, ଦୂର୍ ଦୂର୍ କଲା।

ମନ୍ଥରା କିନ୍ତୁ ଛାଡ଼ିଲା ନାହିଁ , ତା ପିଛା ଲାଗିଗଲା।ଧୀରେ ଧୀରେ ତା ମନର ଅନ୍ଧି ସନ୍ଧିକୁ ଅନୁପ୍ରବେଶ କଲା, ତାର ପ୍ରତିରକ୍ଷା ପାଚେରୀକୁ ଆଘାତ କଲା। ବାରମ୍ବାର ତା କାନରେ ଢ଼ାଳିଲା ସନ୍ଦେହ, ଅବିଶ୍ୱାସ, ଈର୍ଷାର ଗରଳ। ସୁମି ଭଳିଗଲା ତା କଥାରେ। ତାକୁ ଲାଗିଲା ତା ଯାଆ ହେଉଛି ନିହାତି ସ୍ୱାର୍ଥପର, ଷଡଯନ୍ତ୍ରକାରିଣୀ । ଯା ଦେଢ଼ଶୁର ଦୁହେଁ ନିଜ କାମ ହାସଲ କରିବାରେ ଲାଗିଛନ୍ତି। ତା ଗିରସ୍ତକୁ ହାତ କରିନେଇଛନ୍ତି। ଇଏ ମାତିଯାଇଛନ୍ତି ସେମାନଙ୍କ କଥାରେ।ନିଜ ସ୍ତ୍ରୀ ପିଲାମାନଙ୍କ କଥା ଚିନ୍ତା କରୁନାହାନ୍ତି। ଏ ଭାବନା ତା ମନକୁ ଆସିବା ମାତ୍ରେ ପ୍ରଥମେ ଚମକି ପଡିଲା ସୁମି। କ୍ରମେ କ୍ରମେ ଏହା ତାର ମାନସିକତାକୁ ଗ୍ରାସ କଲା । ସତରେ ଦେଢ଼ଶୁର, ଯାଆ ସେମାନଙ୍କୁ ଶୋଷଣ କରି ଚାଲିଛନ୍ତି, ନିଜର ଫାଇଦା ଉଠାଉଛନ୍ତି।ଗଗନକୁ ଏ ମନ୍ତ୍ରରେ ମନ୍ତ୍ରିତ କରିବାରେ ଲାଗିଲା ।

ଆରେ ତୁ କଣ କହୁଛୁ ! ସେ ମୋର ଭାଇ ବାପ ସମାନ, ଭାଉଜ ମା ସମାନ।

ବହୁତ ହେଇଗଲା ଭାଇ ଭଉଜଙ୍କ ସେବା। ବହୁତ ହେଇଗଲା ପୁତୁରା, ଝିଆରୀଙ୍କ ଚିନ୍ତା। ଗଗନ ଏହାର ବିରୋଧ କଲା, ବୁଝାଇଲା ତାକୁ ଭିନ୍ନେ ହେବା କଥା ଚିନ୍ତା ନକରିବାକୁ। ଝଗଡ଼ା ହେଲା ସ୍ୱାମୀ ସ୍ତ୍ରୀଙ୍କ ଭିତରେ। ସୁମି ଜିଦ୍ ଧରିବସିଲା ଭିନ୍ନେ ହେବ। ମଇଁ ସହିତ ବି କଥାରେ କଥାରେ କଳିକଲା। କଂଟା ବାଡ଼ରେ ଲୁଗା ପକାଇ ଝଗଡ଼ା କଲା ପରି। ଶୁନଟାରେ ପାଟିଗୋଳ, କଳିତକରାଳ। ମଇଁ ଆଶ୍ଚର୍ଯ ହେଲା ସୁମିର ଏ ପରିବର୍ତ୍ତନ ଦେଖି। ସେ ଆଡ଼ ଆଡ ହେଉଛି।ପାଖ ମାଡୁନାହିଁ। କଥା କଥାରେ ଚିଡ଼ି ଚିଡ଼ି ହେଉଛି। କଥା କଥାରେ ଝଗଡା କରୁଛି।

ଗୋପାଳ ନିଜ ସ୍ତ୍ରୀକୁ ବୁଝାଇଲା, ଗାଳିଦେଲା।ଗଗନକୁ ପାଖରେ ବସାଇ ବୁଝାଇଲା, ସୁମିକୁ ବି ବୁଝାଇଲା। ମା କହିଥିବା କଥା ଶୁଣାଇଲା। ଏକାଠି ରହିବାର ମହତ୍ତ୍ୱ ବୁଝାଇଲା।

ହଠାତ୍ ଦିନେ ସୁମି ରୋଷେଇ ଅଲଗା କରିଦେଲା ତା ପାଇଁ, ତା ସ୍ୱାମୀ, ଶ୍ୟାମ ଆଉ କାମ ପାଇଁ। ମଇଁ କିନ୍ତୁ ରୋଷୋଇ କଲା ନାହିଁ ସେଦିନ ଚୂଡ଼ା କଦଳି ଖାଇକରି ରହିଲେ ସେମାନେ। ଗଗନ ବଜାରରେ ହୋଟେଲରେ ଖାଇଲା।ଦୁଇଦିନ ପରେ ମଇଁ ଅଲଗା ରୋଷେଇ କଲା। ହାଂଡ଼ି ଏବେ ଅଲଗା ହେଇଗଲା । ଲୋକେ ଦୋଷ ଦେଲେ ସୁମି ସୁନାର ଘରକୁ ଭାଙ୍ଗି ଦେଲା।

ମଇଁ କହିଲା ତାକୁ, ମୋ ପୁଅକୁ ଏବେ ଫେରାଇ ଦିଏ।

ଫାଏଁ କରି ଉଠିଲା ସୁମି । କଣ କହିଲୁ ତୁ ମତେ ଧର୍ମହାନି କରାଇବାକୁ ବସିଛୁ। ମୁଁ ଧର୍ମହାନି ହେବି ନାହିଁ କେବେ । ସେ ମୋର ବଡ ପୁଅ।

ଏଡ଼ିକିଠାରୁ ଏଡେଯାଏ ତାକୁ ମୁଁ ବଢ଼ାଇଛି। ସେ ତୋତେ ତା ମା ବୋଲି ଜାଣିଛି କି ? କହିଦଉଛି ଆଉ ଶ୍ୟାମ କଥା ଉଠାଇବୁ ନାହିଁ। ଆଉ ଥରେ କହିଲେ ତୋ ଜିଭ ଟାଣି ଆଣିବି।

ଏଁ... ଚମକି ପଡ଼ିଲା ମଇଁ। ତାର ଉଗ୍ର ରୂପ ଦେଖି ଶଙ୍କିଗଲା ସେ। ଘୁଂଚିଗଲା ଦିପାଦ ପଛକୁ।

ଗୋପାଳ ବୁଝାଇଲା, ଗାଁର କେତେଜଣ ଆସି ବୁଝାଇଲେ । ସୁନାର ସଂସାର ଭାଙ୍ଗିଯାଉଛି। ଗାଁର ଭଲ ପରିବାରଟିଏ ଖଂଡ଼ ଖଂଡ଼ ହେଇ ଯାଉଛି।ଗଗନ ନାଚାର ହେଲା, ତା ମୁଂଡରେ ଆସ୍ତେ ଆସ୍ତେ ପଶିଗଲା ସୁମି ଯା କହୁଛି କିଛି ନାକରା କଥା କହୁ ନାହିଁ । ନିଜ ପିଲାଙ୍କ ଭବିଷ୍ୟତ ଦେଖିବାକୁ ପଡ଼ିବ। ସୁମିର ରୋଷେଇରେ ଖାଇଲା। ଭିନ୍ନେ ହେଇ ରହିଚାଲିଲେ। ଜମି ବାଡ଼ି ଭାଗ ହେଇଗଲା। ଗୋପାଳ ନିଜ ଭାଗରୁ ଶ୍ୟାମ ନାଁରେ ଦୁଇ ଗୁଂଠ ଜମି କରିଦେଲା। ଗାଁ ଲୋକେ କହି ବୁଲିଲେ ଏ ସବୁ ସୁମିର କାମ। ସେ ହେଲା ଏକ ଖଳ ଚରିତ୍ର। ଏକ ନିନ୍ଦିତା ନାୟିକା।

କାମ ପାଣି ପାଇପ୍ କାମ କଲା କଲିକତାରେ।ପ୍ରଥମେ ହେଲ୍‌ପର, ହେଲ୍ପରରୁ ହେଲା ମିସ୍ତି, ମିସ୍ତିରୁ ଛୋଟ କଂଟ୍ରାକ୍ଟର। ସମୟ ଗଡିଚାଲିଲା। କାମର ବାହାଘର ହେଇଗଲା। କାମ ପାଣି ପାଇପ୍ ମିସ୍ତି କାମ କରୁକରୁ ପାଣିପାଇପ୍ କଂଟ୍ରାକ୍ଟର ବନିଗଲା। ଭଲ ରୋଜଗାର କଲା। କଥାବାର୍ତ୍ତା ଅଚାର ବ୍ୟବହାରରେ ପୋଷାକ ପତ୍ରରେ ବଡଲୋକିଆ ଭାବ ଦେଖାଦେଲା।ଶ୍ୟାମର ତିନିଟି ଝିଅ, ଗୋଟିଏ ପୁଅ। କାମର ପୁଅଟିଏ ହେଲା। ତା ହାତରେ ପଇସା ହେଇଗଲା, ତା ରଙ୍ଗ ଢଙ୍ଗ ବଦଳିଗଲା। ପ୍ୟାଂଟ ସାର୍ଟ ଯୋତା ପିନ୍ଧି ଟ୍ରାଞ୍ଜିଷ୍ଟର ଧରି ବୁଲିଲା, ଲୁଚାଇ ଲୁଚାଇ ସିଗାରେଟ୍ ଟାଣିଲା। ଜମି କିଣିଲା ନିଜ ନାଁରେ ନିଜ ସ୍ତ୍ରୀ ନାଁରେ। ବାପା ମାଙ୍କୁ ନଜଣାଇଲେ ମଧ୍ୟା ସେମାନଙ୍କ କାନରେ ପଡିଲା। ଗାଁରେ କୋଠାଘର କରିବ ବୋଲି ବାହାରିଲା। କିଏ କଣ କହିଲା, ସେ ଅଟକିଗଲା। ତା ସ୍ତ୍ରୀ ଚଂଚଳାକୁ କହିଲା, ଆମେ ଭିନ୍ନେ ହେଇଯିବା। ଭାଇର ଦି ଝିଅ, ଦି ପୁଅ । ଆମର ଗୋଟିଏ ବୋଲି ପୁଅ, ଆଉ ବୋଉ ବାପା। ଆମେ କାହିଁକି ତାଙ୍କ ପାଇଁ ହନ୍ତସନ୍ତ ହବା। ସିଧା ସିଧା ବାପାଙ୍କୁ ଜଣାଇଦେଲା ସେମାନେ ଶ୍ୟାମ ଭାଇଠାରୁ ଅଲଗା ହେଇଯିବେ।

ଠୋ କରି ଗୋଟିଏ ଚାପୁଡାଟିଏ ବସିଲା କାମ ଗାଲରେ। କଣ କହିଲୁ, ତୋ ମୁଂଡ ଖରାପ ହେଇଗଲାଣି, ଶ୍ୟାମଠାରୁ ତୁ ଭିନ୍ନେ ହେବୁ, ଭାଇଠାରୁ ଭିନ୍ନେ ହେବୁ? ତୋର କେତେ ସାହସ? ହାତରେ ପଇସା ହେଇଗଲା, ନାଁ। କାହୁଁ ଥିଲା ସୁମି ମାଡି ଆସିଲା, ତୁ ବାତରା ହେଇଗଲୁଣି, ଭାଇଠାରୁ ଅଲଗା ହବୁ ବସିଛୁ । ଖବରଦାର, ଆଉ ଥରେ କହିଛୁ ଜଦି, ତୋର ଦିନକୁ ମୋର ଦିନେ।

ଚୁପ୍ ହେଇଗଲା କାମ, ଦବିଗଲା ସେ।କଲିକତା ପଳାଇଲା। ଦୁଇ ମାସ ପରେ ଆସିଲା। ପୁଣି ସେହି ଭିନ୍ନେ ହେବା କଥା ଉଠାଇଲା। ପାଟିଗୋଳ କଲା।କହିଲା ଶ୍ୟାମ ତ ବଡବାପାଙ୍କ ପୁଅ। ମୁଂଡରେ ହାତ ଦେଇ ବସିଲେ ଗଗନ ଅଉ ସୁମି। ପାଖରେ ଶ୍ୟାମର ଭାରିଜା କେତକି ବସି ଶାଶୁଙ୍କୁ ବୁଝାଇଲା। କେତେକ ଗାଁ ଲୋକ କହିଲେ, ଯଦି କାମ ଜିଦ୍ ଧରିଛି ଭିନ୍ନେ ହେଇଯାଅ। ଶାମ ତା ଭାଗ୍ୟ ନେଇ ରହିବ। ସେଥିକି ତମେ କଣ କରିବ ଅବା?

ଏସବୁ ସୁମିର କାମ, ଘର ଭାଙ୍ଗିଟା ! ପୁଅ ପଇସାରେ ଏବେ ଗାଁରେ ଆଲୋଚନା ହେଲା ଗଗନ କା ପାଖରେ ରହିବ? ଶ୍ୟାମ ପାଖରେ ନାଁ କାମ ପାଖରେ। ତମେ ଦିଜଣ ଆରାମରେ କାମର କୋଠା ଘରେ ରହିବ। ଶ୍ୟାମର ତ ସମ୍ବଳ ନାହିଁ ନିଜ ପରିବାରକୁ ଚଲାଇ ତମ ଦିଜଣକୁ ପାଳିବ। ବୁଢା ବୁଢି ହେଲ। କାହିଁକି ବା ଶ୍ୟାମକୁ ଧରି ଭୋକ ଉପାସରେ ପଡିରହିବ।

ନଚେତ୍ ତମେ ଦିଜଣ ବାଂଟି ହେଇ ଯାଅ, ଜଣେ ଶ୍ୟାମ ପାଖରେ, ଆଉ ଜଣେ କାମ ପାଖରେ। କିମ୍ବା ଏମିତି କରି ପାର, ଦିଜଣ ଯାକ ଛ ମାସ ଆ ଘରେ, ଛ ମାସ ତା ଘରେ ପାଳି କରି।

କାମ ଦିନେ ଚରମ ନିଷ୍ପତି ନେଲା। ସ୍ତ୍ରୀ ଚଂଚଳାକୁ କହିଲା ଅଲଗା ରୋଷେଇ କରିବାକୁ। ନେଇ ରୋଷେଇ ଅଲଗା କରିଦେଲା। ରୋଷେଇ ବାସ କରି କାମ ସ୍ତ୍ରୀ ସୁମି ପାଖରେ ପହଂଚିଲା।

ବୋଉ, ରୋଷେଇ ସରିଗଲାଣି। ଖାଇବ ଆସ।

ମୋ ଖାଇବା କଥା ମୁଁ ବୁଝିବି ।ତୋର ଚିନ୍ତା କରିବା ଦରକାର ନାହିଁ। ଚଂଚଳା ଚାଲିଗଲା।

ହଉ, ମୁଁ ଭାତ ବାଢୁଛି ଆସ। ଚଂଚଳା ବୁଲିପଡି ଚାଲିଗଲା ବେଳକୁ ଦେଖିଲା ତା ଯା କେତକୀ ଆସି ଠିଆ ହେଇଛି। ସେ ରୋଷେଇ କରି ସାରି ଆସିଛି ଶାଶୁଙ୍କୁ ଖାଇବାକୁ ଡାକିବାକୁ। ଶଶୁର ଯାଇଛନ୍ତି ହାଟକୁ, ଫେରୁ ଫେରୁ ସଞ୍ଜ ହେଇଯିବ।ପିଲାମାନେ ଖାଇବସିଚନ୍ତି।

ଚଂଚଳା ଭାତ ବାଢି ଫେରି ଆସିବା ବେଳକୁ ଦେଖିଲା ବେଳକୁ ସୁମି ଖାଇଚାଲିଛି କେତକୀ ସାଙ୍ଗରେ ପଖାଳ ଭାତ ଗୁଂଡା ପରେ ଗୁଂଡା।

ହୁଁ ତମକୁ ବୋଉ ଖାଇବାକୁ ଡାକିଲି, ତମେ ଏଠି ଖାଉଛ କଣ?

ମୋ ବଡ ପୁଅ ପାଖରେ ମୁଁ ଖାଉଛି। କାମ ନଈରୁ ଗାଧେଇ ସାରି ଫେରିଲା।ଚଂଚଳା କାମ ଆଗରେ ସବୁ କହିଦେଲା।

ବୋଉ ତୁ ଏପଟରେ ଆମ ଘରେ ଖାଇବୁ। ମୋ ପାଖରେ ରହିବୁ, ତୋ ନିଜ ପୁଅ ପାଖରେ।

କାହିଁକି ?

ସେ କଣ ତୋ ପୁଅ ? ସେତ ବଡ ବାପାଙ୍କ ପୁଅ। ଶ୍ୟାମ ଆସି କାହୁଁ ପହଂଚିଯାଇଥିଲା ସେତେବେଳେ। ଶୁଣୁଥିଲା ସାନ ଭାଇର କଥା।

ତୁ ଚୁପ୍ କର। ଶାମ ମୋର ପୁଅ। ମୁଂ ଶାମ ପାଖରେ ହିଁ ରହିବି। ମୁଁ କେବେ ହେଲେ ଧର୍ମହାନି ହେବି ନାହିଁ।

ଦେଖ୍ ତମେ ଦି ଜଣ ଭାରି ହଇରାଣ ହେବ, ଶ୍ୟାମ ଭାଇକୁ ବି ହଇରାଣ କରିବ। ଭାଇର କମ୍ ରୋଜଗାର, ପୁଣି ଏତେ କୁଟୁମ୍ବ!

ଓ, ସେଇଥିଲାଗି ତୁ ଭିନ୍ନେ ହେଇଗଲୁ। ଶାଗ ମୁଗ ଯାହା ମିଳିବ ଆମେ ସାଙ୍ଗ ହେଇ ଖାଇବୁ।

ମୋ ଦିହରୁ ବଳ ହଟିଯାଇନାହିଁ, ମୁଁ ଖଟୁଛି, ରୋଜଗାର କରୁଛି। ଆମ ପୁଅର ଅଭାବ ହେବନାହିଁ ଚଳିବାରେ। ଏହା କହି ଗଗନ ଚାଲିଗଲା ଶ୍ୟାମ ସାଙ୍ଗରେ ଶ୍ୟାମର କୋଠରୀ ଭିତରକୁ।

କାବା ହୋଇ ଠିଆ ହେଇ ରହିଲେ କାମ ଆଉ ଚଂଚଳା।

*ମହାଦ୍ରୁମ*
***୫୧୮/୨୧୫୫, ପ୍ରାଚୀବିହାର, ପଳାଶୁଣୀ***
***ଜି.ଜି.ପି. କଲୋନି, ଭୁବନେଶ୍ୱର ୭୫୧୦୨୫***

# ମହିଷାସୁରର ଦୁଃଖ

## ପୀତବାସ ମିଶ୍ର

ସପ୍ତାହଟେ ହେଲା, ବର୍ଷା ଥମି ଯାଇଛି। ବର୍ଷା ଦିନର ବର୍ଷା ଛାଡ଼ିଯାଇ ସବୁ ଆଡ଼ ଶୁଖିଲା ପଡ଼ି ଆସୁଥିଲା। ଧାନ କିଆରିମାନଙ୍କରେ ବି ଛନଛନିଆ ଧାନରେ କଳା ବୁଲି ଆସିଥିଲା। ବାଗୁଡ଼ି ଖେଳରେ ରାହା ଧ୍ୱମେଇ ଫେରି ଯାଉଥିବା ଖେଳାଳି ପ୍ରତିପକ୍ଷକୁ ଚମକାଇ ପୁଣି ଫେରି ଆସିଲା ପରି ବର୍ଷା ଫେରି ଆସିଲା ଯେ, ଚାଷୀର ଛାତିରେ ଛନକା ପଶିଗଲା। ମୁଣ୍ଡରେ ହାତ ଦେଲା। ତେବେ ସମସ୍ତଙ୍କୁ ଆଶ୍ୱସ୍ତ କରି ପୂଜା ଆଗରୁ ବର୍ଷାର ପ୍ରକୋପ ବନ୍ଦ ହୋଇଯାଇଛି। ବର୍ଷା ଧୋଇ ଦେଇଛି ବିଲା,ରାସ୍ତା ପଡିଆ ସବୁ। ଗଛଗୁଡାକବି ବର୍ଷା ପାଣିରେ ଘଷିମାଜି ହୋଇ ଗାଧୋଇ ଚିକ୍‌ଚକ୍ ଦିଶୁଛନ୍ତି। ଗହଳ ପତ୍ରଫାଙ୍କ ଦେଇ ସୂର୍ଯ୍ୟକିରଣ ମାଟି ଛୁଉଁଚି, ଏବେ ଆଉ କଳା ବାଦଲର ପରସ୍ତ ତାକୁ ଅଟକେଇବାକୁ ନାହିଁ। କାଁ ଭାଁ କେଉଁଠି କେଉଁଠି ଧଳା ଧଳା ମେଘ ଗୋଟା କେତେ ଛେଉଣ୍ଡ ପିଲା ପରି ଆକାଶରେ ଏଣେତେଣେ ବୁଲୁଛନ୍ତି। ରାସ୍ତାର କାଦୁଅ ଶୁଖିଗଲାଣି, ସବୁ ଆଡ଼ ପରିଷ୍କାର ଦିଶୁଛି।

ଛୋଟ ସହରଟା ଯେମିତି କାହାକୁ ଅଭ୍ୟର୍ଥନା କରି ତାକୁ ପ୍ରସ୍ତୁତ ହେଉଛି, ଚଳଚଞ୍ଚଳ ହୋଇ ଉଠିଛି। ଦୋକାନ ବଜାରରେ ଭେଳା ଭେଳା ଲୋକ, ବେଶ ଭିଡ଼ ଜମୁଛି ସ୍ତ୍ରୀ ଲୋକମାନଙ୍କର। ଗାଡ଼ି, ମଟର ସ୍କୁଟର ଅବିରତ ଛୁଟୁଛି। ଦୋକାନ ଗୁଡାକ ବି ନୂଆ ବେଶରେ ସଜେଇ ଦେଇଛନ୍ତି ନିଜକୁ, ଠିକ୍ ଯେମିତି କେହି ବିଶିଷ୍ଟ ଅତିଥି ଆସିଲେ ସମସ୍ତେ ନିଜ ନିଜର ସୁଦୃଶ୍ୟ ପୋଷାକମାନ ପିନ୍ଧି ପକାନ୍ତି, ସଜବାଜ ହୋଇ ଯାଆନ୍ତି। ପୁରୁଣା ତଥା ନୂଆ ଗୀତ ସବୁର ମୂର୍ଚ୍ଛନା ଚତୁର୍ଦ୍ଦିଗରେ। ହଠାତ୍ 'ଅମରାବତୀ' ପାଲଟି ଯାଇଛି ସହରଟି। ଦୁଃଖକଷ୍ଟ ଅଭାବ ଅସୁବିଧା ଭୁଲି ଯାଇଛନ୍ତି ଲୋକମାନେ। ଅନେକ ସରାଗରେ ସମସ୍ତଙ୍କର ଅପେକ୍ଷା, ମାଁ ଦୁର୍ଗତିନାଶିନୀ ଦୁର୍ଗା ଦିନ କେଇଟା ପରେ ଅବତରି ଆସିବେ ଏଇ ସହରରେ; ପୂଜା ଛୁଟି ଆରମ୍ଭ ହେବ। ସମସ୍ତଙ୍କ ମୁହଁରେ ଏକ ତୃପ୍ତିର ଛିଟା। ଅନେକ କଳ୍ପଦା ଜଳ୍ପନା ମନରେ, କେମିତି ମନେଇବାକୁ ହେବ ଏ ବର୍ଷର ଏଇ ପୂଜା ଦିନ ଗୁଡିକ, କଅଣ ନୂତନ କିଣିବେ, କୁଆଡ଼େ ଭ୍ରମଣରେ ବାହାରିଯିବେ ? ସମସ୍ତେ ତତ୍ପର। ବର୍ଷକରେ ଥରେ ଆସି ମାଁ ଦୁର୍ଗତି ନାଶିନୀ ଦୁଃଖ ହରନ୍ତି କି ବର୍ଦ୍ଧିତ କରନ୍ତି ଜଣାନାଇଁ, କିନ୍ତୁ ଏଇ ଦିନଗୁଡ଼ିକରେ ବର୍ଷକରେ ଥରେ ଲୋକମାନେ ଆନନ୍ଦ ଲହରୀରେ ଉବୁଟୁବୁ ହୁଅନ୍ତି। ଅନେକ ସ୍ୱପ୍ନ ଦେଖନ୍ତି। ଆଶା ଓ ବିଶ୍ୱାସ କରନ୍ତି ଏଥର ପୃଥିବୀ ଉତ୍ତମ ଦିଗରେ ପରିବର୍ତ୍ତନ କରିବ। ନିଜକୁ ମହାଶକ୍ତିର ସେବାରେ ଶୁଦ୍ଧପୂତ ଭାବରେ ନିୟୋଜିତ କରିଦିଅନ୍ତି। ଠିକ୍ ସମୟରେ ଜଗତ୍‌ଜନନୀ ଅପୂର୍ବ ହସ ହସି ମହିଷାସୁରକୁ ବଧ କରିବା ମୁଦ୍ରାରେ ଆବିର୍ଭୂତା ହୁଅନ୍ତି। ସେଇ ହସ ଯେମିତି ସଞ୍ଚରିଯାଏ ଚତୁର୍ଦ୍ଦିଗରେ, ଏଇ ସହରରେ।

ଏଇ ଦିନଗୁଡିକ କିନ୍ତୁ ଖୁବ୍ ବିରକ୍ତିକର ମହେଶ ପାଇଁ ହଶ ଓରଫ ମହେଶ୍ ମହୀଦାଦା ଏଇ ଆନନ୍ଦସ୍ରୋତରେ ନିଜକୁ ଭସାଇ ଦେଇପାରେନା, ସେ ସ୍ରୋତର ତାଡନାରେ ସେ କ୍ଷତାକ୍ତ ହୁଏ। ନିଜକୁ ଅନ୍ୟମାନଙ୍କ ସହ ସାମିଲ କରିପାରେନା। ସେ ଏକୁଟିଆ ହୋଇଯାଏ। ମହୀଦାଦାର ପୃଥିବୀଟା ଯେମିତି ବିପରୀତ ଦିଗରେ ଘୂରୁଥାଏ। କେଉଁ ଅନ୍ଧାରୁଆ, ଅସୀମ ଗଳିରେ ସେ ଦୌଡୁଥାଏ, ଏକୁଟିଆ। ଏକ ଅଦୃଶ୍ୟ କ୍ଷତର ଅବ୍ୟକ୍ତ ଯନ୍ତ୍ରଣାକୁ ନିଜ ବୁକୁରେ ନେଇ କଲବଲ ହୁଏ। କାହାକୁ ଦେଖାଇହୁଏନା କ୍ଷତ, କହିହୁଏନା ଯନ୍ତ୍ରଣା। ସମସ୍ତେ କିହବେନି; ପ୍ରତାପୀ ମହିଦାଦାର ପୁଣି କଷ୍ଟ କ'ଣ ?

ଆଜି ଦ୍ୱିପହରରୁ ଷଷ୍ଠୀ ପୂଜାର ଆରମ୍ଭ। ସେଥିପାଇଁ ବଜାରଛକ ଚଳଚଞ୍ଚଳ ହୋଇପଡ଼ିଛି। ପୂଜା ପ୍ରାଙ୍ଗଣରୁ ଭାସି ଆସୁଛି ତୂରୀ ମାଦଳର, ଢୋଲର ନିନାଦ। ବର୍ଷର ଏଇ କେତୋଟି ଦିନରେ ଏହି ଶବ୍ଦର ଚାହିଦା, ନହେଲେ ତ ଆଜିର ଡିଜିଟାଲ ଓ 'ଡିଜେ' ଯୁଗରେ ଏଗୁଡ଼ିକ 'ମାଗୁଣିର ଶଗଡ଼' ଭଳି, ଅଭିଶପ୍ତ ଓ ଅଚଳ। ମଝିରେ ମଝିରେ ତା ସଙ୍ଗରେ ମିଶିଯାଉଛି ଶଙ୍ଖଧ୍ୱନି, ହୁଳହୁଳିର ଶବ୍ଦ। ଆନନ୍ଦ ଉଲ୍ଲାସରେ ଷଷ୍ଠୀ ପୂଜାର ଅୟମାରମ୍ଭ।

ଏତେ ଗହଳ ଚହଳ ଭିତରେ ମହୀଦାଦା ବସି ରହିଛି ଏକୁଟିଆ, ତା'ର ଛୋଟ ଘରଟି ଭିତରେ। ଘରତ କହି ହେବନି ବରଂ ଅଭିଆଡ଼ା ଟୋକାମାନଙ୍କର ଆଖଡ଼ାଘର। ମହୀଦାଦାର ସାଙ୍ଗରେ ରହିବା ପାଇଁ କିଏ ବି ଅଛି ? ଦୁଇ ବଖରାର ଘରଟିଏ। ଦାଣ୍ଡ ଘରଟିରେ ଯାବତୀୟ ଲୋକଙ୍କର ଯା, ଆସ, ଉଠାବସା। ସେଇଠି ଚାଲେ ପିଲାମାନଙ୍କର ଆଖଡ଼ା। ଛାତ୍ରାବାସର କୋଠରି ଗୁଡିକରେ ଯେମିତି ଇତସ୍ତତଃ ହୋଇ ଜିନିଷପତ୍ର ପଡ଼ି ରହିଥାଏ ସେମିତି ଏଇ କୋଠରୀଟିର ଅବସ୍ଥା। ଜିନିଷପତ୍ର ସଜାଡ଼ି ରଖିବାକୁ କାହାର ସ୍ପୃହା ନ ଥାଏ। ଭିତର କୋଠରିଟି ମହୀବାଦାର ନିଜସ୍ୱ। ଏହାପରେ ଛୋଟ ରୋଷେଇ ଘରଟିଏ; ଯେଉଁଠି ବସ୍ତିର ଝିଅଟିଏ ଆସି ଯାହାକିଛି ରୋଷେଇ କରିଯାଏ। ବସ୍ତୁତଃ ଏକ ଅବହେଳିତ ଘର, ଯେ କି ନେହୁରା ହୋଇ କାହାକୁ କହିପାରିବନି ତାକୁ ଟିକିଏ ଘଷି ମାଜି ଚିକ୍କଣ କରି ରଖିବାକୁ। ମହୀଦାଦା ଦିନଯାକ ବାହାରେ, ବୁଲି ବୁଲି ରାତିରେ କେବଳ ଖଟରେ ଗଡ଼ି ପଡ଼ିବାକୁ ଆସେ। କୌଣସି

ଆଡକୁ ତା'ର ଦୃଷ୍ଟି ଯାଏନି। ଘରଟିର ଅଭିଯୋଗ ଶୁଣିବାକୁ ତା'ର ସମୟ ନ ଥାଏ, ଇଚ୍ଛା ବି ନଥାଏ। ଏସବୁ ତା' ପାଇଁ ନିଷ୍ପ୍ରୟୋଜନ, ନିରର୍ଥକ।

ଦୁର୍ଗାପୂଜାର ଆଗମନରେ ଏକ ନୂତନ ଜୀବନଶକ୍ତି ସଂଚରିତ ହୁଏ ବସ୍ତିଟିରେ। ସବୁଠି ଆନନ୍ଦର ଫଲ୍‌ଗୁ ଛୁଟେ। ଛୋଟ ଛୋଟର ଘରଗୁଡିକରେ ନୂଆ ରଙ୍ଗ ଲାଗେ। ବର୍ଷାରେ ସଢ଼ି ଯାଇଥିବା ପୁରୁଣା ଟିଣ ଛାତ ବଦଳେ। ଠିକ୍ ଯେମିତି ଉତ୍‌ଫୁଲ୍ଲିତ ତରୁଣୀମାନେ ନୂଆନୂଆ ବିଭିନ୍ନ ପ୍ରକାରର ପୋଷାକମାନ ପିନ୍ଧି ଉଜ୍ଜ୍ୱଳ ଦିଶୁଛନ୍ତି, ସେମିତି ଧାଡ଼ି ଧାଡ଼ି ବଖୁରେ, ଦି ବଖରା ଘରମାନ ନୂଆ ବେଶ ହୁଅନ୍ତି, ଲିଚୁ ମାଳର ହାର ପିନ୍ଧନ୍ତି। କେବଳ ବ୍ୟତିକ୍ରମ ଦେଖାଯାଏ ମହୀଦାଦାର ଘରଟିରେ। ତା'ର କିଛି ନୂତନତ୍ୱ ନାହିଁ, ମୁହଁ ଫୁଲେଇ ବସିଚି ସେ। ପାର୍ବଣର ଉଚ୍ଛୁଳା ଜୀବନ, ତାରୁଣ୍ୟର ପ୍ରଗଳ୍‌ଭ ସ୍ରୋତସ୍ୱିନୀ ଯେମିତି ତା'ର ଘର ସରହଦରେ ଲୁପ୍ତ ହୋଇଯାଇଛି। ମରୁଭୂମିରେ ହଜିଯାଇଛି। ମରୁଭୂମି ଭିତରେ ଥୁଣ୍ଟା କଣ୍ଟକିତ ବୃକ୍ଷଟିଏ ପରି ମହୀଦାଦା ଏକାକି ବସି ରହିଛି। ଆଜି ଖଟି ଜମିପାରୁନି। ନା ଆଜି ବାନା (ବାନମ୍ବର) ଆସିବ, ନା ଆସିବ କାଲୁ (କୈଳାସ)। ପୂଜା ବଜାରରେ ଏମାନେ ମସ୍‌ଗୁଲ ରହିବେ। ଏଇ ଦୁଇଜଣ ତା'ର ବାମ ଓ ଡାହାଣ ହାତ; ତା'ର ପାଇଁ ହନୁମାନ। ଯେଉଁଦିନଠାରୁ ମହୀଦାଦା ତା'ର ତଥାକଥିତ ପିତାର ଛତ୍ରଛାୟାରୁ ଉଦରଜ୍ୱାଳା ମେଣ୍ଟାଇବା ପାଇଁ ଘରୁ ବାହାରି ଆସିଥିଲା ଗୋଟିଏଝୁଙ୍କରେ, ସେହିଦିନଠାରୁ ପାଖ ସାହିର ପିଲାଟି କାଲୁ, ତା'ସାଙ୍ଗରେ ଯୋଡ଼ି ହୋଇଯାଇଥିଲା। ଦୁହେଁ ଗୋଟିଏ ପଥର ଯାତ୍ରୀ ଥିଲେ। ମହେଶ କୈଳାସଠାରେ ଅସୀମ ସାହସ ତଥା ବୁଦ୍ଧିମତ୍ତାର ଝଲକ ଦେଖିଥିଲା। ଗୋଟିଏ ବଡ଼ ବୋରଝାଞ୍ଜି ଦଳ ସାଙ୍ଗରେ ଛୋଟ ବୋରଝାଞ୍ଜିଟିଏ ମିଶି ନାଳ ପାଣିରେ ବହିଯିବା ପରି କୈଳାସ ଯୋଡ଼ି ହୋଇଯାଇଥିଲା ମହେଶ ସାଙ୍ଗରେ। 'ଲାଉ କଖାରୁ ଚୋରାଉ ଚୋରାଉ' ଦୁହେଁ ସମୟକ୍ରମେ ବଡ଼ ଅପରାଧ ଦୁନିଆଁରେ ହାତ ଛନ୍ଦି ପାଦମିଳାଇ ଚାଲିଲେ। କାଲୁ ଦିନଯାକ ମହିଦାଦା ସାଙ୍ଗରେ ଲାଖି ରହୁଥିଲା, ଯେତେବେଳେ ମହୀଦାଦା ଘରର ଖଟିର ଆୟୁଷ ସରିଯାଉଥିଲା ଘରକୁ ଫେରୁଥିଲା। ତେବେ କୈଳାସ ମହୀଦାଦା ପରି 'ଚାରିଦଉଡ଼ିକଟା' ନୁହେଁ। ଘରେ ତାର ବିଧବା ମାଆଟିଏ ଓ ଭଉଣିଟିଏ ଅଛି। ସେମାନେ ତାକୁ ଯେତେ ଗାଳିଗୁଲଜ କଲେ ମଧ୍ୟ ସେମାନଙ୍କୁ ସେ ଅତି ଭଲପାଏ। ସେମାନେ ଗାଳିଦେବାଟା ତ ଏକବାରେ ଠିକ୍। ସେ ଦିନଯାକ ବୁଲି ବୁଲି କେଉଁ ସମ୍ମାନ ଜନକ, ସମାଜ ମଙ୍ଗଳ କାର୍ଯ୍ୟ କରୁଛି କି? ସେମାନଙ୍କର ଗାଳିକୁ ଦେହକୁ ନିଏନା। ହଁ ବେଳବେଳେ ମହିଦାଦା ଘରକୁ ରୁଷି ଚାଲିଆସେ ସିନା, ସବୁବେଳେ ସେମାନଙ୍କର ଚିନ୍ତା ତାକୁ ଘାରେ। ତାଙ୍କୁ ଦେଖିବା ପାଇଁ ଆଉ କିଏ ଅଛି କି? ମହେଶ ଏକଥା ଜାଣେ, କୈଳାସ ତା'ର ଘରେ ଏକ ବାକ୍ସରେ ଟଙ୍କା ପଇସା ଲୁଚାଇ ରଖୁଛି। ସେଇଗୁଡାକ ତା'ର ଗେହ୍ଲି ଭଉଣୀ ପାଇଁ। ମନରେ ଅଛି, ଧୂମଧାମ୍‌ରେ ତା'ର ବାହାଘର କରିବି। ଖାଲି ଗୋଟିଏ ଯୋଗ୍ୟ ପାତ୍ରର ଅପେକ୍ଷା।

ପଅରଦିନ ଖଟିରୁ ବାହାରିଲା ବେଳକୁ କାଲୁ ଅସ୍ୱାଭାବିକ ଭାବେ ଏପଟ ସେପଟ ହେଉଥିଲା, ବାହାରକୁ ଯାଉଥିଲା ପୁଣି ଫେରିଆସୁଥିଲା। ମହେଶର ମନେହେଲା କାଲୁ କିଛି ହୁଏତ କହିବାକୁ ଚାହୁଁଛି। ସେ ନିଜ ଆଡୁ ପଚାରିଲା, 'କ'ଣ ବେ କାଲୁ, ଏମିତି ଭିତର ବାହାର କାହିଁକି ହେଉଛୁ? କାଲୁ ଥଙ୍ଗ ଥଙ୍ଗ ହୋଇ କହିଥିଲା, "କିଛି ଖରାପ ଭାବିବନି ମହୀଭାଇ, ଏଇ ପୂଜା ଚାରିଦିନ ଏଇ ସାଲ ରହି ପାରିବିନି। ସାନ ଭଉଣିଟା ପୂଜାରେ ବାହାରକୁ ବୁଲିଯିବାକୁ ଯୋଜନା କରିଛି। ଏଇଟା ବୋଧହୁଏ ଆମ ଘରେ ତା'ର ଶେଷ ଦଶହରା ହେବ। କଥା କ'ଣ କି ମହୀଭାଇ, ତା' ପାଇଁ ଭଲ ପ୍ରସ୍ତାବଟିଏ ଆସିଛି। ପିଲା ଘରର ଲୋକମାନେ ଭଉଣୀକୁ ଦେଖି ପସନ୍ଦ କରିଛନ୍ତି।"

ବିକଳ ହୋଇ କାଲୁ ଯେମିତି ପ୍ରଭୁଙ୍କର ଅନୁମତି ପାଇଁ ଠିଆ ହୋଇଥିଲା। ଏଇ ପୂଜା ଚାରିଦିନ କାଲୁ ତା' ସାଙ୍ଗରେ ନ ଥିବ ଏମିତି ଏ ଯାଏଁ କେବେ ହୋଇନି। କୈଳାସ ମହେଶକୁ ବୁଝେ। ସେ ଜାଣେ ଏଇ ଦିନଗୁଡ଼ିକରେ ମହେଶ କେମିତି ଏକୁଟିଆ, ଅସହାୟ ହୋଇଯାଏ। ସେଥିପାଇଁ ତା'ର ସାଙ୍ଗ ଦେବାକୁ ସେ ଚାଲିଆସେ। ମହେଶ ଚିନ୍ତା କଲା, ତା'ର ସିନା ନିଜର ଲଗା ପଘା କିଛି ନାହିଁ। ହେଲେ କାଲୁ? ଯାଉ ବିଚରାଟା ମନଦୁଃଖ କରିବ କାହିଁକି? ତାକୁ ନ ଆସିବାକୁ ଅନୁମତି ଦେଇ ଦେଇଥିଲା।

ଆଜି ବାନା ବି ଆସିବନି। ଆଜି ସେ ଛୁଟି ମନାଉଛି। କାହାର ହସଖୁସିକୁ ସେ କାହିଁକି ଛଡ଼ାଇ ନେବ? କି ଅଧିକାରରେ ସେ ଅନ୍ୟମାନଙ୍କର ଦୁନିଆଁକୁ ତା'ର ଦୁନିଆଁ ପରି ରଙ୍ଗହୀନ କରିଦେବ? ବାନାର ଆଖିରେ କେତେ ମଧୁର ସ୍ୱପ୍ନ ସବୁ। ମାସ ଛଅଟା ହେଲା ବାହା ହେଇଛି, ବଦଳି ଯାଇଛି ତା'ର ହାବଭାବ। ବେଳ ଅବେଳରେ ତା' ପାଖରେ ବସିବା, ରାତି ରାତି ବସି ତିନ୍‌ପତି ଖେଳି ବୋତଲ ପରେ ବୋତଲ ଦେଶି, ବିଦେଶି ଉଡ଼େଇ ଦେବା ତା' ଦ୍ୱାରା ଆଉ ହେଉନି। ପ୍ରତିଦିନ ଆସୁଛି ତା' ନୁହେଁ, କିନ୍ତୁ ରାତି ନଅଟା ବାଜୁଣୁ ଘରକୁ ଯିବାକୁ ତରବର ହେଉଛି। ବୋତଲ ଟେକି ଦେଉଥିବା ବାନା ଏବେ ମାପିଚୁପି ଗିଲାସରେ ପିଉଛି, ଘରକୁ ବାହାରିବା ଆଗରୁ ଭଲ କରି ମୁହଁ ପାଟି ଧୋଇ ନେଉଛି, ଜର୍ଦ୍ଦା ପାନଟିଏ ଚୋବେଇ ଦଉଛି। ପୁରା ମାଇଚିଆ ହୋଇଗଲାଣି। ହେବନି କେମିତି, ପ୍ରେମ କରି ବାହା ହୋଇଚି ନା? ଇଏତ ତା'ର ମନିପର୍ସ ଚୋରି କରିଥିଲା, ଝିଅଟା କିନ୍ତୁ ତା'ର ହୃଦୟକୁ ଚୋରି କରିନେଲା। ଦୁଇଜଣ ଆନନ୍ଦ ସୁଅରେ ଆଜି ଭାସୁଥିବେ। ଘଟଣାଟି ଏବେବି ତାର ମନେଅଛି, ସେ ନିଜେହିଁ ତ ସବୁ ଭିଆଇଥିଲା, ଭୁଲିବ କେମିତି?

ସେଦିନ ଷ୍ଟେସନ ରାସ୍ତାରେ ଝିଅଟି ବିକଳ ହୋଇ କାନ୍ଦୁଥିଲା। ପତଳା ଗଢ଼ଣର ଝିଅଟିଏ, ବୟସ ହୁଏତ ଷୋହଳ କି ସତର ହେବ। ଦେହରେ ଆକାଶି ପୁରୁଣା ସ୍କୁଲ ଜାମା ସାଙ୍ଗକୁ ନାଲିରଙ୍ଗର ରଙ୍ଗ ଛାଡ଼ିଯାଇଥିବା ପୁରୁଣା ଚୁଡ଼ିଦାର ଠିକ୍ ଖାପ ଖାଉନଥାଏ, କିଏ ହୁଏତ ଦୟାକରି ପିନ୍ଧିବାକୁ ଦେଇଥିବ। ତା ପାଖରେ ପଡ଼ିରହିଥିବା ପ୍ଲାଷ୍ଟିକ ଡାଲାରେ କିଛି କଣ୍ଢେଇ ପଡ଼ି ରହିଥିଲା। ଲୋକମାନେ କାନ୍ଦୁଥିବା ଝିଅଟାକୁ ବେଢ଼ିଯାଇଥାନ୍ତି। ତାର ପଇସା ମୁଣି କେହି ଚୋରି କରି ନେଇଯାଇଥାଏ। ଦିନଯାକର ଖଟଣିର ପଇସା। କେତେ ଜଣଙ୍କୁ ମିଛ ବୋଲି ମନେ ହେଉଥାଏ। ପଇସା ରୋଜଗାର କରିବାର ଏ ଏକ ଫନ୍ଦି ବୋଲି କୁହା କୁହି ହେଉଥାଆନ୍ତି। ପଇସା ଅଭାବରେ ପେଟରେ ଓଦାକନା ପକାଇ ସମ୍ଭାଳିବ। ଅତୀତରେ ତା'ର ମଧ୍ୟ ଘଟିଛି। ଯେ ଅନୁଭବି ସେ ଏଇ ଫାନ୍ଦ ବୁଝି ପାରିବ। ମହେଶ ଭିଡ ଭାଙ୍ଗି ତା' ପାଖକୁ ଗଲା, ଡାକିଲା, "ଆ ମୋ ସାଙ୍ଗରେ, ତୋର ପଇସା କିଏ ନେଇଛି ମୁଁ ଜାଣିଛି, ସବୁ ମିଳିଯିବ।" ଝିଅଟି ଅବିଶ୍ୱାସ ଚାହାଣିରେ ଆବା କାବା ହୋଇ ଚାହିଁଲା। ଅଗତ୍ୟା ଅନ୍ୟ କିଛି ଉପାୟ ନଥିଲା। ମହେଶ ଦୃଢ଼ ବିଶ୍ୱାସ ଥିଲା ଏ କାମ ନିଶ୍ଚୟ ବାନାର, ଏଇଟା ତା'ର ଇଲାକା। ସେତେବେଳକୁ ବାନା ଘରେ ପହଞ୍ଚି ସାରିଥିଲା। ମହେଶ କିଛି ପୂର୍ବାପର ଗଳ୍ପ ନକହି ଆଦେଶ କରିଥିଲା ଏକ ପ୍ରକାର। "ଏଇ ଝିଅଟାର ପଇସା ଦେଇଦେ; କାହାଠୁ ପଇସା ମିଳିଲାନି ଯେ ଏଇ ଝିଅଠୁ ନେଇଗଲୁ?" ମହେଶ ସାଙ୍ଗରେ ଝିଅଟିକୁ ଦେଖି ବାନା ଅବାକ୍ ହୋଇ ଯାଇଥିଲା, ତା'

ମୁହଁରୁ କିଛି ଉତ୍ତର ବାହାରି ନଥିଲା। ସିଧାସିଧା ପକେଟ୍‌ରୁ ସଦ୍ୟ ହସ୍ତଗତ ହୋଇଥିବା ପଇସାମୁଣିଟି ବାହାର କରି ଝିଅଟିକୁ ଧରେଇ ଦେଇଥିଲା।

"କ୍ଷମା ମାଗ୍ ତାଙ୍କୁ।" ମହେଶର କଠୋର ଆଦେଶ

"ନାଇ ଭାଇ ଥାଉ, କ୍ଷମା ମାଗିବା ଦରକାର ନାହିଁ। ମୁଁ ତ ମୋ ପଇସା ପାଇଗଲି। ତାଙ୍କୁ ଆଉ ଦଣ୍ଡ ଦିଅନି।" ଝିଅଟି କହିଲା। ଖୁସିଥିଲା ଝିଅଟି, ଶୁଖିଲା ଲୁହଛାପ ଭରା ମୁହଁରେ ଚେନାଏ ହସ ଫୁଟି ଉଠିଥିଲା। ତେବେ ତା' ପରର ପ୍ରେମ କାହାଣୀର ଖବର ମହେଶ ରଖି ନଥିଲା।

ବାନାମର କେଉଁଠୁ ଆସି ମହେଶ ସାଙ୍ଗରେ ଯୋଡ଼ି ହୋଇଗଲା ତାହା କାହାକୁ ଜଣାନାହିଁ। ତା'ର ଠିକଣା, ଜାତି ଗୋତ୍ର କିଛି ବି ମହେଶ ଜାଣେ ନାହିଁ। କେବେ ପଚାରିବାକୁ ପ୍ରୟୋଜନ ମନେ କରି ନାହିଁ। ତା କାମରେ ଜାତି ଗୋତ୍ର ଠିକଣା ଇତ୍ୟାଦିର କିଛି ବି ଗୁରୁତ୍ୱ ନାହିଁ। ସେ ଜାଣେ, ଏଇପରି ପିଲାମାନଙ୍କର ଜନ୍ମର କାରଣ ହୋଇଥିବା ମଣିଷଟିଏ ତ ଥାଏ, କିନ୍ତୁ 'ବାପା' ନଥାଏ। ବାନା ସାଙ୍ଗରେ ତାର ଦେଖାହେବା ଆକସ୍ମିକ ଯୋଗସୂତ୍ର ଥିଲା। ହାଟ ମୁଣ୍ଡରେ ଥିବା ଗୁଡ଼ିଆ ହୋଟେଲର ମାଲିକ ପିଲାଟିକୁ ବିଧା ଗୋଇଠା କଷି ଚାଲିଥିଲା। ପିଲାଟା ଚିତ୍କାର କରୁଥିଲା ଭାରସାମ୍ୟ ରକ୍ଷା କରି ନପାରି ଭୂଇଁରେ ଗଡ଼ି ଯାଉଥିଲା। ସୁଉଁ ସୁଁ ହୋଇ କାନ୍ଦୁଥିଲା। ତାକୁ ଦେଖି ମହେଶ ଯନ୍ତ୍ରଣାରେ ଅସ୍ଥିର ହେଉଥିଲା; ଯେମିତି କେହି ତା'ର ପୁରୁଣା କ୍ଷତକୁ ଧାରୁଆ ନଖରେ ଆମ୍ପୁଡ଼ି ପକାଉଛି। ହୋଟେଲ ମାଲିକ ଓ ପିଲାଟିର ମଝିରେ ଠିଆ ହୋଇଯାଇଥିଲା, ଚିତ୍କାର କରିଥିଲା, "ସାହୁଏ ଏସବୁ ବନ୍ଦ କର, ପିଲାଟା ତ ଭୋକ ବିକଳରେ ବରା, ପିଆଜି ଖାଇ ଦେଇଛି। ସେଥିପାଇଁ ତାକୁ ଜୀବନରେ କ'ଣ ମାରିଦବ ?" ସାହୁର କାଠ ଫାଳିଆଧରିଥିବା ହାତଟା ସେମିତି ଉପରେ ରହିଗଲା, ମାଡ଼ ବନ୍ଦ ହୋଇଗଲା, କାରଣ ସେ ସମୟକୁ ମହେଶ ସାହିର ଦାଦା ହିସାବରେ ପରିଚିତ ହୋଇ ସାରିଥିଲା। ମହେଶ ଦଶଟଙ୍କିଆ ନୋଟ୍ ଖଣ୍ଡିଏ ଫୋପାଡ଼ି ଦେଇ କହିଲା, "ଯାହା ଖାଇଛି ତା'ର ପଇସା ନେଇଯିବା।" ପିଲାଟା ଉଠି ଠିଆ ହୋଇ କାନ୍ଦୁଥିଲା, ଆଖିର ଲୁହ ଓ ନାକର ସିଂଘାଣି ମିଶି ପାଟି ଭିତରେ ପଶିଯିବା ପୂର୍ବରୁ ହାତରେ ଲେସି ଦେଉଥିଲା। "ହେ ଟୋକା, କାମ କରିବୁ ? ଖାଇବାକୁଦେବି,ପଇସା ଦେବି।" ମହେଶ ପଚାରିଥିଲା। ପିଲାଟି ମୁଣ୍ଡ ଟୁଙ୍ଗାରିଲା, ସମ୍ମତି ଦେଲା। ସେଇ ଦିନଠାରୁ ବିରାଟ ବରଗଛ ମୂଳରେ ପଡ଼ିଥିବା କ୍ଷୁଦ୍ର ମଞ୍ଜିରୁ ଅଶ୍ୱତ୍ଥ ଗଛଟି ବାହାରି ମହାଦ୍ରୁମକୁ ଲେପଟେଇ ପଡ଼ିବା ପରି ମହେଶର ଦେହରେ ବାନା ନିଜକୁ ମିଶେଇ ଦେଲା, କାଳକ୍ରମେ ତା'ର ସମସ୍ତ କର୍ମ ଅକର୍ମର ସାଥି ହୋଇଗଲା।

ବାନାର ମହେଶକୁ ଭୀଷଣ ଡର, ସମ୍ମାନ ମଧ। ଡରିଡରି ଅନୁମତି ମାଗିଥିଲା - "ଦୁଇଦିନ ଛୁଟି ଦିଅ ଭାଇ।" ମୁହଁ ଉଠେଇ ମହୀଦାଦା ଚାହିଁଲା। ଏମିତି କେବେ ଏ ଯାଏଁ ହେଇନଥିଲା। ବାନା କେବେ ତାକୁ ଛାଡ଼ିଯିବାକୁ ଛୁଟି ମାଗିନଥିଲା। କିଏ ଥିଲା ତାର, କାହା ପାଖକୁ ଯାଆନ୍ତା ?

"ରୂପା ଟିକିଏ ପୂଜା ସମୟ ବୁଲିଯିବ ବୋଲି ଯିଦ୍ ଧରିଛି।" ଖୁବ୍ କଷ୍ଟରେ ଏତିକି କହିପାରିଲା, ଏତିକି କହୁ କହୁ ତା'ର କର୍କଶ ଠାକରା ମୁହଁଟା କେମିତି ଲାଜୁଆ ଲାଜୁଆ ଦିଶୁଥିଲା। ମହେଶ ଜାଣେ ବାନା ଏଇ ଛଅ ମାସ ହେଲା ରୂପାକୁ ବାହା ହେଇଛି।

ସମସ୍ତେ ଏମିତି ବନ୍ଧା ପଡ଼ିଛନ୍ତି। ମହୀଦାଦାର କିନ୍ତୁ ଏମିତି କିଛି ଅସୁବିଧା ନାହିଁ। ନିଜ ମନର ମାଲିକ ସେ, କେହି ଜଣେ ନାହିଁ ତାକୁ ନିୟନ୍ତ୍ରଣ କରିବାକୁ। ସେ ମୁକ୍ତ, ତା'ର ଯାହାଇଚ୍ଛା ତାହା କରିପାରିବ। ସେଇଟା ହିଁ ତା'ର ଗର୍ବ, ତା'ର ସ୍ୱାତନ୍ତ୍ର୍ୟ।

ମହୀଦାଦା ଘରେ ଏକୁଟିଆ ବସି ରହିଛି। ତା'ର ଘର ସାମ୍ନାରେ ଚାଲି ଯାଉଥାନ୍ତି ଖିଲ୍ ଖିଲ୍ ହୋଇ ହସୁଥିବା ରଙ୍ଗ ବେରଙ୍ଗ ନୂଆ ପୋଷାକ ପିନ୍ଧିଥିବା କୁନି କୁନି ପିଲାମାନେ। ଚଞ୍ଚଳ ପ୍ରଗଲ୍‌ଭ ତରୁଣ ତରୁଣୀମାନଙ୍କର ଶୋଭାଯାତ୍ରା, ସମସ୍ତଙ୍କ ଭିତରୁ ଯେମିତି ଆନନ୍ଦ ବିସ୍ଫୋରିତ ହେଉଛି। ସମସ୍ତେ ଚାଲିଛନ୍ତି ସେଇ ବଜାର ଛକ ଆଡକୁ, ଯେଉଁଠାରୁ ଭାସି ଆସୁଛି ଡାକବାଜି ଯନ୍ତ୍ର ମାଧ୍ୟମରେ କ୍ଲିଷ୍ଟ ସଂସ୍କୃତ ଶ୍ଳୋକ ଲଘୁ ସଙ୍ଗୀତ, ଚଳଚ୍ଚିତ୍ର ସଙ୍ଗୀତ ସାଙ୍ଗରେ ଫେଣ୍ଟାଫେଣ୍ଟି ହେଇ। ଯେଉଁଠି ଆଜି ଚଳଚଞ୍ଚଳ ବିପଣି, ମିନା ବଜାର ଶୋଭା ପାଉଛି। ସହରର ସେ ସ୍ଥାନର ସ୍ୱରୂପ ବଳଦି ଯାଇଛି। ତାଳ ମିଳେଇ ଅନ୍ଧାରୁଆ ବସ୍ତିଟା ବି ଆନନ୍ଦରେ ଡୁବି ଯାଇଛି। ସେଇ ଆନନ୍ଦର ସୁଅରେ ମହେଶ ନିଜକୁ ଭସାଇଦେଇ ପାରୁନି। ସେ ଯେମିତି ଏକ ଚକ୍ରବାତରେ ଆକ୍ରାନ୍ତ, ଯାହା ତାକୁ ଅତୀତର ଅନ୍ଧକାର ଗଳିରେ ଠେଲି ଦେଇଛି। ସେଇ ଅନ୍ଧକାର ଭିତରେ ଚାଲିଛି ଆଗକୁ, ଆଗକୁ। ବହୁତ ଦୂର ପରେ ଏକ ଝାଟିମାଟିର ଘର ଦୃଶ୍ୟମାନ ହେଉଛି, ଏକାନ୍ତ ପରିଚିତ ଘରଟି। ଏଇ ଘରର ଅଗଣାରେ କେବେଦିନେ ସେ ନିଶ୍ଚିନ୍ତ ହୋଇ ଦୌଡୁଥିଲା, ଡେଉଁଥିଲା, ଖେଳୁଥିଲା। କେତେଦୂରର ଏ ରାସ୍ତା ତାହା ତା'ର ମନେ ନାହିଁ। ବିଦ୍ୟାଳୟକୁ ଯାଉଥିଲେ ବର୍ଷକୁ ବର୍ଷ ଭିନ୍ନ ଭିନ୍ନ ଶ୍ରେଣୀରେ ବସୁଥିଲେ ହୁଏତ କିଛି ହିସାବ ରଖିଥାନ୍ତା। ତା'ର ଜନ୍ମର ଗୋଟାଏ ତାରିଖ ମିଳନ୍ତା ସେ ସବୁ ସୁଯୋଗ ତାକୁ ଜୁଟିନି। ତେବେ, ଏତେ ଅନ୍ଧାରୁଆ, ମଳିଆ ଛବି ହେଲେ ବି ସେ ତାକୁ ସାଇତି ରଖିଛି, ତାହା ତା'ର ପିଲାଦିନର ଅମୂଲ୍ୟ ସ୍ମୃତି। ସେଇ ଚାଳଘର ଆଗରେଥିବା ଆମ୍ବଗଛ ଉପରକୁ ଉଠିଯିବା, ସାଥିମାନଙ୍କ ସହ ପ୍ରତିଯୋଗିତା କରି ଶୀର୍ଷ ଡାଳରେ ବସିବା, ଆମ୍ବଗୁଡ଼ାକ ଦୁଲ୍ ଦୁଲ୍ କରି ତଳୁକୁ ପକାଇବା ତା'ର ସଉକ୍ ଥିଲା। ଡରଭୟ ନ ଥିଲା କାହାକୁ। କେହି ତାକୁ ଆକଟ କରିବାକୁ ବି ନଥିଲେ। ସେ ଏକା ରାଜା, ତା'ର ସାଙ୍ଗରେ ତା'ର ଛୋଟ ସୈନ୍ୟଦଳ। ସେଇ ଛୋଟ ଦଳଟିକୁ ସାଙ୍ଗରେ ଧରି କାହା ବାଡ଼ିରୁ କାକୁଡ଼ି ତୋଳିବା, ନଡ଼ିଆ ଚୋରି କରିବାରେ ଅପୂର୍ବ ଆନନ୍ଦ ମିଳୁଥିଲା। ମିଳୁଥିଲା ଏକ ବିଜୟୀର ଆନନ୍ଦ, ଏକ ସଫଳତାର ମଧୁର ସ୍ୱାଦ। ଦଳର ଅନ୍ୟମାନଙ୍କଠାରୁ ସେ ଅଧିକ ସାହସୀ ଥିଲା, ଡେଙ୍ଗା ବି ଥିଲା, ତେଣୁ ସ୍ୱାଭାବିକ ଭାବରେ ଦଳର ସର୍ଦ୍ଦାର ବନି ଯାଇଥିଲା। ତା'ର ଇଙ୍ଗିତରେ ସମସ୍ତେ ଚାଲୁଥିଲେ। ଆଃ, କି ସୁନ୍ଦର ଥିଲା ସେ ଦିନଗୁଡ଼ାକ। ଖେଳି ବୁଲି ଦିନ ସରି ଯାଉଥିଲା। ବିଦ୍ୟାଳୟରେ ତା'ର ନାମ ତ ଲେଖା ହୋଇଥିଲା, କିନ୍ତୁ ସେ କେବଳ ମଧ୍ୟାହ୍ନ ଆହାର ମିଳିଲା ବେଳକୁ ପହଞ୍ଚି ଯାଉଥିଲା, ବହି ବସ୍ତାନି ସହିତ କିଛି ସମ୍ପର୍କ ତା'ର ନ ଥିଲା। ତା'ର ବାପା ବୋଲି ଜଣେ ଥିଲା, କିନ୍ତୁ କେବେ ସେ ଏଥିପ୍ରତି ଦୃଷ୍ଟି ହେଉ ନ ଥିଲା। ତା'ର ପାଠପଢ଼ା ବିଷୟରେ ପଚାରୁ ନଥିଲା, ତେଣୁ ସେ ନିଶ୍ଚିନ୍ତ ଥିଲା। ଲୋକଟା ଦିନଯାକ କୁଆଡ଼େ ଯାଉଥିଲା। କ'ଣ କରୁଥିଲା ସେ ବିଷୟ ମହେଶ ଜାଣୁ ନଥିଲା କିଛି, ଜାଣିବାର କିଛି ଆଗ୍ରହ ବି ନ ଥିଲା ତା'ର। ତା'ର ହେତୁ ପାଇଲା ଦିନଠାରୁ ମାଆ ବୋଲି କାହାକୁ ଦେଖିନି କି ଜାଣିନି। ସେଥିପାଇଁ ସେତେବେଳେ ନିଜକୁ ଭାଗ୍ୟବାନ ମନେ କରୁଥିଲା। ଯଦି ତା'ର ଗୋଟିଏ ମାଆ ଥାଆନ୍ତା, ସେବି ତାକୁ ଗାଳି ଦେଉଥାନ୍ତା।, ଠିକ୍ କାଲୁକୁ ତା' ମାଆ ଯେମିତି ଗାଳି ଦିଏ। ଭଲ ହୋଇଛି, ତା'ର ମାଆ ନ ଥିଲା,ନ ହେଲେ ସେ ଦ୍ୱିପହର ଯାକ ଖରାରେ ବୁଲି ବୁଲି ଏମିତି ଫୁର୍ତ୍ତି କରି ପାରିଥାଆନ୍ତା ?

ସେଇ ଅନ୍ଧାରୁଆ ଘର ଭିତରୁ ଶୀର୍ଣ୍ଣକାୟ ସ୍ତ୍ରୀ ଲୋକଟିଏ ବାହାରି ଆସୁଛି, ମୁହଁଟା ତା'ର କଳା, ଅଣ୍ଡାକୃତି। କାନ, ଆଖି, ପାଟି, ନାକ, କିଛି

ବି ଦିଶୁନାହିଁ । ସେଇ ସ୍ତ୍ରୀ ଲୋକଟିକୁ ସେ ମାଉସୀ ବୋଲି ସମ୍ବୋଧାନ କରୁଥିଲା । ଖେଳି ବୁଲି ହାଲିଆ ହୋଇ ଘରକୁ ଆସିଲା ପରେ ସେ ଦୁମ୍ ଦୁମ୍ ହୋଇ ଆସି ମହେଶ ଆଗରେ ପଖାଳ କଂସାଟି ଥୋଇ ଦେଉଥିଲା । ମହେଶ ତାକୁ ଭଲ ପାଉ ନଥିଲା, ଚାହୁଁ ନ ଥିଲା ତା ମୁହଁକୁ, ଖାଲି ଯାହା ମିଳୁଥିଲା ଖାଇ ଦେଉଥିଲା । ସେଥିପାଇଁ ହୁଏତ ତାର ମୁହଁଟା କଳାଛାଇ ପରିଦିଶୁଚି । ସନ୍ଧ୍ୟା ସମୟରେ ବାପା ମହୁଲି ପିଇ ଟଳିଟଳି ଆସିଲା ବୋକଳୁ ସେ ମହେଶର କାର୍ଯ୍ୟକଳାପର ଏକ ବୃତାନ୍ତ ବନେଇ ଚୁନେଇ ଶୁଣାଉଥିଲା । ତା'ପରେ ବାପା ତା' ପିଠିରେ ବିଧା ବର୍ଷା କରୁଥିଲା, ଗୋଇଠା ମାରୁଥିଲା ଯେ ସେ ଫୁଟ୍‌ବଲ ପରି ଗଡ଼ି ଯାଉଥିଲା । ଯାହା ହେଉ ଦିନେ ସେ ମାଉସିର ଦେହ ଖରାପ ହେଲା ବ୍ୟସ୍ତ ହୋଇ ବାପା ତାକୁ ଡାକ୍ତରଖାନା ନେଇ ଯାଇଥିଲା । ଦୁଇ ଦିନ ପରେ ସେ ମରିଗଲା । ତା'ର କୁଆଡ଼େ ପିଲା ହେବାର ଥିଲା ବୋଲି ସାଇ ଲୋକେ ଚୁପୁର ଚାପର ହେଉଥିଲେ । ଏଥର ଆଉ ତା'ର ଅସହନୀୟ ରୂପ ଦେଖିବନି ବୋଲି ସେ ଖୁସି ହେଲା । ଭଲ ହେଲା, ସେ ମରିଗଲା, ଆଉ କେହି ବାପାକୁ ତା ବିରୁଦ୍ଧରେ ନାଲିସ୍ କରିବେନି ।

'ବାପା' ବୋଲି ଲୋକଟା ପ୍ରତି ତା'ର କିଛି ଆକର୍ଷଣ ନ ଥିଲା, ସମ୍ମାନ ନଥିଲା, ଥିବାର କଥା ବି ନୁହେଁ । ଅକାରଣରେ ସେ ତା'ର ଚୁଟି ଝିଙ୍କି, ବିଧା ଗୋଇଠା ବର୍ଷଣ କରି ଯାଉଥିଲା ତା'ର ନିଶାରେ ଲାଲ ଡିମା ଡିମା ଆଖି ଦୁଇଟାକୁ ଦେଖିଲେ ସେ ଘର କୋଣରେ ନେସି ହୋଇଯାଉଥିଲା । କ୍ରମେ କ୍ରମେ ବୟସ ବଢ଼ିବା ସହିତ ଏସବୁ ତା'ର ଦେହସୁହା ହୋଇଯାଇଥିଲା, ଡର ଭୟ ଉଭେଇ ଯାଇଥିଲା । ସେ ସମୟରେ ସେଇଦିନଟି ତା'ର ବେଶ ଖୁସିର ଦିନ ଥିଲା ଯେଉଁ ଦିନ ବାପା ହାତରେ ଦଶଟଙ୍କା ଗୁଞ୍ଜି, ଦେଇଥିଲା । ଲୋକଟା ସେଦିନ ଏକଦମ୍ ନରମି ଯାଇଥିଲା, କୃତ୍ୟ କୃତ୍ୟ ହୋଇ ଯାଇଥିଲା ଦଶଟଙ୍କାଟାଧରି । ମହେଶର ମନ ଖୁସି ଥିଲା । ସେ ଉଚିତ ପ୍ରତିଶୋଧ ନେଇ ପାରିଛି, ତା'ର ଅପାରଗତା, ଅକର୍ମଣ୍ୟତାକୁ ଜଳଜଳ କରି ତାକୁ ଦେଖାଇ ଦେଇଛି । ସେଦିନ ଘରେ କିଛି ଖାଇବାକୁ ନ ଥିଲା । ମହେଶ ସାରାଦିନ ସବୁଦିନ ପରି ଖେଳି ବୁଲି ଆସି ଖାଇବାକୁ ମାଗିଥିଲା । ସେତା ହିଁ ତା'ର ଦୋଷ ଥିଲା । ବାପାଟା ନିଶାରେ ଟଳୁଥିଲା ଦିନ ଦ୍ୱିପହରରେ । ସେ ତା ଉପରେ ବିଧା ଗୋଇଠା ବର୍ଷି ଚାଲିଲା, ଚିକ୍ରାର କରୁଥିଲା, "ସବୁ ବେଳେ ଖାଇବୁ ଖାଇବୁ ହେଉଛୁ । କିଛି ତୋ ପେଟକୁ ଅଣ୍ଟୁନି ? ଯା' ମର୍ ଆଜି ।" ତା'ର କାନ ଧରି ଘୋଷାରି ଘୋଷାରି ଆଣି ଘର ବାହାରେ ଛାଡ଼ି ଦେଇଥିଲା ଏବଂ କବାଟ କିଳି ଦେଇଥିଲା । ମହେଶ ରାହାଧରି କାନ୍ଦୁଥିଲା । ପେଟର ଜ୍ୱାଳା ଆଉ ଜଣା ପଡୁନଥିଲା ବରଂ ରାଗରେ ସାରା ଦେହ ଜଳୁଥିଲା । ସେ ବି ଆଉ ବାପାକୁ କବାଟ ଖୋଲିବାକୁ ମିନତି କଲାନି । ରାଗରେ ଜରଜର ହୋଇ ବାହାରକୁ ଆସିଲା, ଲୁହ ଶୁଖି ଯାଇଥିଲା । ରାସ୍ତାକଡରେ କାହାର କୁକୁଡାଟିଏ ଚରୁଥିଲା । ତତ୍‌କ୍ଷଣାତ୍ ପିନ୍ଧିଥିବା କୁର୍ତ୍ତାଟା ଖୋଲି ତା ଉପରେ ପକାଇ ଦେଲା । କୁକୁଡ଼ାଟାକୁ ସେମିତି କାବୁ କରି ଧରି ବଜାରରେ ଯାଇ ବିକ୍ରି କରି ପଚାଶ ଟଙ୍କା ପାଇଥିଲା । ଟଙ୍କା ହାତରେ ପାଇଲା ପରେ ପେଟ ଆହୁରି ଜୋରରେ ଜଳିବାକୁ ଲାଗିଲା । ହାଟପାଖ ଉଦିଆ ସାହୁ ଦୋକାନରେ ପେଟ ଭରି ଖାଇଦେଲା ଓ ହାତରେ ପନ୍ଦରଟଙ୍କା ଧରି ଘରକୁ ଫେରିଲା । ଲୋକଟା ଘରେ ମୁଣ୍ଡପୋତି ବସିଥିଲା । ଟଙ୍କା ଦଶଟା ତା' ଆଡକୁ ପୋପାଡ଼ି ଦେଇ କହିଥିଲା, "ନେଇଯା ଭାଟିରେ ଗିଲାସେ ପିଇଦେଇ ଆସିବୁ ।" ତା'ର ଠାଣି ଏମିତି ଥିଲା ଯେମିତି ବିକଳ ହୋଇ ଭିକ ମାଗୁଥିବା ଭିକାରିଟି ଆଡକୁ ସେ ଟଙ୍କା ଫୋପାଡ଼ି ଦେଉଛି । ଯେମିତିକି ସେ ସାବ୍ୟସ୍ତ କରିବାକୁ ଚାହୁଁଥିଲା, ବାପାଟା ନିହାତି ଅଳସୁଆ, କର୍ମକୋଡ଼ା କିନ୍ତୁ ସେ ଅପରାଗ ନୁହେଁ କି କା'ର ଦୟାରେ ଚଳିବାର ପିଲା ନୁହେଁ । ପାଟି ପଛେ କିଛି କହୁ ନଥାଉ ଆଖି ଦୁଇଟାର ଏଇଟା ହିଁ ଭାଷା ଥିଲା । ଲୋକଟା ଖପ୍ କରି ଝାମ୍ପି ପଡ଼ିଥିଲା ଟଙ୍କା ଉପରେ, ତା'ର ଆଉ ରାଗ ନଥିଲା । ସେ ଖୁସିରେ ମହେଶକୁ କୁଣ୍ଢାଇ ପକାଇଥିଲା । ଖୁସି ଥିଲା ଯେ ସେଦିନର ନିଶାପାଣିର ବ୍ୟବସ୍ଥାଟା ହୋଇଗଲା । ପଚାରିଲା ନାହିଁ ସେ କେଉଁଠୁ ପଇସା ଆଣିଲା, ଭାଟିକୁ ଯିବାକୁ ତର ସହି ନ ଥିଲା । ମହେଶର ଦେହରେ ଶିହରଣ ଖେଳି ଯାଇଥିଲା । ଖୁସିରେ ସେ ଦିନ ସେ କାନ୍ଦି ପକାଇଥିଲା । ତା' ପରଠାରୁ ମହେଶ ରୋଜଗାର କରି ଚାଲିଲା । କାହାର କୁକୁଡ଼ା ଚୋରି କରିହେଉ, କାହା ପୋଖରୀରୁ ରାତିରେ ମାଛ ଧରି ହେଉ, କାହା ବାଡ଼ିରୁ ପାହାନ୍ତି ପହରରେ ନଡ଼ିଆ, କଦଳୀ ଚୋରି କରି ହେଉ କୌଣସିନା କୌଣସି ଫନ୍ଦିରେ ପଇସା ତା'ର ପକେଟକୁ ଆସିଲା । ଯେଉଁ ଦିନ କପାଳକୁ କିଛି ନ ଜୁଟିଲା, ବଜାରରେ ମାଲ ବୋହି ଟ୍ରକ ବୋଝେଇ କରି ରୋଜଗାର କଲା । ହୋଟେଲରେ ପେଟେ ଖାଇ ଘରକୁ ଫେରୁଥିଲା ଏବଂ ବାପା ଆଗରେ କିଛିଟା ଟଙ୍କା ପୋପାଡ଼ି ଦେଉଥିଲା । ଖାଲି ପେଟର ଭୋକ ଲାଗି ଯେ ସେ ଏସବୁ କରୁଥିଲା ତା' ନୁହେଁ ବରଂ ଏଇଥିପାଇଁ ଯେ ଟଙ୍କା ପାଇଗଲେ ତା'ର ଅଳସୁଆ, ମଦୁଆ ବାପାଟା ଖୁସି ହେଇଯାଉଥିଲା, ତୁରନ୍ତ ଭାଟିକୁ ଚାଲି ଯାଉଥିଲା । ତା'ପରେ ଆଉ ବିଧା ଗୋଇଠା ବର୍ଷା ହେଉ ନଥିଲା, ପେଟେ ମଦ ପିଇ ଆସି ଚାରିକାତ ମେଲାଇ ଲୋକଟା ଶୋଇଯାଉଥିଲା ।

ବର୍ଷ ଦୁଇ ତିନିଟାରେ ମହେଶ ବେଶ ଜଣାଶୁଣା ଚୋର ହୋଇ ଯାଇଥିଲା । ତା'ର ପରିଶ୍ରମ ଓ ବୁଦ୍ଧି ହେତୁ ସଫଳତାର ସିଡିରେ ଉପରକୁ ଉପରକୁ ଉଠି ଚାଲିଲା । ନୂଆ ନୂଆ କୌଶଳ ବାହାର କଲା । କାର୍ଯ୍ୟର ପରିସର ମଧ୍ୟ ବଢ଼ିଲା । ଛୁରୀ ଦେଖାଇ ଧନୀ ବେପାରୀଙ୍କ ଠାରୁ ଟଙ୍କା ଆଦାୟ କଲା ପଇସା ନଦେଲେ ସେମାନଙ୍କର ବ୍ୟବସାୟରେ ନାନାବିଧ ବିଘ୍ନ ସୃଷ୍ଟି କରିବାର କୌଶଳ ଆପଣେଇ ନେଲା । ଏସବୁ ସଫଳତାର ସହ କରିପାରିବାରୁ ଅନେକଙ୍କର ସୁ ନଜରରେ ଆସିଲା । କଳା ସାମ୍ରାଜ୍ୟର ବାଦ୍‌ଶହମାନେ ମହେଶର ପ୍ରତିଭାକୁ ଠିକ୍ ଚିହ୍ନିପାରିଲେ । ମହେଶ ସୁଯୋଗ ହାତଛଡ଼ା କଲାନି । ଫଳରେ ଅପହରଣ କରି ଟଙ୍କା ଆଦାୟ କରିବା, ଟଙ୍କା ବିନିମୟରେ ରାଜନୈତିକ ସଭା ସମିତିରେ ଗଣ୍ଡଗୋଳ କରି ସଭାକୁ ଭଣ୍ଡୁର କରିବା, ବହିନା ଦେଇଥିବା ଭଦ୍ରଲୋକଙ୍କର ଶତ୍ରୁକୁ ସନ୍ଦେହହୀନ ଭାବେ ରାସ୍ତାରୁ ହଟାଇ ଦେବା, ଅବକାରୀ ପଦାର୍ଥ ସଠିକ୍ ସ୍ଥାନରେ ନିରାପଦରେ ପହଞ୍ଚାଇ ଦେବା ଇତ୍ୟାଦି ବିଶେଷ କାର୍ଯ୍ୟଗୁଡ଼ିକରେ ପାରଦର୍ଶିତା ଅର୍ଜନ କଲା । ସମୟକ୍ରମେ ତା'ର ଏକ ଛୋଟ ବିଶ୍ୱସ୍ତ ଦଳ ଗଢ଼ି ପାରିଲା । ମହେଶ ସମସ୍ତଙ୍କ ପାଇଁ 'ମହୀଦାଦା' ପାଲଟିଗଲା । ତା'ର କର୍ମଭୂମି ପ୍ରସରିଗଲା ରାଜ୍ୟାନ୍ତରକୁ । ସେ ଏବେ ସାଧାରଣ ଚୋର ନୁହେଁ, ତା'ର କାଟ୍‌ତି ରହିଲା ବିଭିନ୍ନ ମହଲରେ ।

ଏତେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସେ ବାପାର ବିଶେଷ ଖବର ରଖିପାରି ନଥିଲା, କିନ୍ତୁ କାହା ହାତରେ କିଛି କିଛି ପଇସା ରୀତିମତ ପଠାଇଦେଉଥିଲା । ସେ ତା'ପ୍ରତି କୃତଜ୍ଞ ଥିଲା ଯେ ତା'ର ଅବଜ୍ଞା ଅଯତ୍ନ ଫଳରେ ସେ ଏତେ ଉଚ୍ଚକୁ ଉଠି ପାରିଛି । ସୁଖରେ ରହୁ ଲୋକଟା । ଦିନେ ସେଇ ବାପା ମରିଗଲା ବୋଲି ଖବର ପାଇଲା । ପୃଥିବୀରେ ଏକମାତ୍ର ସମ୍ପର୍କ ତୁଟି ଯାଇଥିଲା, ସେ

ଏକାକୀ ହୋଇଯାଇଥିଲା, ଏକ ସମ୍ପର୍କହୀନ ମଣିଷ। କିନ୍ତୁ ସେଥିପାଇଁ ଟୋପାଏ ଲୁହ ଗଡ଼ାଇବାର ଆବଶ୍ୟକତା ମନେ କରିନଥିଲା। ଭଲ ହେଲା ସାରା ଜୀବନଟା ପିଇପିଇ ଖୁସିରେ କାଟିଦେଲା ତା'ର ବାପା। ଏଇ ଦୁନିଆରେ ସେତିକି ହିଁ ପ୍ରାପ୍ୟ ତା'ର। ବାନା, କାଲୁ ଏବଂ ଅନ୍ୟାନ୍ୟ ସାଙ୍ଗମାନେ ନ ଥିଲାବେଳେ ଏମିତି ଦୃଶ୍ୟ ଓ ଚିନ୍ତା ତା ମସ୍ତିଷ୍କ ଭିତରକୁ ପଶି ଆସେ। ଚାହିଁଲେ ବି ସେ ସେଗୁଡ଼ିକୁ ହଟାଇ ଦେଇ ପାରେ ନାହିଁ। ନଛୋଡବନ୍ଦା ସେମାନେ। ମସ୍ତିଷ୍କର କେଉଁ ନିଭୃତ କୋଣରେ ଏସବୁ ଶୋଇ ରହିଥାନ୍ତି କେଜାଣି ଉଠିପଡ଼ି ତାକୁ ବିରକ୍ତ କରନ୍ତି, କ୍ଷତାକ୍ତ କରନ୍ତି, ଆଜିବି ସେମିତି ଚାଲିଛି ଯେ ଚାଲିଛି। ପେଗ୍ ପରେ ପେଗ୍ ପାଞ୍ଚ ପେଗ ଗଳାଧଃକରଣ କରି ସାରିଲାଣି। ଏ ବିଦେଶୀ ମାଲଗୁଡାକ କିଛି କାମ କରୁନାହିଁ। ନିଶା ଧରୁନି, ମୁଣ୍ଡଟା ସ୍ଥିର ହେଉନି। ମହେଶ ମନେ କଲା ଅବହାୱାଟାକୁ ଟିକିଏ ପରିବର୍ତ୍ତନ କରିବାକୁ ପଡ଼ି। ଖୋଲା ହାୱାରେ ମଟରସାଇକେଲରେ ଦୁଇ ଚକ୍କର କାଟିଦେଲେ ହୁଏତ ଥଣ୍ଡା ପବନରେ ଉଡ଼ିଯିବ ଏଇ ସବୁ ଅବାଞ୍ଛିତ ଭାବନାଗୁଡାକ। ବାଟରେ ଦେଶୀ ଟିକିଏ ପଡ଼ିଗଲେ ସବୁ ଠିକ୍ ହୋଇଯିବ। ନୂଆ କଥା କିଛି ନୁହେଁ। ମନ ଅସ୍ଥିର ହେଲେ ସେ ଏହାହିଁ କରି ଆସୁଛି। ଚାରିଦିଗରୁ ମାଡି ପଡୁଥିବା ଘରର ଚାରିକାନ୍ଥର ପଞ୍ଜୁରୀ ଭିତରୁ ବାହାରିଯାଏ।

ସେ କାନ୍ଥରେ ଲାଗିଥିବା କାଠ ର୍ୟାକ୍‌ରୁ ବାଦୁଡ଼ି ପରିଝୁଲୁଥିବା ପୋଷାକ ଭିତରୁ ଜିନ୍ ପ୍ୟାଣ୍ଟଟାଏ ଭିଡ଼ି ଆଣିଲା। ଗୋଲ ଗଳାବାଲା ହଳଦିଆ ଗେଞ୍ଜି ଉପରେ କୃତ୍ରିମ ଚମଡ଼ାର ଜ୍ୟାକେଟ ଗଳାଇଦେଲା। କୁଞ୍ଚକୁଞ୍ଚିଆ ଗହଳିଆ କେଶକୁ ରାମ୍ପି ପକାଇଲା ଦିଥର। କାନ୍ଥ ଆଲମାରୀରୁ ଦଶଇଞ୍ଚିଆ ଛୁରୀଟିଏ ବାହାର କରି ବଳାଗଣ୍ଠି ଉପରକୁ ଉଠିଥିବା ଜୋତା ଭିତରେ ଗଳାଇଦେଲା। କିଏ କହିବ, ସୁଯୋଗ ଦେଖି କିଏ ତା ଉପରକୁ ଝାମ୍ପି ନ ପଡ଼ିବ? ସବୁବେଳେ ପ୍ରସ୍ତୁତ ଥିବା ଦରକାର। ପକେଟରେ ମୋବାଇଲଟାକୁ ରଖି ଈଷତ୍ କମ୍ପନ ହେଉଥିବା ଆଙ୍ଗୁଳିରେ ଲାଇଟର ଟିପି ସିଗାରେଟ୍‌ରେ ନିଆଁ ଧରାଇଲା, ଜୋର୍ କରି ଦୁଇଦମ୍ ଟାଣିନେଲା। ଜମାଟ ବାନ୍ଧି ଆସୁଥିବା ମସ୍ତିଷ୍କଟା ଟିକିଏ ତେଜି ଉଠିଲା ଏଥର। କଷି କରି ମୋଟର ସାଇକେଲର କିକ୍‌ଟାକୁ ଦାବି ଦେଲା, ଧଡ଼ପଡ଼ ହୋଇ ଉଠିଲା କଳା ବୁଲେଟ୍‌ଟା, ରାସ୍ତାରେ ଦୌଡ଼ିବାକୁ ଲାଗିଲା। କିଛି ବାଟ ପିଚୁ ରାସ୍ତାରେ ଯିବା ପରେ ଖାଲଢ଼ିପ ଭରା ବାଲିରାସ୍ତାକୁ ଓହ୍ଲାଇଲା। ପ୍ରଧାନ ସଡ଼କଟାରେ ଏବେ ଲୋକ ଗହଳିଥିବ! ଖୁସିରେ ଚାଲୁଥିବେ ଲୋକମାନେ, ହସୁଥିବେ ଖୁସିରେ ଚିତ୍କାର କରୁଥିବେ ଏବେ। ସେସବୁ ତା ମୁଣ୍ଡରେ ଟଣ୍ ଟଣ୍ ହୋଇ ବାଡେଇ ହେବ ତାଠାରୁ ବରଂ କଚ୍ଚା ରାସ୍ତାରେ ଯିବା ଶ୍ରେୟସ୍କର।

ଯେଉଁଠି କଚ୍ଚାରାସ୍ତାଟା ପିଚୁ ସଡକରେ ମିଶିଛି ସେଇ ଛକରେ ବୟସାଧିକାରୁ ନିଜର ଅନେକ ବାହୁରେ ଭରାଦେଇ ଠିଆ ହୋଇଛି ବରଗଛଟିଏ। ତାର ତଳେ ଚା, ପାନ, ବିଡ଼ି, ସିଗାରେଟ୍, ଚକଲେଟ୍ ଇତ୍ୟାଦି ମିଳୁଥିବା ଚାଳିଆ ଦୋକାନଟିଏ। ମଧ୍ୟବୟସ୍କା ସ୍ତ୍ରୀ ଲୋକଟି ଦୋକାନର ମାଲିକାଣି। ତା ପାଖରେ ବଢ଼ିଲା ଝିଅଟିଏ ଏପଟ ସେପଟ ହେଉଥାଏ। ଗରାଖମାନଙ୍କର ବରାଦ ମୁତାବକ କାଠ ର୍ୟାକରୁ ଜିନିଷ ପତ୍ର ଦେଉଥାଏ। ଆଦ୍ୟ ଯୌବନର ...ସେ ଉଜ୍ଜ୍ୱଳ, ଚଞ୍ଚଳ। ଫୁଲ ପଡ଼ିଥିବା ଲାଲ ରଙ୍ଗର ଫ୍ରକ୍‌ଟି ବେଶ ମାନୁଛି ତାକୁ। ଚାଳିଆ ଆଗରେ ମହେଶ ନିଜ ବୁଲେଟକୁ ଠିଆ କଲା। ସ୍ତ୍ରୀ ଲୋକଟି ହସହସ ମୁହଁରେ ତାକୁ ସମ୍ଭାଷଣ କଲା, "ନମସ୍କାର ବାବୁ। ବହୁତ ଦିନ ହେଲା ଏ ଆଡକୁ ଆସୁନଥିଲ।" ମହେଶ ତାର ପରିଚିତ। ସ୍ତ୍ରୀଲୋକଟିର ଦେଶୀ ମଦର ମାଦକତା ଅପୂର୍ବ ସାଙ୍ଗେ ସାଙ୍ଗେ ମଥାକୁ ଧରିନିଏ, ମହେଶକୁ ନେଇଯାଏ ଆଉ ଏକ ଖିଆଲର ଦୁନିଆକୁ। ଦୁର୍ଭାବନା.... ଉଭେଇଯାଏ। ସେଥିପାଇଁ ତ ସେ ଏଠିକୁ ଚାଲିଆସେ। ମହେଶ କିଛି ଉତ୍ତର କଲାନି, ଉଭୟେ ଉଭୟଙ୍କୁ ଜାଣନ୍ତି, ଅଭିପ୍ରାୟ ମଧ୍ୟ ଜଣାଅଛି। ସେ ଧିରେ ଧିରେ ଚାଳିଆର ପଛପଟକୁ ଗଲା। ଦୋକାନର ପଛପଟେ କୋଠରୀ ଥିବା ସେ ଜାଣେ। ସେଇଠି ଦେଶୀମଦର ଘଡା ରହିଥାଏ। ସେଇଘର ଭିତରୁ ମାଟିରେ ପୋତା ହୋଇଥିବା ଦୁଇଟି ଖୁଣ୍ଟରେ ଚଉଡ଼ା ପଟାଟିଏ ଖଞ୍ଜା ହୋଇ ବେଞ୍ଚ ବନାଯାଇଛି। ଗରାଖମାନଙ୍କ ପାଇଁ କାନ୍ଥ ଆଲମାରୀରେ ରହିଛି ଷ୍ଟିଲ, ଆଲୁମିନିୟମ୍, କାଚର ବିବିନ୍ନ ଆକାରର ଗିଲାସମାନ। ମହେଶ ସିଧା ଯାଇ ସେଇ ପଟାଟି ଉପରେ ବସି ପଡ଼ିଲା । ପୋଡିଯାଉଥିବା ଚା ପତ୍ରର କଡା ଗନ୍ଧ ସାଙ୍ଗରେ ଦେଶି ମଦର ବାସ୍ନା ମିଶି ଘରଯାକ ଘର ଭିତରେ।

ମାଲିକାଣି ଇସାରା କଲା ଝିଅଟିକୁ, କହିଲା, "ଯା,ବାବୁଙ୍କ କଥା ବୁଝିଦେ।"

ଝିଅଟି ଧିର ପାଦରେ ଘରେ ପ୍ରବେଶ କଲା, ଘଡ଼ା ଉପରକୁ ଢ଼ାଙ୍କୁଣି କାଢ଼ିଦେଲା। ମାଲିକାଣି ଦୂରରୁ ଉଚ୍ଚ ସ୍ୱରରେ କହିଲା, "ସାବଧାନ, ବାବୁଙ୍କ ଅନ୍ୟମାନଙ୍କ ପରି ରସ (ଆଲୁମିନିୟମ) ଗ୍ଲାସରେ ଦବୁନି। ଉପରେ କାଚଗ୍ଲାସଟା ଅଛି। ଭଲ କରି ଧୋଇଦେ।" ମହେଶର ପତିଆରା ପାଇଁ ଏଇଟା ବିଶେଷ ବ୍ୟବସ୍ଥା।

କିଶୋରୀଟି କାଚଗ୍ଲାସଟି ସଫା କଲା, ଗୋଟିଏ ଷ୍ଟିଲ୍ ଟ୍ରେରେ ମହୁଲି ଭରା କାଚଗ୍ଲାସ ଓ ଗୋଟିଏ ଷ୍ଟିଲ୍ ଥାଳିଆରେ କିଛି ପୋଡା କୁକୁଡ଼ାମାଂସ ଚାଖଣା ହିସାବରେ ମହେଶ ଆଗରେ ଥୋଇଦେଲା, ନିଜେ ମଧ୍ୟ ମହେଶ ପାଖରେ ବସି ପଡ଼ିଲା। ହୁଏତ ବିଶେଷ ଗ୍ରାହକମାନଙ୍କୁ ଏମିତି ବ୍ୟବହାର କରିବାକୁ ମାଲିକାଣିର ନିର୍ଦ୍ଦେଶ ଥାଏ। ସେ ଗ୍ଲାସଟିକୁ ମହେଶ ହାତକୁ ବଢ଼ାଇଦେଲା, ମହେଶର ଦେହ ସହିତ ଘଷି ହୋଇଗଲା। ଏଇଟା କିଛି ନୂଆ କଥା ନୁହେଁ। ଯେତେବେଳେ ସେ ଏଠିକି ଆସେ, ଏମିତି ଖାତିର ମିଳେ। ଝିଅଟି ତା ଦେହରେ ଲାଗିକରି ବସିଯାଏ। ମହେଶକୁ କିଛି ଆମୋଦିତ ଲାଗେ ନାହିଁ, ସେ ସହିପାରେନାହିଁ ଝିଅଟିର ସ୍ପର୍ଶ। ମନେହୁଏ ତାର, ଯେମିତି ପୁଷ୍ପିତ ନାଗଫେଣୀ ଗଛଟିଏ ତା ଦେହରେ ଘଷି ହୋଇଯାଉଛି। ସେ ପ୍ରଲୁବ୍ଧ ହୁଏ ନାହିଁ ବରଂ ଟିକିଏ ଦୂରକୁ ଘୁଞ୍ଚିଯାଏ। ସେ ପକେଟରୁ କିଛି ନୋଟ୍ ବାହାର କିଛି ତା ହାତରେ ଖୁଞ୍ଜି ଦିଏ। ମହେଶ ଜାଣିଛି ପଇସା ପାଇଲେ ସେ ଉଠି ଚାଲିଯିବ, ଯେମିତି ତାର ସ୍ପର୍ଶଦାନର ମୂଲ୍ୟ ତାକୁ ମିଳିଯାଏ।

ମୁରୁକି ହସିଦେଇ ଝିଅଟି ଉଠି ଚାଲିଗଲା। ମହେଶ ଢ଼ୋକ ପରେ ଢ଼ୋକ ପିଇ ଚାଲିଲା। ବାସ୍, ମୁଣ୍ଡ ଭିତର ଗୋଳମାଳଟା ଧିରେ ଧିରେ ସଫା ହୋଇଆସୁଛି। ଅଜବ ସ୍ମୃତି ଗୁଡାକ ଏଇ ଦେଶୀ ମଦର ବଳୟକୁ ଭେଦକରିପାରୁନାହାନ୍ତି, ତାକୁ ବିରକ୍ତ କରୁନାହାନ୍ତି। ଶାରଦୀୟ ସନ୍ଧ୍ୟାର ଈଷତ୍ ଶୀତଳ ପବନ ତାକୁ ଉତ୍ତେଜିତ କରୁଛି। ଏକ ଆନନ୍ଦଦାୟ ଉତ୍ତଜନା। ଟଳଟଳ ହୋଇ ଉଠିଲା। ସେ ଯାଇପାରିବ; ଏତେ ଦେଶୀ ନିଶା ତାକୁ ଘାରି ନାହିଁ। ହେଃ, ମହେଶ ଦାଦାକୁ ପୁଣି ନିଶା କବଳିତ କରିବ! ମଟର ସାଇକେଲରେ କିକ୍ ମାରିଲା। ରାଜପୁତ୍ର ଘୋଡା ଉପରକୁ ଲମ୍ଫ ପ୍ରଦାନ କରିବା ପରି ମଟର ସାଇକେଲ ଉପରକୁ ଡେଇଁ ପଡି ଆକ୍ସିଲେଟର ମୋଡି ଦେଲା ଫଟ୍ ଫଟ୍ ଶବ୍ଦ କରି ଦୌଡ଼ିଲା ଯାନଟି।

ସଂଜ ନଇଁ ଆସୁଛି, ମାଛି ଅନ୍ଧାର। ଦୂରରେ ସହରର ପ୍ରଧାନ ରାସ୍ତାର

ଦୁଇପାର୍ଶ୍ୱରେ ସୋଡ଼ିୟମ ବତୀମାନେ ଦୁଇଟି ସାମନ୍ତରାଳ ସୂର୍ଣ୍ଣମରେଖା ସୃଷ୍ଟି କରିସାରିଲାଣି। ସହରତଳି ଅଞ୍ଚଳକୁ ଲକ୍ଷହୀନ, ଉଦ୍ଦେଶ୍ୟ ହୀନ ଭାବେ ମଟରସାଇକେଲ ଗଡାଇଦେଲା। ଏହି ସହରତଳି ଅଞ୍ଚଳରେ ଉଜ୍ଜ୍ୱଳ ସୋଡିୟମ ବତୀ ଲାଗିନି; ଅନ୍ଧକାରର ଏଠି ରାଜତ୍ୱ। କାଁ ଭାଁ ଗୋଟିଏ ଦୁଇଟି ପୁରୁଣା ଟ୍ୟୁବଲାଇଟ ଆଖି ମିଟିକା ମାରୁଛି। ସହରର ଉପକଣ୍ଠରେ ଥିବା ଜାତୀୟ ରାଜପଥରୁ ଅଳ୍ପ ଦୂରରେ ଏଇ ବସ୍ତିଟି। ଚାଳଛପର, ଟିଣଛପର କି ଟାଇଲଛପର ଥିବା ମାଳ ମାଳଘର। ଅସ୍ଥାୟୀ ଭାବରେ ଏହି ବାସଗୃହ ଗୁଡ଼ିକ ପ୍ରଥମେ ତିଆରି ହୋଇଥିଲେ ବି ଆଉ କେବେ ଏହିଗୁଡିକୁ ଉଠାଯାଇପାରିନାହିଁ। ଅଧିକାଂଶ ଘରର କିରାସିନ୍ ଡବା ତିଆରି ଟିଣ କାନ୍ଥ, ତାଟି ତିଆରି କାନ୍ଥ କି ଛାତ ବଦଳିବାର ସୁଯୋଗ ମିଳିପାରିନାହିଁ। ସେଇ କ୍ଷୁଦ୍ରାୟତନ ବାସଗୃହ ଭିତରେ ହାଉଯାଉ ମଣିଷ, ସ୍ତ୍ରୀ, ପୁରୁଷ, କଙ୍କାଳସାର ବୃଦ୍ଧବୃଦ୍ଧା ଏବଂ ସରୁସରୁ ଅବୟବ ଏବଂ ଅପେକ୍ଷାକୃତ ଆଗକୁ ବାହାରି ଆସିଥିବା ପେଟ ଦେଇ ପିଲାମାନେ। ସହରର ରାସ୍ତାର ଦୁଇପାଖରେ ଜୀବନର କି ତାରତମ୍ୟ! ଏଇ ବସ୍ତିରେ ବାସ କରୁଥିବା ମଣିଷମାନଙ୍କର ସୁସ୍ଥ ଜୀବନର ଅଧିକାର ନାହିଁ। ପୋକ ମାଛି ପରି ସାଲୁବାଲୁ ମଣିଷମାନେ, ଅର୍ଦ୍ଧନଗ୍ନ ଶରୀର, କଙ୍କାଳସାର ଦେହ, ଦାରିଦ୍ର୍ୟର ବିଭିନ୍ନ ରୂପର ପ୍ରଦର୍ଶନୀ ଏଠି। ସହରର ବୃଷ୍ଟିଛାୟା ଅଞ୍ଚଳ ଏଇଠି। ଏଇ ବସ୍ତିରୁ ଭୋରରୁ ଯାଇ ମଣିଷମାନେ ସହରକୁ ପୋଛି ପାଛି ଚକ୍ ଚକ୍ କରନ୍ତି, ବିରାଟ ବିରାଟ ଅଟ୍ଟାଳିକା ଏଇମାନଙ୍କ ହାତରେ ହିଁ ଠିଆହୁଏ; କାରଖାନାର ପୁଙ୍ଗା ସକାଳରୁ ଏଇମାନଙ୍କ ପାଇଁ ବାଜିଥାଏ, କିନ୍ତୁ ସହର ଦିନକୁ ଦିନ ବଦଳି ମଧ୍ୟ ଏହି ଅଞ୍ଚଳର କିଛି ପରିବର୍ତ୍ତନ ହୁଏ ନାହିଁ। ସନ୍ଧ୍ୟା ନଇଁଲେ ଅନୈତିକ କାର୍ଯ୍ୟ ଗୁଡ଼ିକର ସ୍ଥଳୀ ମଧ୍ୟ ଏଇ ବସ୍ତିଟା ଏହି ବସ୍ତି ଭିତରେ ପଶିଲେ ମହେଶ ବର୍ଷ ବର୍ଷ ପଛକୁ ଚାଲିଯାଏ। ପିଲାଦିନର ପରିଚିତ ମହକ ନାକରେ ବାଜେ। ଏଇ ଅଞ୍ଚଳରେ ରାସ୍ତାର କାଦୁଅ, ନର୍ଦ୍ଦମାର ଗନ୍ଧମିଶା ଶୀତୁଆ ପବନ ସବୁ ଆପଣାର ମନେହୁଏ। ଏଇ ବସ୍ତି ଭିତର ଦେଇ ମଟର ସାଇକେଲରେ ଗଲାବେଳେ ତାର ସମ୍ରାଟ ସୁଲଭ ଭାବନା ଜାଗରିତ ହୁଏ। ଏଇ ଅଞ୍ଚଳରେ ତାର ଖାତିର ଅଛି। ରାଜା ସେ, ଏଇଟା ତାର ଅନ୍ଧାରି ବିଜୟ ଯାତ୍ରା।

ମୁହୂର୍ତ୍ତକ ପାଇଁ ତା ଆଖିରୁ ଯେମିତି ନିଶା ଛାଡ଼ିଗଲା। ପଲକ ପଡି ଆସୁଥିବା ଆଖି ଯୋଡିକ ବିସ୍ଫାରିତ ହୋଇଗଲା। ବସ୍ତିର ଗଳି ଭିତରୁ ଝିଅଟି ବାହାରି ଆସିଲା। ଝାପ୍‌ସା ଆଲୁଅରେ ବି ମହେଶ ତାକୁ ଚିହ୍ନିପାରିଲା। କିଛି ପରିମାଣରେ ମହେଶ ତାକୁ ଜାଣିଛି। ତରତର ହୋଇ ସେ ଚାଲିଯାଉଛି। ଯେମିତିକି କେଉଁ ଅଜଣା ଭୟରେ ତ୍ରସ୍ତ। ମହେଶ ଶୁଣିଛି ଏଇ ଝିଅଟି କୁଆଡେ ଭଲ ଗୀତ ଗାଇପାରେ, ପିଲାମାନଙ୍କୁ ଗୀତ ଶିଖାଏ। ଏମିତି କିଛି ପଇସା ରୋଜଗାର କରି ବୁଢ଼ାମାନଙ୍କୁ ଘର ଚଳାଇବାରେ ସାହାଯ୍ୟ କରେ। ଏଇ ଝିଅଟିର ପ୍ରଶଂସା ଶୁଣିଛି। ଝିଅଟି ତାକୁ ଆକର୍ଷିତ କରେ। ତାକୁ ଦେଖିଲେ ତା ମନରେ କେମିତି ଏକ ସ୍ଥିରତା ଆସେ, ପୁଲକ ଯାତ ହୁଏ। ସେ ଅତି ଅନ୍ତରଙ୍ଗ ମନେହୁଏ। ତଥାପି ମହେଶ ତାକୁ ସାମନା କରିବାକୁ ସାହସ ଜୁଟାଇ ପାରେନି। ଏଇ ଝିଅଟିକୁ ଉଠାଇ ନେବା ତାର ବାଆଁ ହାତର କାମ, କିନ୍ତୁ ସେ ଶଙ୍କିଯାଏ। ଏଠି ସମସ୍ତେ ଗୁଣ୍ଡା ବୋଲି ଜାଣନ୍ତି, ତାର କାରବାର କାହାକୁ ଅଛପା ନାହିଁ। ଝିଅଟିକୁ ନିଜର କରିବାକୁ ପ୍ରସ୍ତାବ ଦେଲେ ତାର ଏଇ ଅସହାୟ ଦରିଦ୍ର ବାପାଟି ବୋଧହୁଏ ସମ୍ମତ ଦେବନି। ଝିଅଟି ବି ତାକୁ ଘୃଣା କରୁଥାଇପାରେ। ମନେ ମନେ ଆଉଟୁ ପାଉଟୁ ହେଲେ ମଧ୍ୟ ମହେଶ କିଛି କରି ପାରେନାହିଁ। ତାର କେହି ସାଙ୍ଗସାଥି, ଏମିତିକି କାଲୁ ବାନା ମଧ୍ୟ ଏ ବିଷୟରେ କିଛି ଜାଣନ୍ତି ନାହିଁ, ସେ କାହାକୁ ବି କହିନି। ଜାଣିଲେ ବାରକଥା ଲୋକେ କହିବେ। ସେତ ଚାରିଦଉଡି କଟା, ମରଦ ପିଲା, କିଛି ହେବନି ତାର। ଅକାରଣରେ ଝିଅଟି ବଦନାମ୍ ହେବ। ଝିଅଟିକୁ ଜବରଦସ୍ତି କରି ଉଠେଇ ନେବାର ସାମର୍ଥ୍ୟ ତ ତାର ଅଛି, କିନ୍ତୁ କି ଅଧିକାର ଅଛି ତାର? ଏମିତି ଚିନ୍ତାରେ ମୁଣ୍ଡଟା କେମିତି ଗୋଳମାଳିଆ ଧରିଛି, କିନ୍ତୁ ଏଇସବୁ ଭାବନା ତାକୁ ଦଂଶନ କରୁନାହିଁ, ବରଂ ତାକୁ ଆନନ୍ଦିତ କରୁଛି।

ଦେଶୀ ବିଦେଶୀ ମଦର ପ୍ରଭାବରେ ଭାରସାମ୍ୟ ହରାଇଛି, ଭାବନାରେ ଅନ୍ୟମନସ୍କ ହୋଇଯାଇଛି, 'ମହୀଦାଦା'। ମଟରସାଇକେଲଟି ଯେମିତି ମାଲିକର ମନ ଜାଣି ଛାଏଁ ଛାଏଁ ଝିଅଟି ଆଡକୁ ଅଗ୍ରସର ହେଉଛି। ତରତର ହୋଇ ଏକ ପ୍ରକାର ଦୌଡ଼ିଲା ପରି ଝିଅଟି ଚାଲୁଛି। କେବେ କେବେ ଭୟାତୁର ଚାହାଣିରେ ପଛକୁ ଚାହିଁ ଦଉଛି। ନିଶାଗ୍ରସ୍ତ ଅର୍ଦ୍ଧଚେତନ ଅବସ୍ଥାରେ ମହେଶ, କେମିତି ଏକ ଅଜଣା ଆନନ୍ଦରେ ବିହ୍ୱଳିତ। ସୁରଭିତ ମନେ ହେଉଛି ପରିବେଶ। ଝିଅଟିର ଗୋଲାପି ଓଢ଼ଣୀଟି ଯେମିତି ଗୋଲାପର ମାଳଟିଏ ହୋଇ ତା ଆଡକୁ ଉଡି ଉଡି ଆସୁଛି, ତାକୁ ଧରିବାକୁ ମହେଶ ଚେଷ୍ଟା କରୁଛି। ମଟର ସାଇକେଲ୍‌ଟି ଟଳମଟଳ, ସନ୍ତୁଳନ ହରାଉଛି। ହଠାତ୍ ଏକ ଆର୍ତ୍ତ ଚିତ୍କାର। ମଟରସାଇକେଲଟା ଚକ୍‌କର କାଟି ତଳେ ପଡିଗଲା, ସାଙ୍ଗରେ ମହେଶ ମଧ।

ସକାଳର ଥଣ୍ଡା ପବନରେ ଆଖିପତା ଖୋଲିଗଲା, ମହେଶ ଚାରିଆଡକୁ ଚାହିଁଲା। ପାହାନ୍ତି ପହରର ନିସ୍ତବ୍ଧତା ଚାରିଆଡେ। ପୂର୍ବ ଦିଗବଳୟ ଲାଲମିଶା ବାଇଗଣି ରଙ୍ଗରେ ରଂଚିତ; ଫିକା ଫିକା ଅନ୍ଧାର। ସାରା ଦେହ ଯନ୍ତ୍ରଣାରେ କଟ୍‌କଟ୍ ହେଉଛି, ଧକ୍ ଧକ୍ କରି ମୁଣ୍ଡ ବିନ୍ଧୁଛି। ରାତିର ନିଶା ଛାଡ଼ିଯାଇଛି। କ'ଣ ତାର ହେଉଛି? ଏଠି ଅପନ୍ତରାରେ ଏମିତି ପଡ଼ିଛି କାହିଁକି? ବାଆଁ ହାତ ଆଙ୍ଗୁଠି ସନ୍ଧିରେ କିଛି ଗୋଟିଏ ଗୁଡାଇ ହୋଇଛି ବୋଲି ମନେହେଲା, ଟାଣି ଆଣିଲା, ଗୋଲାପି ରଙ୍ଗର ଜର୍ଜେଟର କନା ଖଣ୍ଡେ। ଗତ ରାତିର ଘଟଣା ସବୁ ପ୍ରଲୁବ୍ଧ କରିଥିଲା। ଗତ ରାତିର ଝାପ୍‌ସା ଦୃଶ୍ୟ ମନେ ପଡ଼ିଲା।

ମଟର ସାଇକେଲ ଗଡି ଗଡି ଝିଅଟିର ଅତି ନିକଟରେ ପହଞ୍ଚି ଯାଇଥିଲା। ସେ ତରତର ହୋଇ ଚାଲୁଥାଏ। ମହେଶ ଏକ ଲୟରେ ଚାହିଁ ରହିଥାଏ ତାକୁ। ଦମକାଏ ଥଣ୍ଡା ପବନ ବହି ଆସିଥିଲା। ତାର ବାମ ହାତରେ କିଛି ଲାଗିବାର ଅନୁଭବ କରିଥିଲା, ହାତଟିକୁ ହ୍ୟାଣ୍ଡେଲ ଛାଡ଼ି ଛାଟି ଦେଇଥିଲା। ସେଇଟା ପବନରେ ଉଡି ଆସିଥିବା ଓଢ଼ଣୀ ଥିଲା। ଓଢ଼ଣୀଟା ସେ ନିଜେ ଟାଣି ଦେଇଥିଲା କି ପବନରେ ଓଢ଼ଣୀଟି ଆସି ହାତରେ ଗୁଡାଇ ହୋଇ ଯାଇଥିଲା। ଠିକ୍ ତାର ମନେ ପଡୁନାହିଁ। ସେତିକି ବେଳେ ଝିଅଟି ଚିତ୍କାର କରିଥିଲା। ସେ ନିଜେ ଚମକି ପଡ଼ିଥିଲା ଓ ଭାରସାମ୍ୟ ହରାଇ ପଡିଯାଇଥିଲା। ନିଶା କଟି ଯାଉଥିଲା। ଆଠଦଶ ଲୋକ ତାକୁ ଘେରିଯାଇଥିଲେ। ସେମାନେ ଚିତ୍କାର କରୁଥିଲେ, ଗାଳି ଦେଉଥିଲେ। ନିଶାର ସମ୍ମୋହନରୁ ବାହାରି କିଛି ବୁଝିବା ଆଗରୁ ସେମାନେ ତା ଉପରେ ବିଂଧା ଗୋଇଠା ବର୍ଷି ଚାଲିଥିଲେ, ହେଲେ ମହୀଦାଦା ସାଙ୍ଗରେ ଏଇ ସାଧାରଣ ଲୋକଙ୍କର କି ଟକ୍‌କର? ନିଜର ପ୍ରତ୍ୟୁତ୍ପନ୍ନମତିତା ଓ ଅଭିଜ୍ଞତା ବଳରେ ଲୋକମାନଙ୍କୁ ମାଡ ଦେଇ ସେ ଆଖି ପିଛୁଳାକେ ଉଠିପଡ଼ି ଦୌଡ଼ିଥିଲା ଏବଂ ବଞ୍ଚିଯାଇଥିଲା ମାଡରୁ। କେତେଦୂର ଓ କେଉଁ ଆଡକୁ ଅନ୍ଧାରରେ ଦୌଡ଼ିଥିଲା ସେ ଜାଣିନଥିଲା। ଖାଲଢ଼ିପ, କଣ୍ଟା ବୁଦା ଭିତରେ ଦୌଡ଼ି

ଲୋକଗୁଡ଼ାଙ୍କୁ ବହୁତ ପଛରେ ପକାଇଦେଇଥିଲା। ପଛକୁ ଫେରି ଆସିଲା, କେହି ଆସୁନାହାନ୍ତି ରାତିରେ କଳା ଅନ୍ଧାର ଗଦା ପରି ପରି ଦିଶୁଥିବା ଏଇ ଭଙ୍ଗା ମନ୍ଦିରର କାନ୍ଥକୁ ଆଉଜି ବସିପଡ଼ିଥିଲା, ଟିକିଏ ଦମ୍ ନେଇଥିଲା। ସେଇ ପଥର ଚଟାଣ ଉପରେ ଶୋଇ ପଡ଼ିଥିଲା।

ଆକାଶରୁ ଅନ୍ଧାର ଛାଡି ଆସୁଚି। ଚାରିଆଡ ଫର୍ଚ୍ଚା ଦିଶିଲାଣି। ମହେଶ ସେମିତି ଶୋଇରହି ମନ୍ଦିରଟାକୁ ଦେଖିଲା, ବୁଝିପାରିଲା, ଏଇ ସ୍ଥାନଟି ତା ପାଇଁ ଅଜଣା ନୁହେଁ। ଏଇ ଆଡକୁ ଲୋକମାନେ ଆସନ୍ତିନି। ସେଥିପାଇଁ ନିଛାଟିଆ। କେତେ ବର୍ଷ ଆଗରୁ ହୁଏତ ଏଇଠି ଦେବୀ କି ଦେବତା ପୂଜା ପାଉଥିଲେ। ଏବେ ଏଇଟା ତାର ଗଭୀର ରାତ୍ରିର ଦପ୍ତର। ଏଇ ମନ୍ଦିର ଭିତରେ ଅନେକ ସମୟରେ ମୋବାଇଲ୍ ଲାଇଟ୍ ଜାଳି ଗ୍ରାହକମାନଙ୍କ ମାଲକାରବାର ନେଣ ଦେଣ ହୋଇଛି। କଣ୍ଟା ବୁଦା ଜଙ୍ଗଲ ଭିତରେ ଏଇ ପରିତ୍ୟକ୍ତ ମନ୍ଦିରଟି ସେସବୁ କାର୍ଯ୍ୟ ପାଇଁ ପ୍ରକୃଷ୍ଟ ସ୍ଥାନ। କେବେ ଆଲୁଅରେ ଏ ମନ୍ଦିରଟିକୁ ଦେଖି ନଥିଲା। ସେ ଶୋଇଥିବା ସ୍ଥାନରେ ମନ୍ଦିରର ପ୍ରାଚୀରରେ ଖୋଦିତ ମୂର୍ତ୍ତିଟି ବର୍ଷ ବର୍ଷ ଧରି ଜମିଥିବା ଶିଉଳି, ଧୂଳି ଭିତରୁ ବି ପରିସ୍ଫୁଟ ହେଉଛି। କମନୀୟ ପରୀ ମୂର୍ତ୍ତିଟିଏ, ଖଣ୍ଡ ବିଖଣ୍ଡିତ। ଛିନ୍ନମସ୍ତା କିଛି କିଛି ହାତ ଖଣ୍ଡିତ। ହୁଏତ ମୂର୍ତ୍ତିଟିର ଆଠଟି କି ଦଶଟି ହାତ ଥିଲା ଏବଂ ହାତ ଗୁଡ଼ିକରେ ବିଭିନ୍ନ ଆୟୁଧ ଶୋଭା ପାଉଥିଲା ଯାହା ଭାଙ୍ଗିଯାଇଛି। କୌଣସି ଦେବୀଙ୍କର ମୂର୍ତ୍ତି ହେବା ସମ୍ଭବ, ଦୁର୍ଗାଙ୍କର ମୂର୍ତ୍ତି ହୋଇଥାଇପାରେ। ତାଙ୍କର ଉଚ୍ଚକୁ ଥିବା ଭଗ୍ନ ହାତରେ ବୋଧହୁଏ ତ୍ରିଶୂଳଟି ଶୋଭା ପାଉଥିଲା ଯାହା ପଦାନତ ମହିଷାସୁରର ବୁକୁ ଭେଦ କରୁଥିଲା। ମହିଷାସୁରର ମୂର୍ତ୍ତି ବି ବିଖଣ୍ଡିତ, ଠିକ୍ ତାରି ସ୍ଥାନରେ ସେ ଶୋଇ ରହିଛି। ଅଜବ ଏକ ସାମଞ୍ଜସ୍ୟ ଆଜି ସପ୍ତମୀର ଭୋର ବେଳାରେ। ସତେ ଯେମିତି ଏଇ ନାରୀମୂର୍ତ୍ତି ସ୍ୱୟଂ ପ୍ରକଟିତ ମହାମାୟା ଦୁର୍ଗା। ଏବେ ତାଙ୍କର ହାତରୁ ତ୍ରିଶୂଳଟି ଖସିଆସିବ ତାରି ବୁକୁ ଉପରକୁ। ନିଜର ଅଲକ୍ଷରେ ଛାତି ଉପରେ ହାତମାରିଲା। ବୋଧହୁଏ ଛାତିରେ ସମାନ୍ୟ କ୍ଷତ ହୋଇଛି, କୁର୍ତ୍ତାଟା ରକ୍ତ ଜମି ଟାଣ ଲାଗୁଛି ଛାତି ଉପରେ। କାଲି ରାତିରେ କଣ୍ଟା ବାଜି କ୍ଷତ ହୋଇଚି। ନା କ୍ଷତ ହୋଇଛି କି ତ୍ରିଶୂଳ ଆଘାତରେ। ନିଜର କଳ୍ପନାରେ ହୋ ହୋ ହୋଇ ମହେଶ ହସିଲା, ହସର ପ୍ରତିଧ୍ୱନି ହେଲା। ଯେମିତିକି ମହାଷାସୁରର ହସ। ତାର ସେହି ଉଦ୍ଦାମ ହସ ସମ୍ମୁଖରେ ସ୍ତ୍ରୀ ରୂପଟି ନିର୍ଜୀବ, ନିଃସହାୟ। ତାହାର ବି କ'ଣ କରିବାର ଶକ୍ତି ଅଛି ? ଯୁଗ ଯୁଗ ଧରି ସେ ଏମିତି ପ୍ରସ୍ତରିଭୂତ, ଏମିତି ଠାଣିରେ ଠିଆ ହୋଇଛି। ଉଠି ଠିଆ ହେଲା, ପ୍ରତିମାଟି କି ଭଲ ରୂପେ ଚାହିଁଲା। ଅଜବ ଖିଆଲ୍ ଜାଗିଲା ମନରେ। ପ୍ରତିମାଟିର ଆଗରେ ବୀର ଠାଣିରେ ଠିଆ ହେଲା। ନାଟକୀୟ ଢ଼ଙ୍ଗରେ ସଂଳାପ କଲା, "ଯେମିତି ସେ ମହିଷାସୁର, ତୁ ମୋହିତ କରି ମହିଷାସୁରକୁ ଜୟ କରିବାକୁ ଭାବୁଛୁ ? ଯୁଗଯୁଗର କଳଙ୍କ ଲଗା ଏଇ ତ୍ରିଶୂଳରେ କେଞ୍ଜି ସାଧ କରି ପାରିବୁ ତାକୁ ? କେତେ କାଳ ଏମିତି ପ୍ରହସନ ଚାଲିଥିବ ? ମହିଷାସୁର ମରିପାରିବନି, ଯୁଗ ଯୁଗ ଧରି ଜନ୍ମ ନେଉଥିବେ ନୂତନ ରୂପରେ। ପ୍ରତିବର୍ଷ ପୃଥିବୀକୁ ଅବତରି ଆସିଲେ ବି ସେମାନେ ଶେଷ ହେବେନି, ପଙ୍ଗପାଳ ପରି ମାଡିଯିବେ। ତୁ ଘୃଣା କରୁଛୁ ସେମାନଙ୍କୁ, ମହିଷାସୁରମାନଙ୍କୁ 'ଯୁଦ୍ଧଂ ଦେହି' ଡାକରା ଦେଉଛୁ। ସର୍ବଂସହା ମମତା ମୟୀ ମାଆ ପରା ତୁ ? ଏମିତି ମାୟାବିନୀ ମୋହିନୀ ରୂପରେ ମାରିବାକୁ ଆସୁଛୁ କାହିଁକି ? ସ୍ନେହରେ ଆଉଜେଇ ନେଲୁନି ବୁକୁରେ ସଂସାରରେ ଏହି ଅନାଦୃତ ଜୀବମାନଙ୍କୁ। ବୁଦ୍‌ବୁଦ୍ ପରି ମହିଷାସୁର କ୍ଷଣିକରେ ମିଳେଇ ଯାଇଥାନ୍ତା। ସ୍ନେହର କମନୀୟ ବାହୁରେ ଜଡେଇ ନେଲୁନି ? ବାଲିର ପିତୁଳା ପରି ଝୁରୁଝୁର୍ ହୋଇ ତୋ ପାଦତଳେ ଅଜାଡି ହୋଇଯାଇଥାଆନ୍ତା। ହାଃ ହାଃ ହାଃ ...। ପୁଣି ହସିଲା ମହେଶ। ଯାତ୍ରା ସୁଲଭ ସଂଳାପ ଆବୃତ୍ତିରେ, ଅଜବ କଳ୍ପନାରେ ନିଜେ ଆଶ୍ଚର୍ଯ୍ୟ ହେଲା, ଆମୋଦିତ ହେଲା। ଏଥର ସେ ନିଜ ଗୋଡ ହାତ ସଳଖି ନେଲା, ପରଖି ନେଲା। ବାଆଁ ଆଣ୍ଠୁଟା ଟିକିଏ ଛେଲି ହୋଇଯାଇଚି, ଅଠାଳିଆ ହୋଇ ରକ୍ତ ଜମାଟ ବାନ୍ଧି ଯାଇଚି। ଗୋଡ ଦୁଇଟାକୁ ଦୁଇଥର ଛାଟି ଦେଲା ଜୋର କରି। ତାର ହୃଦବୋଧ ହେଲା। ନାଁ ସେମିତି କିଛି ହୋଇନି। ପକେଟରେ ହାତ ମାରିଲା, ମୋବାଇଲଟା ଅଛି, ଗଣ୍ଡଗୋଳରେ ହଜି ଯାଇନି। କାଲୁକୁ ଫୋନ କଲା।

– "କାଲୁ, ମୋର ବୁଲେଟ୍‌ଟା ଗୀତ ମାଷ୍ଟ୍ରାଣୀ ଘର ପାଖରେ କେଉଁଠି ଥିବ, ଦେଖିବୁ, ନେଇ ଆସିବୁ।

– .................

– ନାଇଁ, ସେମିତି କିଛି ଅଘଟଣ ହୋଇନିରେ, ଗୋଟାଏ ମାମୁଲି ଦୁର୍ଘଟଣା ଥିଲା।

– ........................

– ନା ବେ। ସେମିତି କିଛି ନୁହେଁ।

– ...........

– ତୋର କିଛି ଆଗଚଲା ହୋଇ ମଧ୍ୟସ୍ଥି କରିବା ଦରକାର ନାହିଁ। ମୁଁ ଯେତିକି କହୁଛି ସେତିକି କର। ହଁ ବିଚରା ବୁଢ଼ାଟାକୁ ହଜାରେଟା ଟଙ୍କା ଦେଇଦବୁ।

ମୋବାଇଲ ବନ୍ଦ କରି ମହେଶ ପ୍ରଧାନ ରାସ୍ତା ଆଡକୁ ଆଗେଇଲା। କେମିତି ଏକ ଆନନ୍ଦ ଅନୁଭବ କରୁଥିଲା। ପୂର୍ବ ଆକାଶରୁ ବାଳ ସୂର୍ଯ୍ୟ ଉଙ୍କି ମାରିଲାଣି, ସବୁଆଡେ ଇଷତ୍ ଲାଲରଙ୍ଗ। ମହେଶର ମୁହଁଟା ମଧ୍ୟ ଲାଲ ଦିଶୁଥିଲା।

*ଡି.ଏଲ ୩୪୪, ମନୋରମା ଇଷ୍ଟେଟ୍, ରସୁଲଗଡ଼*
*ଭୁବନେଶ୍ୱର - ୭୫୧୦୧୦*
*ଦୂରଭାଷ: ୮୮୯୫୫୦୧୨୪୧*

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ଖାରବେଳଙ୍କର ପୁତ୍ର ସନ୍ତାନ ଲାଭ

ଏଥରକ ରହିଲା ସପ୍ତମ ପଦଟି। ତାକୁ ପାଠ କରିବାକୁ ନଗରପତି ଆସିଗଲେ।

"ଅଭିସିତୋ ଚ ବସେ ରାଜସେୟ ସଂଦସୟଂ ତୋ ସବକରବଣ ଅନୁଗ୍ରହ ଅନେକାଣି ଶତ ସହସାଣୀ ବିଷଜ୍ୱତି ପୋରାଜନପଦାମ୍।। ସତମ ଚ ବଷେ ପାସାସତୋ ବଜିରଘରବତୀ .......ସ ମତୁକ ପଦ ସ କୁମାର....।। "

ଏହି ଦୁଇପାଦ ଶିଳାଲିପିର ଅର୍ଥ ହେଉଛି – (ରାଜକୋଷର ପରିଚୟ ଦେବାକୁ ଯାଇ ରାଜ୍ୟର ସବୁ ପ୍ରଜାମାନଙ୍କର ସମସ୍ତ ଖଜଣା ଏବଂ ଦେୟମୁକ୍ତ କରିଦିଅନ୍ତି, ଏହି ଅର୍ଥର ପରିମାଣ ଅନ୍ତତଃ ବହୁ ଲକ୍ଷ ମୁଦ୍ରା। ଶାସନର ସପ୍ତମ ବର୍ଷରେ ତାଙ୍କର ଭଜିରଘର ରାଣୀ ପୁତ୍ରସନ୍ତାନ ଜନ୍ମ ଦିଅନ୍ତି।)

ରାଜ୍ୟ ଶାସନର ଛଅ ବର୍ଷ ପୂର୍ତ୍ତି ବେଳକୁ ରାଜ୍ୟର ଆର୍ଥିକ ଅବସ୍ଥା ବହୁ ଉନ୍ନତି ଘଟିଥିଲା। ରାଜ୍ୟର ବହୁ କଲ୍ୟାଣକର କାର୍ଯ୍ୟ ଚାଲିଥିଲା। ପୁରୁଣା ଭୁବନେଶ୍ୱର (ତୋଷାଳି)ର ପୂର୍ବଦିଗରେ ଶିଶୁପାଳଗଡ଼ଠାରେ କଳିଙ୍ଗର ମହାମେଘବାହନ ରାଜବଂଶର ନିର୍ମିତ କଳିଙ୍ଗନଗରୀ ଖାରବେଳଙ୍କ ଶାସନକାଳବେଳକୁ ଏହାର ଶକ୍ତ ପ୍ରାଚୀର, ଆଠଟି ଫାଟକ ଏବଂ ପଶ୍ଚିମ ତୋଷାଳି ଆଡକୁ ମୁଖ୍ୟ ଫାଟକ ରହିଥିଲା। ଏହି ମୁଖ୍ୟ ଫାଟକଟି ନଗରୀଟିର ସମସ୍ତ ସୌନ୍ଦର୍ଯ୍ୟ ବହନ କରିଥିଲା। ଆଲୋଚିତ ହୋଇ ସାରିଛି, କିପରି ଶାସନଦଣ୍ଡ ଗ୍ରହଣ କରିବା ଅବ୍ୟବହିତ ପୂର୍ବରୁ ପ୍ରବଳ ବାତ୍ୟାରେ ଏହି ମୁଖ୍ୟ ଫାଟକଟି କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଖାରବେଳ ଏହାର ମରାମତି ସମ୍ପନ୍ନ କରିଥିଲେ।

ବିଗତ ଛଅ ବର୍ଷ ବେଳକୁ ରାଜ୍ୟର ଅନେକ ରାସ୍ତାଘାଟ କରାଇଥିଲେ। ରାଜ୍ୟର ଜଳକଷ୍ଟ ନିବାରଣ ପାଇଁ ଅନେକ ତଡାଗ ବା ପୁଷ୍କରିଣୀ, ବାମ୍ଫୀ ବା ଗଭୀର ଚତୁଷ୍କୋଣୀ କୂପ ଖନନ କରିଥିଲା, ପଥର ପାହଚରେ ଅନେକ ଗଭୀରକୁ ଓହ୍ଲାଇ କୂଅରୁ ପାଣି କାଢିବା ପାଇଁ ଏହି ବାମ୍ଫୀ ଗୁଡିକର ଅନ୍ତତଃ କୋଡିଏ ଫୁଟ ଗଭୀର ପର୍ଯ୍ୟନ୍ତ ପଥରଗଢା ଚାରିକୋଣିଆ ଆବଦ୍ଧ ସ୍ଥାନର କେନ୍ଦ୍ରରେ ଗୋଲାକାର ଗଭୀର କୂଅ ଖୋଳାଯାଇଥିଲା। କୁମାରୀଗିରି ସାମନାରେ ଏମିତି ଗୋଟିଏ ବାମ୍ଫୀ ଏହାର ଉଦାହରଣ ଭାବରେ ଦେଖାଯାଏ। ରାଜ୍ୟର ପ୍ରମୁଖ ତୀର୍ଥସ୍ଥାନ କୁମାରୀ ପର୍ବତ ହୋଇଥିବାରୁ କଳିଙ୍ଗନଗରୀରୁ କୁମାରୀଗିରି ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ସୁଦୃଶ୍ୟ ଫଳପୁଷ୍ପଭରା ଉଦ୍ୟାନ ରହିଥିଲା।

କଳିଙ୍ଗନଗରୀରୁ କଳିଙ୍ଗସାଗର ବା କଳିଙ୍ଗୋଦ୍ର ଆଡକୁ ଦକ୍ଷିଣ ବହୁ ବ୍ୟବହାର ଜନପଥରେ ବହୁ ଉଦ୍ୟାନ ଏବଂ ଆମ୍ରବଗିଚା ଶୋଭା ପାଉଥିଲା। ଏହି ଆମ୍ବ ବଗିଚା ଗୁଡିକ ଗ୍ରୀଷ୍ମକାଳରେ ଆମ୍ବଫଳରେ ଭରି ଯାଉଥିଲା। ଏହି ଗଛର ଛାଇ ପଦଯାତ୍ରୀମାନଙ୍କର ଗ୍ରୀଷ୍ମକାଳର ଆଶ୍ରୟସ୍ଥଳ ହେଉଥିଲା।

କଳିଙ୍ଗାଧିପତିଙ୍କୁ ତାଙ୍କ ରାଜ୍ୟ ଧନଭଣ୍ଡାରର ତତ୍ତ୍ୱାବଧାରକ ଭଣ୍ଡଗାରିକା ଜଣାଇଦେଲେ ଯେ ରାଜ୍ୟର ପର୍ଯ୍ୟାପ୍ତ ଧନସମ୍ପତ୍ତି ରହିଛି। ରାଜପରିଷଦ ନିର୍ଣ୍ଣୟ ନେଲେ ସମଗ୍ର କଳିଙ୍ଗରାଜ୍ୟରେ ଏକବର୍ଷପାଇଁ ରାଜସ୍ୱ ଛାଡ କରିଦିଆଯିବ। କୃଷି ରାଜସ୍ୱ ବ୍ୟତୀତ ଉଭୟ ନଗରାଞ୍ଚଳ ଏବଂ ଗ୍ରାମାଞ୍ଚଳର ସମସ୍ତ ଖଜଣା ଏକ ବର୍ଷ ପର୍ଯ୍ୟନ୍ତ ମୁକ୍ତ କରାଗଲା। ଏ ବାବତରେ ରାଜ୍ୟ ରାଜକୋଷର ବହୁ ଲକ୍ଷ ରୌପ୍ୟମୁଦ୍ରା ପରିମାଣର ଖଜଣା ଜନସାଧାରଣଙ୍କ ଆନନ୍ଦ ନିମନ୍ତେ ମୁକ୍ତ କରାଗଲା। କଳିଙ୍ଗବାସୀ ନିଜ ଜୀବନକାଳରେ ଏମିତି ସରକାରୀ ଦେୟରୁ କେବେ ବି ମୁକ୍ତି ପାଇ ନଥିଲେ, ଏମିତି ଆର୍ଥିକ ଅନୁଦାନ ସେମାନଙ୍କ ମାନସିକ ଉତ୍ସାହ ବଢାଇ ରାଜ୍ୟର ପ୍ରଗତିର ବାଟ ଉନ୍ମୁକ୍ତ କରିଦେଲା।

କଳିଙ୍ଗ ସେତେବେଳକୁ କୃଷିରେ ବହୁ ଅଗ୍ରସର କରିଥିଲା। ଧାନ, ମାଣ୍ଡିଆ, ପରିବା, ଆଖୁଚାଷ ଉପକୂଳ ଅଞ୍ଚଳକୁ ଶଷ୍ୟଭରା କରିଥିଲା। ଲୋକମାନେ ମଧ୍ୟ ଜଙ୍ଗଲଜାତ ପଦାର୍ଥ ବହୁପରିମାଣରେ ବ୍ୟବହାର କରୁଥିଲେ। ଆମ୍ବ ପଣସ ସେକାଳରେ ଗ୍ରୀଷ୍ମ ଋତୁରେ ବହୁ ପରିମାଣରେ

ଖାଦ୍ୟ ଭାବରେ ବ୍ୟବହାର ହେଉଥିଲା । କଳିଙ୍ଗର ସାଧାରଣ ଜୀବନ ଧାର୍ମିକ ଏବଂ ଅତିଥିପରାୟଣ ଥିଲା । ରାଜକର୍ମଚାରୀମାନେ ବିଶ୍ୱସ୍ତ ଏବଂ କର୍ତ୍ତବ୍ୟ ପରାୟଣଥିଲେ । ସେମାନଙ୍କର ନିର୍ଦ୍ଦିଷ୍ଟ ପୋଷାକ, କର୍ଣ୍ଣକୁଣ୍ଡଳ ଓ ଅଳଙ୍କାର ପାଇଁ ସେମାନଙ୍କୁ ଚିହ୍ନିବାକୁ କୌଣସି ଅସୁବିଧା ହେଉ ନଥିଲା ।

କଳିଙ୍ଗର ଧନଧାନ୍ୟ ଏବଂ ସମ୍ମାନ କଳିଙ୍ଗବାସୀଙ୍କର କର୍ଣ୍ଣକୁଣ୍ଡଳରୁ ହି ପରିଚିତ ହୁଏ । ଉଭୟ ପୁରୁଷ ଏବଂ ସ୍ତ୍ରୀମାନେ ବିଭିନ୍ନ ଆକାର ଏବଂ ଢଙ୍ଗର କୁଣ୍ଡଳ ବ୍ୟବହାର କରୁଥିଲେ । ରାଜପରିବାର, ରାଜକର୍ମଚାରୀ ଏବଂ ସାଧାରଣ ଲୋକଙ୍କର ବିବିଧ ପ୍ରକାରର ମନମୋହକ କୁଣ୍ଡଳ ବ୍ୟବହାର ଥାଏ ।

ସିଂହାସନ ଲାଭ କରିବାର ସପ୍ତମ ବର୍ଷ ଖାରବେଳଙ୍କର ବହୁତ ଶୁଭଙ୍କର ଥିଲା । ତାଙ୍କର ରାଣୀ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ ଏବଂ ସପ୍ତମ ବର୍ଷ କଳିଙ୍ଗାଧିପତିଙ୍କର ପୁତ୍ରଲାଭ ହୋଇଥିଲା । ଏହି ଶିଳାଲିଖନରେ କେବଳ ଭଜିରଘର ରାଣୀଙ୍କ ଗର୍ଭରୁ ପୁତ୍ରଲାଭ ବିଷୟ ଉଲ୍ଲେଖ ରହିଥିଲେ ହେଁ ଖାରବେଳଙ୍କର ବ୍ୟକ୍ତିଗତ ଜୀବନର ପରିଣୟ ସମ୍ପର୍କୀତ ଅନେକ କଥା ଉହ୍ୟ ରହିଯାଉଛି । ସେଗୁଡିକ ଆଜିର ସଭାରେ ଆଲୋଚିତ ହେବା ଆବଶ୍ୟକ ।

ଖାରବେଳ ଶୈଶବ ଅବସ୍ଥାରୁ ପିତା ରାଜଗାଦି ପରିତ୍ୟାଗ କରି ସନ୍ୟାସୀ ହୋଇଯିବା କାରଣରୁ କଳିଙ୍ଗ ନୃପତିବିହୀନ ହୋଇପଡିଲା ଏବଂ ଅନ୍ୟୂନ ଚବିଶ ବର୍ଷ ବୟସରେ ହିଁ ସେ ପିତାଙ୍କ ପରିତ୍ୟକ୍ତ ଆସନ ପାଇବେ, ଏହି ରାଜନୈତିକ ବିଧି ରହିଛି । ଜୈନ ନୃପତିମାନେ ଅନେକ ସମୟରେ ଧର୍ମକାର୍ଯ୍ୟରେ ଅର୍ହତ ହୋଇଯାଆନ୍ତି ଏବଂ ରାଜକାର୍ଯ୍ୟ ଛାଡି ଜୈନ କ୍ଷେତ୍ରରେ ତପରତ ହୁଅନ୍ତି । ଏମିତି ବି ପ୍ରଥମ ମୌର୍ଯ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନିଜ ଶାସନର ଶ୍ରେଷ୍ଠ ସମୟରେ ରାଜ୍ୟଛାଡି ଦାକ୍ଷିଣାତ୍ୟର ଶ୍ରାବଣ ବେଲଗୋଲାରେ ନିଜ ଗୁରୁ ଭଦ୍ରବାହୁଙ୍କ ସହିତ ଧର୍ମାଶ୍ରିତ ହୋଇଥିଲେ । ମାତ୍ର ଏହି କଳିଙ୍ଗ ଉଦାହରଣ ରଖିଛି ଯେଉଁଠି ଜଣେ ଜୈନ ଋଷି ରାଜ୍ୟ ଶାସନ କରିଛନ୍ତି, ସେ ହେଉଛନ୍ତି ରାଜର୍ଷି କରକଣ୍ଡ । ଅନେକ ଗୁମ୍ଫା ଖନନ କରିଛନ୍ତି କୁମାରୀ ପର୍ବତରେ । ଖାରବେଳଙ୍କ ପୂର୍ବରୁ କୁମାରୀଗିରିରେ ପ୍ରାକୃତିକ ହାତୀଗୁମ୍ଫା ବ୍ୟତୀତ ଜୈନ ଅର୍ହତମାନଙ୍କ ଚତୁର୍ମାସ୍ୟା ରହଣି ପାଇଁ ଅନେକଗୁଡ଼ିଏ ରହିଥିଲା, ଏମିତି କି ଅନେକ ଭାଙ୍ଗିରୁଜି ଯାଇଥିଲା । ଜୀବନକାଳରେ ଖାରବେଳ ଅସଂଖ୍ୟ ଗୁମ୍ଫା ଖନନ କରିଥିଲେ ଏବଂ ମରାମତି କରାଇଥିଲେ ।

ସେମିତି ଖାରବେଳଙ୍କ ପିତା ଛେତିରାଜ ରାଜଗାଦି ଛାଡିବା ପରେ କଳିଙ୍ଗ ରାଜପରିଷଦ ଏବଂ ରାଜମାତା ହିଁ ପ୍ରଶାସନ ଦାୟିତ୍ୱରେ କାମ ଚଳାଇଛନ୍ତି । ପନ୍ଦର ବର୍ଷ ବୟସରୁ ଚବିଶ ବର୍ଷ ପର୍ଯ୍ୟନ୍ତ କୁମାର ଖାରବେଳ ରାଜକୁମାର ହୋଇ ଶାସନ ପ୍ରଶିକ୍ଷଣରତ । ରାଜ୍ୟର ଚାରିଆଡେ ଶତ୍ରୁ । ଟିକିଏ ଦୁର୍ବଳ ଦେଖିଲେ ଦଗଲ କରିନେବେ । ଉତ୍ତରର ଲୋଲୁପ ମଗଧ, ଦକ୍ଷିଣର ସାତବାହନ କିପରି ଶୀଘ୍ର କଳିଙ୍ଗ ରାଜକୁମାରଙ୍କୁ ଚବିଶ ବର୍ଷ ହେବ ଏବଂ ସେ ରାଜଗାଦିରେ ଆସୀନ ହେବେ, କଳିଙ୍ଗର ଦୁଃଖଭୟ ଦୂର ହେବ ।

କିନ୍ତୁ ଏହି ଚବିଶ ବର୍ଷ ମଧ୍ୟରେ କଳିଙ୍ଗ ରାଜପୁତ୍ରଙ୍କର ବିବାହ ସମ୍ପନ୍ନ ହୋଇଯିବା ନିତାନ୍ତ ଆବଶ୍ୟକ । ତା ନହେଲେ ସେ ରାଜଗାଦି ଆରୋହଣ କରିବାରେ ଅଯଥା ବିଳମ୍ବ ଘଟିବ । କଳିଙ୍ଗର ପାଟରାଣୀ ନିଜ ପୁଅ ବିଭାଘର ପାଇଁ ଯେତିକି ବ୍ୟସ୍ତ, ସମଗ୍ର ରାଜ୍ୟ ନିଜର ଭାବୀ ସମ୍ରାଟଙ୍କର ସିଂହାସନ ପଦସିକ୍ତ ହେବା ଆଶାରେ ଚାହିଁ ବସିଛନ୍ତି । ଅନ୍ତତଃ ଗୋଟିଏ ସୁସ୍ୱାଦୁ ରାଜଭୋଜି ସମସ୍ତଙ୍କ ଆଶାରେ ରହିଛି । ଦୁର୍ଭାଗ୍ୟ, ବିବାହ ଯୋଗ ନାହିଁ, ଯୋଗ୍ୟା ରାଜକନ୍ୟାଟିଏ ଯୋଗାଡ଼ ହୋଇପାରୁନି ।

କିନ୍ତୁ କଳିଙ୍ଗ ରାଜକୁମାର ଏତେ ସୁନ୍ଦର, ସୁଠାମ ଶରୀର, ଏତେ ପାରଙ୍ଗମ ଯୁଦ୍ଧରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ, ଗୀତ ଗାଇବାଠାରୁ ନାଚ କରିବା ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟରେ ତାଙ୍କ ପାଇଁ ସାରା ଦେଶରେ କନ୍ୟା ଜୁଟୁ ନାହାନ୍ତି ! ଯୁଆଡୁ ଯେତେ ପ୍ରସ୍ତାବ ଆସୁଛି, ସବୁ ଜ୍ୟୋତିଷ ଗୋସେଇଁ ମେଳକ ହେଉନାହିଁ କହି ପଛେଇ ଯାଉଛନ୍ତି । ଏମିତି କେତେ ଯେ କୋଷ୍ଠୀ ଗଲାଣି ତା'ର ହିସାବ ନାହିଁ ।

କିନ୍ତୁ ସାରା ଭାରତବର୍ଷରେ ଅନେକ ରାଜ୍ୟଗସ୍ତରେ ଅଛନ୍ତି ଜୈନ ଅର୍ହତମାନେ । ଅନେକ ରାଜ୍ୟର ନୃପତିମାନେ ଜୈନଧର୍ମାଶ୍ରିତ । ଅହିଂସା ଏବଂ ଜୈନ ଜୀବନଶୈଳୀ ଆଉ ଜୀବନର ମୂଳବୋଧ କେବଳ ନିଜର ଶୁଦ୍ଧପୂତ ଦୈନନ୍ଦିନ ପ୍ରଥା ଭାବରେ ସେମାନଙ୍କର ଆଗ୍ରହ ନଥିଲା, ବରଂ ସେମାନଙ୍କର ପ୍ରଜା ସେଥିପାଇଁ ବହୁ ରାଜଭକ୍ତି କରିବେ ବୋଲି ଧାରଣା ଥିଲା । ଅନେକ ଜୈନ ସମ୍ରାଟ, ରାଜା ଏବଂ ପ୍ରଭାବଶାଳୀ ବ୍ୟକ୍ତି ଜୈନ ପ୍ରଥା ଅନୁସରଣ କରୁଥିଲେ । କଳିଙ୍ଗ ତ ଆବାଲ୍ୟରୁ ଜୈନ ଧର୍ମରେ ବିଶ୍ୱାସ କରି ଆସିଛି । ଶିକ୍ଷା, ଗମନାଗମନ ଏବଂ ସାମାଜିକତା ଗଢିଛନ୍ତି ଜୈନ ନିର୍ଗ୍ରନ୍ଥମାନେ । ସେମାନେ କଳିଙ୍ଗ ଅଭ୍ୟନ୍ତରରେ ଏହି ଜୈନପ୍ରଥାର ମାନବିକତା, ସାମାଜିକତାର ପ୍ରସାର କରିଛନ୍ତି, ଏମିତି କି ପାର୍ଶ୍ୱନାଥ କି ମହାବୀର କଳିଙ୍ଗରେ ସୁପର୍ବତ ବିଜୟ ଚକ୍ର କୁମାରୀ ପର୍ବତେ ପ୍ରବର୍ତ୍ତନ କରିବା ବହୁ ପୂର୍ବରୁ । ଏହି କଳିଙ୍ଗରେ ଅନେକ ଜୈନ ନୃପତି ସାକ୍ଷାତ ଋଷି ତୁଲ୍ୟ । ଏହି ଜୈନ ଶାସକମାନେ ପ୍ରତ୍ୟକ୍ଷଦର୍ଶୀ, ରାଜନୀତି ଓ ଧର୍ମନୀତି ଏକାକାର । ଯାହା କହିବେ, ତାହା ହିଁ କରିବେ । ଶାସନଟା ଦାୟିତ୍ୱ । ମନ ବେଶି ଧର୍ମ ଆଡକୁ ଟାଣିଲେ, ଶାସନ ତ୍ୟାଗ କରି ଅର୍ହତ ପାଲଟି ଯିବେ ।

ସେହି ଜୈନ ଅର୍ହତମାନେ କଳିଙ୍ଗର କୁମାରୀଗିରିରେ ଚତୁର୍ମାସ୍ୟା ଅବସ୍ଥାନ ଏବଂ କୁମାରଗିରି ସିଦ୍ଧପିଠରେ ଜପକାର୍ଯ୍ୟରେ ବ୍ୟସ୍ତ ରହିଥିଲେ । ସେମାନେ ରାଜଧାନୀ କଳିଙ୍ଗନଗରୀ ଆସି କଳିଙ୍ଗ ନୃପତିଙ୍କ ପାଖରୁ ରାଜଭିକ୍ଷା ଅନୁଦାନ ଲାଭ କରୁଥିଲେ । ଜ୍ଞାନୀ ଏବଂ ସନ୍ଥ ଭାବରେ ରାଜ ଜ୍ୟୋତିଷଙ୍କ ଅପେକ୍ଷା ଏହି ବୈରାଗୀ ଅର୍ହତମାନଙ୍କୁ ରାଜପରିବାରର ସଦସ୍ୟମାନେ ଭବିଷ୍ୟବାଣୀ ଏବଂ ଉପଦେଶ ଭିକ୍ଷା କରିଥାଆନ୍ତି । ଅନେକଥର କଳିଙ୍ଗନଗରୀ ରାଜମାତା କୁମାରଗିରିର ଅର୍ହତ ଶ୍ରେଷ୍ଠଙ୍କୁ ପଚାରନ୍ତି, ଜୈନ ଗୋସେଇଁ, କଳିଙ୍ଗର ରାଜବଧୂ କେଉଁ ଦିଗରୁ ଆସିବେ ?

ଆମେ ଶତ ଚେଷ୍ଟା କଲେ ବି କେଉଁଠି ବିବାହ ପ୍ରସ୍ତାବ ଠିକଣା ହେଉନାହିଁ।

ବିଚାରବନ୍ତ ସେ ଭାରତସାରା ପରିଭ୍ରମଣରତ ଅର୍ହତ। କିଛି ସମୟ ଚକ୍ଷୁ ବନ୍ଦ କରି କହିଲେ, ବିବାହ ପଶ୍ଚିମ ଦିଗରେ ହେବାର ଯୋଗ ଅଛି। ମୂଲ୍ୟବାନ ଅଳଙ୍କାରର ରାଜ୍ୟସିଏ ଯେଉଁଠି ଜଣେ ଅତି ଶକ୍ତିଶାଳୀ ରାଜା ଏବଂ ତାଙ୍କ ଭାରତବିଖ୍ୟାତ ପିତାମହ। ଏତିକି ତ ମୋର ଭବିଷ୍ୟତ ବାଣୀ ମୁଁ ଶାସ୍ତ୍ରରୁ ଉଦ୍ଧାର କରି କହୁଛି, ମୋର ରାଜ୍ୟନାମ, ରାଜାନାମ କି କନ୍ୟାନାମ କହିବା ସମ୍ଭବ ନୁହେଁ।

ରାଜମାତା ରାଜପୁରୋହିତ ଏବଂ ପଣ୍ଡିତମାନଙ୍କୁ ଡକାଇ ନିର୍ଣ୍ଣୟ କରିବାକୁ ଲାଗିଲେ କିପରି ପ୍ରସ୍ତାବ ପକାଇବେ ପଶ୍ଚିମଦିଗସ୍ଥ ଅଳଙ୍କାର ପରିପୂର୍ଣ୍ଣ ରାଜ୍ୟରେ। କେହି ରାଜଦୂତ ପଶ୍ଚିମଦିଗର ଅନେକ ରାଜଧାନୀ ବୁଲି ଘଟଣାର ସତ୍ୟତା ପରଖି ଆସୁ।

ଜଣାଗଲା ରାଜପ୍ରାସାଦର ଧନୁକ ଗୁରୁଙ୍କର ନିଜ ବାସସ୍ଥାନ କଳିଙ୍ଗ ପଶ୍ଚିମଦିଗ ଆଟାଭିକା - ବିଦ୍ୟାଧର ରାଜ୍ୟର ଆହୁରି ପଶ୍ଚିମ ଦିଗରେ। ତାଙ୍କୁ ରାଜମାତା ଡକାଇ ଖବର ନେଲେ। ଧନୁକ ଗୁରୁ କହିଲେ, "ମା ଏବେ ତ ଆମେ ଯୁବରାଜଙ୍କ ସହିତ ମୃଗୟାକୁ ସେହି ଦିଗରେ ଯାଇଥିଲୁ। ମାର୍ଗଶୀର ମାସରେ ଫସଲ ବେଳରେ ଜନ୍ତୁଟିଏ ନପାଇ ବହୁ ଦୂରାନ୍ତ ରାଜ୍ୟରେ ପହଞ୍ଚିଗଲୁ, ସେହି ରାଜ୍ୟର ଗୋଟିଏ ପାଳିତ ହରିଣ ରାଜକୁମାରଙ୍କ ଧନୁଶର ସାମନାକୁ ଆସି ତାଙ୍କୁ ପୋଷା ହରିଣ ପରି ପାଖରେ ପହଞ୍ଚିଗଲା, ତା ପଛେ ପଛେ ରାଜ୍ୟର ରାଜକୁମାରୀ ଆଉ ଦୁଇଜଣ ସଖୀ ଖୋଜି ଖୋଜି ନିଜର ପୋଷା ହରିଣୀଟିର ସନ୍ଧାନ ପାଇଲେ ଏବଂ ରାଜକୁମାରଙ୍କ ସହିତ ସମସ୍ତ ମୃଗୟା ଦଳକୁ ରାଜପ୍ରାସାଦକୁ ଡାକି ନେଇ ବହୁ ସମ୍ମାନ ଦେଲେ।"

ରାଜମାତା ପଚାରିଲେ, "ସେଠାରେ ଆମ ଧର୍ମର ରାଜା ଅଛନ୍ତି ନା ଆଉ କେଉଁ ବର୍ଗର ?"

ଧନୁକଗୁରୁ ଉତ୍ତର ଦେଲେ, "ସେହି ରାଜ୍ୟର ନାମ ଭଜିରଘର, ଯାହାର ଅନ୍ୟ ଗୋଟିଏ ନାମ ହୀରକପୁର। ଏହା ଚିତ୍ରତ୍ପୋଲା ବା ମହାନଦୀର ଉପରମୁଣ୍ଡରେ ମତ୍ସ୍ୟରାଜ୍ୟ ଏବଂ ଦକ୍ଷିଣ କୋଶଳ ସନ୍ନିକଟ ରାଜ୍ୟ। ଏଠିକାର ଲୋକମାନେ ନଦୀରୁ ମୂଲ୍ୟବାନ ପଥର ସଂଗ୍ରହକରି ବହୁ ଦାମରେ ବିକ୍ରିକରନ୍ତି ଏବଂ ଦୂରଦୂରାନ୍ତରୁ ତଥା ବିଦେଶରୁ ଏହି ମଣି ମୁକ୍ତା ଏବଂ ହୀରା ତଥା ମୂଲ୍ୟବାନ ପଥର କିଣିନେବାକୁ ଆସନ୍ତି।"

କଳିଙ୍ଗରାଜମାତା ଏ ସବୁ ଶୁଣି ପ୍ରସନ୍ନ ହେଲେ। କହିଲେ, "ଆମ ପକ୍ଷର କେହି ସେମାନଙ୍କୁ ବିବାହ ପ୍ରସ୍ତାବ ଦେବା ଦରକାର। ସେମାନେ ଏ ବିଷୟରେ ଗୋଚର ଅଛନ୍ତି କି ?"

ରାଜମାତା କିଛି ନକହି ଯୁବରାଜଙ୍କୁ ଡାକି କହିଲେ, "ପୁଅ, ତୁମେ ପରା ମୃଗୟାକୁ ଯାଇ କିଛିଦିନ ତଳେ ଭଜିରଘର ରାଜପ୍ରାସାଦରେ ରହିଥିଲ !"

ଖାରବେଳ ଟିକିଏ ଶଙ୍କିଯାଇ ପଚାରିଲେ, "ମା କେମିତି ଜାଣିଲେ, ମା'ଙ୍କ କାନରେ କିଏ ପକାଇଲା ?"

"ନା ନା, ମୁଁ ଶୁଣିଲି। ମୋର ବେଶି କିଛି କହିବାର ନାହିଁ। ତୁମେ ତ ସମସ୍ତ ଶିକାରୀ ଦଳ ସେଇ ଭଜିରଘର ରାଜପ୍ରାସାଦରେ ରାତ୍ରିଯାପନ କରିଛ। ମୋତେ ଟିକିଏ ସେଠିକାର ରାଜା, ତାଙ୍କ ତିନିପୁରୁଷର କାର୍ଯ୍ୟକଳାପ ବିଷୟରେ କହିଲ। ସେ ରାଜ୍ୟରେ ରାଜାଙ୍କର ଆତ୍ମସମ୍ମାନ ରହିଛି ତ ?" ମା' ପଚାରିଲେ।

ଖାରବେଳ ଉତ୍ତର ଦେଲେ, "ମାଆ, ତୁମର ବୋହୂ ଖୋଜା ମନ କେତେ କେତେ ରାଜପ୍ରାସାଦରେ ଘୂରିବୁଲୁଛି ? ଆମେ ତ ବାଟବଣା ହୋଇ ସେଇ ଭଜିରଘର ରାଜପ୍ରାସାଦରେ ଗୋଟିଏ ରତ୍ରି ଅତିଥି ଭାବରେ ଆଶ୍ରୟ ନେଇଛୁ। ଦୈବ ଆମକୁ ଏମିତି ପରିଚୟରେ ସ୍ଥାନିତ କଲା, ଦେଖିଲି ତୁମର ମା' ମନ କେତେ କୁଆଡ଼େ ବୁଲି ବୁଲି ବୋହୂ ଖୋଜୁଛି। ଗୋଟିଏ ମାୟାମୃଗ ମୋତେ ଶିକାରୀ ବୋଲି ଭଜିରଘର ରାଜପ୍ରାସାଦରେ ଅତିଥି କରିଦେଲା। ସେଇଟା ପୁଣି ଜଙ୍ଗଲୀ ମିରିଗ ନୁହେଁ, ଭଜିରଘର ରାଜକନ୍ୟାଙ୍କର ପାଳିତା, ମୋତେ ଅଠାକାଠିରେ ପକାଇ ରାଜକନ୍ୟା ଅତିଥି ବନାଇଦେଲେ।"

ମା ପଚାରିଲେ, "ଟିକିଏ କହୁନୁ ସେ ରାଜା କିଏ ?"

ମୁଁ ଲାଜରେ ତୁମକୁ କହି ନଥିଲି। ସେମାନେ ଅନେକ କଥା ଜାଣିଛନ୍ତି ଆମ ବିଷୟରେ। ଏଥିରେ ସୂତ୍ରଧର ହେଉଛନ୍ତି ଆମର କୁମାରଗିରି ସିଦ୍ଧକ୍ଷେତ୍ରର ଦେଶ ଭ୍ରମଣକାରୀ ଅର୍ହତ ଶୁଭପ୍ରଦ ସେଠାରେ ସବୁ ପ୍ରକାଶ କରିଦେଇଛନ୍ତି। ମୋତେ ଲାଗିଲା, ମୋର ପରିଚୟ ପାଇବା ମାତ୍ରେ ସେମାନେ ଉତ୍ତମ ଧରଣର ଆତିଥ୍ୟ ପ୍ରଦାନ କଲେ। ଭଜିରଘର ରାଜକନ୍ୟାଙ୍କ ସହୀ ମୋତେ ସବିଶେଷ ତଥ୍ୟ ପ୍ରଦାନ କଲେ।

ସେଇଟା ଗୋଟିଏ ପ୍ରତିଷ୍ଠିତ ରାଜ୍ୟ। ସେ ଖଣ୍ଡମଣ୍ଡଳରେ ଭଜିରଘର ରାଜ୍ୟର ନେତୃତ୍ୱ ରହିଛି। ରାଜ୍ୟର ସମ୍ରାଟ ହାତୀସିଂହ। ନାମ ଯାହା ଶକ୍ତି ବି ସେତିକି। ତାଙ୍କର ପରିଚୟ ହେଉଛି ସେ ଶକ୍ତିଶାଳୀ ଲଲର୍କଙ୍କର ନାତି। ଲଲର୍କ ଥିଲେ ବିଦ୍ୟାଧର ରାଜ୍ୟଗୁଡିକର ସମ୍ରାଟ, ତାଙ୍କର ମତାମତ ସମସ୍ତଙ୍କର ଶିରୋଧାର୍ଯ୍ୟ। ହାତୀସିଂହ କଳିଙ୍ଗଙ୍କୁ ବହୁତ ମାନ୍ୟ କରନ୍ତି। କଳିଙ୍ଗ ହିଁ ଏମାନଙ୍କର ଶିଳ୍ପ ଦ୍ୱାରା ସମୃଦ୍ଧ। ବହୁ ଜଙ୍ଗଲଜାତ ଦ୍ରବ୍ୟ ଏମାନେ ସୁବର୍ଣ୍ଣ ଦ୍ୱୀପକୁ ରପ୍ତାନି କରନ୍ତି। ସେଥିପାଇଁ ଏମାନଙ୍କ ବୃହତ୍ ଶିଳ୍ପ ଓ ବ୍ୟବସାୟଗତ ସମ୍ପର୍କ ରହିଛି କଳିଙ୍ଗ ସହିତ।

ମା ଆଉ ଗୋଟିଏ ବଡକଥା। ଆମ କଳିଙ୍ଗନଗରୀକୁ ତ ପଶ୍ଚିମ ଜଗତରୁ ଅନେକ ବ୍ୟବସାୟୀ ହୀରା ନେବାକୁ ଆସନ୍ତି। ବ୍ୟବସାୟୀ ମାନେ ଏହି ଭଜିରଘର ହୀରାକୁ ବହୁ ମୂଲ୍ୟ ଦିଅନ୍ତି।

ଏକଥା ଖାରବେଳ ନିଜର ଜନନୀଙ୍କୁ ପ୍ରଦାନ କଲେ।

ହାତୀ ସିଂହ ଯେତେବେଳେ ଭାବୀ ଜାମାତାଙ୍କୁ ହାତରେ ପାଇଛନ୍ତି, ତାଙ୍କୁ ସମସ୍ତ ରାଜକୀୟ ଢଙ୍ଗରେ ଆତିଥ୍ୟ ପ୍ରଦାନ କରିଛନ୍ତି। ସେହିଠାରୁ କୌଣସି ସୂତ୍ରରେ ନିଜ ମାତାଙ୍କର ସୁଦୂର ପ୍ରସାରୀ କନ୍ୟା ଖୋଜିବା ପ୍ରଚେଷ୍ଟା ଜାଣି ପାରିଛନ୍ତି।

ରାଜମାତା ମଜାରେ କହିଲେ, ହୀରକ ରାଇଜରେ ପଥରର ମୂଲ

ଜାଣି ହୀରା ବାଛନ୍ତି । ତାଙ୍କ ରାଜକନ୍ୟା ପାଇଁ ବରର ମୂଳ ଜାଣିବାରେ ତାଙ୍କର କୌଣସି ଅସୁବିଧା ହୋଇ ନଥିବ । ଜାଣି ପାରିଲେ ବୋଲି ସିନା ଭାବି ଜ୍ୱାଇଁ ଓ ତାହାର ସହଯୋଗୀ ମାନଙ୍କୁ ଆତିଥ୍ୟ ଦେବାରେ କୌଣସି ଅବହେଳା କରିନାହାନ୍ତି ।

ଖାରବେଳଙ୍କ ପାଖରୁ ଉଜିରଘର ବିଷୟରେ ଜାଣିବା ପରେ ରାଜମାତା ଅବିଳମ୍ବେ କୁମାରୀଗିରିରେ ଅବସ୍ଥାନ କରୁଥିବା ବିଚାରବନ୍ତଙ୍କୁ ଡକାଇ ପଠାଇଲେ । ତୁରନ୍ତ କିପରି ବିବାହ କାର୍ଯ୍ୟ ସମ୍ପନ୍ନ ହେବ ଏଇଟା ଥିଲା ତାଙ୍କର ଆନ୍ତରିକ ଇଚ୍ଛା ।

କଳିଙ୍ଗ ପକ୍ଷରୁ ବିବାହ ବିଷୟରେ ଏକରକମ ଜରୁରୀ ଆବଶ୍ୟକତା ଥିଲା । ରାଜପୁତ୍ର ଖାରବେଳଙ୍କର ଦୂରଦୃଷ୍ଟି ମଧ୍ୟ ଏ ଦିଗରେ ସହାୟକ ହେଲା । ଦୁଇ ରାଜବଂଶର ଆଗ୍ରହରେ ଖାରବେଳଙ୍କର ବିବାହ ମହା ଆଡମ୍ବରରେ ସମ୍ପନ୍ନ ହେଲା । କଳିଙ୍ଗନଗରୀରେ ବିଶାଳ ବିବାହ ଏବଂ ପାଣିଗ୍ରହଣ ପ୍ରତିଟି ଅଧିବାସୀଙ୍କର ଅଂଶଗ୍ରହଣରେ ସମ୍ପନ୍ନ ହେଲା । କଳିଙ୍ଗ ପ୍ରଥାରେ ମହା ଜାକଜମକରେ ମର୍ଦ୍ଦଳ ବାଜା ଆଉ କ୍ଷୀରୀପିଠାରେ ସମଗ୍ର କଳିଙ୍ଗନଗରୀ ଏବଂ ତୋଷାଳି ନଗର ଚମକି ଉଠିଲା ।

କଳିଙ୍ଗର ନବବଧୂର ନାମ ଦେଇଛନ୍ତି ରାଜମାତା । ଅତି ଧୈର୍ଯ୍ୟମତୀ ହୋଇ ଥିବାରୁ ବୋହୂର ନାମ ରଖିଲେ, 'ଧୃତିମତୀ', ଡାକନାମ 'ଧୁସି' । ସେହି ନାମ ହିଁ କୁମାରୀଗିରି ଶିଳାଲେଖରେ ବି ଦର୍ଶାଯାଇଛି ।

୦୦୦

## ଗୋରଥଗିରି ବିଲୟ

ମହାଭାରତ ଯୁଗର କଥା । ମଗଧର ସୁପ୍ରସିଦ୍ଧ ରାଜା ଜରାସନ୍ଧ । ଗୋରଥଗିରିର କମନୀୟ ଲହରି ସୃଷ୍ଟି କରିଥିବା ପର୍ବତମାଳାର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇଥିଲେ । ଏହାର ପଞ୍ଚପର୍ବତ ରତ୍ନଗିରି, ବିପୁଳାଚଳ, ବିଭବଗିରି, ସନଗିରି ଏବଂ ଉଦୟଗିରି ଦୂରରୁ ଦେଖାଯାଏ ନୀଳ ଆକାଶରେ ସମାନ୍ତରାଳ ସାଗରର ଢେଉ ପରି । ପାଞ୍ଚ ଯୋଜନ ଲମ୍ବ ଏହି ଗିରି ସନ୍ନିକଟ ନିଜର ରାଜଧାନୀ ସୁରମ୍ୟ ରାଜଗିରି ଗଠନ କରିଥିଲେ । ଏହି ରାଜଗିରିକୁ ମହାଭାରତର ଶ୍ରୀକୃଷ୍ଣ, ଭୀମ ଏବଂ ପାଣ୍ଡବମାନେ କୁରୁକ୍ଷେତ୍ରରୁ ଆସି ରାଜଗିରିରେ ପହଞ୍ଚିଥିଲେ ।

ବୁଦ୍ଧଙ୍କ ଜୀବନର ଦ୍ୱିତୀୟାର୍ଦ୍ଧର କଥା । ବିମ୍ବିସାର ନିଜ ପୁତ୍ର ଅଜାତଶତ୍ରୁଙ୍କ ଦ୍ୱାରା ବନ୍ଦୀ ହୋଇଛନ୍ତି, ପ୍ରଥମରୁ ଜୈନ ଥିବା ବିମ୍ବିସାର ବୁଦ୍ଧଙ୍କ ଶରଣ ଯାଇଛନ୍ତି, ବୁଦ୍ଧଙ୍କ ଦର୍ଶନ ତାଙ୍କପାଇଁ ଅପରିହାର୍ଯ୍ୟ । ଦିନସାରା ଧର୍ମପ୍ରଚାର କରି ବୁଦ୍ଧ ଏହି ପର୍ବତମାଳାର ଗୃଧକୂଟ ରାସ୍ତାରେ ପ୍ରତ୍ୟାବର୍ତ୍ତନ କରନ୍ତି । ନିଜର ବନ୍ଦୀ ପିତାଙ୍କୁ ସନ୍ନିକଟ ପାହାଡ଼ରେ ଅଜାତଶତ୍ରୁ ବନ୍ଦୀ କରି ବୁଦ୍ଧଦର୍ଶନର ସୁବିଧା ଦିଅନ୍ତି ।

ଅଜାତଶତ୍ରୁ ରାଜଧାନୀ ଉତ୍ତରକୁ ଘୁଞ୍ଚାଇ ନିଅନ୍ତି । ପାଟଳିପୁତ୍ରକୁ । ମଗଧର ରାଜଧାନୀ ପାଟଳିପୁତ୍ରରୁ ନନ୍ଦ ଏବଂ ମୌର୍ଯ୍ୟ ରାଜବଂଶ ଗୁଡ଼ିକ ନିର୍ମମ ହୋଇଛନ୍ତି, ତାଙ୍କ ମଗଧର ଦକ୍ଷିଣ ପୂର୍ବ ପଡୋଶୀ ଆମ କଳିଙ୍ଗ ଉପରେ । ଆକ୍ରମଣ, ନରସଂହାର ଏବଂ ଲୁଣ୍ଠନ ଘଟାଇଛନ୍ତି କଳିଙ୍ଗ ଭୂମିରେ । ଜର୍ଜରିତ ହୋଇଛି କଳିଙ୍ଗ । ଶତାବ୍ଦୀ ଶତାବ୍ଦୀ ଧରି ସେହି ମର୍ମ ଜ୍ୱାଳା ମହଳଣ ପଡ଼ିନି ।

ଆଜି କଳିଙ୍ଗ ବଳବାନ୍ । ଭାରତବର୍ଷରେ ମଗଧ ନିଜର ସାର୍ବଭୌମତ୍ୱ ରକ୍ଷା କରିବାରେ ଅସମର୍ଥ ହୋଇଛି । ଶକ୍ତିହୀନ ମଗଧ । ଚତୁରଙ୍ଗ ଶକ୍ତିରେ ସ୍ୱର୍ଦ୍ଧିତ କଳିଙ୍ଗ । କଳିଙ୍ଗର ଦୀପ୍ତିମାନ ସୂର୍ଯ୍ୟଦେବ ନିଜର ରୁଧିର କରିଣଧାରରେ ଦେଖୁଛନ୍ତି ଆଜିର ସଙ୍କୁଚିତ ମଗଧକୁ । କଳିଙ୍ଗର ସମ୍ମାନର ସ୍ଫୁଲିଙ୍ଗ ଯାହା ନନ୍ଦରାଜ ଲୁଣ୍ଠନ କରି ପୂଜାର୍ଚ୍ଚନା କରନ୍ତି

ଏବେ ଆସିଗଲା ଅଷ୍ଟମ ପଦଟି । ତାକୁ ପାଠ କରିବାକୁ ନଗରପତି ସରାଗରେ ଆସିଗଲେ ।

"ଅଠମେ ଚ ବସେ ମହତି ସେନାୟ ମଗତ......ଗୋରଥଗିରି ଘାତାପାୟିତା ରାଜଗହଂ ଉପପୀଡାପୟତି ।। ଏତିନ ଚ କମପଦାନା ସଂନାଦେନ ସଚିତ ସେନ ବାହନେ ବିପମୁଚିତୁଂ ମଧୁରା ଅପୟାତୋ ଯବନରାଜ ...ମ...ୟଛତି...ପଲବଭାର .."

ଏହି ଦୁଇପାଦ ଶିଳାଲିପିର ଅର୍ଥ ହେଉଛି – ଥଅଷ୍ଟମ ବର୍ଷରେ ଗୋରଥଗିରିର ଶକ୍ତ ଦୁର୍ଗଟିକୁ ନିଜର ବିଶାଳ ସୈନ୍ୟବାହିନୀ ଦ୍ୱାରା ମହାମହିମ କଳିଙ୍ଗାଧିପରି ରାଜଗୃହକୁ ଦମନ କରିବାର ଅବକାଶ ପାଇଲେ । ଏହି ସବୁ ସାମରିକ କାର୍ଯ୍ୟକଳାପର ସୂଚନା ପାଇ ମଥୁରା ଦିଗରୁ ମଗଧ ମୁହାଁଇଥିବା ଯବନରାଜ ଡିମିତ୍ରିୟସ୍ ପଳାୟନପନ୍ଥୀ ହେବାକୁ ଉଦ୍ୟତ ହୁଏ ।ଧ

ଏବେ ନଗର ପତି ସୂଚନା ଦେଲେ, ଯେଉଁ ବିଷୟ ଉପରୋକ୍ତ ପାଲି ଭାଷାରେ ଉଲ୍ଲେଖ ରହିଛି ଏବଂ ବ୍ରାହ୍ମୀ ଲିପିରେ ଲିଖିତ ହୋଇଛି, ତାହା ଗୋଟିଏ ପଦରେ ରଚିତ ହେଲେ ହେଁ ଏହାର ବିଶାଳ ଅର୍ଥ ରହିଛି ।

ଦୀର୍ଘ ଏକ ସହସ୍ର ବର୍ଷରୁ ବି ଅଧିକ ହେବ, ଗୋରଥଗିରିର ସୌନ୍ଦର୍ଯ୍ୟ ଏବଂ ମଗଧର ଇତିହାସ ଅତି ଜୀବନ୍ତ ଏବଂ ଏହା ଭାରତୀୟ ରାଜନୈତିକ ଦୃଷ୍ଟିକୋଣରୁ ଅତି ଗୁରୁତ୍ୱପୂର୍ଣ୍ଣ । ରାମାୟଣ ଯୁଗରୁ, ମହାଭାରତ ଯୁଗରେ, ଶ୍ରମଣ ଭଗବାନ ମହାବୀରଙ୍କ କାଳରେ, ଗୌତମ ବୁଦ୍ଧଙ୍କ ପ୍ରଚାରକାଳରେ ସର୍ବୋପରି ନନ୍ଦ ଏବଂ ମୌର୍ଯ୍ୟ ସାମ୍ରାଜ୍ୟର ଅବଧିରେ ଏଠାରେ ବହୁ ଭୌଗୋଳିକ, ରାଜନୈତିକ ଏବଂ ଅର୍ଥନୈତିକ ଅଗ୍ରଗତି ପରିଦୃଷ୍ଟ ହୋଇଛି । କିନ୍ତୁ ଆଜିର କଳିଙ୍ଗ ପାଇଁ ଗୋରଥଗିରି ଏବଂ ପାଟଳିପୁତ୍ର ନଗର । କଳିଙ୍ଗ ଦିଗରୁ ଗୋରଥଗିରିରେ ପହଞ୍ଚିଲେ, ଅନତିଦୂରରେ ରହିଛି ପାତଳି ଗ୍ରାମ ଯାହା ଶକ୍ତ ଭାବରେ ପ୍ରଶସ୍ତ ଗଡ଼ଖାଇ ପରିବେଶିତ ହୋଇ ଅଭେଦ୍ୟ ପାତାଳିପତ୍ତନ ବା ପାଟଳିପୁତ୍ର ନଗରରେ ପରିଣତ ହୋଇଛି ।

ପାଟଳି ଦୁର୍ଗରେ।

ଆଜି ସମୟ ଉପନୀତ। କଳିଙ୍ଗାଧିପତି ବଳପ୍ରୟୋଗ କରିବେ ମଗଧ ଉପରେ।

ପ୍ରଶ୍ନ କରନ୍ତି କଳିଙ୍ଗାଧିପତି, "ମୋତେ ଅବିଳମ୍ବେ ଜଣାଅ କଳିଙ୍ଗ ମହାସେନାନୀ, ଆମର ଉତ୍ତର ଦିଗକୁ ଅଭିଯାନରେ କେତେ ସଂଖ୍ୟକ ସମର ସମର୍ଥ ଚତୁରଙ୍ଗ ପ୍ରସ୍ତୁତ ଅଛନ୍ତି ?"

"ଆମର ସମସ୍ତ ସାମରିକ ଶକ୍ତି ପ୍ରସ୍ତୁତ, ସମ୍ରାଟ ! କିନ୍ତୁ ଅଧିକ ମାତ୍ରାରେ କଳିଙ୍ଗର ଶକ୍ତ କୃଷ୍ଣାକାୟ ମତ୍ତ ଗଜ ପ୍ରଶିକ୍ଷିତ ଏବଂ ଅଗ୍ରଧାବନ କରିବାକୁ ଆଗଭର। ପଦାତିକମାନଙ୍କ ଭିତରେ ନୂତନ 'ବ୍ୟାଘ୍ର ବାହିନୀ' ଅନ୍ତର୍ଭୁକ୍ତ ହୋଇଛି। ବାଘ ପରି ଝାମ୍ପଦେବା ପରି ଶକ୍ତି ଆମର ହସ୍ତଗତ ହୋଇଛି।" ଉତ୍ତର ରଖିଲେ ମହାସେନାନୀ।

କଳିଙ୍ଗ ସମ୍ରାଟ ଖାରବେଳ ଶାସନର ଅଷ୍ଟମ ବର୍ଷରେ ଉତ୍ତର ଦିଗକୁ ଏମିତି ଗୋଟିଏ ବିରାଟ ଦିଗ୍‌ବିଜୟରେ ବାହାରି ପଡ଼ିଲେ। ଚତୁରଙ୍ଗ କଳିଙ୍ଗସେନା ବିଗତ ପାଞ୍ଚବର୍ଷ ମଧ୍ୟରେ ନିଜ ମାତୃଭୂମି ସୀମା ଅତିକ୍ରମ କରି ପଡ଼ୋଶୀ ଏମିତିକି ସୁଦୂର ରାଜ୍ୟସୀମାରେ ବ୍ୟୂହ ରଚନା କରିବାରେ ସିଦ୍ଧହସ୍ତ ହୋଇଗଲେଣି। ଅଭିଜ୍ଞତା ଆସିଯାଇଛି ରାଜ୍ୟ ବାହାରେ ନିଜର ଶକ୍ତି ପ୍ରଦର୍ଶନ କରିବାରେ।

ମାଘମାସର ଶୁକ୍ଳପକ୍ଷରେ କଳିଙ୍ଗମାତାକୁ ନତମସ୍ତକ ହୋଇ ରାଜଧାନୀ ଉପକଣ୍ଠ ସେନାଛାଉଣିରୁ ଚତୁରଙ୍ଗ ନିର୍ଗତ ହେଲାଣି। ସପ୍ତାହ କେଇଟାରେ ଗୋରଥଗିରି ସମ୍ମୁଖରେ କଳିଙ୍ଗ ଛାଉଣି ଗଢ଼ି ଉଠିଲାଣି। ପ୍ରତି ମୁହୂର୍ତ୍ତର ସମାଚାର କଳିଙ୍ଗ ଗୁପ୍ତଚର ଏବଂ କୂଟନୀତିଜ୍ଞମାନେ କଳିଙ୍ଗାଧିପତିଙ୍କ କାନରେ ପକାଉଛନ୍ତି।

ଏହି ଅଭିଯାନର ସମସ୍ତ ଗଜ, ହୟ, ପଦାତିକ ଏବଂ ଧନୁର୍ଦ୍ଧାରୀ ସୈନିକମାନେ ଯେପରି ମଣ୍ଡଳ ଗଠିତ କରିଥିଲେ, ତାହା ଗୋରଥଗିରି ଦକ୍ଷିଣରେ ଆଉ ଗୋଟିଏ ଲହରିମୟ ପଞ୍ଚ ପର୍ବତର ଆକାରରେ ଦଣ୍ଡାୟମାନ ହୋଇଥିଲା। କଳିଙ୍ଗସେନାବାହିନୀର ସେନାପତିତ୍ୱ ନେଉଥଲେ ସ୍ୱୟଂ ମହାମେଘବାହନ ଖାରବେଳ।

କଳିଙ୍ଗଦୂତ ଗୋରଥଗିରିରେ କଳିଙ୍ଗସେନାର ଉପସ୍ଥିତି ଜଣାଇବା ପରେ ସେଠିକାର ମଗଧ ଅଧିକାରୀ ଉପସ୍ଥିତ ମଗଧସେନା ସହ କଳିଙ୍ଗର ବିଶାଳ ସେନାବାହିନୀର ସମ୍ମୁଖୀନ ହେବାକୁ ଦୁଃସାହସ କରି ନପାରି ପାଟଳିପୁତ୍ର ଦିଗରେ ପଳାୟନ କଲେ। ଏହି ସମୟରେ କଳିଙ୍ଗର ସମ୍ମୁଖବାହିନୀ ଗୋରଥଗିରିର ରାଜଗୃହକୁ ଅଳ୍ପ କେଇଦିନରେ ଧୂଳିସାତ୍ କରିଦେଲେ। ମଗଧର ପୁରାତନ ରାଜଧାନୀ ଧ୍ୱଂସ ହୋଇଗଲା ପଛେ, ମଗଧ ପକ୍ଷରୁ କେହି ପ୍ରତିରକ୍ଷା କରିବାକୁ ଆସିଲେ ନାହିଁ।

ଖାରବେଳ ନିଜର ମହାସେନାନୀଙ୍କୁ ପଚାରିଲେ, "ମଗଧ କାହିଁକି କଳିଙ୍ଗ ଆକ୍ରମଣକୁ ପ୍ରତିରୋଧ କରୁନାହିଁ ? ଆମେ ପାଟଳିପୁତ୍ରରେ ପହଞ୍ଚିଗଲେ, ସେମାନେ ସମ୍ମୁଖ ଯୁଦ୍ଧ କରିବେ ନା ପାଟଳିପୁତ୍ର ଛାଡି ପଳାଇବେ ?"

ମହାସେନାନୀ ଉତ୍ତର ଦେଲେ, "କଳିଙ୍ଗର ଆକ୍ରମଣ ବିଷୟରେ ମଗଧ ସମ୍ପୂର୍ଣ୍ଣ ଜ୍ଞାତ। ଆମର ଗୋରଥଗିରି ଉପକୂଳରେ ପହଞ୍ଚିବା ପୂର୍ବରୁ ଆମର ଦୂତ ଏହି ଗୋରଥଗିରିକୁ ଆମର ବାର୍ତ୍ତା ପ୍ରଦାନ କରି ଆମର ଉଦ୍ଦେଶ୍ୟ ଜଣାଇ ଦେଇଛି। ତେବେ ସେମାନଙ୍କର କୌଣସି ପ୍ରତିରୋଧ ନକରିବାର ଅଭିପ୍ରାୟ ଅନ୍ତତଃ ନତମସ୍ତକ ହୋଇ ଆମର ବଶ୍ୟତା ସ୍ୱୀକାର କରିବାର ସୂଚନା ଦେଉଛି।"

କଳିଙ୍ଗାଧିପତି ମହାସେନାନୀଙ୍କର ଏହି ଉକ୍ତି ଶୁଣିପାରି ନାହାନ୍ତି। କାରଣ କଳିଙ୍ଗର ଭ୍ରାମ୍ୟମାଣ ସଂଚାର ଗୁପ୍ତଚର ମୁଖ୍ୟ ନିଶାଚର କୃଷ୍ଣକପଟ ମଗଧର ପଶ୍ଚିମ ଦିଗରୁ ଦ୍ରୁତଗତିରେ ସେନାପତିଙ୍କ ଦୃଷ୍ଟି ଆକର୍ଷଣ କରିଛି।

"ମହାରାଜ, ଅବିଳମ୍ବେ ମଗଧର ପଶ୍ଚିମ ଦିଗକୁ ସୈନ୍ୟଚାଳନ କରନ୍ତୁ।" ଅଣନିଶ୍ୱାସୀ ହୋଇ ଗୁପ୍ତଚର ମୁଖ୍ୟ କୃଷ୍ଣକପଟ ସେନାପତି ବେଶରେ ଥିବା କଳିଙ୍ଗାଧିପତିଙ୍କୁ ବାର୍ତ୍ତା ପ୍ରଦାନ କଲା।

"ତୁମର ଅଭିପ୍ରାୟ କଅଣ କୁହ। ଆମକୁ ମଗଧ ଅକ୍ତିଆର କରିବା ଆଉ ଦିନ କେତେଟାର ସମୟ। ସେହି ଘଡିସନ୍ଧିରେ ପଶ୍ଚିମ ଦିଗକୁ ଗମନ ଆମର ଲକ୍ଷ୍ୟସିଦ୍ଧିରେ ନିଶ୍ଚୟ ବିଳମ୍ବ ଘଟାଇବ।" କଳିଙ୍ଗାଧିପତି ପ୍ରଶ୍ନ କଲେ।

ଏହି ସମୟରେ ମହାସେନାନୀ ବି ବିସ୍ମିତ ହେଲେ, ଏପରି ବୁଦ୍ଧି କିପରି ଆମର କଳିଙ୍ଗ ଗୁପ୍ତଚର ମୁଖ୍ୟଙ୍କୁ ଗ୍ରାସ କରିଛି।

"ପଶ୍ଚିମ ଦିଗରୁ ମଥୁରାର ଗାଦିସୀନ ଯବନ ଡିମିତ୍ରିୟସ୍ ଆମର ଦକ୍ଷିଣ ଦିଗରୁ ଆକ୍ରମଣର ଖବର ପାଇ ନିଜର ସୈନ୍ୟବଳ ସହ ପଶ୍ଚିମ ଦିଗରୁ ମଗଧ ଆକ୍ରମଣ କରି ମଗଧ ରାଜକୋଷ ଲୁଣ୍ଠନ କରିବାକୁ ଉଦ୍ୟତ ହେଉଛି। କଳିଙ୍ଗସେନା ଦକ୍ଷିଣରୁ ଅଗ୍ରସର ହେବାବେଳେ, ସେଇ ଠାଉକା ଡିମିତ୍ରି ଅବିଳମ୍ବେ ମଗଧ ଲୁଣ୍ଠନ କରି ପଳାୟନ କରିବ, ଏଥିରେ ସନ୍ଦେହ ନାହିଁ। ଅବିଳମ୍ବେ କଳିଙ୍ଗସେନାକୁ ନେଇ ପ୍ରତିକାର କରିବାର ନିର୍ଣ୍ଣୟ ନିଅନ୍ତୁ, କଳିଙ୍ଗାଧିପତି", ଏହି ବାର୍ତ୍ତା ପ୍ରଦାନ କରି ଗୁପ୍ତଚର ମୁଖ୍ୟ ସେନାପତିଙ୍କ ମୁହଁକୁ ଚାହିଁ ରହିଲେ।

ମହାସେନାନୀ ଏହି ସମୟରେ କିଛି ସେନାପତି କଳିଙ୍ଗାଧିପତିଙ୍କୁ ପଚାରିଲେ।

"ମହାରାଜ, ମଗଧକୁ ଦୁଇ ଦିଗରୁ ଆକ୍ରମଣ ହେଲେ, ମଗଧ ଅଧିକ ଦୁର୍ବଳ ହେବ ଏବଂ ଆମକୁ ଯୁଦ୍ଧରେ ଜୟଲାଭ କରିବା ସହଜସାଧ୍ୟ ହେବ। ଆପଣଙ୍କ ମତାମତକୁ ସ୍ୱାଗତ କରୁଛି।" ଏତିକି କହି ମହାସେନାନୀ ଚୁପ୍ ହୋଇଗଲେ।

ପ୍ରତ୍ୟୁତ୍ପନ୍ନମତି ସେନାପତି କଳିଙ୍ଗାଧିପତି ଯୁଦ୍ଧବେଶରେ ଥାଇ ଉତ୍ତର ଦେବାକୁ ମୁହୂର୍ତ୍ତେ ବି ବିଳମ୍ବ କଲେନାହିଁ। ଏହି ବିଷମ ପରିସ୍ଥିତିରେ କଅଣ କରାଯିବ, ତାଙ୍କ ମନରେ ପୂର୍ବକଳ୍ପିତ ହୋଇଥିବା ପରି ଲାଗିଲା।

"କଅଣ କହୁଛ ? ଶତ୍ରୁର ଶତ୍ରୁ ଆମର ମିତ୍ର ? ଏହି ଯବନ ଆମର ମିତ୍ର ଭାବରେ ଚିତ୍ରଣ କରି ମହାସେନାନୀ ତୁମେ ତାକୁ ମଗଧ ଆକ୍ରମଣ କରିବାର ସୁଯୋଗ ଦେଉଛ ?" ଉଚ୍ଚ ସ୍ୱରରେ ଖାରବେଳ ପ୍ରଶ୍ନକଲେ

ମହାସେନାନୀଙ୍କୁ।

ସେନାପତିଙ୍କ ଉକ୍ତିରେ କ୍ରୋଧର ମାତ୍ର ଶୁଣି ମହାସେନାନୀ ନିରୁତ୍ତର ରହିଲେ।

କଳିଙ୍ଗାଧିପତି କହିବାକୁ ଲାଗିଲେ, "ଭାରତବର୍ଷକୁ ଏହି ଯବନମାନେ କଳୁଷିତ କରୁଛନ୍ତି। ଦଳକୁ ଦଳ ପଶ୍ଚିମଦିଗରୁ ଆସି ଲୁଣ୍ଠନ, ଅସାମାଜିକ କାର୍ଯ୍ୟ ଏବଂ କ୍ଷୁଦ୍ରକ୍ଷୁଦ୍ର ରାଜ୍ୟ ଦଖଲ କରି ଭାରତବର୍ଷର ସଂହତି ନଷ୍ଟ କରିସାରିଲେଣି। ମାନବିକତା ଆଉ ମନିଷତ୍ୱକୁ ଜଳାଞ୍ଜଳି ଦେଇ ଯବନମାନେ ଭାରତବର୍ଷର ଶତ୍ରୁ ପାଲଟିଛନ୍ତି। ସେମାନଙ୍କର ଭାରତବର୍ଷ ପାଇଁ କୌଣସି ଅନୁକମ୍ପା ନାହିଁ, ବରଂ ଲୁଣ୍ଠନ, ନାରୀ ନିର୍ଯ୍ୟାତନା ଏବଂ ନରସଂହାର। ସେମାନେ ଭାରତବର୍ଷର ଚିରଶତ୍ରୁ।

"ଶତ୍ରୁର ଶତ୍ରୁ ମିତ୍ର ହୋଇପାରେ। କିନ୍ତୁ ମଗଧ ଏବଂ ଡିମିଟ୍ରିୟସ ମଧ୍ୟରେ ଯବନ ଡିମିଟ୍ରିୟସ ଆମର ବିରାଟ ଶତ୍ରୁ। ମଗଧ ବିଷୟ ପଛକୁ ରହୁ, ଆଗ ବିଦେଶୀର ଗତିରୋଧ କର। ଭାରତବର୍ଷରୁ ବିତାଡ଼ିତ କରିବା। କଳିଙ୍ଗ ଚରୁରଙ୍ଗ ସମ୍ମୁଖରେ ଆଗ ଡିମିଟ୍ରି।"

ଏହା ପରେ ସେନାବାହିନୀକୁ ପଶ୍ଚିମମୁଖା ହୋଇ ତୁରନ୍ତ ଯବନବାହିନୀକୁ ଜବତ କରି ଡିମିଟ୍ରିକୁ ଧରି ଆଣିବାକୁ ଆଦେଶ ଦେଲେ କଳିଙ୍ଗାଧିପତି ଖାରବେଳ।

ମହାସେନାନୀ ନିଜ ମାନସିକତାରେ ସର୍ବଭାରତୀୟ ମନୋଭାବର ଅଭାବ ଲକ୍ଷ୍ୟକଲେ। ନିଜ ମନକୁ ଭୟ ଆସିଲା, ଯଦି ଏହି ଅଭିଯାନର ଦାୟିତ୍ୱ କଳିଙ୍ଗାଧିପତି ତାଙ୍କ ହାତରେ ନ୍ୟସ୍ତ କରିଥାଆନ୍ତେ, ସେ ଯବନକୁ ଛାଡ଼ି ମଗଧ ଦିଗରେ ଅଗ୍ରସର ହୋଇଥାଆନ୍ତେ।

ଏହି ପଦକ୍ଷେପ କଳିଙ୍ଗାଧିପତିଙ୍କର ବିଶାଳ ହୃଦୟର ପରିଚୟ ଦିଏ। ସେ ପ୍ରଥମେ ସର୍ବଭାରତୀୟ, ତା ପରେ ହିଁ ଜଣେ କଳିଙ୍ଗ ଅଧିବାସୀ!

ଅଧିକ ବିଳମ୍ବ ନକରି କଳିଙ୍ଗ ମହାସେନାନୀ ଅଶ୍ୱାରୋହଣ କରି ପଶ୍ଚିମକୁ କଳିଙ୍ଗ ଚତୁରଙ୍ଗ ବାହିନୀର ଅନୁଧାବନ କଲେ।

***ସମାରୋହ, ୧୨୮, ଡୁମୁଡୁମା (କ),***
***ଖଣ୍ଡଗିରି, ଭୁବନେଶ୍ୱର-୩୦;***
***ଦୂରଭାଷ: ୯୪୩୮୦୦୭୫୦୯***

୦୦୦

***କ୍ରମଶଃ...***

An unit of
MAGNUM
Shoppers Club (P) Ltd

# S & SSAC
## S & SS Associates & Consultancy



( A unit of Magnum Shoppers Club Pvt. Ltd. )
A single window consultancy service in multiple fields to support and assist you

- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*
*Mob.: + 91 94370 31392, Landline: +91 674 2393692*
*Email: sssassociatesss@gmail.com*
*Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar*




# ଧର୍ମପତ୍ନୀ

**ଡକ୍ଟର ନାରାୟଣ ପଣ୍ଡା**

ମୋ’ ଆୟୁଷ
ତମ ମଥାର ସିନ୍ଦୁର
ତମ ହାତର ଦି’ ମୁଠା ପାଣିକାଚ।

ତମ ରାଗରେ
ପତ୍ରଝରା ଦିଏ
ସପନର ସବୁଜିମା ଗଛ।

ଅନୁରାଗରେ
ମହମହ ବାସୁଥାଏ
ସୂତାଲୁଗାର ପଣତ।
ସଂତାପରେ
କେଇପଦ କଥା
ନିକାଞ୍ଚନ ଅରଣ୍ୟର
ଝରଣାର ଗୀତ।

ଆନନ୍ଦରେ
ଅଧିର ବେଳେ
ତମେ ଗୋଟେ
କୋଇଲିର କୁହୁ।
ପଲକରେ
ପରକୁ ଆପଣାର କରିପାର
ଦେଇ ତମେ ମମତାର ମହୁ।

ହସଖୁସିରେ
ଚଳେଇନିଅ
ଆନମନ କବିର ସଂସାର।
ଅଭିମାନ
ଆଟୋପ ସବୁ
ପାଣିର ଗାର।
ପରଲୋକଗତ
ଅଜାଣତରେ ବେଳେବେଳେ
ଛଳଛଳ ହୋଇଯାଏ ଆଖି।
ସର୍ଜନ ସଂସାର ପାଇଁ
ତମେ ଗୋଟେ ମାନବୀ ନୁହେଁ
ସାକ୍ଷାତ ଦେବୀ।

*ବଉଳପଦା, ବଳରାମପୁର, ଆଠଗଡ଼, କଟକ*
*ପିନ୍-୭୫୪୨୯୫*

# ଆମେ ଏ’ ଯୁଗର ନାରୀ

**ପ୍ରଫୁଲ୍ଲ କୁମାରୀ ରାୟ**

ଆମେ ଏ’ ଯୁଗର ନାରୀ
ଘରକୋଣେ ବସି ଚୁଲ୍ଲୀ ଫୁଙ୍କି ନିତି
ସାରାଦିନ କରି ଘରର ଆଡ଼ତି
ତଥାପି ନୀରବେ ଗଞ୍ଜଣାସହ
ନେତ୍ର ପୋଛୁଥିଲୁ ବାରୀ-
ଆମେ ଏ’ ଯୁଗର ନାରୀ।

ନ’ ସହିବୁ ଆଉ-ଗଲାଣି ସେ’ଦିନ
ନିଜ ବାହୁବଳେ ଚଳି, ବ୍ୟୋମଜାନ
ଭ୍ରମି ସାରାବିଶ୍ୱ ଚନ୍ଦ୍ରରାଜ୍ୟେ ବୁଲି
ଆସୁଛୁ ଆନନ୍ଦେ ଫେରି
ଆମେ ଏ’ ଯୁଗର ନାରୀ।

ଆମେ ଡାକ୍ତର- ଆମେ ଅଧ୍ୟାପିକା
ଓକିଲ, ଯନ୍ତ୍ରୀ, ମନ୍ତ୍ରୀ, ବୈଜ୍ଞାନିକା
ଆମେ ଅଭିନେତ୍ରୀ, ଆମେ ହିଁ ସେବିକା
ମାତା, ଭଗ୍ନୀ, ସହଚରୀ
ଆମେ ଏ’ ଯୁଗର ନାରୀ-

ନାରୀ ନ’ ପାରୁଛି, ନାହିଁ କିଛି କଥା
ପୁରୁଷର ତୁଲେ ସେ’ ବି ସାମରଥା
ରଣକ୍ଷେତ୍ରରେ ଚଣ୍ଡିକା ସେ ତ

ବନ୍ଧୁକ, କମାଣ ଧରି
ଆମେ ଏ' ଯୁଗର ନାରୀ

ପୁରୁଷର ସାଥେ ସମାନ ତାଳରେ
କରୁ ସବୁ କାର୍ଯ୍ୟ, ଦାମ୍ଭିକ ପଣରେ
ଅବଳା, ଦୁର୍ବଳା, ଆକ୍ଷ୍ୟା ଦେଇଣ
ଦିଅନ୍ତି ଦୁର୍ବଳା କରି
ଆମେ ଏ' ଯୁଗର ନାରୀ ।

ଆମ ଭ୍ରମ ଆମେ କରି ସଂଶୋଧନ
ଏଣିକି ଗଢୁଛୁ ନୂତନ ଜୀବନ
କରୁଛୁ ସ୍ୱପ୍ନକୁ ସାକାର ଆମର
କାହାରେ ନ'ଯାଇ ଡରି
ଆମେ ଏ' ଯୁଗର ନାରୀ ।

*ମାର୍ଫତ୍:- ଶ୍ରୀ ଗୋଲକ ଚନ୍ଦ୍ର ରାୟ (ଡିଷ୍ଟ୍ରିକ୍ଟ୍ ଜଜ୍ ରିଟାର୍ଡ୍)*
*ପ୍ଲଟ- ଏ' ୫୫, ରାମେଶ୍ୱର ପାଟଣା,*
*ମାଉସୀମା ଛକ, ଭୁବନେଶ୍ୱର*
*ଦୂରଭାଷ: ୮୭୬୩୮୯୫୭୨୭*

# ପ୍ରକୃତି ମିତ୍ର

**ରମେଶ ପତି**

ସେ ଘରେ ଚକରାର
ଦାନାପାଣି ଶେଷ... !
ଆଗକୁ ଅନେକ ଜୀବନ ପଥ
ଚାଲିବାକୁ ହେବ ।
ବିଲବାଡ଼ି, ଘରଦ୍ୱାର, ଗୋରୁଗାଈ ସବୁ
ନ'କୁ ଛ'ରେ ବିକି
ଅନୀମ ସାଆନ୍ତ ଏବେ
ରାଜଧାନୀ ଯିବେ ।
ପୁଅ ପାଖରେ ରହି
ଅବଶିଷ୍ଟ ଜୀବନ କାଟିବେ... !

ମୁଁ ଭାବୁଥିଲି:
ବିଚରା ଚାକର ବୁଢ଼ାଟା
ବାରଓଳି ଶୁଣ୍ଡିପିଣ୍ଡା ହେବ ।
ବୟସର ସାୟାହ୍ନରେ
ଗୋଡ଼ ଭିଡ଼ି ସଳଖି ଚାଲିବା
ତା' ପାଇଁ ନିହାତି କଠିନ ।



ସେଥିରେ ପୁଣି
ରକ୍ତଚାପ, ମଧୁମେହ ରୋଗ... !

ଆଜିକାଲି ଚକରା ବୁଲିବୁଲି
ନଈବଂଧ କଡ଼େକଡ଼େ
ଅବା ଅନାବାଦି ଅରମା ଭୂଇଁରେ
ଗଛ ଲଗାଉଛି ।
ସେମାନଙ୍କୁ ନିଜର ସଂତାନ ପରି
ଖୁବ୍ ଯତ୍ନ ନେଉଛି ।

ଦେଖ, ସେପଟେ ମଂଦିରକୁ ଲାଗି
ଦଶ ଗୁଂଠ ଅନାବାଦିରେ
ସେ ଲଗେଇଥିବା ଗଛ କେମିତି
ସବୁଜ ଛନ୍ନଛନ୍ନ ହୋଇ
ଆକାଶକୁ ମୁଂଡ ଟେକିଲେଣି... !
ହୁଏତ ଆଉ କିଛିଦିନ ପରେ
ସେମାନଙ୍କ ଶାଖା ପ୍ରଶାଖାମାନଙ୍କରେ
ଭର୍ତ୍ତି ହୋଇଯିବ ହରେକ୍ ଜାତିର
ଫୁଲ ଆଉ ଫଳ ।
ପକ୍ଷୀମାନଂକର କିଚିରି ମିଚିରି ଶବ୍ଦରେ
ସେ ଭୁଲି ଯାଇଛି
ନିଜର 'ନିଃସଂଗ ଜୀବନ ଯାତ୍ରା' ।
କେବେଠୁଁ ପାଶୋରି ସାରିଛି
ଅତୀତରେ ଲଂଘି ଆସିଥିବା
ଦୁଃଖର ସମୁଦ୍ର ।

ଏଇ କିଛି ଦିନ ତଳେ
ଜିଲ୍ଲାପାଳଂକ ସହ ଆସିଥିଲେ
ଅନାମ ସାଆନ୍ତ ।
ସବୁଜମା ଗଛମାନଂକୁ ଦେଖି
ଚକରାକୁ ଦେଇଥିଲେ ପାଂଚଶହ ଟଂକା ।

ଅଗଷ୍ଟ ପନ୍ଦରରେ ତ୍ରିରଙ୍ଗା ଉଡ଼ାଇ
ପଞ୍ଚାୟତ ଅଫିସ୍‌ରେ
ଲଡୁ ବାଂଟୁଥିଲେ ସରପଞ୍ଚ ବାବୁ ।
ବୃକ୍ଷ ରୋପଣ ପାଇଁ
ରାଜ୍ୟସ୍ତରରେ
'ପ୍ରକୃତି ମିତ୍ର' ପୁରସ୍କାର ପାଇଛଂତି
ଆମ ଗାଁ'ର ଜମିଦାର
ଅନାମ ସାଆନ୍ତ ।

*ସା-ଗୋବିନ୍ଦପୁର, ପୋ- ଜାହାନପୁର, ଭାୟା-ଦେବୀଦ୍ୱାର,*
*ଜିଲ୍ଲା-ଯାଜପୁର, ପିନ୍-୭୫୫୦୦୭*
*ଦୂରଭାଷ: ୯୪୩୮୪୫୨୦୪୦*

# ସଂଦିଗ୍ଧ ପଥ

**ପ୍ରଭା ପଟ୍ଟନାୟକ**

ଛଳନାର ବଳୟରୁ
ଖୋଲି ମୁଁ ନିଜକୁ
ଛାତିତଳ ଅନ୍ଧାରରେ ଲୁଚାଇ ରଖି
ସମସ୍ତ ଦ୍ୱନ୍ଦ ଓ ଅନୁଶୋଚନାକୁ
ଉପେକ୍ଷା କରି-
ଅନେକ ପ୍ରତୀକ୍ଷା ଓ ଅନୁରାଗକୁ'
ବାଛିନେଲି ରାସ୍ତାଟିଏ
ଆଦି ଅନ୍ତ ନ ଜାଣି,
ଭୃକ୍ଷେପ କରି ଦୂରତ୍ୱର ସଂକେତ ମାନଙ୍କୁ
ମାପିନେଲି ଜୀବନର ସହଜ ସୂତ୍ରରେ
କେଉଁ ଦ୍ୱୀପ କି ଅବା ଅରଣ୍ୟ
ଏକନିଷ୍ଠ ଦୂରନ୍ତ ଯାତ୍ରାର,
ଭାବିଥିଲି ଫୁଲମାନେ ରଂଗ ଢାଳୁଥିବେ,
ସବୁ ରଂଗ ଏକତ୍ରିତ ହୋଇ
ଆକାଶ ପୃଥିବୀ ସାରା
ମାୟା ରଚୁଥିବେ,
ସେ ମାୟାରେ ଆଚ୍ଛନ୍ନ ହୋଇ
ଜୀବନର କ୍ଳାନ୍ତି ହଜିଯିବ
ମେଘର ପଣତ ଛାଇରେ,
ସକାଳର ଶୁଭ୍ରତାରୁ ରୋମାଞ୍ଚ
ଓ ମଧ୍ୟାହ୍ନ ଅସ୍ଥିରତାକୁ
ଆପଣାର କରି,
ଅରଣ୍ୟ ହୋଇଥିବ ଧ୍ୱନିମୟ,
ଅପରାହ୍ନର ରଂଗ ମାଖି
ଝରଣାର ମୁକୁରରେ ମୁହଁ ଦେଖୁଥିବ,
ପକ୍ଷୀମାନେ ଗାଉଥିବେ ପ୍ରତ୍ୟୟର ଗୀତ
ସୂର୍ଯ୍ୟାସ୍ତର ସୁନେଲୀ ମହକ ଭିଜା
ସନ୍ଧ୍ୟାର ଆସରେ।

ଅନ୍ଧାର ଆସିଲେ
ସବୁ ପୁଣି ଅନ୍ତର୍ଦ୍ଧାନ ହେବେ
ଅହଂକାର, ଅଭିମାନ
ଯେତେ ମୋର ଆତ୍ମ ସମର୍ପଣ,
ପ୍ରତିଧ୍ୱନି ହୋଇ ଉଚ୍ଚାରିତ ହେବ ମୋର
ବହୁବିଧ ସ୍ୱପ୍ନ।
ବିନା ସ୍ପର୍ଶରେ,
ସ୍ପର୍ଶାୟିତ ହେବ- ଚନ୍ଦ୍ରବତୀ ରାତି,
ଦୂରତ୍ୱ ପାଲଟିଯିବ ପାଦଶବ୍ଦ ତ
ଶବ୍ଦମାନେ କ୍ରମେ ରାସ୍ତା ପାଲଟିବେ,

ସେ ରାସ୍ତାରେ କିନ୍ତୁ ସଂପୂର୍ଣ୍ଣ ମୁଁ ଏକା
ମୋ ବ୍ୟତୀତ କେହି ନାହିଁ,
ଠାଏ ଠାଏ ତୁମର ପ୍ରତିଶ୍ରୁତି,
ପ୍ରତାରଣାର ଛାଇ,
ଅନ୍ଧାର ମିଶା ଆଲୋକରେ
ଚିକ୍ ଚିକ୍ କରୁଥାଏ
ଅସ୍ତବ୍ୟସ୍ତ ଜୀବନର ମୁହୂର୍ତ୍ତ କେତୋଟି
ଅଙ୍କାବଙ୍କା ଦୁଃଖର ଗାର
ପାଦ ବଢ଼ଉ ବଢ଼ଉ, ସେ ପାଖରେ
ନିଃସଙ୍ଗତାର ନିର୍ଜନତାର ସ୍ୱର,
ମୋ ହୃଦୟର ସ୍ୱର ସହ ତାଳଦେଇ
ଚାଲିବାର ପାଇଁ
ଜୀବନର ସଂଦିଗ୍ଧ ପଥରେ।

*ସି.ଡି.ଏ., କଟକ*
*ଦୂରଭାଷ: ୭୬୦୯୦୭୪୦୨୮*

# ଆପାର୍ଟମେଂଟ୍ ଝିଅ

**ବିଦ୍ୟାଧର ଷଡ଼ଙ୍ଗୀ**

ସ୍ୱପ୍ନ ଦେଖିବାଆଗରୁ
ସ୍ୱପ୍ନମାନେ ମୁହଁରେ, ମୁହଁରେ।

କିଛି ବୋଲି କିଛି ଖୋଜିବାକୁନଥାଏ
ଯାହାଯେମିତି ସବୁ ଥାଏ
ଥାକରେ, ଆଲମିରାରେ, ଡାଇନିଙ୍ଗରେ,
ଡ୍ରଇଁରୁମ୍‌ରେ।

ଝାଳ କଣ, ଲୁହ କଣ ଜାଣେନି ସେ
ତା' ଚାରିକଡ଼ ଘୁରିବୁଲୁଥାଏ ସୁଖ
ପ୍ରଜାପତି ପରି

ଲାଗୁଥାଏ ସେ ହିଁ ଗୋଟେ ଫୁଲଝରି।

ତା' ବାପାଙ୍କ ଖାତିର
ଏମିତି ଯେ-
ଋତୁମାନେ ବି ଭୟକରନ୍ତି
ଦୁଆର ମାଡ଼ିବାକୁ
ବାପା ବି ଜାଣନ୍ତି
ବର୍ଷାକୁ ଝିଅର ଏଲର୍ଜି / ଝରକାର
କାଚଗ୍ଲାସ ଭିତରୁ ବର୍ଷାକୁ ଦେଖିବାପାଇଁ
ଗାଁ ଛାଡ଼ି ସହର ଆସିଛନ୍ତି।
ଗରମକୁ ଅନୁଭବ କରିବାକୁ ଦେଇନାହାଁନ୍ତି ଖରାରେ
ଚବିଶି ଘଂଟା ଏ.ସି.
ଶୀତ ତ ଗୋଟାପଣେ ସ୍ମୃତି
ରୁମହିଟରରେ ହିଟ୍ ଏକଦମ୍ ବଡି,
ଆଉ ଘରସାରା ସବୁବେଳେ ବସନ୍ତର ଲହରୀ
ଆଲବମଗୀତ ପରି
ଯା' ଭିତରେ ସବୁଅଛି କହି
ଧରେଇ ଦେଇଛନ୍ତି ପରାକ୍ରମୀ ବାପା ତା'ର
ତା' ହାତରେ ବନ୍ଦୀ ଛୋଟ ଏକ ପୃଥିବୀ,
ମୋବାଇଲ ପରି।

ତଥାପି
ଆପାର୍ଟମେଂଟ୍ ଝିଅ
ଘରୁ ଗୋଡ଼କାଢ଼ିଲେ ସ୍କୁଟିପେପ୍‌ରେ
ଜଣା ନଥାଏ କୁଆଡ଼େ ଉଡ଼ିଯାଏ
ଠିକଣା ନଥିବା ପକ୍ଷୀପରି ଆଉ
ଜଲ୍‌ଦି ଫେରିଲେ ତ
ବୈଶାଖର ବର୍ଷା ପରି।

ସେତ ରୂପରେ ମଧୁର ମାଧୁରୀ
ବଜାର ଆଖିର ଝଲମଲ ଷ୍ଟେସ୍‌ନାରୀ
ପରୀ ରାଇଜର ପରୀ ପରି
ଥାଏ ଘରକରି
ଆଃ....................
ସୁକୁମାରୀ, ସ୍ୱପ୍ନସୁନ୍ଦରୀ
ଦେଖିଦେଲେ ଲାଗୁଥାଏ
ନିହାତି ବଜାରି।

*ଜିଲ୍ଲା ଜର୍ଜକୋର୍ଟ, ଭଂଜନଗର, ଗଂଜାମ-୭୬୧୧୨୬*
*ଦୂରଭାଷ: ୯୬୬୮୫୧୫୧୩୧*

# ବାପାର ଝିଅ

**ଚକ୍ରଧର ସାହୁ**

ଏବେ... କେବେ କେବେ
ତୋ' ଭାରୀପାଦ ପଡ଼ିଗଲେ ଘରେ
ପାଉଁଜି ଝଙ୍କାର ତାଳେ
ମାହୋଲ କୁରୁଳି ଉଠେ
ଆନନ୍ଦର ଶଙ୍ଖ, ହୁଳହୁଳି ଶବ୍ଦେ
ଦାଣ୍ଡ ଫାଟକରୁ ବାଟ ଦରଜା
ବନ୍ଦ ହୋଇଯାଏ ତଡ଼ିତ୍ ବେଗରେ।

ସଶ୍ରଦ୍ଧ ସମ୍ଭାଷଣରେ
ସବୁ ଆତ୍ମୀୟଙ୍କ ଦ୍ୱାରା
ପାଛୋଟି ନିଆହୁଏ
ନୂଆ ନୂଆରେ ସଜା ହୋଇଥିବା
ନିଜସ୍ୱ ଭାବରେ ରଙ୍ଗାଇଥିବା
ଅତିଥିଶାଳାକୁ।

ତୁ ଥାଉ ଯେତେଦିନ
ମହୁଫେଣା ହୋଇଥାଉ ମହୁମାଛିଙ୍କର
ତୋ' ପାଖେ ମେଳା
ତୋ' ପାଖେ ଖେଳା
ଅବିରତ ଲାଗିଥାଏ ଧରି ଦିନ ଦିନ
କା' ସମୟେ ଲାଗେ ନାହିଁ
ଆଳସ୍ୟର ଜଙ୍କ୍
ବରଂ ସର୍ବେ ସତେଜ ଥାଆନ୍ତି
ଦୁଃଖ ଫିଙ୍ଗି ସୁଖ ସବୁ
ଏକାଠି କରନ୍ତି ମହୋଲ୍ଲାସେ।

ତୁ ଥିଲେଇ ନିତି ନୂଆ ମେନ୍ୟୁ
ପ୍ରତି ବକତର
ରୋଗୀଣା ମା' ଝାଡ଼ି ଝୁଡ଼ି ଉଠେ
ନେତ୍ରୀ ହୋଇ ବୋହୂ ମାନଙ୍କର
ବୟସ୍କ ବାପାର ଯୁବତ୍ୱ ଫେରେ ଯେ
ଧାଁ ଧପଡ଼େ ଆଣେ ଦେଶୀ ମାଛ
ଅହୋରାତ୍ର ଭୋଜି ପାଇଁ ଖାଣ୍ଟି ଖାସି ମାଂସ
ଭାଉଜେ ପରଷି ଦ୍ୟନ୍ତି
ସୁଆଦେ ସରାଗ ବୋଳି
ଜଳଖିଆ ସଂଜ ସକାଳର

ବୋହୂଯାକ ପାଇଁ ତ ଅମୃତ
ଅଦିନିଆ ବୋଲି।

ତୁ ଥାଉ ସବୁରି ସାଥେ
ହେଉ ଆତଯାତ
ତୋ' ବାପାଟି କିନ୍ତୁ
ଲକ୍ଷ୍ୟ ରଖିଥାଏ ଅହର୍ନିଶି
ତୋ' ସ୍ଥିତି, ସ୍ମୃତିକୁ
ଦୁଇଟି ଚକ୍ଷୁରେ
ସମୟ କ୍ଷୀଣ ନା.....
ଫୁର୍ କରି ଉଡ଼ିଯିବା ହିଁ ନିଶ୍ଚିତ
ଦେଶାନ୍ତରୀ ବିଦେଶୀ ପକ୍ଷିଣୀ
ଅନେକ ଋତୁ ସରିଗଲେ।

କି ଅବା ଦେଖି ନପାରେ ବାପା
ପିଲାବେଳ ଧୂଳିଖେଳ
ଠେକୁଆ କାନି ମୁଣ୍ଡ
ଦି'ପଟେ ରବର ବନ୍ଧା ଦି' ଚୁଟ୍‌କିର
ଆଉ ନୂଆ ଡ୍ରେସ୍ ଜୋତା ପିନ୍ଧି
ପହିଲି ସ୍କୁଲ୍ ଯିବା
ପୁଣି ନୂଆ ସାଇକେଲ୍ ଚଢ଼ି
ବୋର୍ଡ଼ ପରୀକ୍ଷାକୁ ଗଲାବେଳେ
ବାରମ୍ବାର ଚେନ୍ ଫିଟୁଥିବା
ଦଦରା ସାଇକେଲ୍ ଧରି
ତୋ' ପଛେ ତା' ଧପାଳିବା କଥା
ସବ୍‌କୁ ଦେଖିପାରେ।

ଏଇ ଏବେ ଏବେ ତ ଆସିଲୁ
ଭାରୀ ପାଦେ ପାଉଁଜି ବଜାଇ
କୁନି ପୁଅ ଦମ୍ଭରେ କାଖେଇ
ହେଲେ ବାପା ଶୁଣୁଛନ୍ତି
ସେଇ ପଁ ପଁ ଜୋତା ଶବ୍ଦକୁ
ସତେ କୁନି ଝିଅ ତାଙ୍କ
ଦେଖୁଛନ୍ତି, ଚାଲୁଛି ସେ
କାଖେ ଧରି ବଡ଼ ଏକ ଟେଡି।

ଝିଅ ପରଘରୀ ସତ
ସଦା ବସା ବାପା ହୃଦୟରେ
ସୁଖେ ତୋ' ଆଶ୍ୱସ୍ତି ଲଭେ
ଦୁଃଖେ ଘନ ଘନ ଦୀର୍ଘଶ୍ୱାସ



ପ୍ରଣିପାତ କରେ ଈଶ୍ୱରଙ୍କୁ
ଗୁହାରୀ ସର୍ବମଙ୍ଗଳ ତୋର
କାମନା ପୂର୍ତ୍ତି ଉଦ୍ଦେଶ୍ୟ ମନ୍ଦିର ଦୁଆରେ
ମଥା ପୁଣି ପିଟେ ବାରମ୍ବାର।

ତୁ ବିଦା ହେବା ଦିନ
ଆଖିରେ ତା'
ଅମାନିଆ ଲୁହର ଶ୍ରାବଣ
ବନ୍ଧ ବାଡ଼ ମାନେ ନାହିଁ ଜମା
ଝାପ୍‌ସା କରିଦିଏ ସାରା
ପରିବାର ଦୃଷ୍ଟ୍ୟାନ୍ତର ଯାକେ
ଘରକୁ ଫେରିଲେ ଲାଗେ
ଭରା ଶୂନ୍‌ଶାନ୍
ଉଲ୍ଲାସର ହାଟ ଶେଷ
କିନ୍ତୁ ଚାଲିବାକୁ ହୁଏ ତାକୁ
ଆଶାକୁ କଞ୍ଚେଇ
ଆଶାକୁ ବଞ୍ଚେଇ।

*ଓମ୍ ବିହାର (ଲେନ୍-୨),*
*ହୋଟେଲ୍ ଶ୍ରୀକ୍ଷେତ୍ର ସାମ୍ନା, ଧାଙ୍ଗଡ଼ପଡ଼ା, ଆଟୋପୁର,*
*କେନ୍ଦୁଝର-୭୫୮୦୦୧*
*ଦୂରଭାଷ: ୮୨୪୯୫୦୨୨୧୨*

# ପୁଲକିତ ପ୍ରେମ

**ସୁଜିତ୍ କୁମାର ମିଶ୍ର**

ତମ ତପ ଶେଷ ହେବା ପରେ ତ ଅଗଣାରେ ଏବେ ସୁନେଲି
ସକାଳ,
ଆଖିରେ ଉଜାଣି ଯମୁନା..... ମନ ଆମ୍ର କୁଞ୍ଜବନ,
ଛାତି ତଳେ ଝରଣାର କୁଳୁକୁଳୁ ନାଦ,
ବିଖଣ୍ଡିତ ଆବେଗ ସବୁ ଆହାଃ ଗୀତିମୟ ଛନ୍ଦ ॥

ଏମିତି କାହିଁକି ହୁଏ ଯେ ତମେ ଥିଲେ ଫୁଟନ୍ତି ସବୁ ବାସଫୁଲ ଭାବର
ନଈରେ,
ଜହ୍ନ ଚାଲିଆସେ ମୋ' ହାତମୁଠାକୁ,
ତମ ମୋ' ଆଖିର ତାରାଫୁଲ ସବୁ ଲାଗନ୍ତି ନିଜର ନିଜର,
କୁଆଡ଼େ ପାଖ ପଡ଼ିଶା କହନ୍ତି ଆମ ନିବିଡ଼ତାକୁ ରାଧାକୃଷ୍ଣଙ୍କ
ଯୁଗଳମୂର୍ତ୍ତିର ଅଭିନ୍ନ ଶାଶ୍ୱତ ସ୍ୱର ॥

ଭାବ ପାଇଁ ତ ସବୁ ଦୂର ନିକଟ,
ଅରଣ୍ୟ ବି ପାଲଟିଛି ଚିତ୍ରକରର ଉଚ୍ଛ୍ୱାସ ହାଟ,
ସବୁ ଅନ୍ଧକାର ଭିତରେ ଅବଗାହନ କରିଛି ମୁଁ ଗୋଟିଏ ସୁରିଲା ସତ,
ତମେ ଆଉ ତମ ଆଲୋକିତ ପ୍ରଣୟର ମଧୁର ଉଚ୍ଛ୍ୱାସ,
ତେଣୁ ତ ଯେତେଦୂର ଥାଅ ମନ ଅଗଣା ମୋ' ମହାର୍ଘ ମୁହୂର୍ତ୍ତ ॥

ଅତି ଆପଣାର ବୋଲି ତମେ ମୋ' ଜୀବନ ଦର୍ପଣ,
ହୃଦୟତନ୍ତ୍ରୀର ଯାଦୁକରୀ ଗାୟନ..... ତମେ ସୁଦୂରରୁ ଡାକ
କୁହୁତାନରେ
ମୁଁ ବସନ୍ତ ମୋ' ଭିତରରେ,
ତମେ ଯେବେଠୁ ସଙ୍ଗୀତ ସେବେଠୁ ଏଠି ଶ୍ରାବଣ,
ତମେ ଯେବେଠୁ ରଙ୍ଗ..... ସେବେଠୁ ଏଠି ଫଗୁଣ
ଆମ ମିଠାଲୁହର ଗୀତରେ ଛାତି ନିରନ୍ତର ଛଳଛଳ,
ଦୁହେଁ ଦୁହିଁଙ୍କ ପାଇଁ ତ ସମ୍ବେଦନତାର ସମ୍ବଳ ॥

ତମେ ପୁଲକିତ ପ୍ରେମ ବୋଲି ତ ସେ ପୋଡ଼ା ଅତୀତ ଏବେ କବର,
ଉଜୁଡ଼ା ପବନ ଏବେ ମୃଦୁ ମଳୟ,
ତମେ ଆଜିକାଲି ମୋ' ଭିତରେ ଗୋଟିଏ ଅସରନ୍ତି ଆକର୍ଷଣୀୟ
ଖବର ॥

ପ୍ରେମ ଅଛି ବୋଲି ତ
ତମେ ଆଉ ମୁଁ ଏଯାବତ୍ ଅବିଛିନ୍ନ ନଈର ଦିବ୍ୟ ରସମୟ ଗୀତ ॥

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ଦୂରଭାଷ: ୭୬୮୩୮୬୭୭୪୨*

# ବିଜୟା ଦଶମୀ

**ସୌଦାମିନୀ ମିଶ୍ର (ଦାଶ)**

ପ୍ରଭୁ ରାମଚନ୍ଦ୍ର ପୂଜିଲେ ଦୁର୍ଗାଙ୍କୁ
ଯୁଦ୍ଧରେ ବିଜୟ ପାଇଁ
ଯୁଦ୍ଧେ ଜୟ କଲେ ରାଜା ରାବଣକୁ
ଦେବୀଙ୍କ ଆଶିଷ ପାଇ।
ଆଶ୍ୱିନ ମାସର ଶୁକ୍ଳ ଦଶମୀ ଯେ
ତିଥି ଥିଲା ସେହି ଦିନ
ବିଜୟା ଦଶମୀ ନାମରେ ବିଖ୍ୟାତ୍
ପୂଜିଲେ ଜଗତ ଜନ।
ବିରାଟ ରାଜାଙ୍କ ବିପତ୍ତି କାଳରେ
ଧନୁର୍ଦ୍ଧର ଥିଲେ ତହିଁ
ବୃହନ୍ନଳା ରୂପେ ଯୁଦ୍ଧ କରିଥିଲେ
ଶମୀ ବୃକ୍ଷ୍ୟୁ ଅସ୍ତ୍ର ଦେଇ।
ଯୁଦ୍ଧରେ ବିଜୟ ଲଭିଲେ ଅର୍ଜୁନ
ଉଦ୍ଧାର କଲେ ଗୋମାତା
ବିଜୟା ଦଶମୀ ପାଳିଲେ ଆନନ୍ଦେ
ବିରାଟ ଦେଶ ଜନତା।
ମହିଷାସୁରର ଅତ୍ୟାଚ୍ଚର ବଳେ
ବିଶ୍ୱ ବ୍ରହ୍ମାଣ୍ଡ ଅସ୍ଥିର
ଆଦି ଶକ୍ତି ଦୁର୍ଗା ଦଶଭୁଜା ହୋଇ
ନିଧନ କଲେ ଅସୁର।
ଶରତ ଋତୁର ଶାରଦୀୟ ପର୍ବ
ନାମ ବିଜୟା ଦଶମୀ
ମହା ଆଡ଼ମ୍ବରେ ପୂଜିତ ହୁଅନ୍ତି
ଦେବୀ ମହିଷାମର୍ଦ୍ଦିନୀ।
ଗଙ୍ଗାସ୍ନାନ ପୁଣ୍ୟଫଳ ମିଳିଥାଏ
ଦୁର୍ଗା ପୂଜା କଲେ ଥରେ
ଦଶ ଦୋଷ ପାପ ହରଣ ହୁଅଇ
ଦେବୀଙ୍କ ଆଶୀଷ ଝରେ।

*ସମ୍ପାଦିକା- ନିର୍ଝରିଣୀ ସାହିତ୍ୟ ସଂସଦ*
*ବ୍ରହ୍ମପୁର*
*ଦୂରଭାଷ: ୭୯୭୮୬୧୧୮୦୧*

# ମୁଠାଏ ମାଟି

**ବାସନ୍ତୀ ଦାସ**

ମୁଠାଏ ମାଟିକୁ
ହାତରେ ଧରିଲେ
ଲାଗେ-
ଏ ମାଟିରେ ବି ପ୍ରାଣଅଛି
ଗୋଟାଏ ମୋହଅଛି,
ଏବଂ
ଆମ୍ଭାକୁ ବାନ୍ଧି ରଖିବାକୁ
ଗୋଟାଏ ସୁଗନ୍ଧିତ
ଆକର୍ଷଣ ବି ଅଛି ॥

ଏଇ ମାଟିର ଆଶ୍ରାରେ
ଜୀବନର ଦୀପ ଜଳୁଚି
ଲୋଭ, ମୋହ, ରାଗ, ଘୃଣା

ଓ ଅହଂକାରର
ସ୍ତୁପ ଉପରେ ଠିଆହୋଇ
ମୁଁ ରୂପକ ଅସ୍ତିତ୍ୱଟି
ଚିତ୍କାର କରୁଚି
ଗର୍ବରେ ଫାଟିପଡୁଚି
ଆହ୍ୱାନ ଦେଉଚି
ତାକୁ ସୃଷ୍ଟି କରିଥିବା
ପ୍ରକୃତିକୁ, ଈଶ୍ୱରଙ୍କୁ...
ଦେଖ-
ମୁଁ ଆଜି କେତେ ବଡ଼ହୋଇଚି
ଏପଟେ ସାରୁପତ୍ରରେ
ଢଳଢଳ ଜଳବିନ୍ଦୁ ପରି
ଟଳମଳ ହେଉଚି ଜୀବନ
ଦଲକାଏ ପବନର ଆବାହନରେ
ନିଃଶ୍ୱାସ, ବିଶ୍ୱାସ ସ୍ଥିର ହୋଇଚି
ଜଳ ଜାଣେନା...
ସେ ପବନର ଦୟାରେ ଅଛି ॥

ଯେବେ ସ୍ଥିର ପବନଟି ଅସ୍ଥିର ହେବ
ସେ ଜଳର କଣ ବା
ଅବସ୍ଥା ନହେବ ? ?
ଏବେ ମାନବ ଭିତରେ ହିଁ
ଅହଂକାର ରୂପୀ ଜୀବନ ଖେଳୁଚି
ଈଶ୍ୱରଙ୍କ ନିଃଶ୍ୱାସର
ଦଲକାଏ ପବନରେ କେବେ,
ଭୂମିସାତ୍ ହେବ କିଏବେ ଜାଣିଚି !
ତଥାପି ମଣିଷ ବୋକାପରି
ଡରିଡରି
ମରିବା ପରେବି ଭାବୁଚି
ମୁଁ ଏବେ ବଂଚିଛି ॥

*ସଂ-ଶିଳାଶ୍ରୀ, ଭୀମଟାଙ୍ଗୀ-୧, ପ୍ଲଟ ନଂ.- ୨୩୮୦,*
*ଭୁବନେଶ୍ୱର-୨*
*ଦୂରଭାଷ: ୯୮୫୩୯୯୩୯୯୩*



# ମହାତ୍ମାଜୀଙ୍କ ଅବର୍ତ୍ତମାନରେ

**ଅନସୂୟା ପଣ୍ଡା**

ସବୁଆଡ଼େ ମୋ ଫଟ ଚଷମା ଲାଠି ଛବି
ପ୍ରତ୍ୟୟ ହୁଏ ସ୍ୱଚ୍ଛତା ନାଁରେ
ମୋ ଅନ୍ତର୍ମନର ସ୍ୱଚ୍ଛତା କେଉଁଠି କଅଁଳେନି
ରହିଯାଏ ପ୍ରହସନରେ ସବୁ ବସ୍ତି ସହରର ଶେଷମୁଣ୍ଡରେ ।

ପରିପୃଷ୍ଟ ସୂର୍ଦ୍ଧ୍ୟନ୍ୟଙ୍କ ପରିତ୍ୟାଜ୍ୟ ଆସବାସରେ
ଶୋଷଣର ପୂର୍ଣ୍ଣ ଚିତ୍ର ମହାର୍ହର ଆଢୁଆଳରେ
ମଶାମାନଙ୍କ ଭିଡ଼ରେ, ମାଛିମାନଙ୍କର ଘୁଉଁ... ଘୁଉଁ... ଶବ୍ଦରେ
ଛିଡ଼ା ପଲିଥିନ୍, ଭଙ୍ଗା ଆଜବେଷ୍ଟସ୍ ଛାଉଣିରେ
ଜୀବନ ସଢୁଛି ଏକ ଆବିଳ ପରିବେଶରେ ।

ମୁଁ ବା କ'ଣ କରିପାରିବି ଅପସୃତ ମାନବିକତାର
ନୀତି ଦେଖୁଛି ଅନେକ ଉପେକ୍ଷିତ ଆସର ଆଶାର,
ବିପର୍ଯ୍ୟସ୍ତ କ୍ଲାନ୍ତି ନିଭା କୁଟୀର
ରାସ୍ତା ସଫେଇ ପରେ ପଦ୍ମା ମାଉସୀ ଯାହାକୁ ଘର କହି ଫେରେ
ସେ ଏକ ଅସ୍ୱଚ୍ଛ ଅନ୍ତହୀନ ଝଞ୍ଜାନଳ ଜୀବନ ।

ଅଧା ତନୁ ଚୀରାଣିରେ, ଅଧ୍ୱଶ୍ରାନ୍ତ ପଥିକଟେ ପରି
ସେଠି ଭିନ୍ନ ଏକ ନଶ୍ୱର ନର୍କ ବିଳିବିଳୋଉ ଥାଏ
ଶୋଷଣର ମହାପର୍ବପରେ ତୁଚ୍ଛା ପ୍ରତିଶ୍ରୁତି
ମୁଁ ମୋ ଉତ୍ତରୀୟ ଖଣ୍ଡକ ବି ପାରେନି ବଢ଼େଇ
କେବଳ ନିଗାଢ଼େ ତୁମପରି ପ୍ରୀତିର ଅଶ୍ରୁ ମୁନ୍ଦାଏ ।

ବୀତସ୍ପୃହ ଜୀବନକୁ ସ୍ରୋତର ଭଉଁରୀରେ ଦେଖି
ସ୍ୱର୍ଗ କରି ତୋଳିବାର ସ୍ୱପ୍ନ ଏ ଧରାର ଚିତ୍ରପଟ ବିଦାରେ ଆତ୍ମାକୁ
ଅନର୍ହ ଅପତ୍ୟଙ୍କ କୁଛ୍ର ଅଦିଶା ଦେଖି
କେବେ ପଙ୍କ ଫିଙ୍ଗାଫିଙ୍ଗି, କେବେ ନାରାବାଜି
କେବେ ଅଣ୍ଡା ମାଡ଼, କେବେ ରାସ୍ତା ରୋକ ।

ଯୋଜନାର ଘୁଷ୍ ନିର୍ବାଚନ ଟଣାଓଟରାରେ
ପଙ୍ଗୁ ଅଥର୍ବ ସମାଜ ସର୍ଜନାର ସଂକଳ୍ପରେ
ଅହରହ ତିଆରନ୍ତି ଚକ୍ରବ୍ୟୂହ ସ୍ୱେଚ୍ଛାଚାରିତାର
ନିର୍ବିମ ମୁଁ ଦେଖି ଦେଖି ଅପଚାର, ଅନ୍ୟାୟ ଚିରାଳ
ପ୍ରବଞ୍ଚନାମୟ ଷଡ଼ଯନ୍ତ୍ର ପ୍ରଲମ୍ବିତ ଯେହ୍ନେ ମହାକାଳ ।

*୫-ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା,*
*ସମ୍ବଲପୁର-୭୬୮୦୧୮*
*ଦୂରଭାଷ: ୯୪୩୯୨୧୧୯୭୧*

ରମ୍ୟରଚନା

# ନିର୍ବାଚନ ପରେ

ଡାଃ ସୁରେନ୍ଦ୍ର ନାଥ ପତି

ଏବେ ସାରା ରାଜ୍ୟରେ ନିର୍ବାଚନର ମାହୋଲ । ପାଖାପାଖି ବର୍ଷେ ହେବ ବିଭିନ୍ନ ରାଜନୈତିକ ଦଳର କର୍ମୀମାନେ ଘୋ ଘା କରି ଛକ ଜାଗାମାନ କମ୍ପାଉଛନ୍ତି । ତାଙ୍କ ସମର୍ଥକମାନଙ୍କୁ ଓ ଯେଉଁମାନେ କିଛି ଜାଣନ୍ତି ନାହିଁ, ମାନେ, ନିରପେକ୍ଷମାନଙ୍କୁ ଭିଡ଼ି ଓଟାରି ଅଟକାଇ ସଭା ସବୁ କରୁଛନ୍ତି । ଆମ ଦଳର ଚିହ୍ନ "ଗ୍ରାଇଣ୍ଡର" ଚିହ୍ନ । ଆମର ନେତା ଅମୁକ ବାବୁ, ବିଶିଷ୍ଟ ଶିକ୍ଷାବିତ୍, ସାଧୁ, ସଚ୍ଚୋଟ, ଧର୍ମ-ନିରପେକ୍ଷ, ଦୀନ ଦରିଦ୍ରଙ୍କର ସେବକ; ଏଥର ନେତା ଅମୁକ ବାବୁ, ବିଶିଷ୍ଟ ଶିକ୍ଷାବିତ୍, ସାଧୁ, ସଚ୍ଚୋଟ, ଧର୍ମ-ନିରପେକ୍ଷ, ଦୀନ ଦରିଦ୍ରଙ୍କର ସେବକ; ଏଥର ପ୍ରଥମ କରି ନିର୍ବାଚନ ରଣାଙ୍ଗନରେ ଉଠିଛନ୍ତି ସେ ମହୋଦୟ । ବହୁ ଦରମା ଦିଆ ସରକାରୀ ଚାକିରୀକୁ ତୁଚ୍ଛ ମନେକରି ଜନସାଧାରଣର ସେବା କରିବାକୁ ପ୍ରାଣବଳୀ ମଧ୍ୟ ଦେବା ପାଇଁ ପ୍ରସ୍ତୁତ ହୋଇଛନ୍ତି । ସେ ଆପଣଙ୍କୁ ଭେଟିବା ପାଇଁ ଆସିବେ । ତାଙ୍କର ଚିହ୍ନ ଗ୍ରାଇଣ୍ଡର ଚିହ୍ନ । ସହରଠୁ ଗାଁ ଘରେ ଘରେ ଗ୍ରାଇଣ୍ଡର ବା ମିକ୍ସଚର । ଶିଳ, ଶିଳୁପୁଆ, ଚକି ଓ କାଠି ଦେଖିବାକୁ ମିଳୁନାହିଁ । ଅତି ଅଭାବୀ ଲୋକର ଘରେ ଥାଇପାରେ । ସେ କିନ୍ତୁ ତାକୁ ବ୍ୟବହାର କରୁନାହିଁ । ବିବାହ, ବ୍ରତ କାମରେ ଶୁଭ ଅନୁକୂଳରେ, 'ଜାଇ ରଗଡ଼ିବା' ପାଇଁ ଭଡ଼ାରେ ଦେଉଛି । ଅତ୍ୟାଧୁନିକ ଯୁଗର କଲେଜ ପଢୁଆ ବୋହୂ, ଝିଅମାନେ ରୋଷେଇଶାଳରେ ଗ୍ରାଇଣ୍ଡର ନଥିଲେ ମୁହଁ ମୋଡୁଛନ୍ତି । କିଣିବାକୁ ହେବ । ସେ କଥା ପଛକୁ ଥାଉ । ଗ୍ରାଇଣ୍ଡର ଚିହ୍ନ ଜିନ୍ଦାବାଦ, ଜିନ୍ଦାବାଦ, ଆମେ ଜିତିବୁ; ମା, ଭାଇ, ଭଉଣୀ, ଜେଜେ, ଅଜା, ମାଉସୀ, ପିଉସୀ, ଆଇମାନଙ୍କୁ ମଥାନତ ପ୍ରଣାମ । ଆମକୁ ଜିତାଇ ଦିଅ, ଜିତାଇ ଦିଅ, ତମ ଆପଣଙ୍କ ସେବା କରିବା ପାଇଁ ସୁଯୋଗ ଦିଅ । ଆମେ ପରା ତମ ପୁଅ, ନାତି ପରି, ଆମକୁ କୋଳେଇ ନିଅ । ଯାହା ଯାହା ତମର ଦାବୀ ସବୁ ପୂରଣ କରିବୁ, ଧୀରେ ଧୀରେ ଆଗ ପଛ କରି । ତାଙ୍କୁ ହରାଅ, ଏଠାରେ ଦୁଇଟି ପାର୍ଟି । ଗୋଟିଏ ପରେ ଗୋଟିଏ ଯୁବନେତା, କ୍ଲବ ପିଣ୍ଡାରେ ଦେଶାତ୍ମବୋଧ ଗୀତଟିଏ ଗାଇ, ଗାନ୍ଧୀ, ଗୋପବନ୍ଧୁଙ୍କୁ ପ୍ରଣାମ କରି ଭାଷଣ ଦେଲା, ସ୍ୱରରେ ଦମ୍ ନଥିବାରୁ ମା, ଭଉଣୀମାନେ କିଛି ବୁଝିପାରିଲେ ନାହିଁ, ପରସ୍ପର ଆଡ଼କୁ ଚାହିଁଲେ । ପଛପଟୁ ଧୂଆଁ ଉଠିବାରୁ ରୋଷେଇବାସ ଚାଲିଥିବା ଜଣାପଡ଼ିଲା । ବୟସ୍କ ନେତା ଜଣେ, ସଭାସାଙ୍ଗ କରି, ପତ୍ର ପଡ଼ିଥିବା ସ୍ଥାନରେ ଜଣ ଜଣ କରି ବସି, ଯତ୍ କିଞ୍ଚିତ ମଧ୍ୟାହ୍ନ ଭୋଜନ କରିବା ପାଇଁ ସମସ୍ତଙ୍କୁ ହାତଯୋଡ଼ି ନିମନ୍ତ୍ରଣ କଲେ । ସବୁ ପୁରୁଷ ଓ ପିଲାଏ ବସିଲେ, ସ୍ତ୍ରୀ ଲୋକମାନେ ଲାଜରେ ମୁହଁରେ ଲୁଗାଦେଇ ଆ ମଁ ନାନୀ, ଅପା କହି ଗାଁ'କୁ ଚାଲିଗଲେ । ଆମେ କ'ଣ ଘରେ ଭାତ ରାନ୍ଧିନୁ କି, ଗାଁ ମୁଣ୍ଡରେ ବସି ଖାଇବୁ !! ତା'ପରେ ଶୁଣାଗଲା ବାଇକ୍, ସ୍କୁଟରର ଶବ୍ଦ, ସାଇକେଲରେ କିଏ କୁଆଡ଼େ ସବୁ ପଳାଇଲେ । ସଂଧ୍ୟାବେଳକୁ ଠାଏ ଠାଏ ଲୋକେ କଥାବାର୍ତ୍ତା ହେଉଥାନ୍ତି, ଏଇ ପୁଣି କ'ଣ ? ପାଞ୍ଚବର୍ଷ ହେଲା ନଥିଲା, ପୁଣି ଭୋଟ ନାଟ ଆଇଲା । ଯାହାକୁ ଜିତାଇଥିଲୁ ସେ ତ' ଭୁବନେଶ୍ୱରରେ ଘର କରି ରହିଲା, ଦିନେ ତ ଯାଡ଼କୁ ଆଇଲାନି । ଯିଏ ତାକୁ ଭେଟିବାକୁ ଗଲେ, ସାକ୍ଷାତ ଦେଲାନି, ଲୁଚିଲା ଓଲଟି । ଦାବୀ ପୂରଣ କରିବାକୁ କେତେ କଥା ଦେଇଥିଲା, ଫୁସ । ପୁଣି ଗୋଟେ ନୂଆକୁ କାହିଁକି ପଠେଇବୁ, ନହେଲେ ନାଇଁ । ଥୋଡ଼ା ଦିନ ଉତ୍ତାରେ ଆଉ ଗୋଟେ ଗାଁ ଆଡୁ ମାଇକ୍ର ଆୱାଜ ଶୁଭିଲା । କଣ କଥା ବୋଲି ଏ ପଟର ଦୁଇଚାରିଟା ପିଲା ଧାଇଁଲେ । ସେଠି ବି' ସଭା ହେଉଚି । ନିର୍ବାଚନ ପ୍ରଚାର । ସାମିଆନା ଲାଗିଛି, ଧୋବଧାଉଳିଆ ଲୋକ ବସିଛନ୍ତି, ଖଟ ପକାଇ ପେଣ୍ଡାଲ, ଚେୟାର ଟେବୁଲ, ପାଣି ବୋତଲ, ଥଣ୍ଡାପାନୀୟ ଥୁଆ ଜଣେ ବକ୍ତା କହୁଛନ୍ତି- ଭାଇ ଓ ଭଉଣୀମାନେ, କେଜେ, ଜେଜେମା, ଅଜା ଆଇମାନେ, ନମସ୍କାର, ପ୍ରଣାମ, ଜୁହାର । ଆପଣଙ୍କୁ ଦେଖିବାକୁ ଆସିଚୁ, କେମିତି ଅଛନ୍ତି ଆପଣମାନେ ? ଆବହାୱାରୁ ଯାହା ଜଣାପଡୁଚି, ସବୁ ଭଲ ଆମର ନେତା, କଂକ୍ରିଟ ରାସ୍ତା କରିଦେଇଛନ୍ତି, ହର ଘର ଦୁଆର ମୁହଁରେ ପାଣି ପାଇପ, ଘରେ ଘରେ ବିଜୁଳିବତୀ, ବେକାର କେହି ନାହାନ୍ତି, ଆଜି ଛୁଟି ବୋଲି ଆମେ ଆସିଚୁ, ସମସ୍ତଙ୍କୁ ଆଗରୁ ଖବର କରିଥିଲୁ । ଆପଣମାନେ ଜାଣନ୍ତି ଭୋଟ ଆଉ ଖୁବ୍ କମ୍

ଦିନ ରହିଲା, ଆଗ ଅପେକ୍ଷା ଶୀଘ୍ର ବି ହୋଇପାରେ। ଆପଣଙ୍କୁ ପ୍ରସ୍ତୁତ ରହିବାକୁ କହିବାକୁ ଆସିବୁ। ଏଥର ଆମର ନୂଆ ପ୍ରାର୍ଥୀ ଠିଆ ହେବେ, ହାଇକମାଣ୍ଡ ତାଙ୍କ ନାଁ ଘୋଷଣା କରିବେ, ସ୍ଥିର ହୋଇସାରିଚି, କିନ୍ତୁ ଚିହ୍ନ ପୁରୁଣା, ସେଇ "ମୋବାଇଲ ଫୋନ୍" ଯାହା ଘରେ ଘରେ ବ୍ୟବହାର ହେଲାଣି, ଟୋକା, ବୁଢ଼ା, ଟ୍ରଲିବାଲା ହାତରେ ବି' ଫୋନ୍, ଛୁଆ ମୋବାଇଲରେ ଛବି ନ ଦେଖିଲେ ଖାଉନାହାଁ। ବୁଢ଼ୀ ମା' ଗୀତ ନଶୁଣିଲେ ଶୋଉନାହାଁ। ସେଇ ଚିହ୍ନ, କିନ୍ତୁ ଅଲଗା କ୍ୟାଣ୍ଡିଡେଟ। ଦଳ ପୁରୁଣା, ଆମେ ପୁରୁଣା, ଆପଣମାନେ କେବଳ ମୋବାଇଲ ଚିହ୍ନରେ ଟିପିବେ। ଏତିକି ଅନୁରୋଧ... ହଠାତ୍ ଏକ କାରର ହର୍ଣ୍ଣ ଶୁଭିଲା, ସାମନାରେ ଅଟକିବାରୁ ଜଣେ ଗଗଲସ୍ ପରିହିତ ଦୀର୍ଘ, ଗୌରକାୟ ଯୁବକ ବାହାରି ଆସିଲେ, ପଛରେ ଦୁଇଜଣ ୟୁନିଫର୍ମ ପିନ୍ଧା ଯୁବକ, ସିକ୍ୟୁରିଟି ହେବେକି କଣ ! ସାଙ୍ଗେ ସାଙ୍ଗେ କର୍ମୀମାନେ ଗୋଟିଏ ମୋଟା ଫୁଲମାଳ ତାଙ୍କ ଗଳାରେ ଲମ୍ବାଇ ଦେଲେ ସ୍ଲୋଗାନ ଦିଆଗଲା, ଆମର ନେତା ଅମୁକ ଭାଇ, ଜିନ୍ଦାବାଦ, ଜିନ୍ଦାବାଦ, ସିଏ ଜିତିବେ, ଆମର ଚିହ୍ନ ମୋବାଇଲ ଫୋନ୍, ନେତା ଯାଇ ଆସନ ଗ୍ରହଣ କଲେ। ସାଥୀମାନଙ୍କ ସହ ଗପସପ କଲେ, ମାଇକ୍ ପାଖକୁ ଉଠିଗଲେ, "ନମସ୍କାର, ପ୍ରଣାମ, ଜୁହାର ଆଜ୍ଞା, ମା', ଭଉଣୀ, ଭାଇମାନେ, ମୁଁ ଆପଣଙ୍କ ଅଞ୍ଚଳକୁ ନୂଆ ଆଜ୍ଞା, କିନ୍ତୁ ନେତୃତ୍ୱ ନେବାରେ ମୋର ବହୁ ଅଭିଜ୍ଞତା ଅଛି। ଆପଣ ଯାହାଙ୍କୁ ପଠାଇଥିଲେ, ସେ ଦଗାଦେଲେ, କହନ୍ତୁ ଆଉଥରେ ଆପଣଙ୍କୁ ଭେଟିବାକୁ ଆସିଛନ୍ତି କି? ହାଇକମାଣ୍ଡ ତାଙ୍କ ଉପରେ ବହୁତ ଖପ୍ପା, ବହୁ ଯୁବକଙ୍କ ମଧ୍ୟରୁ ମୋତେ ଡାକି କହିଲେ, 'ତମେ ଏଥରକ ଏହି ନିର୍ବାଚନ ମଣ୍ଡଳୀରେ ଠିଆ ହେବ, ଜିତିବା ଦାୟିତ୍ୱ ପାର୍ଟିର, ଯାଅ ଠାଏ ଠାଏ ସଭା ସମିତି କର, ଚିହ୍ନା ପରିଚୟ କର, ଆମର ଚିହ୍ନ "ମୋବାଇଲ୍"। ଆଜ୍ଞାମାନେ ବର୍ତ୍ତମାନ ରାଜ୍ୟସାରା ଆଧୁନିକତାର ହାୱା ବହୁଚି, କିନ୍ତୁ ଆପଣମାନେ ମୁଢ଼ି, ପଖାଳ ଖାଉଛନ୍ତି, ମୁଁ ନିର୍ବାଚିତ ହୋଇଗଲେ ମିଲେଟ୍ (ମାଣ୍ଡିଆ) ଜଳଖିଆ କରିବେ। ଏହି ଜମିରେ ଆପଣ ଚାଷ କରିବେ, ନିଜ ଫଳ ନିଜେ ଖାଇବେ। "କାଳିଆ" ଯୋଜନାରେ ଟଙ୍କା ପାଉଛନ୍ତି, ବଳିଆରେ ବି ପାଇବେ। ମିଶନଶକ୍ତି, ବିଜୁ ପକ୍କା ଘର, ବିଜୁ ସ୍ୱାସ୍ଥ୍ୟ ଯୋଜନା। ଆହୁରି କେତେ କ'ଣ କାର୍ଯ୍ୟକାରୀ ହେବ, ଆପଣଙ୍କ ଗାଁ ମାନଙ୍କରେ। ମତେ ଥରେ ଜିତାଇ ରାଜଧାନୀ ପଠାନ୍ତୁ। ତାଳିମାଡ଼ ହେଲା, ଆମର ନେତା ଅମୁକ ଭାଇ, ଜିନ୍ଦାବାଦ, ଜିନ୍ଦାବାଦ, ଆମେ ଜିତିବା, ମୋବାଇଲ ଜିତିବ। ଏତିକିବେଳେ ଗୋଟିଏ ଡାଲା ମିନିଟ୍ରକ୍ ସଭାସ୍ଥଳରେ ଲାଗିଲା, ନେତା କହିଲେ– ଭାଇ ଓ ଭଉଣୀମାନେ, ଆପଣମାନେ ଧାଡ଼ି କରି ଠିଆ ହେବାକୁ ଅନୁରୋଧ କରୁଚି। ତା'ପରେ ସେମାନଙ୍କୁ ପେପର ପ୍ଲେଟ ଧରାଇ ଦିଆଗଲା, ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ସହ ଚିକେନ୍ ତରକାରୀ ବଢ଼ାଗଲା, ସମସ୍ତେ ଆନନ୍ଦରେ ଭୋଜନ ସମାପ୍ତ କରି ପାଣି ପାଉଚରୁ ପାଣି ପିଇ ହାତ ଧୋଇଲେ, ନେତାଙ୍କୁ ଘେରି ବିଶାଳ ଜନତା ଠିଆହେଲେ। ଗ୍ରାମର ସରପଞ୍ଚ ସମସ୍ତଙ୍କ ତରଫରୁ ଉତ୍ତରଦେଲେ, "ମହାଶୟ, ପୂର୍ବ ବିଧାୟକଙ୍କ ଅବହେଳା ଯୋଗୁ ଆମେ ଏଥରକ ଭୋଟ ବର୍ଜନ କରିବୁ ବୋଲି ନିଧାର୍ଯ୍ୟ କରିଥିଲୁ। କିନ୍ତୁ ଏବେ ଆପଣଙ୍କର ବ୍ୟବହାର, ପ୍ରତିଶ୍ରୁତି ଆମର ମନ କିଣିନେଲା, ଆଜି ସମସ୍ତଙ୍କ ତରଫରୁ ମୁଁ ଶପଥ କରୁଛି, "ମୋବାଇଲ" ଚିହ୍ନ ଜିତିବ, ନିଶ୍ଚୟ ଜିତିବ।" ଏପରି ପରିଶ୍ରମ ଆପଣ ଅନ୍ୟ ଗ୍ରାମମାନଙ୍କରେ କରନ୍ତୁ। ମୁଁ ପାର୍ଟି ଅଫିସରେ ଏଠାରୁ ନେତାମାନଙ୍କୁ ନେଇ ଦେଖା କରିବି। ସଭାଭଙ୍ଗର ଘୋଷଣା କରି ସମସ୍ତେ ଚାଲିଗଲେ। କିଛିଦିନ ପରେ ସରପଞ୍ଚ ବାବୁ ତାଙ୍କର ସମର୍ଥକମାନଙ୍କୁ ନେଇ ସହରର ପାର୍ଟି ଅଫିସରେ ପ୍ରାର୍ଥୀ ମହୋଦୟଙ୍କୁ ସାକ୍ଷାତ୍ କଲେ। ଥଣ୍ଡା ପାନୀୟରେ ଆପ୍ୟାୟିତ କଲାପରେ, "ତୁମ ଅଞ୍ଚଳରେ କଣ ସବୁ ଅର୍ଜେଣ୍ଟ କାମ ଅଛି ଲେଖିକରି ରଖ, ମୁଁ ନିର୍ବାଚିତ ହେବାପରେ ଭେଟିବ।" ସୁରୁଖୁରୁରେ ରାଜ୍ୟରେ ନିର୍ବାଚନ ସରିଲା, ବିଜୟୀ ଏମ୍.ଏଲ୍.ଏ. ମାନେ ରାଜଧାନୀରେ ଏକତ୍ରିତ ହୋଇ ନେତା ନିର୍ବାଚନ କଲେ, ଜଣେ ମୁଖ୍ୟମନ୍ତ୍ରୀ ହୋଇ ଶପଥ ଗ୍ରହଣ କଲାପରେ ଅନ୍ୟ କେତେ ଜଣଙ୍କୁ ନେଇ ମନ୍ତ୍ରୀମଣ୍ଡଳ ଗଠନ କଲେ। ଆମ କହିବା ଅଞ୍ଚଳରେ ଯେଉଁ ଶାସକଦଳର ନେତା ପ୍ରଚାର କରୁଥିଲେ, ସେ ବି' ମନ୍ତ୍ରୀ ହେଲେ। ଟିଭିରେ ତାଙ୍କର ଫଟୋ ବାହାରିଲା। ଖବରକାଗଜ ମାନଙ୍କରେ ଘନଘନ ସମ୍ବର୍ଦ୍ଧନା ନେଉଥିବାର ଫଟୋ ଛପା ହେଲା। ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ଲୋକେ ସମ୍ବର୍ଦ୍ଧନା କଲେ। ହସି ହସି ତାହା ଗ୍ରହଣ କରି ସେମାନଙ୍କ ପିଠି ଥାପୁଡ଼ାଇଲେ ଏମ୍.ଏଲ୍.ଏ.। ଖୁସିବାସିଆ ମାହୋଲରେ ସମସ୍ତେ ମିଠା ଖାଇ ବିଦାୟ ନେଲେ, ପାର୍ଟି ଅଫିସରୁ। ସମୟ ଗଡ଼ି ଚାଲିଲା, ନୂଆ ମନ୍ତ୍ରୀମଣ୍ଡଳ ବହୁ ଉନ୍ନତିମୂଳକ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କଲେ। ଏ ଅଞ୍ଚଳରେ ଏକ ନାଳ ଉପରେ ବ୍ରିଜର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ପ୍ରୋଗ୍ରାମ୍ ଆସିଲା। ନିର୍ଦ୍ଦିଷ୍ଟ ଦିନ ମହାସମାରୋହରେ, ସରକାରୀ ଗାଡ଼ିମେଳରେ ଆମ ମନ୍ତ୍ରୀଙ୍କ କାର ଲାଗିଲା। ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଜୟ ଜୟକାର, ବାଣ, ଆତସବାଜିରେ ସମଗ୍ର ଅଞ୍ଚଳ ସ୍ତବଧ ହୋଇଗଲା, କିଛିକାଳ ପାଇଁ। କେତେ ଲୋକ ମନ୍ତ୍ରୀଙ୍କ ନିକଟତର ହେଲେ। ସେଥିରେ ପୂର୍ବରୁ ସମ୍ବର୍ଦ୍ଧନା ଜଣାଇଥିବା ସରପଞ୍ଚ ମହୋଦୟ ବି ଥିଲେ। ଅତି ପାଖକୁ ଲାଗିଯାଇ, "ଆଜ୍ଞା, ମୋ ବିଧବା ମା'ର ଭତ୍ତା ଦରଖାସ୍ତ, ବି.ଡି.ଓ. ଙ୍କୁ ଟିକିଏ କହି ଦିଅନ୍ତୁ।" ସେ କହିଲେ। ମନ୍ତ୍ରୀ ଚିହ୍ନିଲା ପରି ବଡ଼ ବଡ଼ ଆଖିରେ ଚାହିଁ, ତାଙ୍କୁ ଠେଲି ଦେଇ ଗାଡ଼ିକୁ ଚାଲିଗଲେ। ସରପଞ୍ଚଙ୍କ ଆଖିରୁ ତାଙ୍କ ଅଜାଣତରେ ଦୁଇଟୋପା ଲୁହ ଗଡ଼ିଆସିଲା। ସେ ମନେ ମନେ ଉଚ୍ଚାରଣ କଲେ, ନିର୍ବାଚନ ସରିଲା, କିଏ କାହାକୁ ପଚାରେ। ହାୟରେ ଭୋଟରର ଭାଗ୍ୟ !

*ରେଣୁକା ଏନ୍‌କ୍ଲେଭ, ବଡ଼ଶଙ୍ଖ, ପୁରୀ*
*ଦୂରଭାଷ: ୯୪୩୭୪୯୪୭୭୬*

ତନ୍ମାତ୍ର







# ନୂଆ ଓଡ଼ିଆ ଚଳଚ୍ଚିତ୍ର

### -: ରାମ୍ :-

ଅଭିନେତାରୁ ପ୍ରଯୋଜକ ସାଜିଥିବା ନାୟକ ଅରିନ୍ଦମ ଏବେ ଦର୍ଶକମାନଙ୍କୁ ଭେଟି ଦେଉଛନ୍ତି ତାଙ୍କ ପ୍ରଯୋଜିତ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ରାମ୍'। ଅଶୋକ ପତିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏଇ ଚିତ୍ରଟିରେ ଅରିନ୍ଦମଙ୍କ ସହ ଅଭିନୟରେ ଅଛନ୍ତି ବିଶିଷ୍ଟ ବଲିଉଡ୍ ଅଭିନେତା ରାହୁଲ ଦେବ୍ ଏବଂ ବଙ୍ଗୀୟ ଅଭିନେତ୍ରୀ ରୂପ୍‌ସା ମୂଖୋପାଧ୍ୟାୟ। 'ରାମ' ନାମକରଣ ଦେଖି ଏହାକୁ ଧର୍ମ ସମ୍ବନ୍ଧୀୟ ଚଳଚ୍ଚିତ୍ରର ଭ୍ରମ ସୃଷ୍ଟି କରିବା ଆବଶ୍ୟକ ନାହିଁ କାରଣ ଏହା ସଂପୂର୍ଣ୍ଣ ଭାବରେ ଏକ ସାମାଜିକ ଥ୍ରିଲର। ରନ୍ୱା ଫିଲ୍ମସ ବ୍ୟାନରରେ ନିର୍ମିତ ଏଇ ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ନିଜେ ଅରିନ୍ଦମ। ଚଳଚ୍ଚିତ୍ରଟିର ନିର୍ମାଣରେ ଯେଉଁମାନେ ଅଂଶଗ୍ରହଣ କରିଛନ୍ତି ସେମାନେ ହେଲେ ଚିତ୍ରନାଟ୍ୟ ଓ ସଂଳାପ: ଭରଦ୍ୱାଜ ପଣ୍ଡା, ସଙ୍ଗୀତ: ଅସଦ ନିଜାମ ଓ ଲିଙ୍କନ, କ୍ୟାମେରା: ସୁବ୍ରତ କୁମାର ଖାଟୋଇ, ଗୀତ: ପୁଷ୍ପକ ପରିଡ଼ା, ଆଶୁତୋଷ, କଣ୍ଠଶିଳ୍ପୀ: ହ୍ୟୁମାନ ସାଗର, କୁଳଦୀପ ପଟ୍ଟନାୟକ, ସୋହିନୀ ମିଶ୍ର, ଅସୀମା ପଣ୍ଡା, ସତ୍ୟଜିତ୍ ପ୍ରଧାନ। ଅଭିନୟରେ ଅଛନ୍ତି- ଅରିନ୍ଦମ ରାୟ, ରୂପ୍‌ସା ମୁଖୋପାଧ୍ୟାୟ, ରାହୁଲ ଦେବ, ସ୍ନିଗ୍ଧା ମହାନ୍ତି, ଲୀନା, ଇଜି, ନିକି, ସଙ୍ଗୀତା, ପ୍ରିୟଙ୍କା, କ୍ରିଷ୍ଣା, ବିଜି, ରକ୍ ପାତ୍ର, ସନ୍ତୁ, ରାଜା ଦତ୍ତ, ଜିତୁ ମଙ୍ଗରାଜ ପ୍ରମୁଖ।

### -: କଟକ-ଶେଷରୁ ଆରମ୍ଭ :-

ଅନାସମିସ୍ ପ୍ରଡ଼କ୍ସନ୍ ଓ ଆମରା ଷ୍ଟୁଡ଼ିଓ ଦ୍ୱାରା ପ୍ରୀତମ ସାହୁ ଓ ନବୀନ ଭଣ୍ଡାରୀଙ୍କ ପ୍ରଯୋଜନାରେ ମୁକ୍ତି ପ୍ରତୀକ୍ଷାରେ ଚିତ୍ର 'କଟକ-ଶେଷରୁ ଆରମ୍ଭ'। ଏକ ସତ୍ୟ ଘଟଣା ଉପରେ ଆଧାରିତ ଏହି ଚିତ୍ର କଟକର ଅନାଲୋଚିତ ଦିଗକୁ ଉନ୍ମୋଚନ କରିବ ବୋଲି ନିର୍ଦ୍ଦେଶକ ସୁଧାଂଶୁ ସାହୁ କୁହନ୍ତି। ଏଥିରେ ସିଦ୍ଧାନ୍ତ ମହାପାତ୍ର, ଦେବାଶିଷ ପାତ୍ର, ପ୍ରସନ୍ନଜିତ୍, ଅନୁଚୌଧୁରୀ, ପୁନମ୍, ରିୟା ଦେ, ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ଶ୍ୱେତା ଆଚାର୍ଯ୍ୟ, ପ୍ରଶାନ୍ତ ପାତ୍ର ପ୍ରମୁଖ ଅଭିନୟ କରୁଛନ୍ତି। ସଂଳାପ- ଭରଦ୍ୱାଦ ପଣ୍ଡା, ସଙ୍ଗୀତ- ଅସଦ ନିଜାମ। ଗୀତ- ରଞ୍ଜନ ଦାସ, ପୁଷ୍ପକ ପରିଡ଼ା, କଣ୍ଠ- ହ୍ୟୁମାନ ସାଗର, କୁଳଦୀପ, ଦେବକୃପା, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ। ଏକ ମୌଳିକ କାହାଣୀ ଉପରେ ଆଧାରିତ ଚିତ୍ରଟି। ରିୟାଙ୍କ ନୃତ୍ୟ ଗୀତ ହାଏରେ ମୁଁ ରଙ୍ଗଲତାରେ ବେଶ୍ ଦମ୍‌ଦାର।

### -: ମାଲ୍ୟଗିରି :-

ରେନ୍ ଡ୍ରପ ପିକ୍‌ଚର୍ସ, କିଡ୍‌ସ ଏଣ୍ଟରଟେନ୍‌ମେଣ୍ଟ, ତଥ୍ୟ ପ୍ରଡ଼କ୍ସନ୍ ଓ ବାବୁସାନ ଫିଲ୍ମସ ମିଳିତ ପ୍ରଯୋଜନାରେ ମୁକ୍ତିଲାଭ କରିଛି 'ମାଲ୍ୟଗିରି-କାହାଣୀ ଆରମ୍ଭ' ଚିତ୍ର। ଏହାର ନିର୍ଦ୍ଦେଶକ ଅଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ଏ ଚିତ୍ରରେ ଦୁଇଟି ଯୋଡ଼ି ବାବୁଶାନ-ଶିବାନୀ ଓ ଅମ୍ଳାନ ଦାସ-ସୂର୍ଯ୍ୟମୟୀ ଅଭିନୟ କରିଛନ୍ତି। ବାରିପଦାରେ ଏହି ଚିତ୍ରର ଅନେକାଂଶ ସୁଟିଂ ହୋଇଛି। "ରେଣୁ ରେଣୁ କାକରରେ, ମନ ଓଦା ସରସର କାହା ପାଇଁରେ..." ଗୀତଟି ଗାଇଛନ୍ତି ଅଭିନେତା ବାବୁଶାନ୍ ମହାନ୍ତି ଓ ଅନନ୍ୟା ଶ୍ରୀତମ ନନ୍ଦ। ଗୀତଗୁଡ଼ିକ ମନଛୁଆଁ ହୋଇଛି। ସଂଗୀତ- ଗୌରବ ଆନନ୍ଦ। କ୍ୟାମେରା- ରୁଦ୍ରକାନ୍ତ ସିଂ, କଳା- ସୁରେନ୍ଦ୍ର ସେଠୀ, କାହାଣୀ- ଅମିତ୍ କୁମାର ଦାସ, ସଂପାଦନା- ମାନସ ସାହୁ।

### -: ବାବୁ ଭାଇଜାନ୍-୨ :-

ଆଗାମୀ ୨୦୨୪ରେ ଦର୍ଶକଙ୍କ ପାଖକୁ ଆସିବ ବାୟୋପିକ୍ ଚିତ୍ର ବାବୁ ଭାଇଜାନ୍ ଭାଗ-୨। ବାଲେଶ୍ୱରର ଯୁବକ ଅବଦୁଲ୍ ଅମିନ୍ ଆଲିଆସ୍ ବାବୁଙ୍କ ସଂଘର୍ଷମୟ ଜୀବନ କାହାଣୀକୁ ନେଇ ଏହି ଚିତ୍ରର ଭାଗ-୧ ନିର୍ମିତ ହୋଇଥିବାବେଳେ ଭାଗ-୨ ରେ ମଧ୍ୟ ଏହାର ରୋଚକ ମୋଡ଼ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା ଓ କାହାଣୀ ରଚନାରେ ସନ୍ତୋଷ ନାରାୟଣ ଦାସ ଥିବାବେଳେ ପ୍ରାୟତଃ ଭାଗ-୧ ର ଟିମ୍ ଏଥିରେ ପୁଣିଥରେ ସୁଯୋଗ ପାଇବେ ବୋଲି ଜଣାପଡ଼ିଛି। ଭାଗ-୧ ରେ ଅରିନ୍ଦମଙ୍କ ସହିତ ନାୟିକା ସାଜିଥିଲେ ବୁଲବୁଲି ଶିବାନୀ। ଅନ୍ୟମାନଙ୍କ ମଧ୍ୟରେ ସମରେଶ, ବବି ମିଶ୍ର, ମନୋଜ ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ ଏଥିରେ ଅଭିନୟ କରିଥିଲେ। ଖ୍ୱାଜା ଗରିବ ନୱାଜ୍ ପ୍ରଡ଼କ୍ସନ ନିବେଦିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ତାପସ ସରଘରିଆ।

*ସୌଜନ୍ୟ:- ଚଳଚ୍ଚିତ୍ର ଜଗତ*

**ଖେଳ ଓ ଖେଳାଳୀ**



# କ୍ରୀକେଟ ବିଶ୍ୱକପ୍‌ରେ ଭାରତ

୧୯୭୫ ରେ ପ୍ରଥମ ବିଶ୍ୱକପ୍ ଷାଠିଏ ଓଭର ବିଶିଷ୍ଟ ଏକଦିବସୀୟ ଢାଞ୍ଚାରେ ଆରମ୍ଭ ହେଲାବେଳେ ଟେଷ୍ଟ ଖେଳୁଥିବା ଦେଶମାନଙ୍କ ମଧ୍ୟରେ ବିଶ୍ୱକପ୍ ଦାବୀଦାରଙ୍କ ମଧ୍ୟରେ ଭାରତ ଥିଲା ସବୁଠାରୁ ଅଧିକ ଦୁର୍ବଳତମ। ଅଷ୍ଟ୍ରେଲିଆ, ଇଣ୍ଡିଜ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ କପ୍ ଦାବୀକରିବାରେ ଆଗୁଆ ଥିଲାବେଳେ ଟେଷ୍ଟ କ୍ରୀକେଟ୍‌ରେ ସ୍ପିନ୍‌ରେ ଦବଦବା ଏବଂ ଗାଭାସ୍କର, ବିଶ୍ୱନାଥଙ୍କ ଭଳି ଟାଣୁଆ ବ୍ୟାଟରଙ୍କୁ ନେଇ ଚମକ ସୃଷ୍ଟି କରୁଥିବା ଭାରତୀୟ ଦଳ ଦ୍ରୁତ କ୍ରୀକେଟ୍‌ରେ ଅତ୍ୟନ୍ତ ଦୁର୍ବଳ ଥିଲା। ୧୯୭୯ ରେ ଅନୁଷ୍ଠିତ ଦ୍ୱିତୀୟ ବିଶ୍ୱକପ୍‌ରେ ମଧ୍ୟ ସେଇ ସ୍ଥିତି ଜାରି ରହିଥିଲା ଏବଂ ଉଭୟ ବିଶ୍ୱକପ୍‌ରେ ପ୍ରାଥମିକ ପର୍ଯ୍ୟାୟରେ ହିଁ ବାଦ୍ ପଡ଼ିବା ଥିଲା ଭାରତୀୟ ଦଳ ନିମନ୍ତେ ନିଶ୍ଚିତ। ସେଇ ଏକା ଭାବମୂର୍ତ୍ତି ସହିତ ୧୯୮୩ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା କପିଳ ଦେବଙ୍କର ନେତୃତ୍ୱାଧୀନ ଭାରତୀୟ ଦଳ ବିଶ୍ୱ ବିଜୟୀ ହୋଇ ସମସ୍ତଙ୍କୁ ହତଚକିତ କରିଦେବା ସହିତ ବିଶ୍ୱ କ୍ରିକେଟ୍‌କୁ ଚେତାବନୀ ଦେଇଥିଲା ଭାରତରେ କ୍ରୀକେଟ୍ ଶକ୍ତିର ଅଭ୍ୟୁଦୟ ସଂପର୍କରେ।

୧୯୮୭ ରେ ଅନୁଷ୍ଠିତ ତୃତୀୟ ବିଶ୍ୱକପ୍‌ରେ ନିଜର ଏକ ନମ୍ବର ସ୍ଥାନ ବଜାୟ ରଖିବାକୁ କଡ଼ା ଉଦ୍ୟମ କରି ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା ଭାରତୀୟ ଦଳ ଦୁର୍ଭାଗ୍ୟଜନକ ଭାବରେ ପରାସ୍ତ ହୋଇ ବିଦାୟ ନେଇଥିଲା। ଏହାପରେ ପୁନରାୟ ୧୯୯୬ ରେ ଷଷ୍ଠ ବିଶ୍ୱକପ୍‌ରେ ମହାନ୍ ଖେଳାଳୀ ତେନ୍ଦୁଲକରଙ୍କର ଦଳରେ ଉପସ୍ଥିତି ସହ ତୃତୀୟ ଥର ପାଇଁ ଭାରତ ଉନ୍ନୀତ ହୋଇଥିଲା ସେମି ଫାଇନାଲକୁ ଏବଂ ଚାମ୍ପିୟାନ ଶ୍ରୀଲଙ୍କାଠାରୁ ଦୁର୍ଭାଗ୍ୟଜନକ ଭାବରେ ପରାସ୍ତ ହୋଇଥିଲା। ପୁନଶ୍ଚ ୨୦୦୩ ରେ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହେଲାପରେ ରନର୍ସ ଟ୍ରଫି ସହ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା ଭାରତକୁ। ଧୋନିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୨୦୧୧ ରେ ଦ୍ୱିତୀୟ ଥର ପାଇଁ ଦେଶକୁ ଚାମ୍ପିୟାନ ହେବାର ଗୌରବ ଆଣିଦେଇଥିଲା। ଏହାପରଠାରୁ ଲଗାତାର ଭାରତ ୨୦୧୫, ୨୦୧୯ ଓ ୨୦୨୩ ରେ ସେମି ଫାଇନାଲରେ ପ୍ରବେଶ କରି ଭାରତ ବିଶ୍ୱ କ୍ରୀକେଟ୍‌ରେ ନିଜର ଆଧିପତ୍ୟ ଜାହିର ରଖିଛି।

ଏ ପର୍ଯ୍ୟନ୍ତ ଭାରତ ଚାରିଥର ଫାଇନାଲରେ (୧୯୮୩, ୨୦୦୩, ୨୦୧୧ ଓ ୨୦୨୩) ଓ ସମୁଦାୟ ଆଠଥର ସେମି ଫାଇନାଲରେ ପ୍ରବେଶ କରିଛି ଏବଂ ମୋଟ ପାଞ୍ଚଥର ସେମି ଫାଇନାଲରେ ସ୍ଥାନ ପାଇବାରେ ବିଫଳ ହୋଇଛି। ଏଭଳି କୃତିତ୍ୱ ଅର୍ଜନ କରିବାରେ ଭାରତର ସ୍ଥାନ କେବଳ ଅଷ୍ଟ୍ରେଲିଆ ତଳକୁ ରହିଛି।

କପିଳଦେବଙ୍କ ଅଧିନାୟକତ୍ୱ ସମୟରୁ ଏଇ ସଫଳତା ଆରମ୍ଭ ହୋଇଥିଲା ବେଳେ ବିଭିନ୍ନ ପୀଢ଼ିରେ ଯେଉଁ ପ୍ରମୁଖ ଖେଳାଳୀ ଦେଶକୁ ଏଇ ସମ୍ମାନ ଦେବାରେ ଯୁଗପୁରୁଷର ଭୂମିକା ନେଇଛନ୍ତି ସେମାନେ ହେଲେ **ପ୍ରଥମ ପର୍ଯ୍ୟାୟ**- କପିଲ୍ ଦେବ୍, ଗାଭାସ୍କର, ମହୀନ୍ଦର। **ଦ୍ୱିତୀୟ ପର୍ଯ୍ୟାୟ**- ଆଝାରୁଦ୍ଦିନ, ତେନ୍ଦୁଲକର। **ତୃତୀୟ ପର୍ଯ୍ୟାୟ**- ଗାଙ୍ଗୁଲୀ, ତେନ୍ଦୁଲକର, ସେୱାଗ୍ ଓ ଦ୍ରାବିଡ଼। **ଚତୁର୍ଥ ପର୍ଯ୍ୟାୟ**- ଧୋନୀ, କୋହଲୀ, ଯୁବରାଜ ଓ **ବର୍ତ୍ତମାନର ପର୍ଯ୍ୟାୟ**ରେ- କୋହଲୀ, ରୋହିତ ଓ ସମ୍ମି।

ଅଧିନାୟକ ଭାବରେ କପିଳଙ୍କର କୃତିତ୍ୱକୁ ଯେଉଁମାନେ ଆଗେଇ ନେଇଛନ୍ତି ସେମାନେ ହେଲେ ଆଝାରୁଦ୍ଦିନ, ଗାଙ୍ଗୁଲୀ, ଧୋନି ଏବଂ ରୋହିତ ଶର୍ମା। ଏମାନଙ୍କ ମଧ୍ୟରେ ସର୍ବାପେକ୍ଷା ସଫଳତମ ଅଧିନାୟକ ହେଲେ ଧୋନି କାରଣ ତାଙ୍କ ନେତୃତ୍ୱରେ ଖେଳିଥିବା ଦଳ ଥରେ ଟ୍ରଫି ହାସଲ କରିବା ସହିତ ତିନିଥର ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଖେଳୁଥିବା ଦଳ ନୂଆ ଇତିହାସ ସୃଷ୍ଟିକରିବାରେ ବଦ୍ଧ ପରିକର ଉଦ୍ୟମ କରିଚାଲିଛନ୍ତି।

ଆଜି ବିଶ୍ୱକ୍ରୀକେଟ୍‌ରେ ସବୁ ଦୃଷ୍ଟିକୋଣରୁ ଭାରତର ଆଧିପତ୍ୟ ସ୍ପଷ୍ଟ ପରିଲକ୍ଷିତ ହେଉଛି। ବିଶ୍ୱକପ୍‌ରେ ତା'ର କେବଳ ପ୍ରତିଫଳନ ଘଟୁଛି ମାତ୍ର। ନୂଆ ପ୍ରତିଭା ହେଉ କି ପ୍ରତିଷ୍ଠିତ ତାରକା ସୃଷ୍ଟି କରିବା ହେଉ, ସର୍ବାଧିକ ଲୋକପ୍ରିୟତା ହେଉ କିମ୍ବା ସର୍ବାଧିକ ସୁଯୋଗ ସୃଷ୍ଟି କରିବା ହେଉ ଭାରତୀୟ କ୍ରୀକେଟ ଏବେ ବିଶ୍ୱରେ ସର୍ବଶ୍ରେଷ୍ଠ ଓ ଅଗ୍ରଣୀ ମଧ୍ୟ। ଏହି ଅଧିନାୟକମାନଙ୍କ ନାମ ସହିତ ସାମିଲ ଅଛି ଗାଭାସ୍କର, ବେଦୀ, ପ୍ରସନ୍ନା, ଚନ୍ଦ୍ରଶେଖର, ବିଶ୍ୱନାଥ, ସୋଲକାର, ଦ୍ରାବିଡ଼, ଲକ୍ଷ୍ମଣ, ଜାହିର ଖାଁ, କୁମ୍ବଲେ ପ୍ରଭୃତିଙ୍କର ନାମ ଯେଉଁ ମହାନ୍ ନାୟକମାନେ ଆମ କ୍ରୀକେଟକୁ ଆଜି ଏଇ ସ୍ଥିତିରେ ପହଞ୍ଚାଇଛନ୍ତି ସେମାନଙ୍କୁ ଏ ଦେଶର ଅଗଣିତ ଖେଳପ୍ରେମୀଙ୍କର ଶ୍ରଦ୍ଧାର ସଲାମ୍।

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୧୧/୨୦୨୩ ରୁ ତା: ୧୪/୧୨/୨୦୨୩ ପର୍ଯ୍ୟନ୍ତ)

### ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ




**ମେଷ:-** ମାସଟିରେ ଆପଣଙ୍କୁ ଶୁଭାଶୁଭ ମିଶ୍ରିତଫଳ ଭୋଗ ହେଲେବି ମଝିରେ ମଝିରେ ମାନସିକ ଅସ୍ଥିରତା ଓ ଶାରିରୀକ ଦୁର୍ବଳତା ଜନିତ କ୍ଳାନ୍ତି ଓ ଅବସନ୍ନତା ବୋଧ ହେବ। ଉତ୍ସାହ କମିଯିବା ଦ୍ୱାରା କର୍ମର ଗତି ଶିଥିଳତା ହୋଇପାରେ। କର୍ମ ଅଟକିବାର ଆଶଙ୍କା ନାହିଁ। ସରକାରୀ ସ୍ତରରେ ଉପରିସ୍ଥ ମାନଙ୍କ ସାହାଯ୍ୟ ଓ ସଦିଚ୍ଛା ପାଇବା ଫଳରେ ଭଙ୍ଗା ମନକୁ ସଜାଡ଼ି କର୍ମରେ ଆଗେଇବେ। ଦୈବୀକୃପା ସାଙ୍ଗକୁ ବିବେକ ଓ କର୍ତ୍ତବ୍ୟକୁ ଆଧାର କରି ଗତିଶୀଳ ହେବେ। ଅଳ୍ପ ସମୟ ମଧ୍ୟରେ ଅନେକ ନକାରାତ୍ମକ ପରିବେଶ ସୁଧୁରିଯିବାର ସୂଚନା ମିଳୁଛି। ବେପାର ବାଣିଜ୍ୟ ଯଥାରୀତିରେ ଅଗ୍ରଗତି କରିବ। ସାମାଜିକ ସ୍ତରରେ ନିନ୍ଦିତ ହେବାର ନାହିଁ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବାର ଅଛି। ହିସାବ ବର୍ହିଭୂତ ଖର୍ଚ୍ଚ ଦେଖା ଦେବ। ଥଣ୍ଡାଜ୍ୱର ଓ ଶିରରୋଗ ଦେଖାଯିବ। ଭ୍ରମଣ ଯୋଗକୁ ଛାଣ୍ଟକାଣ୍ଟ କଲେ ଭଲ। ପାରିବାରିକ ସମସ୍ୟା ସାମୟିକ ବ୍ୟଥିତ କରିବ। ଦ୍ରବ୍ୟ କ୍ରୟ ନିମିତ୍ତ ଆଗ୍ରହ ପ୍ରକାଶ କରିବେ। ମହିଳାମାନେ ଆଭୂଷଣ ପ୍ରିୟ ହେବେ। ଦେବାଦେବୀଙ୍କ ପ୍ରତି ଆସ୍ଥା ବୃଦ୍ଧି ପାଇବ। ପରିବାର ପ୍ରତି କର୍ତ୍ତବ୍ୟବାନ ହେବେ। ବିଦ୍ୟାର୍ଥୀମାନେ ଏକାଗ୍ରତା ହରାଇ ପାରନ୍ତି।

ଅଶୁଭ ଦିବସ:- ୨୩, ୨୪, ୨୭, ୨୮, ୪, ୫, ୬, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୧, ୧୨, ୧୩ ଘାତଚନ୍ଦ୍ର:- ୨୫, ୨୬ ବାକିଦିନ ଶୁଭ।



**ବୃଷ:-** ଶୁଭାଶୁଭ ମିଶ୍ରିତଫଳ ଭୋଗ କଲେବି ଅଶୁଭ ଅପେକ୍ଷା ଶୁଭଫଳର ମାତ୍ରା ଅଧିକ ହେବ। ଗଠନମୂଳକ ଚିନ୍ତାଧାରାରେ ଜଡ଼ିତ ହେବେ। କର୍ତ୍ତବ୍ୟ କର୍ମରେ ନିଜକୁ ନିୟୋଜିତ କରି ଭବିଷ୍ୟତ ଯୋଜନାରେ ସାମିଲ ହେବା ନିମିତ୍ତ ଯତ୍ନବାନ ହେବେ। ନିରୁପଦ୍ରବ ଜୀବନଚର୍ଯ୍ୟାର ସୁଯୋଗ ମିଳିବ। ଦୃଢ଼ ମାନସିକତାର ପରିଚୟ ଦେଇ ଆପଣା କର୍ମରେ ଆଗେଇଯିବେ। କର୍ମରେ ସାଫଲ୍ୟ ମିଳିବାରେ ସାମାନ୍ୟ ବିଳମ୍ବ ଘଟିଲେବି ବିଫଳତା ହେବାର ନାହିଁ। ଉପରିସ୍ଥ ମାନଙ୍କର ଶ୍ରଦ୍ଧା ଭାଜନରୁ ବଞ୍ଚିତ ହେବେନାହିଁ। ସାମାଜିକ ସ୍ତରରେ ପ୍ରଶଂସା ପାଇବାକୁ ଯୋଗ୍ୟ ବିବେଚିତ ହେବେ। କାର୍ଯ୍ୟ ତୁଲାଇବା ନିମିତ୍ତ ଅର୍ଥର ଯୋଗାଡ଼ ସହଜରେ ହେବ। ନିଜକୁ ଉଚିତ ମାର୍ଗରେ ପରିଚାଳନା କରିବା ଦ୍ୱାରା ପଶ୍ଚାତାପର ଆଶଙ୍କା ରହିବ ନାହିଁ। ବେପାର ବାଣିଜ୍ୟରେ ପଛେଇ ଯିବେ ନାହିଁ। ମାଙ୍ଗଳିକ କାର୍ଯ୍ୟ ନିମିତ୍ତ ପଥମୁକ୍ତ ଅଛି। ବିବାଦୀୟ କ୍ଷେତ୍ରରେ ମୁଣ୍ଡ ଉଚ୍ଚା ରହିବ। ପେଟ ଗୋଳମାଳ ସାଙ୍ଗକୁ ଉଚ୍ଚ ରକ୍ତଚାପ ଦେଖାଦେବ। ପାରିବାରିକ ଜୀବନରେ ଶାନ୍ତି ପାଇବେ। ମହିଳାମାନେ ବଡ଼ଧରଣର ଆଶା ପୋଷଣ କରିବେ। ହାତରେ ଦୁଇ ପଇସା ରଖିବାର ମଉକା ଜୁଟିବ। ବିଳାସୀ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ବିଦ୍ୟା ଅର୍ଜନ କରିବା ଅପେକ୍ଷା ଧନ ଅର୍ଜନରେ ଆଗ୍ରହ ପ୍ରକାଶ କରିବେ।

ଅଶୁଭ ଦିବସ:- ୨୫, ୨୬, ୨୯, ୩୦ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୮, ୧୪ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।



**ମିଥୁନ:-** ପୂର୍ବ ତୁଳନାରେ ମାସଟି ଆପଣଙ୍କୁ କିଛିଟା ଶୁଭଫଳ ଦେବାରେ ଅନୁକୂଳ ହେବ। ମାନସିକ ଅଶାନ୍ତି ଓ ଦୁର୍ବଳତା ଠାରୁ ମୁକ୍ତ ହେବା ଯୋଗେ ମନରେ ଉତ୍ସାହ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରାଇବାର ଉତ୍ତମ ମଉକା ମିଳିବ। ବିରୋଧିମାନେ ନିଜ ଜାଲରେ ଛନ୍ଦି ହୋଇ ପଡ଼ିବା ଫଳରେ ଆକ୍ରମଣାତ୍ମକ ଚିନ୍ତାଧାରାରୁ ଦୂରେଇଯାଇ ପାରନ୍ତି। କର୍ତ୍ତବ୍ୟ ସଂପାଦନ ନିମିତ୍ତ ସୁଅବସର ମିଳିବା ଯୋଗେ ଆଗ୍ରହ ବୃଦ୍ଧି ପାଇବ। କର୍ମକ୍ଷେତ୍ର ଅବହେଳିତ ହେବନାହିଁ। ସାମାଜିକ ସ୍ତରରେ ଭାବମୂର୍ତ୍ତି ଅକଳଙ୍କ ରହିବ। ନିଜଲୋକମାନେ ଈର୍ଷା ପରାୟଣ ହୋଇପାରନ୍ତି। ବେପାର ବାଣିଜ୍ୟରେ ଆଗ୍ରହ ସାମାନ୍ୟ ହ୍ରାସ ପାଇଲେବି ବ୍ୟବସାୟ ଚାଲୁ ରହିବ। ଆର୍ଥୀକ ଦିଗ ଦୁଃଖଦ ହେବନାହିଁ। ବିବାଦୀୟ କ୍ଷେତ୍ରରେ ସତର୍କତା ଲୋଡ଼ା। ମାଙ୍ଗଳିକ କାର୍ଯ୍ୟ ପ୍ରତି ଦାୟିତ୍ୱ ବୃଦ୍ଧିପାଇବ। ଗଣ୍ଠିବାତ ସାଙ୍ଗକୁ


ପିତ୍ତପ୍ରକୋପ ଦେଖାଦେବ। ପାରିବାରିକ ଜୀବନ ଚଳନୀୟ ହେବ। ମହିଳାମାନେ ସନ୍ତାନ ଚିନ୍ତାରେ ବ୍ୟଥିତହେବେ। ସ୍ଥାନ ମାନ ପ୍ରତି ବିପଦ ନାହିଁ। ଅନେକ ମନର କଥା ମନରେ ମାରିବାକୁ ପଡ଼ିବ। ପରିବାରର ମୁଖ୍ୟ ଦାୟିତ୍ୱ ବହନ କରିବେ। ବିଦ୍ୟାର୍ଥୀମାନେ ଭବିଷ୍ୟତ ପ୍ରତି ସାବଧାନ ହେବେ।

ଅଶୁଭ ଦିବସ:- ୨, ୩, ୯, ୧୦ ଅଷ୍ଟମଚନ୍ଦ୍ର:- ୧୯, ୨୦ ଘାତଚନ୍ଦ୍ର:- ୨୧, ୨୨ ବାକିଦିନ ଶୁଭ।



**କର୍କଟ:-** ପୂର୍ବ ତୁଳନାରେ ମାସଟି ଆପଣଙ୍କ ପକ୍ଷେ ଶୁଭ ଦାୟକ ହେବ। ଅସୁସ୍ଥି, ମାନସିକ ଅସ୍ଥିରତା ଏବଂ ଶତ୍ରୁମାନଙ୍କ ଉପଦ୍ରବ ଲାଗି ରହିବା ଫଳରେ କର୍ମ କ୍ଷେତ୍ରର ଗତି କିଛି ପରିମାଣରେ ମାନ୍ଦା ହୋଇପାରେ। କୁଟୁମ୍ବ ଲୋକମାନଙ୍କ ଅସହିଷ୍ଣୁତା ମନରେ ଭାବ ପ୍ରବଣତା ସୃଷ୍ଟି କରିବ। ନୂତନ ଯୋଜନାରେ ଆଗେଇବା ନିମିତ୍ତ ପ୍ରଚେଷ୍ଟା ଜାରି କରିବା ପୂର୍ବରୁ ଅଣନିର୍ଦ୍ଧାରିତ ବିପରୀତ ପରିବେଶ ଯୋଗେ ତାହା ସାମୟିକ ସ୍ଥଗତି ରଖିବାକୁ ବାଧହେବେ। ସାମାଜିକ କ୍ଷେତ୍ରରେ ବିକଳଚିତ୍ତ ହେବାର ନାହିଁ। ବେପାର ବାଣିଜ୍ୟ ପୂର୍ବଭଳି ଚାଲୁ ରହିବ। ଆର୍ଥୀକ ଦିଗ ମଧ୍ୟମ ହେଲେବି ଖର୍ଚ୍ଚର ବାଟ ପ୍ରସାରିତ ହେବା କାରଣରୁ ଚିନ୍ତିତ ହୋଇପାରନ୍ତି। ପ୍ରକୃତିସ୍ଥ ହୋଇ ଧୈର୍ଯ୍ୟ ଧାରଣ କଲେ କୌଣସି କାର୍ଯ୍ୟ ଅସମ୍ଭବ ହେବନାହିଁ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ବେଳେବେଳେ ହତୋତ୍ସାହ କରିପାରେ। ଭ୍ରମଣ ଯୋଗ ସାଙ୍ଗକୁ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବାର ଅଛି। ପୁରୁଣା ରୋଗବ୍ୟାଧି କିଛି ପରିମାଣରେ ପୀଡ଼ିତ କରାଇବ। ପାରିବାରିକ ଜୀବନରେ କର୍ତ୍ତବ୍ୟର ମାତ୍ରା ବଢ଼ିପାରେ। ମହିଳାମାନେ କଠିନ ପରିଶ୍ରମରେ ପେଷି ହେଲେବି ମାନସିକ ଶାନ୍ତି ପ୍ରାପ୍ତିରୁ ବଞ୍ଚିତ ହେବେନାହିଁ। ଦାନ ଧର୍ମ ପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ନିଜକୁ ସୁଧାରିନେବାର ସମୟ।

ଅଶୁଭ ଦିବସ:- ୧୧, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୧, ୨୨ ଘାତଚନ୍ଦ୍ର:- ୪, ୫, ୬ ବାକିଦିନ ଶୁଭ।



**ସିଂହ:-**ମାସଟି ଆପଣଙ୍କ ନିମିତ୍ତ ଶାନ୍ତି ଓ ଆନନ୍ଦପ୍ରଦ ହେବାର ସଙ୍କେତ ପ୍ରଦାନ କରୁଛି। ସମୟ ଅନୁକୂଳ ଯୋଗେ କର୍ମକ୍ଷେତ୍ରର ଗତି ସହଜ ଏବଂ ତ୍ୱରାନ୍ୱିତ ହେବ। ବକେୟା କର୍ମର ପୂର୍ଣ୍ଣତା ଦେବାରେ ସକ୍ଷମ ହେବେ। ସାହାଯ୍ୟ ଓ ସହଯୋଗର ହାତମାନ ଲମ୍ବି ଆସିବା ଫଳରେ ସାହାସ ଓ ଉତ୍ସାହ ବହୁ ଗୁଣିତ ହେବ। ଶତ୍ରୁକୁ ମୁକାବିଲା କରିବାର ଉପଯୁକ୍ତ ମଉକା ଉପଲବ୍ଧ ହେବ। ନିର୍ମ୍ମାଣ କାର୍ଯ୍ୟ ଚାଲୁ ରଖିବେ। ସାଙ୍ଗଠନିକ କର୍ମରେ ମୁଖ୍ୟ ଭୂମିକା ନିର୍ବାହ କରି ପ୍ରଶଂସିତ ହେବେ। ବେପାର ବାଣିଜ୍ୟରେ ପଛେଇଯିବାର ଆଶଙ୍କା ନାହିଁ। ସାମାଜିକ କ୍ଷେତ୍ର ଉଜ୍ଜ୍ୱଳମୟ ହେବ। ପତିତ ଧନ ହାତକୁ ଆସିବାର ସମ୍ଭାବନା ଅଧିକ। ମନୋବଳ ଓ କଠିନ ପରିଶ୍ରମ ଫଳରେ ଅସମ୍ଭବକୁ ସମ୍ଭବରେ ପରିଣତ କରିହେବ। ମଝିରେ ମଝିରେ ପେଟ ଗୋଳମାଳ ସହିତ ଦୁଶ୍ଚିନ୍ତାର ଚାପରେ ଚାପିହୋଇପାରନ୍ତି। ବନ୍ଧୁବାନ୍ଧବ ମାନଙ୍କ ନିର୍ମିତ୍ତ ଖର୍ଚ୍ଚର ମାତ୍ରା ବୃଦ୍ଧିପାଇବ। ଆଇନ ଅଦାଲତରୁ ନ୍ୟାୟ ମିଳିବ। ନିମ୍ନବର୍ଗଙ୍କୁ କାମରେ ଲଗାଇ ଫାଇଦା ଉଠାଇବେ। ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବ୍ୟାକୁଳତା କରିପାରେ। ମହିଳାମାନେ ମାସଟିରେ ଶାନ୍ତି ପାଇବେ। ବସ୍ତ୍ର ଭୂଷଣ ପ୍ରତି ରୁଚି ବଢ଼ିବ। ଗଣ୍ଡିବାତରେ ଆକ୍ରାନ୍ତ ହେବେ। ବିଦ୍ୟାର୍ଥୀମାନେ ମାର୍ଗୀ ହେବା ଫଳରେ ଉନ୍ନତି ପଥରେ ଆଗେଇବେ।

ଅଶୁଭ ଦିବସ:- ୧୫, ୭, ୮, ୧୪ ଅଷ୍ଟମଚନ୍ଦ୍ର:- ୨୩, ୨୫ ଘାତଚନ୍ଦ୍ର:- ୧୯, ୨୦ ବାକିଦିନ ଶୁଭ।



**କନ୍ୟା:-** ମାସଟିରେ ଆପଣ ଶୁଭଫଳର ଅଧିଭୋକ୍ତା ହେବେ। ଶାରିରୀକ ଓ ମାନସିକ ଦୁଃସ୍ଥିତିର ଉପଶମ ହେବା କାରଣରୁ ଉତ୍ସାହ ଓ ଉଦ୍ଦୀପନାଯୁକ୍ତ ହୋଇ କର୍ମ ନିର୍ବାହରେ ଆଗେଇବେ। ଯୋଜନା ବଦ୍ଧତା ମଧ୍ୟେ କର୍ମକ୍ଷେତ୍ରରେ ଉଚ୍ଚ ଭୂମିକା ନିର୍ବାହ କରିବାର ସୁଯୋଗ କରାୟତ ହେବ। ଅଭୀଷ୍ଟ ପ୍ରାପ୍ତି ନିମନ୍ତେ ଉଦ୍ୟମ ବିଫଳ ହେବାର ନାହିଁ। ଉଚ୍ଚ ବର୍ଗରୁ ପ୍ରଶଂସା ପାଇବା ଫଳରେ ମନ ପ୍ରଫୁଲ୍ଲ ରହିବ। ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତ୍ରୁମାନେ ହୀନବଳ ହୋଇ ପଡ଼ିବା ଫଳରେ ଅଗ୍ରଗତି ସରଳ ହେବ। ସାବଧାନତା ପ୍ରତି ସଜାଗ ହେବାର ଆବଶ୍ୟକତା ଅଛି। ସାମାଜିକ ସ୍ତରରେ ଦଳିତଚିତ୍ତ ହେବାଭଳି ପରିବେଶ ଉପୁଜିବ ନାହିଁ। ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ସୁଧାର ହେବ। କେତେଗୁଡ଼ିଏ କାର୍ଯ୍ୟ ଚେଷ୍ଟା ସତ୍ତ୍ୱେବି ଅଧୁରା ରହିପାରେ। ଆର୍ଥୀକ ଦିଗ ମଜବୁତ ରହିବ। ରକ୍ତ ପ୍ରକୁପିତ ତଥା ସ୍ନାୟବିକ ରୋଗର ପ୍ରଭାବ ପଡ଼ିପାରେ। ପାରିବାରିକ ଜୀବନରେ ଧୋକ୍କା ଖାଇବାର ନାହିଁ। ମହିଳାମାନେ ପରିବାର ପାଇଁ ଚିନ୍ତା କରିପାରନ୍ତି। କାର୍ଯ୍ୟ ହାସଲ ସହଜ ସରଳହେବ। ଦୈବୀକୃପା ଯୋଗେ ଆନନ୍ଦ ପାଇବେ। ବିଦ୍ୟାର୍ଥୀମାନେ ଉନ୍ନତି ପଥରେ ଆଗେଇବେ।

ଅଶୁଭ ଦିବସ:- ୧୬, ୧୭, ୧୮, ୨୭, ୨୮, ୯, ୧୦, ୧୪ ଅଷ୍ଟମଚନ୍ଦ୍ର:- ୨୫, ୨୬ ଘାତଚନ୍ଦ୍ର:- ୨୯, ୩୦ ବାକିଦିନ ଶୁଭ।



**ତୁଳା:-** ଆପଣ ଚଳିତ ମାସଟିରେ ଶୁଭାଶୁଭ ମିଶ୍ରିତଫଳର ଉପଭୋକ୍ତା ହେବେ। ନାନାପ୍ରକାରର ଜଂଜାଳ ଓ କର୍ତ୍ତବ୍ୟରେ ବୁଡ଼ିଯାଇ ଅତିଷ୍ଟ ହେଲେବି କାହାରିଠାରୁ ଆଶାଜନକ ସହାୟତା ଆଶା କରାଯାଇପାରିବ ନାହିଁ। ନିଜ ଶିଙ୍ଗରେ ମାଟି ତାଡ଼ି ସଫଳତା ଅର୍ଜନ କରିବେ। ବିପରୀତ ପରିସ୍ଥିତି ଦେଇ ଗତି କରିବା ଫଳରେ ଧିମା ଗତିଯୁକ୍ତ ହେବେ। ଧୈର୍ଯ୍ୟ, କର୍ମନିଷ୍ଠତା ଓ ଦୈବୀକୃପା ଯୋଗେ ସମସ୍ତ ନକାରାତ୍ମକ ପରିବେଶ ଅତିକ୍ରମ କରିବା ସହଜହେବ। ସାମାଜିକ ସ୍ତରରେ ଉଚ୍ଚମନ୍ୟତାର ଅଧିକାର ମିଳିବ। ବେପାର ବାଣିଜ୍ୟରେ ପଛେଇ ଯିବାର ଆଶଙ୍କା ନାହିଁ। ନିର୍ମ୍ମାଣ କାର୍ଯ୍ୟ ସହିତ ନୂତନ ସୌଖୀନ ଦ୍ରବ୍ୟ କ୍ରୟର ସୂଚନା ଅଛି। ଯାନବାହାନରେ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ଅଛି। ଆପଣାର ମାନେ କପଟତା ଆଚରଣ କରିବେ। ଆର୍ଥୀକ ଦିଗ ଗୁଜୁରାଣ ମେଣ୍ଟାଇବାରେ


ସଂକୀର୍ଣ୍ଣ ହେବନାହିଁ। ଥଣ୍ଡା କାଶ ସାଙ୍ଗକୁ ବାତରୋଗ ଚିତ୍ତ ବୈକଲ୍ୟତା ଜାତ କରିପାରେ। ପରିବାରରେ ସମସ୍ତଙ୍କ ସହ ମନମିଳାଇ ଚଳିବାର ଅଛି। ମହିଳାମାନେ ଦାୟିତ୍ୱ ଓ ଦୁଶ୍ଚିନ୍ତା ଜନିତ ଅଣନିଶ୍ୱାସୀ ହେବେ। ନିଜ ଦେହପାକୁ ନଜର ଦେଇହେବ ନାହିଁ। ଆବଶ୍ୟକତାଠାରୁ ଅଧିକ ବୋଝ ମୁଣ୍ଡାଇପାରନ୍ତି। ବିଦ୍ୟାର୍ଥୀମାନେ ବିଭିନ୍ନ କାରଣରୁ ଚିନ୍ତିତ ହୋଇପାରନ୍ତି।

ଅଶୁଭ ଦିବସ:- ୧୯, ୨୦, ୨୯, ୩୦, ୧୧, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୧୬, ୧୭, ୧୮, ୧୪ ବାକିଦିନ ଶୁଭ।



**ବିଛା:-** ପୂର୍ବ ତୁଳନାରେ ଚଳିତ ମାସଟି କେତେକ ଶୁଭଫଳ ପ୍ରଦାନକରି ଆପ୍ୟାୟିତ କରିବ। କର୍ମର ଗତି ଦ୍ରୁତ ନହେଲେବି ଅଟକିଯିବାର ଆଶଙ୍କା ନାହିଁ। ନିଜର ଏକଦେଶ ଦର୍ଶିତା ଜନିତ ସ୍ୱାର୍ଥପର ପଣିଆ ଯୋଗେ ଅନ୍ୟମାନଙ୍କୁ ଉପେକ୍ଷା କରିବାକୁ ଚେଷ୍ଟାକରି ନିଜେ ଉପେକ୍ଷିତ ହୋଇପାରନ୍ତି। କାର୍ଯ୍ୟଗ୍ରହଣ ପୂର୍ବରୁ ଏକାଧିକ ବାର ଭାବିବା ଚିନ୍ତିବା ଜରୁରୀ। କର୍ମକ୍ଷେତ୍ରରୁ ଅର୍ଥ ଓ ଗୌରବ ଲାଭ ନିମିତ୍ତ ଅଙ୍କୁଶ ଲାଗିବାର ନାହିଁ। ସାମାଜିକ ସ୍ତରରେ ପତିଆରାପଣ ଊଣା ନହୋଇ ବରଂ ବର୍ଦ୍ଧିତ ହେବ। କେତେକ କ୍ଷେତ୍ରରେ ଅବଶୋଷର ବହ୍ନି କୁହୁଳିପାରେ। ବେପାର ବାଣିଜ୍ୟ ନିମିତ୍ତ ଅନୁକୂଳ ସମୟ। କୋର୍ଟ କଚେରୀ ମାମଲାରେ ଅର୍ଥ ଶ୍ରାଦ୍ଧ ହୋଇପାରେ। ଯାନକ୍ରୟ ନିମିତ୍ତ ମନ ବଳାଇବେ। ଭ୍ରମଣ ଯୋଗେ ଶାନ୍ତି ମିଳିବ। ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ବୃଦ୍ଧି ପାଇବ। ବନ୍ଧୁବାନ୍ଧବ ଓ ଅତିଥି ଚର୍ଚ୍ଚାରେ ଅର୍ଥ ବ୍ୟୟ ହୋଇପାରେ। ଚିନ୍ତା ଦୋଷରୁ ରକ୍ତଶର୍କରା ଓ ପିତ୍ତ ପ୍ରକୋପ ଦେଖାଦେବ। ଆର୍ଥୀକ ଦିଗ ପ୍ରତି ଚିନ୍ତିତ ହେବାର ନାହିଁ। ପାରିବାରିକ ଶାନ୍ତି ପାଇବେ। ମହିଳାମାନେ ଆନନ୍ଦ ଉତ୍ସାହରେ ସମୟ ବିତାଇବେ। ଅଧିକ ଆଶା ଚିନ୍ତାର କାରଣ ହେବ। ବିଦ୍ୟାର୍ଥୀମାନେ ଆତ୍ମସନ୍ତୋଷ ପାଇବେ।

ଅଶୁଭ ଦିବସ:- ୨୧, ୨୨, ୨, ୩, ୧୪ ଅଷ୍ଟମଚନ୍ଦ୍ର:- ୨୯, ୩୦, ୧ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।




**ଧନୁ:-** ଚଳିତ ମାସଟିରେ ଆପଣ ଶୁଭଫଳ ପାଇବାରେ ଭଟ୍ଟା ପଡ଼ିବ ନାହିଁ। କଳ୍ପନା ବିଳାସୀ ନହୋଇ ବାସ୍ତବବାଦୀ ହେଲେ କର୍ମକ୍ଷେତ୍ର ସହଜ ସରଳ ହେବ। କିଛି ସମସ୍ୟା ଦେଖାଦେଲେବି ତାହା ଦୀର୍ଘସ୍ଥାୟୀ ହେବନାହିଁ। ଆସିଥିବା କେତେକ ସମସ୍ୟା କ୍ଷତିକାରକ ନହୋଇ ବରଂ ଫାଇଦା ଉଠାଇବାରେ ସହାୟକ ହେବ। ଚେଷ୍ଟା ଚରିତ୍ର ବିଫଳ ହେବାର ନାହିଁ। ଉପରିସ୍ଥ ମାନଙ୍କର ପ୍ରୀତିଭାଜନ ହେବେ। ବକେୟା କାର୍ଯ୍ୟକୁ ସୁସମାଧାନ ଓ ସଂପୂର୍ଣ୍ଣତା ଦେବେ। କ୍ରୋଧ ଓ ଅହଂକାରକୁ ନିୟନ୍ତ୍ରଣରେ ରଖିଲେ ବିଜୟୀ ହେବେ। ସାମାଜିକ ସ୍ତରରେ ବହୁଲୋକମାନଙ୍କ ଦ୍ୱାରା ପ୍ରଶଂସିତ ହେବାର ସୂଚନା ମିଳୁଛି। ବେପାର ବାଣିଜ୍ୟର ଧାରା ଆଶାଜନକ ହେବ। ଧର୍ମୀୟ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ଆତ୍ମୀୟମାନଙ୍କ ନିମିତ୍ତ ଚିନ୍ତା ପ୍ରକଟ କରିପାରନ୍ତି। ମନର କଥା ମନରେ ଚାପି ରଖିବା ନିମିତ୍ତ ବାଧହେବେ। ଶାରିରୀକ ଅସୁସ୍ଥି ଅପେକ୍ଷା ମାନସିକ ସ୍ତର ଚିନ୍ତା ବଢ଼ାଇପାରେ। ପାରିବାରିକ ସ୍ତରରେ ଦୁଶ୍ଚିନ୍ତା ଜାତ ହେବନାହିଁ। ମହିଳାମାନେ ପରିଶ୍ରମର ବୋଝ ତଳେ ଚାପି ହେଲେବି ଆନନ୍ଦର ସ୍ୱାଦ ଚାଖିବେ। ପରିବାର ନିମିତ୍ତ ଗର୍ବ ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଉତ୍ତମ ଆଚରଣ ସହିବା କର୍ତ୍ତବ୍ୟ ନିଷ୍ଠା ପ୍ରଦର୍ଶାଇବେ।

ଅଶୁଭ ଦିବସ:- ୧୫, ୪, ୫, ୬, ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ।



**ମକର:-** ମାସଟି ଆପଣଙ୍କ ନିମିତ୍ତ ପ୍ରାୟ ସମସ୍ତ ଦିଗରୁ ସୁଖ ସମୃଦ୍ଧିପ୍ରଦ ହେବ। ଶତ୍ରୁମାନଙ୍କୁ ପରାସ୍ତ କରି ନିରଙ୍କୁଶ ଜୀବନଚର୍ଯ୍ୟାର ସୁଅବସର ପାଇବେ। କର୍ମକ୍ଷେତ୍ରର ଗତି ତ୍ୱରାନ୍ୱିତ ହେବା ଫଳରେ ଆତ୍ମ ସନ୍ତୋଷ ଲାଭକରିବେ। ଉପରିସ୍ଥ ମାନଙ୍କ ଆସ୍ଥାଭାଜନ ହୋଇ ଉତ୍ସାହିତ ହେବେ। ମନର ଭୟ ଓ ଅବସାଦ ଦୂରହେବ। ସାମାଜିକ ସ୍ତରରେ ପତିଆରା ବୃଦ୍ଧିପାଇବା ଯୋଗେ ଅନେକ ଅଧୁରା କାର୍ଯ୍ୟକୁ ସୁରୁଖୁରୁରେ ପୂର୍ଣ୍ଣତା ପ୍ରଦାନ କରିବେ। ବିବାଦୀୟ ଘଟଣାରେ ଯଶପ୍ରାପ୍ତି ସମ୍ଭବ। ବେପାର ବାଣିଜ୍ୟରୁ ଉତ୍‌ଫୁଲ୍ଲିତ ହେବାର ଜଣାଯାଏ। ଆର୍ଥୀକ ଦିଗ ପ୍ରାୟ ଠିକ୍‌ଠାକ୍ ରହିବ। କଳା ଓ ସଂସ୍କୃତି ଦିଗରେ କୃତିତ୍ୱ ଅର୍ଜ୍ଜନ କରିପାରନ୍ତି। ଲାଭଦାୟକ ଭ୍ରମଣ ହୋଇପାରେ। ଉଚ୍ଚ କ୍ଷମତାର ଅଧିକାର ମିଳିବ। ଋଣମୁକ୍ତ ହେବା ନିମିତ୍ତ ସୁଯୋଗ ଅଛି। ଆତ୍ମୀୟମାନଙ୍କ ପ୍ରତି ମନରେ ବିରକ୍ତିଭାବ ଆସିପାରେ। ଧର୍ମ ତଥା ଦେବାଦେବୀଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ଜାତହେବ। ସାମାନ୍ୟ ପିତ୍ତପ୍ରକୋପ ସାଙ୍ଗକୁ ଥଣ୍ଡାଦୋଷ ଓ ଦୃଷ୍ଟିଦୋଷ ଦେଖାଦେବ। ପାରିବାରିକ ଜୀବନରେ ଶାନ୍ତି ପାଇବେ। ମହିଳାମାନେ ନେତୃତ୍ୱ ବହନ କରି ସଫଳତା ଅର୍ଜ୍ଜନ କରିବାର ଆଶା ଅଧିକ। ସମ୍ମାନଜନକ ସ୍ଥିତିରେ ସମୟ ବିତାଇବେ। ବିଦ୍ୟାର୍ଥୀମାନେ ସୂକ୍ଷ୍ମ ଚିନ୍ତାଧାରା ପ୍ରୟୋଗ କରି ସଫଳତା ପାଇବେ।

ଅଶୁଭ ଦିବସ:- ୧୬, ୧୭, ୧୮, ୨୫, ୨୬, ୨୭, ୨୮, ୭, ୮ ଅଷ୍ଟମଚନ୍ଦ୍ର:- ୪, ୫, ୬ ଘାତଚନ୍ଦ୍ର:- ୪, ୫, ୬ ବାକିଦିନ ଶୁଭ।



**କୁମ୍ଭ:-** ପୂର୍ବରୁ ଗଡ଼ି ଚାଲିଥିବା ଅନେକ ସମସ୍ୟାର ସମାଧାନ ହେବାଫଳରେ ମନରେ ଶାନ୍ତି ବିରାଜମାନ ହୋଇ କର୍ମପଥରେ ଧିରେ ସୁସ୍ଥେ ଆଗେଇବାର ସୁଯୋଗ ମିଳିବ। ନୂତନ ସାହାସ ସଂଗ୍ରହକରି ବକେୟା କର୍ମକୁ ଆୟତ୍ତ କରିବେ। ଦେହ ଓ ମନର ଦୁଃସ୍ଥିତି ଦୂରେଇଯିବା କାରଣରୁ ଆଗକୁ ଆଗକୁ ମାଡ଼ି ଚାଲିବାର ପ୍ରବୃତ୍ତି ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଉଚ୍ଚ ଭୂମିକା ନିର୍ବାହ କରିବେ। ଶତ୍ରୁ ତଥା ବିରୋଧି ଶକ୍ତିର ପ୍ରାବଲ୍ୟ ହ୍ରାସପାଇବ। ବୈଷୟିକ ପ୍ରାଚୁର୍ଯ୍ୟ ମଧ୍ୟେ ସକାରାତ୍ମକ ଭାବମୂର୍ତ୍ତି ପ୍ରଦର୍ଶନ କରି ଯଶମାନର ଉପଭୋକ୍ତା ହେବେ। ସାମାଜିକ ସ୍ତରରେ ଲୋକାଦୃତିର ଅଭାବ

ପରିଲକ୍ଷିତ ହେବନାହିଁ। ଆଶୀର୍ବାଦାତ୍ମକ କାର୍ଯ୍ୟରେ ସକ୍ରୀୟ ଅଂଶ ଗ୍ରହଣ କରିବେ। ବେପାର ବାଣିଜ୍ୟ ପୂର୍ବ ତୁଳନାରେ ସଂପ୍ରସାରଣ ହେବ। ନୂତନ ବ୍ୟବସାୟ ନିମିତ୍ତ ପ୍ରଚେଷ୍ଟା ଜାରି ରଖିବେ। ଆବଶ୍ୟକ ବେଳେ ଧନର ଯୋଗାଡ଼ ଅସମ୍ଭବ ହେବନାହିଁ। ପୁରାତନ ରୋଗ ବ୍ୟାଧି ସାମୟିକ ଭାବେ ଦେଖାଦେଲେବି ତାହା କର୍ମ ତଥା ଦିନଚର୍ଯ୍ୟା ପାଇଁ ଅନ୍ତରାୟ ହେବନାହିଁ। ପାରିବାରିକ ସ୍ତରରେ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ନିମିତ୍ତ ଉଦ୍‌ବେଗ ପ୍ରକାଶ କରିପାରନ୍ତି। ମହିଳାମାନେ ସୁଖ ଦୁଃଖ ବାଣ୍ଟି ଚଳିବେ। ବଡ଼ ଧରଣର ବିଷାଦିତ ହେବାର ନାହିଁ। ଅନ୍ୟମାନଙ୍କ ସହଯୋଗ ମିଳିବ। ବିଦ୍ୟାର୍ଥୀମାନେ ଅଳ୍ପ ପରିଶ୍ରମରେ ଅଧିକ ଆଶା କରିବେ।

ଅଶୁଭ ଦିବସ:- ୧୯, ୨୦, ୨୯, ୩୦, ୧, ୯, ୧୦ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୧୬, ୧୭, ୧୮, ୧୪ ବାକିଦିନ ଶୁଭ।

**ମୀନ:-** ମାସଟିରେ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେଲେବି ନୂତନ ଉତ୍ସାହ ଓ ଉଦ୍ଦୀପନାର ସହିତ କର୍ମକ୍ଷେତ୍ରରେ ଆଗକୁ ଆଗକୁ ମାଡ଼ି ଚାଲିବେ। ଉପରିସ୍ଥମାନଙ୍କ ସାହାଯ୍ୟ ଓ ସହଯୋଗ ମିଳିବା ଯୋଗେ କର୍ମକ୍ଳାନ୍ତିକୁ ଭୁଲିଯିବେ। ନୂତନ କର୍ମଯୋଜନାରେ ସଫଳତା ପ୍ରାପ୍ତିର ଆଶା ଅଧିକ। ଲକ୍ଷ୍ୟ ପଥରୁ ବିଚ୍ୟୁତ ହେବାର ନାହିଁ। ଆନୁଷ୍ଠାନିକ କର୍ମ କୁଶଳତା ପରିଲକ୍ଷିତ ହେବ। କର୍ମନିଷ୍ଠତା ଯୋଜନା ଅନ୍ୟମାନଙ୍କ ଆଦର୍ଶ ପାଲଟିଯିବେ। ଧୈର୍ଯ୍ୟ, ସାହାସ ଓ ଈଶ୍ୱର ବିଶ୍ୱାସ ବୃଦ୍ଧିପାଇବ। ପରିବାରରେ ଅନ୍ୟମାନଙ୍କ ଅସହଯୋଗ ବ୍ୟଥିତ କରିପାରେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ମନକୁ ଦୁର୍ବଳ କରିବ। ମାଙ୍ଗଳିକ କାର୍ଯ୍ୟରେ ଛାମୁଙ୍କ ଭୂମିକା ନିର୍ବାହ କରିବେ। ସାମାଜିକ ସ୍ତରରେ ସ୍ଥାନ ମାନ ବୃଦ୍ଧି ଘଟିବ। ବେପାର ବାଣିଜ୍ୟରେ ସାଧାରଣ କାରବାରକୁ ନେଇ ଗୁଜୁରାଣ ମେଣ୍ଟାଇବେ। ଆର୍ଥୀକ ଦିଗ ଅତ୍ୟନ୍ତ ଉତ୍ତମ ନହେଲେବି ଦୁର୍ବଳ ହେବାର ନାହିଁ। ବନ୍ଧୁ ମିଳନ ଓ ତତ୍‌ଜନିତ ଖର୍ଚ୍ଚ ବୃଦ୍ଧିପାଇବାର ସମ୍ଭାବନା ଅଛି। ଶର୍ଦ୍ଦିଶ୍ଳେଷ୍ମା ଦୋଷରୁ ତଥା ପେଟ ଗୋଳମାଳ ଯୋଗେ କ୍ଳେଶ ପାଇବେ। ଅନ୍ୟମାନଙ୍କ ନିମିତ୍ତ ସହାନୁଭୂତି ଜାଗ୍ରତ ହେବ। ପରିବାରରୁ ଶ୍ରଦ୍ଧା ଓ ଆଦର ମିଳିବ। ମହିଳାମାନେ କ୍ଷମତା ଓ ପତିଆରାରୁ ଆନନ୍ଦ ପ୍ରକାଶ କରିପାରନ୍ତି। ଅନ୍ୟମାନଙ୍କ ସହ ସୁଖଦୁଃଖ ବାଣ୍ଟି ଚଳିବେ। ବିଦ୍ୟାର୍ଥୀମାନେ ନିଜକୁ ଦକ୍ଷ କରିବାରେ ଯତ୍ନଶୀଳ ହେବେ।

ଅଶୁଭ ଦିବସ:- ୨, ୩, ୧୧, ୧୨, ୧୩ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୨୧, ୨୨ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

Postal Regd. No. CK (C)/91/2021-2023
The Samaroha November - 2023, Vol. - 33, Issue - 2
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

Our Strength is-
Unity &
Teamwork with





Commitment and
Dedication

Our Motto –
No Words but Deeds





Aiming for Excellence
in Achievement with
Customer Satisfaction

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

CORPORATE OFFICE
A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-

Date of Publication : 20.11.2023
Facebook: The Samaroha
E-mail: thesamaroha@gmail.com, Website: www.samaroha.in